# ଧରିତ୍ରୀ
DHARITRI

ଢେଙ୍କାନାଳ, ସୋମବାର, ମେ ୩୧/୨୦୨୧ (୧୨ ପୃଷ୍ଠା) | Dhenkanal, Monday, May 31/2021 | ★★★★★

୧୭ଶ ଭାଗ ୧୦୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




## କନ୍ଷ୍ଟ୍ରକଶନ୍ କାମ କରୁଛନ୍ତି ଶିଳ୍ପା

କରୋନା କଟକଣା ଯୋଗୁ ଟେଲିଭିଜନ ଶୋ' ଶୁଟିଂ ବନ୍ଦ ଥିବାରୁ କନ୍ଷ୍ଟ୍ରକ୍ଶନ୍ ସାଇଟ୍ରେ କାମ କରୁଛନ୍ତି ଅଭିନେତ୍ରୀ ଶିଳ୍ପା ଶିନ୍ଦେ।

୧୦

୧୨

## ଗ୍ରାଣ୍ଡସ୍ଲାମ ଚାମ୍ପିୟନଙ୍କୁ ହରାଇଲେ ଆନେଲିନା

ଫ୍ରେଞ୍ଚ୍ ଓପନ ଟେନିସ ଟୁର୍ନାମେଣ୍ଟ ପ୍ରଥମ ରାଉଣ୍ଡରେ ୩ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଆଞ୍ଜେଲିକ୍ କର୍ବରଙ୍କୁ ହରାଇ ବିପର୍ଯ୍ୟୟ ଘଟାଇଛନ୍ତି ଆନେଲିନା କାଲିନିନା।



# ୩ରେ କେରଳ ଛୁଇଁବ ମୌସୁମୀ



**ନୂଆଦିଲ୍ଲୀ,୩୦।୫**

ମୌସୁମୀ ସାଧାରଣତଃ ଜୁନ୍ ୧ରେ କେରଳ ଛୁଇଁଥାଏ। ଦେଶରେ ଏଇଠୁ ଆରମ୍ଭ ହୋଇଥାଏ ୪ ମାସିଆ ବର୍ଷାଋତୁ। କିନ୍ତୁ ଏଥର ପୂର୍ବାନୁମାନଠାରୁ ଆଉ ୨ ଦିନ ବିଳମ୍ବରେ ଅର୍ଥାତ୍ ଜୁନ୍ ୩ରେ କେରଳକୁ ଆସିପାରେ। ଏନେଇ ରବିବାର ଭାରତୀୟ ପାଣିପାଗ ବିଭାଗ (ଆଇଏମ୍ଡି) ପକ୍ଷରୁ ସ୍ପଷ୍ଟ କରାଯାଇଛି।

ଆଇଏମ୍ଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, କର୍ନାଟକ ଉପକୂଳରେ ସାଇକ୍ଲୋନିକ୍ ସର୍କ୍ୟୁଲେଶନ୍ ଯୋଗୁ ଦକ୍ଷିଣପଶ୍ଚିମ ମୌସୁମୀ ଆଗକୁ ବଢ଼ିବାରେ ବାଧା ସୃଷ୍ଟି ହୋଇଛି। ଜୁନ୍ ୧ରୁ ଧୀରେ ଧୀରେ ଦକ୍ଷିଣ ପଶ୍ଚିମା ପବନର ଶକ୍ତି ବୃଦ୍ଧି ଘଟିପାରେ। ଏହା କେରଳରେ ବୃଷ୍ଟିପାତ ଗତିବିଧିକୁ ପ୍ରଭାବିତ କରିବା ସମ୍ଭାବନା ରହିଛି। ଏପରି ହେବା ଦ୍ୱାରା କେରଳକୁ ମୌସୁମୀ ଆସିବା ୩ ତାରିଖ ପର୍ଯ୍ୟନ୍ତ ବିଳମ୍ବିତ ହୋଇପାରେ। ଦକ୍ଷିଣପଶ୍ଚିମା ପବନର ନିମ୍ନସ୍ତର ବଳଶାଳୀ ହେଲେ ଉତ୍ତରପୂର୍ବ ରାଜ୍ୟଗୁଡ଼ିକର ବିଭିନ୍ନ ସ୍ଥାନରେ ଆସନ୍ତା ୫ ଦିନ ମଧ୍ୟରେ ବର୍ଷା ହେବ। ପ୍ରକାଶ ଯେ, ଚଳିତ ବର୍ଷ ମେ' ୩୧ରେ (ପ୍ରାୟ ୫ ଦିନ ଆଗୁଆ କିମ୍ବା ପଛୁଆ) କେରଳକୁ ମୌସୁମୀ ଛୁଇଁବ। ଏଥର ମୌସୁମୀଜନିତ ସ୍ୱାଭାବିକ ବର୍ଷା ହେବ ବୋଲି ପୂର୍ବରୁ ଆଇଏମ୍ଡି ଆକଳନ କରିଥିଲା

# ଚାଇନାରେ କରୋନା ଉତ୍ପତ୍ତି

## ବିସ୍ଫୋରକ ତଥ୍ୟ ପ୍ରଘଟ କଲେ ବ୍ରିଟିଶ ଗବେଷକ

**ଲଣ୍ଡନ,୩୦।୫**

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପୃଥିବୀ ପାଇଁ ସବୁଠୁ ଘାତକ ସାବ୍ୟସ୍ତ ହୋଇଥିବା କୋଭିଡ୍-୧୯ ଭୂତାଣୁର ଉତ୍ପତ୍ତିକୁ ନେଇ ଖୋଳତାଡ଼ ଜାରି ରହିଥିବାବେଳେ ବ୍ରିଟେନର ଗବେଷକମାନେ ଏହା ଉପରୁ ପରଦା ହଟାଇଛନ୍ତି। ନୋଭେଲ କରୋନା ଭାଇରସ୍ର କୌଣସି ପୂର୍ବଜ ନାହିଁ। ଚାଇନା ବୈଜ୍ଞାନିକମାନେ ଉହାନ୍ ଲାବ୍ରେ କୋଭିଡ୍ ଭୂତାଣୁ ତିଆରି କରିଥିଲେ। ଏହା ପରେ ସେମାନେ ରିଭର୍ସ ଇଞ୍ଜିନିୟରିଂ ଭର୍ସନରେ ଏହି ଘାତକ ଭାଇରସ୍କୁ ଲୁଚାଇବା ପାଇଁ ଉଦ୍ୟମ କରିଥିଲେ, ଯେମିତି ଲାଗିବ ଏହା ବାଦୁଡ଼ିଠାରୁ ପ୍ରାକୃତିକ ରୂପେ କ୍ରମବିକଶିତ ହୋଇଛି। ଏହି ନୂଆ ପ୍ରଘଟ ପରେ ଏହାକୁ ଅସ୍ୱୀକାର କରିଆସୁଥିବା ବେଜିଂ ପାଇଁ ଅଡୁଆ ସ୍ଥିତି ଉପୁଜିଛି।

କୋଭିଡ୍-୧୯ ଅଦ୍ୟାବଧି ବିଶ୍ୱର ୧୭୦,୬୯୬,୧୫୦ ଜଣଙ୍କୁ ସଂକ୍ରମିତ କରିଛି। ରବିବାର ରାତି ସୁଦ୍ଧା ଏହି ଭାଇରସ୍ରେ ଆକ୍ରାନ୍ତ ହୋଇ ୩,୫୫୦,୨୩୪ ଜଣଙ୍କ ମୃତ୍ୟୁ ଘଟିଥିବା

- **କୋଭିଡ୍ର କୌଣସି ବିଶ୍ୱସନୀୟ ପୂର୍ବଜ ନାହିଁ**
- **ଉହାନ୍ ଲାବ୍ରୁ ହିଁ ଘାତକ ଭୂତାଣୁର ସୃଷ୍ଟି**

ୱାର୍ଲ୍ଡୋମିଟର ପକ୍ଷରୁ ୱେବ୍ସାଇଟ୍ରେ ଅପ୍ଡେଟ୍ କରାଯାଇଛି। ଏହି ଭୂତାଣୁ ଯୋଗୁ ସାରା ବିଶ୍ୱର ଅର୍ଥନୀତି ଉଜୁଡ଼ିଯାଇଛି। ଭାରତ ସମେତ ବିଭିନ୍ନ ଦେଶର ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ସଂକ୍ରମିତଙ୍କ ବୋଝ ସମ୍ଭାଳି ନ ପାରି ଭୁଶୁଡ଼ିପଡ଼ିଛି। ତେଣୁ କରୋନାର ମୂଳ କେଉଁଠି ତାହା ଜାଣିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ) ସମେତ ଶକ୍ତିଶାଳୀ ଆମେରିକା ଏବଂ ଅନ୍ୟ ବହୁଳ ପ୍ରଭାବିତ ଦେଶଗୁଡ଼ିକ ଆଗ୍ରହ ପ୍ରକାଶ କରିଛନ୍ତି। ଏହିକ୍ରମରେ ନିକଟରେ



ଆମେରିକାର ଏକ ଗୋଇନ୍ଦା ରିପୋର୍ଟ ପ୍ରକାଶ ପାଇଥିଲା। ୨୦୧୯ ନଭେମ୍ବରରେ ଉହାନ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜିର ଅନେକ ଗବେଷକ ଅସୁସ୍ଥ ହୋଇପଡ଼ିଥିବା ନେଇ ଉକ୍ତ ରିପୋର୍ଟରେ ଦର୍ଶାଯାଇଥିଲା। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଗୋଇନ୍ଦା ଅଧିକାରୀମାନଙ୍କୁ କରୋନାର ଜନ୍ମ ବୃତ୍ତାନ୍ତ ଖୋଜିବା ପାଇଁ ନିର୍ଦ୍ଦେଶ ଦେବା ପରେ ଚାଇନା ହଡ଼ବଡ଼େଇ ଯାଇଥିଲା। ଆମେରିକା କୌଣସି ଗମ୍ଭୀର ବୈଜ୍ଞାନିକ ଅଧ୍ୟୟନ ଉପରେ ବିଶ୍ୱାସ କରେନାହିଁ। ମହାମାରୀକୁ ନେଇ କେବଳ ଦୋଷାରୋପ ଓ ରାଜନୀତି କରିବା ଆମେରିକାର ଏକମାତ୍ର ଲକ୍ଷ୍ୟ ବୋଲି କହି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଝାଓ ଲିଜିଆନ୍ ଶୁକ୍ରବାର ତମାମ ଅଭିଯୋଗକୁ ଖଣ୍ଡନ କରିଥିଲେ।


☞ପୃଷ୍ଠା-୪

## ଭିଏତ୍ନାମରେ ଭାରତ-ବ୍ରିଟେନ୍ର ହାଇବ୍ରିଡ୍ ଭୂତାଣୁ

**ହାନୋଇ,୩୦।୫**

ଭିଏତ୍ନାମରେ କରୋନା ଭାଇରସ୍ର ଏକ ନୂଆ ଭାରିଆଣ୍ଟ ଠାବ ହୋଇଛି। ଭାରତ ଓ ବ୍ରିଟେନରେ ଦେଖାଯାଉଥିବା ଷ୍ଟ୍ରେନ୍ର ମିଶ୍ରଣରେ ଏହି ହାଇବ୍ରିଡ୍ ଭୂତାଣୁର ସୃଷ୍ଟି ବୋଲି ଭିଏତ୍ନାମ ସ୍ୱାସ୍ଥ୍ୟମନ୍ତ୍ରୀ ଏନ୍ଗୁୟେନ୍ ଥାନ୍ହ ଲଙ୍ଗ୍ ରବିବାର ଦାବି କରିଛନ୍ତି। ଲଙ୍ଗ୍ କହିଛନ୍ତି, ନିକଟରେ କେତେଜଣ ସଂକ୍ରମିତଙ୍କଠାରେ ଦେଖାଯାଇଥିବା ଉକ୍ତ ଭାଇରସ୍ର ଆନୁବଂଶିକ ଢାଞ୍ଚାକୁ ନେଇ ବୈଜ୍ଞାନିକମାନେ ପରୀକ୍ଷା କରିଥିଲେ। ସେମାନେ ଜାଣିବାକୁ ପାଇଥିଲେ ଯେ, ଭାଇରସ୍ର ଏହି ନୂତନ ସଂସ୍କରଣ ଅନ୍ୟ ଭାଇରସ୍ଠାରୁ ଅଧିକ ଦ୍ରୁତଗତିରେ ସଂକ୍ରମିତ କରିପାରୁଛି। ଭିଏତ୍ନାମରେ ପ୍ରଥମରୁ ସଂକ୍ରମଣ ସେତେଟା ବଢ଼ି ନ ଥିଲା। ମେ' ପହିଲା ଆଡ଼କୁ ସେଠାରେ ୩,୧୦୦ ଜଣ ସଂକ୍ରମିତ ହୋଇଥିବାବେଳେ ୩୫ ଜଣଙ୍କ ମୃତ୍ୟୁ ଘଟିଥିଲା। ନୂଆ ଭାରଆଣ୍ଟ ଚିହ୍ନଟ ହେବା ପରେ ସଂକ୍ରମିତଙ୍କ ସଂଖ୍ୟା ୩,୫୦୦ ଉପରେ ରହିଛି। ସେହିପରି ଆଉ ୧୨ ଜଣଙ୍କ ମୃତ୍ୟୁ ସହ ମୋଟ ମୃତକଙ୍କ ସଂଖ୍ୟା ୪୭ ଛୁଇଁଛି। ପ୍ରକାଶ ଯେ, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ) ଅଦ୍ୟାବଧି ୪ ପ୍ରକାର ଷ୍ଟ୍ରେନ୍କୁ ତାଲିକାଭୁକ୍ତ କରିଛି। ସେଗୁଡ଼ିକ ହେଲା ବ୍ରିଟେନ, ଭାରତ, ଦକ୍ଷିଣ ଆଫ୍ରିକା ଓ ବ୍ରାଜିଲରେ ଦେଖାଯାଉଥିବା ଭାଇରସ୍।

# ରାଜ୍ୟରେ ୨୫ ବ୍ଲାକ୍ ଫଙ୍ଗସ୍ ରୋଗୀ, ୩ ମୃତ



**ଭୁବନେଶ୍ୱର, ୩୦।୫(ବ୍ୟୁରୋ)**

କରୋନା ପରେ ବ୍ଲାକ୍ ଫଙ୍ଗସ୍ ଏବେ ସମସ୍ତଙ୍କର ଚିନ୍ତା ବଢ଼ାଇଦେଇଛି। ଓଡ଼ିଶାରେ ଏପର୍ଯ୍ୟନ୍ତ ୨୫ ବ୍ଲାକ୍ ଫଙ୍ଗସ୍ ରୋଗୀ ଚିହ୍ନଟ ହୋଇଥିବାବେଳେ ୩ଜଣଙ୍କ ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଅନ୍ୟ ରାଜ୍ୟରେ ହଜାର ହଜାର ବ୍ଲାକ୍ ଫଙ୍ଗସ ରୋଗୀ ଅଛନ୍ତି। କିନ୍ତୁ ଆମ ରାଜ୍ୟରେ ଏହାର ସଂଖ୍ୟା କମ୍ ରହିଛି। ବ୍ଲାକ୍ ଫଙ୍ଗସ୍କୁ ନେଇ ସେପରି ସ୍ଥିତି ନାହିଁ। ଭିନ୍ନ ରୋଗର କାରଣ ଯୋଗୁ ୩ଜଣ ବ୍ଲାକ୍ ଫଙ୍ଗସ୍ ରୋଗୀଙ୍କ ମୃତ୍ୟୁ ହୋଇଥିବା ସେ ସ୍ପଷ୍ଟ କରିଛନ୍ତି। ଏହି ରୋଗର ଚିକିତ୍ସା ପାଇଁ ଯେଉଁ ଇଞ୍ଜେକ୍ସନ ଦରକାର ତାହା ଯୋଗାଇ ଦେବାକୁ କେନ୍ଦ୍ରକୁ ମାଗିଛୁ। ଯାହା ଆସୁଛି ବଣ୍ଟା ଯାଉଛି। ଆସନ୍ତା ସପ୍ତାହକୁ ସ୍ଥିତି ସୁଧୁରିଯିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ବ୍ଲାକ୍ ଫଙ୍ଗସ୍ ରୋଗୀଙ୍କ ପାଇଁ ଗାଇଡ୍ଲାଇନ କରିବାକୁ ରାଜ୍ୟ ସରକାର ୭ ଜଣ ବିଶେଷଜ୍ଞ ଡାକ୍ତରଙ୍କୁ ନେଇ କମିଟି ଗଠନ କରିସାରିଛନ୍ତି। ଏହି କମିଟି ପୂରା ଘଟଣା ଉପରେ ନଜର ଓ ତଦାରଖ କରିବ ବୋଲି ସୂଚନା ମିଳିଛି।

# ୧୭ ପର୍ଯ୍ୟନ୍ତ ଲକ୍ଡାଉନ୍ ବୃଦ୍ଧି

**ଭୁବନେଶ୍ୱର, ୩୦।୫(ବ୍ୟୁରୋ)**

ରାଜ୍ୟରେ କରୋନା ସ୍ଥିତିକୁ ଦୃଷ୍ଟିରେ ରଖି ଜୁନ୍ ୧ରେ ସରୁଥିବା ଲକ୍ଡାଉନ୍କୁ ରାଜ୍ୟ ସରକାର ଆଉ ୧୬ ଦିନ ବଢ଼ାଇ ଦେଇଛନ୍ତି। ଜୁନ୍ ୧୭ ତାରିଖ ସକାଳ ୫ଟା ପର୍ଯ୍ୟନ୍ତ ଲକ୍ଡାଉନ୍ ଅବଧିକୁ ବୃଦ୍ଧି କରାଯାଇଛି। ଲକ୍ଡାଉନ୍ବେଳେ ପୂର୍ବରୁ ଜାରି ସମସ୍ତ କଟକଣା ବଳବତ୍ତର ରହିବ। ଏଥିସହ ସପ୍ତାହାନ୍ତ ଶଟ୍ଡାଉନ୍ କଟକଣା ମଧ୍ୟ ଆଗଭଳି ଜାରି ରହିବ। ଏ ନେଇ ରବିବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ତେବେ ସଂକ୍ରମଣ କମୁଥିବା ୩ଟି ଜିଲାରେ ଲକ୍ଡାଉନ୍ କଟକଣାକୁ ସାମାନ୍ୟ କୋହଳ କରାଯାଇଛି। ଏହି ଜିଲାଗୁଡ଼ିକ ହେଲା ନୂଆପଡ଼ା, ଗଜପତି ଓ ସୁନ୍ଦରଗଡ଼। ଏସବୁ ଜିଲାରେ ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ସବୁ ଦୋକାନ ଖୋଲା ରହିବ। କେବଳ ସେଲୁନ୍, ପାର୍ଲର ଓ ମଲ୍ ଆଦି ବନ୍ଦ ରହିବ। ଆଗାମୀ ଦିନରେ ସଂକ୍ରମଣ ବୃଦ୍ଧି ପାଇବା ଲକ୍ଷ୍ୟ କରାଗଲେ, ଏହି ୩ ଜିଲା ପାଇଁ କରାଯାଇଥିବା କୋହଳ କଟକଣାକୁ ପ୍ରତ୍ୟାହାର କରାଯିବ। ବାକି ୨୭ ଜିଲାରେ ଅତ୍ୟାବଶ୍ୟକ ଦୋକାନ ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଖୋଲା ରହିବ। ସଂକ୍ରମଣ କମିଲେ ପର୍ଯ୍ୟାୟକ୍ରମେ ଅନ୍ୟ ସବୁ ଜିଲାରେ ବି କଟକଣା କୋହଳ କରାଯିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।




- **ପୂର୍ବ କଟକଣା ବଳବତ୍ତର ରହିବ**
- **ସପ୍ତାହାନ୍ତ ଶଟ୍ଡାଉନ୍ ମଧ୍ୟ ଜାରି ରହିବ**
- **୩ ଜିଲା ପାଇଁ କଟକଣା କୋହଳ**

ଲକ୍ଡାଉନ୍ ସମୟରେ ସ୍ୱାସ୍ଥ୍ୟସେବା, ଟେଷ୍ଟିଂ, ଟିକାକରଣ ସମେତ ଅନ୍ୟାନ୍ୟ ଅତ୍ୟାବଶ୍ୟକ କାର୍ଯ୍ୟ ପାଇଁ କୌଣସି କଟକଣା ନାହିଁ। ବାହାଘର, ବ୍ରତଘର, ଭୋଜି, ସାମାଜିକ ଓ ଧାର୍ମିକ ସମାବେଶ ଆଦି ଉପରେ ପୂର୍ଣ୍ଣ କଟକଣା ରହିବ। ତେବେ ମୁଖ୍ୟ ଶାସନ ସଚିବଙ୍କ କହିବାନୁସାରେ, ଲକ୍ଡାଉନ୍ ଫଳରେ ରାଜ୍ୟରେ ସଂକ୍ରମଣ

☞ପୃଷ୍ଠା-୪

# ଶୀର୍ଷରେ ପହଞ୍ଚି ସାରିଛି ସଂକ୍ରମଣ

**ଭୁବନେଶ୍ୱର, ୩୦।୫(ବ୍ୟୁରୋ)**

ରାଜ୍ୟରେ ସଂକ୍ରମଣ ହାର କମିଛି। ଗତ ୨୨ ତାରିଖରେ ସର୍ବାଧିକ ୧୨,୮୫୨ ପଜିଟିଭ ଚିହ୍ନଟ ହୋଇଥିଲେ। ଏହାପରେ ବାତ୍ୟା ପାଇଁ ଟେଷ୍ଟ କମିବାରୁ ପଜିଟିଭ ସଂଖ୍ୟା କମିଥିଲା। କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ଟେଷ୍ଟ ବଢ଼ିଥିଲେ ବି ସଂକ୍ରମଣ କମ୍ ରହିଛି। ତେଣୁ ମେ ୨୨କୁ ଆମ ରାଜ୍ୟ ପାଇଁ ସଂକ୍ରମଣର ପିକ୍ ବା ଶୀର୍ଷ ଭାବେ ଧରିବାକୁ ହେବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର କହିଛନ୍ତି। ରବିବାର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ କୋଭିଡ୍ ସଚେତନତା ପରାମର୍ଶ କାର୍ଯ୍ୟକ୍ରମରେ ସେ କହିଲେ, ପଡ଼ୋଶୀ ଛତିଶଗଡ଼ ଓ ଝାଡ଼ଖଣ୍ଡରେ ସଂକ୍ରମଣ କମିବା ଆମ ରାଜ୍ୟ ପାଇଁ ଆଶ୍ୱସ୍ତିକର ଖବର। ଏଥିପାଇଁ ଏସବୁ ରାଜ୍ୟର ସୀମାବର୍ତ୍ତୀ ଜିଲାର ସଂକ୍ରମଣ କମୁଛି। ଆନ୍ଧ୍ର ଓ ପଶ୍ଚିମବଙ୍ଗରେ ସଂକ୍ରମଣ କମୁଥିଲେ ବି ବିପଦ ରହିଛି। ସେଥିପାଇଁ ଏବେ ବି

☞ପୃଷ୍ଠା-୪

**ମେ' ୨୨ରେ ସର୍ବାଧିକ ୧୨,୮୫୨ ଚିହ୍ନଟ ହୋଇଥିଲେ**

- **୯ ଜିଲାରେ ରାଜ୍ୟର ୬୦% ସଂକ୍ରମଣ**
- **୧୯ ଜିଲାରେ କମୁଛି, ୫ ଜିଲାରେ ୫% ତଳେ**
- **ରଜ, ସାବିତ୍ରୀରେ ସତର୍କ ରହିବାକୁ ରାଜ୍ୟବାସୀଙ୍କୁ ପରାମର୍ଶ**

# ଦସ୍ତାବିଜ ନେଇ ଡୋମିନିକା ଗଲା ବିମାନ

## ଚୋକ୍ସୀଙ୍କ ପ୍ରତ୍ୟର୍ପଣ

**ନୂଆଦିଲ୍ଲୀ,୩୦।୫**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍ବି)ର ୧୩,୫୦୦ କୋଟି ଟଙ୍କା ଋଣ ଦୁର୍ନୀତି ପଦାକୁ ଆସିବା ପରେ ଫେରାର ହୋଇଯାଇଥିବା ପଳାତକ ହୀରା ବ୍ୟବସାୟୀ ମେହୁଲ ଚୋକ୍ସୀଙ୍କୁ ସ୍ୱଦେଶକୁ ଆଣିବା ପାଇଁ ଭାରତ ପକ୍ଷରୁ ଜୋର୍ଦାର ଉଦ୍ୟମ ଚାଲିଛି। ତାଙ୍କୁ ପ୍ରତ୍ୟର୍ପଣ କରି ଆଣିବା ଲାଗି ଭାରତ ପକ୍ଷରୁ ଆବଶ୍ୟକ ଦସ୍ତାବିଜ ନେଇ ଏକ ଘରୋଇ ବିମାନ ଡୋମିନିକା ଯାଇଛି। କାତାର ଏୟାରୱେଜ୍ର ଘରୋଇ ଜେଟ୍ ରବିବାର ଡୋମିନିକାର ଡୁଗ୍ଲାସ୍-ଚାର୍ଲସ ବିମାନବନ୍ଦରରେ ଅବତରଣ କରିଛି। ଏନେଇ ଆଣ୍ଟିଗୁଆ ପ୍ରଧାନମନ୍ତ୍ରୀ ଗାଷ୍ଟୋନ୍ ବ୍ରାଉନେ ଏକ ରେଡିଓ ଶୋ'ରେ ସୂଚନା ଦେଇଛନ୍ତି। ତେବେ ଭାରତ ସରକାରଙ୍କ ପକ୍ଷରୁ ଏ ସମ୍ପର୍କରେ ଆନୁଷ୍ଠାନିକ ଭାବେ କିଛି କୁହାଯାଇ ନାହିଁ। ଅନ୍ୟପକ୍ଷେ ଚୋକ୍ସୀଙ୍କ ଏକ ଫଟୋ

☞ପୃଷ୍ଠା-୪



ଡୋମିନିକା ପୋଲିସ ହେପାଜତରେ ମେହୁଲ୍ ଚୋକ୍ସୀ

### ଆଜିର ସମ୍ପାଦକୀୟ

**ଚାଇନା ତିଆରି**

### ଆଜିର ମନ୍ତବ୍ୟ

"ଭାରତ ଏବେ ପୂର୍ବ ତୁଳନାରେ ୧୦ ଗୁଣ ଅଧିକ ଅକ୍ସିଜେନ ଉତ୍ପାଦନ କରୁଛି। ସମସ୍ତେ ଗୋଟିଏ ଟିମ୍ ଭାବେ ଦାୟିତ୍ୱ ତୁଲାଉଥିବାରୁ ଏହା ସମ୍ଭବ ହୋଇଛି।

**-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

# ତୃତୀୟ ବିବାହ କଲେ ବୋରିସ୍

**ଲଣ୍ଡନ, ୩୦।୫**

ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍ସନ୍ (୫୬) ଗୋପନ ଭାବେ ପ୍ରେମିକା କେରୀ ସାଇମଣ୍ଡସ୍ଙ୍କୁ ଶନିବାର ବିବାହ କରିଛନ୍ତି। ଏହା ବୋରିସ୍ଙ୍କ ତୃତୀୟ ବିବାହ। ସାଇମଣ୍ଡସ ବୋରିସ୍ଙ୍କଠାରୁ ବୟସରେ ୨୩ ବର୍ଷ ସାନ। ୱେଷ୍ଟମିନ୍ଷ୍ଟର କାଥେଡ୍ରାଲଠାରେ ପରିବାର ଲୋକଙ୍କ ଉପସ୍ଥିତିରେ ଉଭୟଙ୍କ ବିବାହ ହୋଇଛି। ୨୦୧୯ରେ ବୋରିସ୍ ପ୍ରଧାନମନ୍ତ୍ରୀ ହେବା ପରଠାରୁ ସାଇମଣ୍ଡସ୍ଙ୍କ ସହ ଏକାଠି ରହିଆସୁଛନ୍ତି। ଗତବର୍ଷ ଉଭୟଙ୍କର ନିର୍ବନ୍ଧ ହୋଇଥିଲା। ୨୦୨୦ ଏପ୍ରିଲରେ ସେମାନଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ବୋରିସ୍ ଓ ସାଇମଣ୍ଡସ୍ଙ୍କ ବିବାହ ସମ୍ପର୍କରେ 'ଦି ସନ୍'ରେ ରବିବାର ଏକ ରିପୋର୍ଟ ପ୍ରକାଶ କରିଛି। ସେଣ୍ଟ୍ରାଲ ଲଣ୍ଡନରେ ବିବାହ କାର୍ଯ୍ୟକ୍ରମ ଚାଲିଥିବାବେଳେ ଶେଷ ମୁହୂର୍ତ୍ତରେ ଅତିଥିଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଏପରିକି ବୋରିସ୍ଙ୍କ ଅଫିସ୍ର ଅଧିକାରୀମାନେ ମଧ୍ୟ ତାଙ୍କ ବିବାହ ବିଷୟରେ କୌଣସି ସୂଚନା ପାଇ ନ ଥିଲେ। ସ୍ଥାନୀୟ ସମୟ ଅପରାହ୍ନ ପ୍ରାୟ ସାଢ଼େ ୧ଟାରେ କାଥୋଲିକ୍ କାଥେଡ୍ରାଲ ହଠାତ୍ ବନ୍ଦ ହୋଇଯାଇଥିଲା। ଏହାର ଅଧଘଣ୍ଟା ପରେ ସାଇମଣ୍ଡସ ଏକ ଲମ୍ବା ଧଳା ଗାଉନ୍ ପିନ୍ଧି ସେଠାରେ ପହଞ୍ଚିଥିଲେ ବୋଲି ଉକ୍ତ ରିପୋର୍ଟରେ ଉଲ୍ଲେଖ ହୋଇଛି। ବୋରିସ୍ ତାଙ୍କ ଦ୍ୱିତୀୟ ସ୍ତ୍ରୀ ମାରିନା ହ୍ୱିଲରଙ୍କଠାରୁ ୨୦୧୮ ସେପ୍ଟେମ୍ବରରେ ଅଲଗା ହୋଇଯାଇଥିଲେ। ମାରିନା ଜଣେ ଓକିଲ ଥିଲେ। ଉଭୟଙ୍କ ୪ ସନ୍ତାନ ରହିଛନ୍ତି। ଆଲେଗ୍ରା ମୋଷ୍ଟିନ-ଓୱେନ ହେଉଛନ୍ତି ବୋରିସ୍ଙ୍କ ପ୍ରଥମ ସ୍ତ୍ରୀ। ଆଲେଗ୍ରାଙ୍କ ସହ ୬ ବର୍ଷ ରହିବା ପରେ ବୋରିସ୍ ୧୯୯୩ରେ ତାଙ୍କଠାରୁ ଅଲଗା ହୋଇଯାଇଥିଲେ।



କେରୀ ସାଇମଣ୍ଡସ୍ଙ୍କ ସହ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍ସନ୍।

# ଖବରଦାତାଙ୍କୁ ପୋଲିସ ଆକ୍ରମଣ

# ବିଭିନ୍ନ ମହଲରୁ ପ୍ରତିବାଦ ୨

**ପୁରୀରେ ଜଣେ ପରିବା ବ୍ୟବସାୟୀଙ୍କୁ ପୋଲିସର ନିର୍ଯାତ ମାଡ଼ ସମ୍ପର୍କରେ ଖବର ସଂଗ୍ରହ କରିବାକୁ ଯାଇଥିବା ଧରିତ୍ରୀର ଜିଲା ପ୍ରତିନିଧି ଦତ୍ତାତ୍ରେୟ ନାୟକଙ୍କୁ ଯେଉଁଭଳି ଭାବେ ଆକ୍ରମଣ କରାଗଲା, ତାହାକୁ ବିଭିନ୍ନ ବର୍ଗର ବ୍ୟକ୍ତି ନିନ୍ଦା କରୁଛନ୍ତି। ଜଣେ କର୍ତ୍ତବ୍ୟରତ ଖବରଦାତାଙ୍କ ଉପରେ ପୋଲିସର ଦମନଲୀଳାକୁ ଘୋର ପ୍ରତିବାଦ କରାଯାଉଛି। କରୋନା ଲଢ଼େଇର ସମ୍ମୁଖ ଯୋଦ୍ଧା ଖବରଦାତାଙ୍କୁ ଆକ୍ରମଣ କରିଥିବା ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ସବୁ ମହଲରୁ ଦାବି ହେଉଛି।**

## ଆଦୌ ଗ୍ରହଣୀୟ ନୁହେଁ



ଧରିତ୍ରୀର ପୁରୀ ଜିଲା ପ୍ରତିନିଧିଙ୍କ ଉପରେ ହୋଇଥିବା ଆକ୍ରମଣ ଆଦୌ ଗ୍ରହଣୀୟ ନୁହେଁ। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭଭାବେ ସାମ୍ବାଦିକଙ୍କୁ ସମ୍ମାନ ଦେବା ଉଚିତ। ଏହି ଘଟଣାର ତଦନ୍ତ ପାଇଁ ପୋଲିସ ମହାନିର୍ଦ୍ଦେଶକ ପୁରୀ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏସ୍‌ପି ତଦନ୍ତକରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ।

**– ରମେଶ ଚନ୍ଦ୍ର ମାଝି, ନବରଙ୍ଗପୁର ଏମ୍‌ପି ତଥା ଜିଲା ବିଜେଡି ସଭାପତି**

## ନିନ୍ଦନୀୟ



ଜଣେ ଗଣମାଧ୍ୟମ ପ୍ରତିନିଧି ଅଞ୍ଚଳର ସବୁପ୍ରକାର ଖବର ସଂଗ୍ରହକରି ସମସ୍ତଙ୍କୁ ଜଣାଉଛି। ଫଳରେ ତଳସ୍ତରର ଲୋକେ ସହଜରେ ଖବର ପାଇପାରୁଛନ୍ତି। ରାଜ୍ୟ ସରକାର ଓ ଜିଲା ପ୍ରଶାସନ କ'ଣ ସବୁ କାର୍ଯ୍ୟ କରୁଛନ୍ତି ଏସବୁ ସୂଚନା ଆମେ ଗଣମାଧ୍ୟମରୁ ପାଇପାରୁଛୁ। ଗଣମାଧ୍ୟମ ପ୍ରତିନିଧିଙ୍କୁ ଯଦି ଆକ୍ରୋଶମୂଳକ ଭାବେ ଆକ୍ରମଣ କରାଯାଏ ତାହା ଗ୍ରହଣୀୟ ନୁହେଁ। ଧରିତ୍ରୀ ଖବରଦାତାଙ୍କୁ ପୁରୀ ପୋଲିସ ଯେଉଁଭଳି ଆକ୍ରମଣ କରିଛି ତାହା ନିନ୍ଦନୀୟ।

**– କିଶୋର କୁମାର ମହାନ୍ତି, ବ୍ରଜରାଜନଗର ବିଧାୟକ**

## ଖବରଦାତାଙ୍କ ସୁରକ୍ଷା ଆବଶ୍ୟକ



ପୁରୀ ଜିଲା 'ଧରିତ୍ରୀ' ପ୍ରତିନିଧିଙ୍କ ଉପରେ ଆକ୍ରମଣ ଘଟଣାରେ ଦୁଃଖ ପ୍ରକାଶ କରୁଛି। ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ। ପ୍ରତ୍ୟେକ ଗଣମାଧ୍ୟମ ପ୍ରତିନିଧି ନିଜର ମତବ୍ୟକ୍ତ କରିବାରେ ସମ୍ପୂର୍ଣ୍ଣ ସ୍ୱାଧୀନତା ରହିଛି। ଖବର ପ୍ରସାରଣରେ ଗଣମାଧ୍ୟମର ସ୍ୱାଧୀନତା ରହିଛି। ଏଣୁ ଜଣେ ଖବର ସଂଗ୍ରହ କରୁଥିବା ଖବରଦାତାଙ୍କ ଉପରେ ଆକ୍ରମଣ ଘଟଣା ଅତ୍ୟନ୍ତ ଦୁଃଖଦାୟକ। ଖବରଦାତାଙ୍କୁ ସୁରକ୍ଷା ଦିଆଯିବା ଆବଶ୍ୟକ।

**– ଡା.ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଗଞ୍ଜାମ ଜିଲା ବିଜେଡି ସଭାପତି**

## କ୍ଷମତାର ଅପବ୍ୟବହାର ଠିକ୍ ନୁହେଁ



ପୁରୀରେ ଜଣେ କର୍ତ୍ତବ୍ୟରତ ଖବରଦାତାଙ୍କ ପ୍ରତି ପୋଲିସ ଦୁର୍ବ୍ୟବହାର ପ୍ରଦର୍ଶନ କରି ମାଡ଼ ମାରିବା ଲାଗି ଅଧିକାର ପାଇଲା କୋଉଠୁ। ଏପରି କ୍ଷମତାର ଅପବ୍ୟବହାର କରିବା ଠିକ୍ ନୁହେଁ। ଏହି ଘଟଣାକୁ ଓଡ଼ିଶା ସାରା ବିରୋଧ କରାଯାଉଛି। ସବୁଠି ଘଟଣାକୁ ନିନ୍ଦା କରାଯାଉଛି। ବିଳମ୍ବରେ ହେଲେ ମଧ୍ୟ ରାଜ୍ୟ ସରକାର ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ।

**– ମୀନାକ୍ଷୀ ବାହିନୀପତି, କୋରାପୁଟ ଜିଲା କଂଗ୍ରେସ ସଭାନେତ୍ରୀ**

## ଗଣତନ୍ତ୍ରକୁ ହତ୍ୟା କରାଯାଇଛି



ରାଜ୍ୟ ସରକାର ଖବରଦାତାଙ୍କୁ ଆଗଧାଡ଼ିର କୋଭିଡ୍ ଯୋଦ୍ଧା ମାନ୍ୟତା ଦେଇଛନ୍ତି। କିନ୍ତୁ ସେମାନଙ୍କୁ ପୋଲିସ ଆକ୍ରମଣ କଲେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ସରକାର ସମ୍ପୂର୍ଣ୍ଣ ଚୁପ୍ ରହୁଛନ୍ତି। ପୁରୀରେ ଧରିତ୍ରୀ ଖବରଦାତାଙ୍କୁ ପୋଲିସର ଆକ୍ରମଣ ଘଟଣା ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ। ପଦସ୍ଥ ଅଧିକାରୀଙ୍କ ଉପସ୍ଥିତିରେ ପୋଲିସ ଖବରଦାତାଙ୍କୁ ଆକ୍ରମଣ କଲା। ଏ ନେଇ ବିଭିନ୍ନ ମହଲରୁ ପ୍ରତିବାଦର ସ୍ୱର ତେଜି ଉଠୁଥିବାବେଳେ ଅଭିଯୁକ୍ତ ପୋଲିସ ଅଧିକାରୀ, କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ମଧ୍ୟ ଜୋର୍ ଧରିଛି। ହେଲେ ରାଜ୍ୟ ସରକାର ହାତ ବାନ୍ଧି ବସିଛନ୍ତି। ଏଥିରୁ ଗଣତନ୍ତ୍ରକୁ ଏଠାରେ ହତ୍ୟା କରାଯାଇଛି ବୋଲି କହିଲେ କିଛି ଭୁଲ୍ ହେବ ନାହିଁ।

**– ନୀହାର ରଞ୍ଜନ ମହାନନ୍ଦ, ବରଗଡ଼ ଜିଲା କଂଗ୍ରେସ ସଭାପତି**

## ଖବରଦାତାଙ୍କ ନିଷ୍ଠା ପ୍ରତି କୁଠାରାଘାତ



ଖବରଦାତାମାନେ ସେମାନଙ୍କ କର୍ତ୍ତବ୍ୟ ସମ୍ପାଦନ କରୁଥିବା ବେଳେ ପୋଲିସ ସେମାନଙ୍କୁ ମାଡ଼ ମାରିବା ଘଟଣା ଅତ୍ୟନ୍ତ ନିନ୍ଦନୀୟ। ସେମାନେ ମଧ୍ୟ କରୋନା ଲଢ଼େଇରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ବେଳେ ଏହି ଘଟଣା ସେମାନଙ୍କ ନିଷ୍ଠା ପ୍ରତି କୁଠାରଘାତ।

**– ବିପ୍ଳବ ମିଶ୍ର, କେନ୍ଦୁଝର ଜିଲା କଂଗ୍ରେସ ସଭାପତି**

## ପୋଲିସର ଅମାନବୀୟ କାମ



ଗଣମାଧ୍ୟମ ପ୍ରତିନିଧିଙ୍କୁ ପୋଲିସ ମାଡ଼ ମାରିବା ନିନ୍ଦନୀୟ। ଖବର ସଂଗ୍ରହ କରିବା ଓ ସତ୍ୟ ଖବର ଲୋକଙ୍କ ସମ୍ମୁଖକୁ ଆଣିବା ଖବରଦାତାଙ୍କ କର୍ତ୍ତବ୍ୟ। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଅସୁରକ୍ଷିତ ହେଲେ ଗଣତନ୍ତ୍ର ବଞ୍ଚିବ କେମିତି। ଏହି ଘଟଣାରେ ପୋଲିସର କାର୍ଯ୍ୟ ସମ୍ପୂର୍ଣ୍ଣ ଅମାନବୀୟ। ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ ଆଇନ ଅନୁଯାୟୀ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ଜରୁରୀ।

**– ଗୌରୀଶ୍ୟାମ ପଣ୍ଡା, ସୁବର୍ଣ୍ଣପୁର ଜିଲା କଂଗ୍ରେସ ସଭାପତି**

## କଠୋର କାର୍ଯ୍ୟାନୁଷ୍ଠାନ ହେଉ



'ଧରିତ୍ରୀ' ପୁରୀ ଜିଲା ପ୍ରତିନିଧି ଦତ୍ତାତ୍ରେୟ ନାୟକଙ୍କ ଉପରେ ପୋଲିସର ଆକ୍ରମଣ ଶୋଭନୀୟ ନୁହେଁ। କରୋନା ସମୟରେ ଖବରଦାତାମାନେ ସମସ୍ତ ତଥ୍ୟ ଯୋଗାଡ଼ କରି ଜନସାଧାରଣଙ୍କୁ ସଚେତନ କରାଉଛନ୍ତି। ରାଜ୍ୟ ସରକାର ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଖବରଦାତାମାନଙ୍କୁ ସୁରକ୍ଷା ଯୋଗାଇ ଦିଅନ୍ତୁ।

**– ସଞ୍ଜୀବ ଗିରି, ବାଲେଶ୍ୱର ଜିଲା କଂଗ୍ରେସ ସଭାପତି**

## କଣ୍ଠରୋଧ ପାଇଁ ପ୍ରୟାସ



ପୁରୀରେ କର୍ତ୍ତବ୍ୟରତ ଧରିତ୍ରୀର ଜିଲା ପ୍ରତିନିଧି ଦତ୍ତାତ୍ରେୟ ନାୟକଙ୍କୁ ବଡ଼ଶଙ୍ଖଠାରେ ପୋଲିସର ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ। ଏହା ପୋଲିସର ସ୍ୱେଚ୍ଛାଚାରିତା ପ୍ରଦର୍ଶନ କରୁଛି। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭର କଣ୍ଠରୋଧ ପାଇଁ ପ୍ରୟାସ ହୋଇଛି। ସ୍ୱଚ୍ଛ ଶାସନର ଡିଣ୍ଡିମ ପିଟୁଥିବା ରାଜ୍ୟ ସରକାର ପୋଲିସ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରୁଛି।

**– କିଶୋର କୁମାର ପଣ୍ଡା, କେନ୍ଦ୍ରାପଡ଼ା ଜିଲା ଭାଜପା ସଭାପତି**

## ପୋଲିସ ଅମାନୁଷିକ ହୋଇଯାଇଛି



ଏଇ କିଛିବର୍ଷ ହେଲା ଓଡ଼ିଶା ପୋଲିସର ଖବରଦାତାଙ୍କ ପ୍ରତି ବ୍ୟବହାର ବଦଳି ଯାଇଛି। ପୋଲିସ ଅତିମାତ୍ରାରେ ଅମାନୁଷିକ ହୋଇଯାଇଛି। ତା'ର ଜ୍ୱଳନ୍ତ ଉଦାହରଣ ହେଉଛି ପୁରୀ ଘଟଣା। ଜଣେ କର୍ତ୍ତବ୍ୟରତ ଖବରଦାତାଙ୍କୁ ମାଡ଼ ମାରିବା କୌଣସି ପରିସ୍ଥିତିରେ ବି ଗ୍ରହଣୀୟ ନୁହେଁ। ମାଡ଼ ମାରିଥିବା ପୋଲିସ ଅଧିକାରୀ ତୁରନ୍ତ ଗିରଫ ହେବା ଦରକାର।

**– ଶିବାଜୀ ମହାନ୍ତି, ବଲାଙ୍ଗୀର ଜିଲା ଭାଜପା ସଭାପତି**

## ଘଟଣାର ପୁନରାବୃତ୍ତି ନ ହେଉ



ପୁରୀରେ ପୋଲିସ ଧରିତ୍ରୀ ସାମ୍ବାଦିକଙ୍କ ଉପରେ ଆକ୍ରମଣ କରିବା ନିନ୍ଦନୀୟ। ଦୋଷୀ ପୋଲିସ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ। ଯେପରି ଅନ୍ୟ ଜିଲାରେ ଏହି ଘଟଣାର ପୁନରାବୃତ୍ତି ନ ହେବ।

**– ଦେବେନ୍ଦ୍ର ମହାନ୍ତି, କଳାହାଣ୍ଡି ଜିଲା ଭାଜପା ସଭାପତି**

## ଚୁପ କରିବା ପ୍ରୟାସ ବନ୍ଦ ହେଉ



ପୁରୀରେ ଧରିତ୍ରୀର ସାମ୍ବାଦିକଙ୍କ ଉପରେ ପୋଲିସ କର୍ମଚାରୀଙ୍କ ଆକ୍ରମଣ ଘଟଣା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ପୋଲିସର ଜୁଲୁମଗିରି, ଦାଦାଗିରିକୁ ଦୃଢ ନିନ୍ଦା କରୁଛି। ଭବିଷ୍ୟତରେ ଶାନ୍ତିପ୍ରିୟ ସରଳ, ନିରୀହ ଲୋକଙ୍କୁ ଏଭଳି ବ୍ୟବହାର କରା ନ ଯାଉ। ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ ସାମ୍ବାଦିକଙ୍କୁ ମାଡ଼ମାରି ଚୁପ କରିବା ପ୍ରୟାସ ବନ୍ଦ ହେଉ।

**– ମୀନକେତନ ପ୍ରଧାନ, ଦେବଗଡ଼ ଜିଲା ଭାଜପା ସଭାପତି**

## ଏହା ଗଣତନ୍ତ୍ର ଉପରେ ଆକ୍ରମଣ



ଗଣମାଧ୍ୟମ ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ। ସରକାର କରୋନା ମହାମାରୀ ସମୟରେ ଖବରଦାତାଙ୍କୁ ସମ୍ମୁଖ ଯୋଦ୍ଧା ଭାବେ ଘୋଷଣା କରିଛନ୍ତି। ସେମାନଙ୍କ ଉପରେ ଆକ୍ରମଣ ଅର୍ଥ ଗଣତନ୍ତ୍ର ଉପରେ ଆକ୍ରମଣ। ଏଣୁ ଏଭଳି ହେବା ଆଦୌ ଠିକ୍ ନୁହେଁ।

**– ସବୁଜ ଅଂଶୁମାନ ମହନ୍ତ ବର୍ମା, କେନ୍ଦୁଝର ଜିଲା ଭାଜପା ସଭାପତି**

## କ୍ଷମତାର ଅପବ୍ୟବହାର



ଧରିତ୍ରୀ ପୁରୀ ଜିଲା ପ୍ରତିନିଧିଙ୍କୁ ପୋଲିସ ମାଡ଼ ମାରିବା ଶତ ପ୍ରତିଶତ ଭୁଲ୍। ଖବରଦାତାମାନେ ସମାଜର ଜାଗ୍ରତ ପ୍ରହରୀ। କୋଭିଡ୍ ସମୟରେ ଖବରଦାତାମାନେ ନିରବଚ୍ଛିନ୍ନ ଖବର ପରିବେଷଣ କରୁଥିବାରୁ ରାଜ୍ୟ ସରକାର ସେମାନଙ୍କୁ କୋଭିଡ୍ ଯୋଦ୍ଧା ଭାବେ ଘୋଷଣା କରିଛନ୍ତି। ଧରିତ୍ରୀ ପୁରୀ ଜିଲା ପ୍ରତିନିଧି ଖବର ସଂଗ୍ରହ କରୁଥିବା ବେଳେ ପୋଲିସ ବଳ ପ୍ରୟୋଗ କରିବା, ମାଡ଼ମାରିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ପୋଲିସ ଆଇନକୁ ସମ୍ମାନ ଦେବା ପରିବର୍ତ୍ତେ କ୍ଷମତାର ଅପବ୍ୟବହାର କରିଛି। ତେଣୁ ଅଭିଯୁକ୍ତ ପୋଲିସ କର୍ମଚାରୀମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ।

**– ସତ୍ୟବ୍ରତ ମହାପାତ୍ର, ଜଗତ୍‌ସିଂହପୁର ଜିଲା ଭାଜପା ସଭାପତି**

## ସ୍ୱତନ୍ତ୍ର ଆଇନ ପ୍ରଣୟନ କରାଯାଉ



ଜଣେ କର୍ତ୍ତବ୍ୟରତ ଖବରଦାତାଙ୍କୁ ଆକ୍ରମଣ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ଉପରେ ସରକାର ପଦକ୍ଷେପ ନେବା ସହ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବା ଆବଶ୍ୟକ। ଆଗକୁ ଯେଭଳି ଏହାର ପୁନରାବୃତ୍ତି ନ ହୁଏ ସେଥିପ୍ରତି ପଦକ୍ଷେପ ନେବା ଜରୁରୀ। ସଂଘ ତରଫରୁ ଏହି ଘଟଣାର କଡ଼ା ନିନ୍ଦା କରୁଛୁ।

**– ସମରେନ୍ଦ୍ର ବେହେରା, ସଭାପତି, ବ୍ୟବସାୟୀ ସଂଘ, ପୁରୁଣାକଟକ ହରଭଙ୍ଗା ବ୍ଲକ, ବୌଦ୍ଧ**


## ପୋଲିସ ମାର୍ଜିତ, ଶୃଙ୍ଖଳିତ ହେଉ



ପୁରୀରେ କାର୍ଯ୍ୟରତ ଖବରଦାତାଙ୍କୁ ମାଡ଼ ମାରିବା ଅତ୍ୟନ୍ତ ନିନ୍ଦନୀୟ। ପୁରୀରେ ସାଧାରଣ ଜନତାଙ୍କ ପ୍ରତି ପୋଲିସର ବ୍ୟବହାର ଦିନକୁ ଦିନ ରୁକ୍ଷ ହେବାରେ ଲାଗିଛି। ଅନ୍ତର୍ଜାତୀୟ ପର୍ଯ୍ୟଟନ ସହରରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ଖବରଦାତାଙ୍କ ପ୍ରତି ପୋଲିସର ଏଭଳି ବ୍ୟବହାର ଆଦୌ ଗ୍ରହଣୀୟ ନୁହେଁ। ପୋଲିସ ନିଜ ଆଚରଣରେ ପରିବର୍ତ୍ତନ ଆଣୁ। ପୋଲିସ କର୍ମଚାରୀ ଏବଂ ଅଧିକାରୀଙ୍କୁ ମାନବିକତାର ଏବଂ ଶୃଙ୍ଖଳା ଜ୍ଞାନ ଦରକାର।

**– ପ୍ରଭାତ ମିଶ୍ର, ଜିଲା ସଭାପତି ଉତ୍କଳ ସାମ୍ବାଦିକ ସଂଘ, ଖୋର୍ଦ୍ଧା**

## ପୋଲିସର ଦାୟିତ୍ୱ ମାଡ଼ ମାରିବା ନୁହେଁ



କରୋନା ସମୟରେ ସରକାର ଏବଂ ଜନତାଙ୍କ ମଧ୍ୟରେ ଗଣମାଧ୍ୟମ ପ୍ରତିନିଧିମାନେ ସମନ୍ୱୟ ରକ୍ଷା କରୁଛନ୍ତି। ଜଣେ ଉଠାଦୋକାନୀଙ୍କୁ ପୋଲିସର ମାଡ଼କୁ ନେଇ ପ୍ରଶ୍ନ ପଚାରିବାରୁ ଜଣେ କାର୍ଯ୍ୟରତ ଖବରଦାତାଙ୍କୁ ଆକ୍ରମଣ ଗ୍ରହଣୀୟ ନୁହଁ। ପୋଲିସର ଦାୟିତ୍ୱ ଆଇନଶୃଙ୍ଖଳା ରକ୍ଷା କରିବା। ମାଡ଼ ମାରିବା ନୁହେଁ। ଖବରଦାତାଙ୍କୁ ବର୍ବରତା ପୂର୍ବକ ଆକ୍ରମଣ ଘଟଣାକୁ ଦୃଢ଼ ଭାବେ ନିନ୍ଦା କରୁଛି।

**– ଅଜିତ୍ ପଟ୍ଟନାୟକ, ସଭାପତି, ଖୋର୍ଦ୍ଧା ଓକିଲ ସଂଘ**

## ପୋଲିସ ବର୍ବରତା ପୂର୍ବକ ଆଚରଣ କରୁଛି



ପୁରୀରେ ଧରିତ୍ରୀ ଖବରଦାତାଙ୍କୁ ପୋଲିସର ଆକ୍ରମଣକୁ ମୁଁ ଦୃଢ଼ ନିନ୍ଦା କରୁଛି। ଗଣତନ୍ତ୍ର ରାଷ୍ଟ୍ରରେ ଏହା ଗ୍ରହଣୀୟ ନୁହଁ। କୋଭିଡ୍‌ରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଏଭଳି ସମୟରେ ଲୋକଙ୍କୁ ସାନ୍ତ୍ୱନା ଦେବା ପରିବର୍ତ୍ତେ ପୋଲିସ ବର୍ବରତା ପୂର୍ବକ ଆଚରଣ କରୁଛି। ଖବରଦାତାଙ୍କୁ ଆକ୍ରମଣ ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ।

**– ରଞ୍ଜିତ୍ ମହାପାତ୍ର, ସଭାପତି ନଗର କଂଗ୍ରେସ କମିଟି, ଖୋର୍ଦ୍ଧା**

## ଅତ୍ୟନ୍ତ ଦୁଃଖଦାୟକ



ରାଜ୍ୟ ସରକାର ଖବରଦାତାମାନଙ୍କୁ କରୋନା ଯୋଦ୍ଧା ଘୋଷଣା କରିଛନ୍ତି। ତେଣୁ ସେମାନେ ନିଜ ଜୀବନକୁ ବାଜି ଲଗାଇ ଖବର ସଂଗ୍ରହ କରିବା ସହ ଲୋକଙ୍କୁ ସଚେତନ କରୁଛନ୍ତି। ମାତ୍ର ଖବରଦାତାଙ୍କ ପ୍ରତି ପୋଲିସର କଦର୍ଯ୍ୟ ମନୋଭାବ ଅତ୍ୟନ୍ତ ଦୁଃଖଦାୟକ। ପୋଲିସର ଏଭଳି ବ୍ୟବହାରକୁ ମୁଁ ନିନ୍ଦା କରୁଛି।

**– ଦେବରାଜ ବେହେରା, ସଭାପତି ଚଣ୍ଡିଖୋଲ ବାର୍ ଆସୋସିଏଶନ**

## ଦୃଢ଼ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ



ଉଠାଦୋକାନୀମାନେ ପରିବାର ଚଳାଇବା ପାଇଁ ସଂଘର୍ଷ କରୁଛନ୍ତି। ତେଣୁ ପୋଲିସ ସେମାନଙ୍କୁ ଆକ୍ରମଣ କରିବା ଠିକ୍ ନୁହେଁ। ଅନ୍ୟପକ୍ଷରେ ସାମ୍ବାଦିକଙ୍କୁ ସରକାର କରୋନା ଯୋଦ୍ଧା ଘୋଷଣା କରିଛନ୍ତି। କିନ୍ତୁ ପୋଲିସ ସେମାନଙ୍କୁ ଆକ୍ରମଣ କରିବା ନିନ୍ଦନୀୟ ଘଟଣା। ତେଣୁ ଉଠାଦୋକାନୀ ଓ ସାମ୍ବାଦିକଙ୍କୁ ଆକ୍ରମଣ କରିଥିବା ପୋଲିସ ଅଧିକାରୀ ଏବଂ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ।

**– ମହେଶ୍ୱର ବଳ, ସର୍ବଭାରତୀୟ ରାସ୍ତା ପାର୍ଶ୍ୱ ଉଠାଦୋକାନୀ ମହାସଂଘ ରାଜ୍ୟ ସଭାପତି**

## ପୋଲିସ କର୍ତ୍ତବ୍ୟ ଭୁଲିଯାଇଛି



ପୁରୀରେ କାର୍ଯ୍ୟରତ 'ଧରିତ୍ରୀ'ର ଖବରଦାତାଙ୍କୁ ପୋଲିସ ମାଡ଼ ମାରିବା ଲଜ୍ଜ୍ୟାଜନକ ଘଟଣା। ନିଜ କର୍ତ୍ତବ୍ୟ ଭୁଲିଯାଇଥିବା ଏପରି ପୋଲିସ କର୍ମଚାରୀଙ୍କୁ ବହିଷ୍କାର କରାଯିବା ଉଚିତ। ଏହି ଅମାନବୀୟ ଘଟଣାକୁ ଦୃଢ଼ ନିନ୍ଦା କରିବା ସହ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରୁଛି।

**– ତ୍ରିପୁରାରୀ ପ୍ରଧାନ, ଆଇନଜୀବୀ ତଥା ପଞ୍ଚାୟତ ସମିତି ଉପାଧ୍ୟକ୍ଷ, କଣିହାଁ**

## ପୋଲିସର କାର୍ଯ୍ୟ ନିନ୍ଦନୀୟ



ମୁହଁ ବନ୍ଦ କରିବା ପାଇଁ ଜଣେ ଖବରଦାତାଙ୍କୁ ପୁରୀ ପୋଲିସ ମାଡ଼ ମାରିବା ଅତ୍ୟନ୍ତ ନିନ୍ଦନୀୟ। ଜନସାଧାରଣଙ୍କ ସମସ୍ୟାକୁ ସରକାରଙ୍କ ନିକଟରେ ପହଞ୍ଚାଇବା ଭଳି ମହତ୍ କାର୍ଯ୍ୟ କରୁଥିବା ଖବରଦାତାଙ୍କୁ ସମ୍ମାନ ପରିବର୍ତ୍ତେ ମାଡ଼ ମରାଯିବା ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର।

**– ଦେବଦତ୍ତ ପ୍ରସାଦ ପ୍ରଧାନ, ଶ୍ରମିକ ନେତା, କଣିହାଁ**

## କାର୍ଯ୍ୟାନୁଷ୍ଠାନ ହେଉ



ପୁରୀ ବଡ଼ଶଙ୍ଖଠାରେ ଧରିତ୍ରୀର ଜିଲା ପ୍ରତିନିଧିଙ୍କ ଉପରେ ପୋଲିସର ଆକ୍ରମଣ ଘଟଣା ଅତ୍ୟନ୍ତ ନିନ୍ଦନୀୟ। ଏହି ଘଟଣାରେ ସମ୍ପୃକ୍ତ ଥିବା ପୋଲିସ କର୍ମଚାରୀଙ୍କ ବିରୋଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସେହିପରି ଭବିଷ୍ୟତରେ ଯେପରି ଏଭଳି ଅଭାବନୀୟ ଘଟଣା ପୁନର୍ବାର ନ ଘଟିବ ସେଥିପାଇଁ ପ୍ରଶାସନର ମଧ୍ୟସ୍ଥତାରେ ପୋଲିସ ଓ ସାମ୍ବାଦିକମାନଙ୍କ ମଧ୍ୟରେ ଉତ୍ତମ ବୁଝାମଣା ସୃଷ୍ଟି ହେବା ଉଚିତ।

**– ପ୍ରମୋଦ କୁମାର ଜେନା, ସମ୍ପାଦକ, ମା' ଶଙ୍ଖେଶ୍ୱରୀ ବ୍ୟବସାୟୀ ମହାସଂଘ, ପୁରୀ**


## ପୋଲିସର ଅମାନୁଷିକ ଆଚରଣକୁ ବରଦାସ୍ତ କରାଯିବନି



ସାମ୍ବାଦିକ ଦତ୍ତାତ୍ରେୟ ନାୟକଙ୍କୁ ପୋଲିସ ମାଡ଼ ମାରିବା ନିନ୍ଦନୀୟ ଘଟଣା। ରାଜ୍ୟ ସରକାର ସାମ୍ବାଦିକଙ୍କୁ କରୋନା ସମ୍ମୁଖ ଯୋଦ୍ଧା ଘୋଷଣା କରିଥିବାବେଳେ ପୋଲିସର ଏଭଳି ଅମାନୁଷିକ ଆଚରଣକୁ କଦାପି ବରଦାସ୍ତ କରାଯିବ ନାହିଁ। ଦୋଷୀ ପୋଲିସ କର୍ମଚାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ୍।

**– କ୍ଷେତ୍ରବାସୀ ମହାକୁଡ, ସଭାପତି, କେନ୍ଦୁଝର ୟୁନିୟନ ଅଫ୍ ଜର୍ନାଲିଷ୍ଟ**

## ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ



ଧରିତ୍ରୀ ପୁରୀ ଜିଲା ପ୍ରତିନିଧିଙ୍କୁ ପୋଲିସ ଯେଉଁ ଆକ୍ରମଣ କରିଛି ତାହା ନିନ୍ଦନୀୟ। ମୁଖ୍ୟମନ୍ତ୍ରୀ ଖବରଦାତାଙ୍କୁ ସମ୍ମୁଖ ଯୋଦ୍ଧା ଭାବେ ଘୋଷଣା କରିଛନ୍ତି। ଏହାର କିଛିଦିନ ମଧ୍ୟରେ ପୁରୀ ପୋଲିସର ଆକ୍ରମଣ ବହୁତ ଦୁଃଖଦ ଘଟଣା। କରୋନା କାଳରେ ଖବରଦାତା ନିଜ ଜୀବନକୁ ବାଜି ଲଗାଇ କାମ କରୁଛନ୍ତି। ପୋଲିସ କାହିଁକି ଆକ୍ରମଣ କରିଛି ଏହାର ତଦନ୍ତ ସହ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଉ।

**– ନଳିନୀ ରଞ୍ଜନ ମିଶ୍ର, ଖବରଦାତା, କନକ ଟିଭି, ନବରଙ୍ଗପୁର**

## ଆଇନ ବିରୋଧୀ, ଦଣ୍ଡନୀୟ



ଧରିତ୍ରୀ ଖବରଦାତାଙ୍କୁ ପୁରୀରେ ପୋଲିସର ମାରପିଟକୁ ମୁଁ ନିନ୍ଦା କରୁଛି। ରାଜ୍ୟ ସରକାର ଖବରଦାତାଙ୍କୁ ସମ୍ମୁଖ ଯୋଦ୍ଧା ଘୋଷଣା କରିଛନ୍ତି। ତାଙ୍କ ଉପରେ ପୁରୀ ପୋଲିସ ଅକ୍ରମଣ କରିବା ସମସ୍ତ ଜନସାଧାରଣଙ୍କ କଣ୍ଠରୋଧ ସହ ସମାନ। ଗଣତନ୍ତ୍ରର ଚତୁର୍ଥସ୍ତମ୍ଭକୁ ଆକ୍ରମଣ ଖୁବ୍ ନିନ୍ଦନୀୟ ଓ ଦଣ୍ଡନୀୟ। ତେଣୁ ତଦନ୍ତ କରି ଦୋଷୀଙ୍କୁ ଦଣ୍ଡଦେବା ଜରୁରୀ।

**– ତପନ ଦେବନାଥ, ଉମରକୋଟ ଓକିଲ ସଂଘ ସଭାପତି**

## ପୋଲିସ ବ୍ରିଟିଶ ଶାସନ ଭଳି କାର୍ଯ୍ୟ କରୁଛି



ପ୍ରେସ୍ ହେଉଛି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ। ପୁରୀ ଜିଲା ଧରିତ୍ରୀର ସାମ୍ବାଦିକ ଦତ୍ତାତ୍ରେୟ ନାୟକଙ୍କୁ ପୋଲିସ ମାଡ଼ମାରିବା ଘଟଣା ଗଣତନ୍ତ୍ର ପ୍ରତି ଅସମ୍ମାନ। ଏହାକୁ ଘୋର ନିନ୍ଦା କରୁଛି। ପୋଲିସ ବ୍ରିଟିଶ ଶାସନ ଭଳି କାର୍ଯ୍ୟ କରିଥିବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

**– ମନୋଜ କୁମାର ପାଢ଼ୀ, ବରିଷ୍ଠ ଆଇନଜୀବୀ ଦେବଗଡ଼**

## ପୋଲିସର ଗୁଣ୍ଡାଗିରି ଗଣତନ୍ତ୍ର ପ୍ରତି ବିପଦ



କାର୍ଯ୍ୟରତ ଖବରଦାତାଙ୍କୁ ପୋଲିସ ମାଡ ମାରିବା ଘଟଣାକୁ ମୁଁ ଦୃଢ ଭାବେ ନିନ୍ଦା କରୁଛି। ଦିନକୁ ଦିନକୁ ଖବରଦାତାଙ୍କ ଉପରେ ପୋଲିସର ଅମାନବୀୟ ଅତ୍ୟାଚାର ଓ ବର୍ବରତା ବଢ଼ିବାରେ ଲାଗିଛି। ଜଣେ ଖବରଦାତାଙ୍କ ପ୍ରତି ପୋଲିସର ଗୁଣ୍ଡାଗିରି ଗଣତନ୍ତ୍ର ପ୍ରତି ବିପଦ। ଏଥିରେ ଯେଉଁମାନେ ବି ସମ୍ପୃକ୍ତ, ସେମାନଙ୍କ ଉପରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯାଉ।

**– କୁମର ମଣି ଦୁର୍ଗା, ସମ୍ପାଦକ ଜୁନାଗଡ ସାମ୍ବାଦିକ ସଂଘ**

## ପୋଲିସ ବର୍ବରତା ସୀମା ଟପିଯାଇଛି



ପୁରୀ ପୋଲିସର ବର୍ବରତା ସୀମା ଟପିଯାଇଥିବା ମନେ ହେଉଛି। ଖବର ସଂଗ୍ରହ ସାମ୍ବାଦିକଙ୍କ ପ୍ରମୁଖ କାମ ହୋଇଥିବା ବେଳେ ତାଙ୍କୁ କୌଣସି ପ୍ରକାରେ ଏଥିରୁ ରୋକାଯିବା ଉଚିତ ନୁହେଁ। ଧରିତ୍ରୀର ପୁରୀ ପ୍ରତିନିଧିଙ୍କ ଉପରେ ପୋଲିସ ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ ଘଟଣା। ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

**– ସମ୍ପଦ କୁମାର ଅଗ୍ରୱାଲ, ଦୂରଦର୍ଶନ ସାମ୍ବାଦିକ, ବୌଦ୍ଧ**

## ଉଚ୍ଚସ୍ତରୀୟ ତଦନ୍ତ ଜରୁରୀ



ରାଜ୍ୟରେ ସବୁ ସମୟରେ ଗଣମାଧ୍ୟମ କର୍ମଚାରୀଙ୍କ ପ୍ରତି ଆକ୍ରମଣ ହେଉଛି। ପୁରୀରେ ଖବରଦାତାଙ୍କ ପ୍ରତି ହୋଇଥିବା ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ। ଏହାର ଉଚ୍ଚସ୍ତରୀୟ ତଦନ୍ତ ହେବା ଜରୁରୀ। ରାଜ୍ୟରେ ଗଣମାଧ୍ୟମ ପ୍ରତିନିଧିଙ୍କ ସୁରକ୍ଷା ନିମନ୍ତେ ଗଣମାଧ୍ୟମ ସୁରକ୍ଷା ଆଇନ୍ ପ୍ରଣୟନର ଆବଶ୍ୟକତା ରହିଛି।

**– ସମୀର କୁମାର ଆଚାର୍ଯ୍ୟ, ଖବରଦାତା, ବ୍ରହ୍ମପୁର**

ଧରିତ୍ରୀ
DHARITRI
ସୋମବାର, ୩୧ ମେ, ୨୦୨୧

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୭,୦୮,୭୭,୭୭୭ | ୩୫,୫୩,୬୩୬ | ୧୫,୨୯,୨୫,୧୦୮ |
| ଭାରତ | ୨,୮୦,୪୧,୩୧୪ | ୩,୨୯,୦୧୪ | ୨,୫୬,୫୯,୬୩୪ |
| ଓଡ଼ିଶା | ୭,୫୬,୬୮୪ | ୨୭୧୯(+୫୩) | ୬,୭୦,୫୨୨ |

ରବିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



## ସଂକ୍ଷେପରେ

### ଦନ୍ତା ହାତୀ ଆକ୍ରମଣରେ ଜଣେ ମୃତ

**ନାକଟିଦେଉଳ,୩୦।୫(ଡ଼ି.ଏନ.ଏ.):** ରବିବାର ଏକ ଦନ୍ତା ହାତୀ ଆକ୍ରମଣରେ ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ବଡ଼ମାଳ ଗ୍ରାମର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଡ଼ମାଳ ଗ୍ରାମ ରାଣୀବଣିଆ ସାହିର ଭାର୍ଜିଲ ଲାକ୍ରା(୪୬)। ପ୍ରକାଶ ଯେ, ସକାଳେ ଭାର୍ଜିଲ ଗ୍ରାମର କେତେଜଣ ବ୍ୟକ୍ତିଙ୍କ ସହ ନିକଟସ୍ଥ ଜଙ୍ଗଲକୁ ଜଙ୍ଗଲି କନ୍ଦା ଖୋଳିବାକୁ ଯାଇଥିଲେ। ତେବେ ମଧ୍ୟାହ୍ନରେ କନ୍ଦା ଖୋଳୁଥିବା ବେଳେ ସେ ଏକ ଦନ୍ତା ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ଅନ୍ୟମାନେ ସେଠାରୁ ଜୀବନ ବିକଳରେ ଦୌଡ଼ି ପଳାଇ ଯିବାକୁ ସକ୍ଷମ ହୋଇଥିବା ବେଳେ ଭାର୍ଜିଲ ଖସି ଯାଇ ପାରି ନ ଥିଲେ। ଫଳରେ ହାତୀଟି ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ମାରି ଦେଇଥିଲା। ସାଙ୍ଗରେ ଯାଇଥିବା ଗ୍ରାମବାସୀ ଏ ସମ୍ପର୍କରେ ଗ୍ରାମରେ ଜଣାଇଥିଲେ। ପରେ ଗ୍ରାମବାସୀ ଘଟଣାସ୍ଥଳକୁ ଯାଇ ଭାର୍ଜିଲଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଖବରପାଇ ରେଢ଼ାଖୋଲ ପୋଲିସ ଏବଂ ବନବିଭାଗର କର୍ମଚାରୀମାନେ ପହଞ୍ଚି ମୃତଦେହ ଉଦ୍ଧାର କରି ରେଢାଖୋଲ ଡାକ୍ତରଖାନାକୁ ପଠାଇଥିଲେ। ସୋମବାର ସକାଳେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ଏ ନେଇ ରେଢ଼ାଖୋଲ ପୋଲିସ ଏକ ମାମଲା ରୁଜୁ କରିଛି।

### ବିଦ୍ୟୁତ୍ ଖୁଣ୍ଟ ପୋତିବାକୁ ନେଇ ଗୋଷ୍ଠୀ ସଂଘର୍ଷ

#### ଉଭୟ ପକ୍ଷରୁ ୧୦ ଆହତ

**ବାହାନଗା,୩୦।୫(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକ କଲ୍ୟାଣି ଗ୍ରାମରେ ବିଦ୍ୟୁତ୍ ଖୁଣ୍ଟ ପୋତିବାକୁ ନେଇ ରବିବାର ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଛି। ଏଥିରେ ଉଭୟ ପକ୍ଷର ୧୦ଜଣ ଆହତ ହୋଇଛନ୍ତି। ସମସ୍ତ ଆହତ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଏନେଇ ଉଭୟ ପକ୍ଷରୁ ଗୋପାଳପୁର ଫାଣ୍ଡିରେ ପୃଥକ ଭାବେ ଅଭିଯୋଗ କରାଯାଇଛି। ବାତ୍ୟା ୟାସ୍ ପ୍ରଭାବରେ ବାଲେଶ୍ୱର ଜିଲା ବାହାନଗା ବ୍ଲକରେ ବ୍ୟାପକ କ୍ଷତି ଘଟିଛି। ବିଶେଷ କରି ସମସ୍ତ ଗ୍ରାମକୁ ବିଦ୍ୟୁତ କିପରି ଯୁଦ୍ଧକାଳୀନ ଭିତ୍ତିରେ ଯୋଗାଇ ଦିଆଯିବ ସେନେଇ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ନିଜେ ରହି କାର୍ଯ୍ୟ ତଦାରଖ କରୁଛନ୍ତି। କଲ୍ୟାଣି ପଞ୍ଚାୟତ ସରପଞ୍ଚ କିଛି ବିଦ୍ୟୁତ ଖୁଣ୍ଟ ଆଣି ଗ୍ରାମରେ ରଖିଥିବା ତାଙ୍କ ସମର୍ଥକମାନେ କହୁଥିବା ବେଳେ ସେହି ଖୁଣ୍ଟକୁ ଅନ୍ୟ ଏକ ଗୋଷ୍ଠୀ ଅନ୍ୟତ୍ର ପୋତି ଦେବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହେବା ପରେ ହାତାହାତି ଆରମ୍ଭ ହୋଇଯାଇଥିଲା। ଆକ୍ରମଣରେ ଉଭୟପକ୍ଷ ଆହତ ହୋଇଥିଲେ।

### ପାଣିରେ ବୁଡ଼ି ୨ ମୃତ

**କେନ୍ଦୁଝର/ସଜନାଗଡ, ୩୦।୫ (ଡି.ଏନ୍.ଏ.):** କେନ୍ଦୁଝର ଓ ବାଲେଶ୍ୱର ଜିଲାରେ ରବିବାର ପାଣିରେ ବୁଡ଼ି ୨ଜଣଙ୍କ ମୃତ୍ୟୁ ହୋଇଛି। କେନ୍ଦୁଝର ଜିଲା ଶୁଆକାଟୀ ଫାଣ୍ଡି ଅଧୀନ ଉରୁମୁଣ୍ଡା ଅଞ୍ଚଳର ଅନାମ ମୁଣ୍ଡା ନିକଟସ୍ଥ ଏକ ପୋଖରୀକୁ ଗାଧୋଉଥିବା ବେଳେ ତାଙ୍କ ସ୍ତ୍ରୀ କୂଳରେ ଲୁଗା ସଫା କରୁଥିଲେ। ହଠାତ୍ ଅନାମଙ୍କ ଗୋଡ ଖସିଯିବାରୁ ସେ ପାଣିରେ ବୁଡିଯାଇଥିଲେ। ତାଙ୍କ ସ୍ତ୍ରୀ ତାଙ୍କୁ ଉଦ୍ଧାର କରିବାରେ ବିଫଳ ହୋଇ ଘର ଲୋକଙ୍କୁ ଡାକିଥିଲେ। ଖୋଜାଖୋଜି କରାଯାଇଥିଲେ ମଧ ଅନାମଙ୍କୁ ଠାବ କରାଯାଇ ପାରି ନ ଥିଲା। ସ୍ଥାନୀୟ ପୋଲିସ ଏବଂ ଅଗ୍ନିଶମ ବାହିନୀ ଅନାମଙ୍କ ମୃତଦେହ ଉଦ୍ଧାର କରିଥିଲେ। ଏନେଇ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସେହିପରି ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ବରହମପୁର ଥାନା ଭଗାବନ୍ଧ ଗ୍ରାମର ପ୍ରକାଶ ପଲେଇ (୫୯) ପୋଖରୀରେ ଗାଧୋଉଥିବା ବେଳେ ଅସାବଧାନତାବଶତଃ ଗୋଡ଼ ଖସିଯିବାରୁ ବୁଡିଯାଇ ପ୍ରାଣ ହରାଇଛନ୍ତି। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ପୋଖରୀରେ ଖୋଜାଖୋଜି କରି ମୃତଦେହକୁ ପାଇଥିଲେ। ଏନେଇ ବରହମପୁର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୦/୨୧) ରୁଜୁ ହୋଇଛି।

### ବିଷ ପିଇ ନାବାଳିକା ମୃତ

**କେନ୍ଦୁଝର, ୩୦।୫(ଡି.ଏନ୍.ଏ.):** କେନ୍ଦୁଝର ଜିଲା ପଣ୍ଡାପଡା ଥାନା କମାରଗୋଡା ଅଞ୍ଚଳର ଜଣେ ନାବାଳିକା ବିଷ ପିଇ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତରଖାନାରେ ମୃତ୍ୟୁବରଣ କରିଥିବା ଜଣାପଡିଛି। ସେ ହେଲେ ମେନିଷା ନାଏକ। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପଣ୍ଡାପଡା ପୋଲିସ ନାବାଳିକାଙ୍କ ମୃତଦେହ ଜବତ କରିବା ସହ ତଦନ୍ତ ଜାରି ରଖିଛି।


# ୨୭ଶହ ଟପିଲା କରୋନା ମୃତ୍ୟୁ

## ୩୩ ମୃତ, ୯,୫୪୧ ଆକ୍ରାନ୍ତ

**ଭୁବନେଶ୍ୱର, ୩୦।୫(ବ୍ୟୁରୋ)**

ରାଜ୍ୟରେ ସଂକ୍ରମଣ ହ୍ରାସ ପାଉଥିଲେ ମଧ ମୃତ୍ୟୁ ସଂଖ୍ୟା କମୁନି। ଗତ କିଛିଦିନ ହେବ ଲଗାତର ଭାବେ ଦୈନିକ କରୋନା ମୃତ୍ୟୁ ୩୦ ଉପରେ ରହୁଛି। ଗତ ୨୪ ଘଣ୍ଟା ମଧ୍ୟରେ ୧୩ ଜିଲାରୁ ଆଉ ୩୩ଜଣଙ୍କ ଜୀବନ ନେଇଛି ମହାମାରୀ। ଫଳରେ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୨,୭୧୯କୁ ବୃଦ୍ଧି ପାଇଛି। ଅନୁଗୋଳ ଜିଲାରୁ ସର୍ବାଧିକ ୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ବୌଦ୍ଧ, କଳାହାଣ୍ଡି, ନବରଙ୍ଗପୁର ଓ ସୁନ୍ଦରଗଡ଼ ଜିଲାରୁ ୩ଜଣ ଲେଖାଏ, କଟକ, ଦେବଗଡ଼, ଗଜପତି, କନ୍ଧମାଳ, କେନ୍ଦୁଝର ଓ ଖୋର୍ଦ୍ଧା ଜିଲାରୁ ୨ ଜଣ ଲେଖାଏ ଏବଂ କୋରାପୁଟ, ଗଞ୍ଜାମ, ମାଲକାନଗିରି ଓ ରାୟଗଡ଼ାରୁ ଜଣେ ଲେଖାଏ ଆକ୍ରାନ୍ତ ଆଖି ବୁଜିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଅନ୍ୟପଟେ ରାଜ୍ୟରେ ଗତ ୨୪ ଘଣ୍ଟାରେ ୬୬,୦୫୭ ନମୁନା ପରୀକ୍ଷା ହୋଇଥିଲା। ଏଥିରୁ ୯,୫୪୧ ରିପୋର୍ଟ ପଜିଟିଭ ଆସିଛି। ଏମାନଙ୍କ ମଧ୍ୟରୁ ୫,୩୪୩ଜଣ କ୍ୱାରାଣ୍ଟାଇନ୍‌ରୁ ଚିହ୍ନଟ ହୋଇଥିବାବେଳେ ୪,୧୯୮ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ତେବେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧,୩୪୨ଜଣ ନୂଆ ଆକ୍ରାନ୍ତ ରହିଛନ୍ତି। ସେହିଭଳି କଟକରୁ ୭୧୬, ମୟୂରଭଞ୍ଜ ୬୯୫, ସୁନ୍ଦରଗଡ଼ ୫୯୫, ଅନୁଗୋଳ ୫୬୨, ପୁରୀ ୫୨୮, ଯାଜପୁର ୪୮୯, ଭଦ୍ରକ ୪୬୪, କଳାହାଣ୍ଡି ୩୧୫, ବାଲେଶ୍ୱର ୩୦୨, ଜଗତ୍‌ସିଂହପୁର



୨୯୯, ବରଗଡ଼ ୨୮୪, ନବରଙ୍ଗପୁର ୨୫୪, ସୁବର୍ଣ୍ଣପୁର ୨୪୫, ନୟାଗଡ଼ ୨୩୦ ଓ ସମ୍ବଲପୁରରୁ ୨୨୯ଜଣ ରହିଥିବାବେଳେ ବାକିସବୁ ଜିଲାରୁ ଏହାଠାରୁ କମ୍ ସଂଖ୍ୟକ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ ସଂକ୍ରମିତ ସଂଖ୍ୟା ୭,୫୬,୬୮୪ରେ ପହଞ୍ଚିଛି।

## ପର୍ଯ୍ୟାପ୍ତ ଟିକା ମିଳିଲେ ୩ ମାସରେ ସରିବ ଟିକାକରଣ

**ଭୁବନେଶ୍ୱର, ୩୦।୫(ବ୍ୟୁରୋ)**

କରୋନା ଟିକା ପାଇଁ ଗ୍ଲୋବାଲ ଟେଣ୍ଡର ବ୍ୟବସ୍ଥା ହୋଇଛି। ଏହା ମାଧ୍ୟମରେ ୩ କୋଟି ୮୨ ଲକ୍ଷ ଡୋଜ୍ ଟିକା ଆଣିବା ପାଇଁ ଲକ୍ଷ୍ୟ ରଖାଯାଇଛି। ପର୍ଯ୍ୟାପ୍ତ ଟିକା ମିଳିଗଲେ ୩ ମାସରେ ସମସ୍ତଙ୍କୁ ଟିକାକରଣ ସରିଯିବ ବୋଲି ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର କହିଛନ୍ତି। ରାଜ୍ୟରେ ଚାଲିଥିବା ଟିକାକରଣ ସଂକ୍ରାନ୍ତରେ ସୂଚନା ଦେଇ ସେ କହିଛନ୍ତି, ପାଖାପାଖି ୯୮% ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକାକରଣ ସରିଛି। ୧୦୦% କରୋନା ଯୋଦ୍ଧାଙ୍କୁ ଟିକା ଦିଆଯାଇଛି। ୪୫ ବର୍ଷରୁ ଅଧିକ ବୟସ ବର୍ଗଙ୍କୁ ୪୧% ଟିକାକରଣ ସରିଛି। ଦ୍ୱିତୀୟ ଡୋଜ୍ ଟିକାର ଅବଧି ବଢ଼ିଥିବାରୁ ଏବେ ସମସ୍ୟା ନାହିଁ। ସମସ୍ତଙ୍କୁ ପ୍ରଥମ ଡୋଜ୍ ଟିକା ଦେବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ୫ଟି ମହାନଗର ନିଗମରେ ୧୮ରୁ ୪୪ ବର୍ଷ ବୟସ ବର୍ଗଙ୍କୁ ଟିକା ଦିଆଯାଉଛି। ୬ଟି ଜିଲା ସଦର ମହକୁମାରେ ମଧ ୧୮ ବର୍ଷରୁ ଉର୍ଦ୍ଧ୍ୱଙ୍କୁ ଟିକାଦାନ ହେଉଛି। ସେଗୁଡ଼ିକ ହେଲା ପୁରୀ, ଖୋର୍ଦ୍ଧା, ବରଗଡ଼, ଭବାନୀପାଟଣା, ନବରଙ୍ଗପୁର ଓ କୋରାପୁଟ। ତେବେ ଟିକା ଯୋଗାଣ ବଢ଼ିଲେ ରାଜ୍ୟର ଅନ୍ୟ ଅଞ୍ଚଳରେ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

ରାଜ୍ୟରେ ଦିନକୁ ଦିନ ମୃତ୍ୟୁ ସଂଖ୍ୟା ଓ ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଉଥିବା ଯୋଗୁ ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗର ଶକ୍ତି ବଢ଼ାଯାଇଥିବା ମହାପାତ୍ର ସୂଚନା ଦେଇଛନ୍ତି। କୋଭିଡ୍‌ର ଜରୁରିକାଳୀନ ମୁକାବିଲା ପାଇଁ ସବୁବେଳେ ବ୍ୟାକ୍‌ଅପ୍ ପ୍ଲାନ ପ୍ରସ୍ତୁତ କରାଯାଉଛି। ଜରୁରିକାଳୀନ ପରିସ୍ଥିତି ପାଇଁ ୩,୮୦୦ ମ୍ୟାନ୍ ପାୱାର ରିଜର୍ଭ ରଖାଯାଇଛି। ମେଡିକାଲ କଲେଜର ଇର୍ଣ୍ଟର୍ନ, ପିଜି ଛାତ୍ର, ଟିଚିଂ ଓ ନର୍ସିଂ କର୍ମଚାରୀଙ୍କୁ ମଧ ଏଥିରେ ସାମିଲ କରାଯାଇଛି। ସେହିଭଳି ୭୦୦ ଡାକ୍ତରଙ୍କୁ କୋଭିଡ୍ ପାଇଁ ଫିଲ୍ଡରେ ନିୟୋଜିତ କରାଯାଇଥିବାବେଳେ ୭୮୬ଜଣ ନୂଆ ଡାକ୍ତର ଓ ୫,୬୯୫ ଜଣ ନର୍ସିଂ ଅଫିସରଙ୍କୁ ନିଯୁକ୍ତି ଦିଆଯାଇଥିବା ପ୍ରଦୀପ୍ତ ମହାପାତ୍ର ସୂଚନା ଦେଇଛନ୍ତି।




ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ରବିବାର ଚାଇନାରୁ ଆସିଥିବା ଖାଲି ଅକ୍ସିଜେନ୍ ସିଲିଣ୍ଡର ବୋଝେଇ ବିମାନ।

# ଚାଇନାରୁ ଆସିଲା ଖାଲି ଅକ୍ସିଜେନ ସିଲିଣ୍ଡର

**ଭୁବନେଶ୍ୱର, ୩୦।୫(ବ୍ୟୁରୋ)**

ଚାଇନାରୁ ଓଡ଼ିଶା ଆସିଛି ଖାଲି ଅକ୍ସିଜେନ ସିଲିଣ୍ଡର। ସିଲିଣ୍ଡର ଧରି ଆସିଥିବା କାର୍ଗୋ ବିମାନଟି ରବିବାର ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଛି। ଖୁବଶୀଘ୍ର ଏହି ଅକ୍ସିଜେନ ସିଲିଣ୍ଡରଗୁଡ଼ିକୁ ରାଜ୍ୟର ବିଭିନ୍ନ ମେଡିକାଲକୁ ପଠାଯିବ। ସେହିପରି ଆବଶ୍ୟକସ୍ଥଳେ ଅକ୍ସିଜେନ ସିଲିଣ୍ଡରକୁ ମହଜୁଦ ରଖାଯିବ। ଏ ନେଇ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ ଟୁଇଟ୍ କରି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଚାଇନାରୁ ଆସିଥିବା ଏହି ସିଲିଣ୍ଡର ଏବଂ ଆଗକୁ ଆସିବାକୁ ଥିବା ସିଲିଣ୍ଡର କରୋନା ମୁକାବିଲା କ୍ଷେତ୍ରରେ ବେଶ ସହାୟକ ହେବ। ଅକ୍ସିଜେନ ଅଭାବରୁ କୌଣସି ରୋଗୀ ଯେପରି ଅସୁବିଧାର ସମ୍ମୁଖୀନ ନ ହେବେ ସେନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ଚାଇନାରୁ ଅକ୍ସିଜେନ୍ ସିଲିଣ୍ଡର ଆସିବା ଦେଶରେ ପ୍ରଥମ ବୋଲି ତ୍ରିପାଠୀ କହିଛନ୍ତି। ସେପଟେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସମସ୍ତ କୋଭିଡ୍ ସଂକ୍ରମିତଙ୍କ ପାଇଁ ଅମ୍ଳଜାନର ଉପଲବ୍ଧତାକୁ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ବିଦେଶରୁ ମେଡିକାଲ ଅକ୍ସିଜେନ୍ ସିଲିଣ୍ଡର ଆଣୁଛି। ଆର୍ସେଲର ମିତ୍ତଲ ନିପନ୍ ଷ୍ଟିଲ୍ ଇଣ୍ଡିଆର କର୍ପୋରେଟ୍ ସାମାଜିକ ଦାୟିତ୍ୱ ମାଧ୍ୟମରେ ଅକ୍ସିଜେନ ସିଲିଣ୍ଡରର ଏହି ପ୍ରଥମ ଲଟ୍ ପହଞ୍ଚିଛି।

# ବରଗଡ଼ ଆସୁଛି ଛତିଶଗଡ଼ ଧାନ

**ବରଗଡ଼ ଅଫିସ୍,୩୦।୫**

ବରଗଡ଼ ଜିଲାରେ ଧାନ କିଣାବିକା ପ୍ରକ୍ରିୟାରେ ଏଯାଏ ସୁଧାର ଆସିନାହିଁ। ଝଡ଼ବର୍ଷା, ଟୋକନ କଟକଣା ଚାଷୀଙ୍କ ଧାନ ବିକ୍ରିରେ ବାଧକ ସାଜିଛି। ଜିଲାର ଚାଷୀମାନେ ଧାନ ବିକ୍ରି କରି ପାରୁ ନ ଥିବାବେଳେ ପଡ଼ୋଶୀ ଛତିଶଗଡ଼ର ଧାନ ବରଗଡ଼କୁ ଆସୁଛି। ଏ ନେଇ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ସେଥିରେ ସମ୍ପୃକ୍ତ ଲୋକଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରାଯାଉଥିବା ଅଭିଯୋଗ ହୋଇଛି।

ଗତ ୨୩ ତାରିଖ ରାତିରେ ଛତିଶଗଡ଼ରୁ ଆସୁଥିବା ଏଭଳି ୨ଟି ଧାନ ବୋଝେଇ ଟ୍ରକ୍ ପଦ୍ମପୁର ନିକଟ ଝାଙ୍କରପାଲି ଛକରେ ଧରାପଡ଼ିଥିଲା। ଏହି ଘଟଣାରେ ଏଫ୍‌ଆଇଆର୍ ଦିଆଯାଇଛି ବୋଲି ପଦ୍ମପୁର ଯୋଗାଣ ନିରୀକ୍ଷକ ସୁନୀତା ନାହାକ କହିଛନ୍ତି। ମାତ୍ର ଘଟଣାକୁ ସପ୍ତାହେ ବିତିଯାଇଥିଲେ ସୁଦ୍ଧା ଏଯାଏ ଠୋସ୍ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଏଭଳି ଅନେକ ଧାନ ବୋଝେଇ ଟ୍ରକ୍ ଛତିଶଗଡ଼ରୁ ବରଗଡ଼ ଆସୁଛି ଏବଂ ସେଗୁଡ଼ିକ ଜିଲାର ବିଭିନ୍ନ ମିଲ୍‌କୁ ଯାଉଛି ବୋଲି ଆଲୋଚନା ହେଉଛି। ପଡ଼ୋଶୀ ଛତିଶଗଡ଼ରୁ ଝାରବନ୍ଧ, ଅମ୍ବାଭୋନା, ପାଇକମାଳ, ପଦ୍ମପୁର, ସୋହେଲା ଅଞ୍ଚଳର ବିଭିନ୍ନ ଗଳାବାଟ ଦେଇ ଟ୍ରକ, ହାଇୱା ଗାଡ଼ିରେ ଜିଲାକୁ ବହୁ ପରିମାଣରେ ଧାନ ଆସୁଛି ଏବଂ ତାହା ବିଭିନ୍ନ ରାଇସ ମିଲରେ ଗଚ୍ଛିତ ରହୁଛି। ଯୋଗାଣ ବିଭାଗ ଠିକ୍ ଭାବେ ମିଲ୍ ଗୁଡ଼ିକୁ ଯାଞ୍ଚ କଲେ ତାହା ପଦାକୁ ଆସିବ ବୋଲି ଚାଷୀନେତା ରମେଶ ମହାପାତ୍ର କହିଛନ୍ତି। ସେହିପରି ଚାଷୀନେତା ହର ବଣିଆ କହିଛନ୍ତି, ଛତିଶଗଡ଼ ସରକାର ରବିଧାନ ସଂଗ୍ରହ କରନ୍ତି ନାହିଁ। ଫଳରେ ବରଗଡ଼ର ବେପାରୀ ଛତିଶଗଡ଼ରେ କମ୍‌ଦରରେ ଧାନ କିଣି ଏଠାକୁ ଆଣୁଛନ୍ତି ଏବଂ ବିଭାଗୀୟ ଅଧିକାରୀଙ୍କୁ ହାତ କରି ଏଠାରେ ଧାନ ବିକୁଛନ୍ତି। ସେହି ଧାନ ମଣ୍ଡିକୁ ଆସୁନାହିଁ ଏବଂ ସିଧାସଳଖ ମିଲ୍‌ଗୁଡ଼ିକୁ ଯାଉଥିବା ବଣିଆ କହିଛନ୍ତି। ଛତିଶଗଡ଼ରୁ ବରଗଡ଼କୁ ଏଭଳି ଆସୁଥିବା ଧାନକୁ ହାଲୁକା ଭାବେ ଗ୍ରହଣ କଲେ ଜିଲାରେ ଧାନବିକ୍ରି ସମସ୍ୟା ଆହୁରି ବଢ଼ିଯିବ। ଜିଲାର ଚାଷୀମାନେ ଧାନ ବିକ୍ରି କରି ପାରି ନ ଥିଲେ ମଧ ଫଲ୍ସ ଏଣ୍ଟ୍ରି ମାଧ୍ୟମରେ ଛତିଶଗଡ଼ ଧାନକୁ ନେଇ ଟାର୍ଗେଟ୍ ପୂରିଯିବ ଏବଂ ଜିଲାର ଚାଷୀମାନେ ଆଉ ଧାନ ବିକ୍ରି କରି ପାରିବେ ନାହିଁ। ଫଳରେ ପ୍ରଶାସନ ପ୍ରତ୍ୟେକ ମିଲ୍‌ରେ ଗଚ୍ଛିତ ରହିଥିବା ଧାନ ଯାଞ୍ଚ ସହିତ ଯେଭଳି ଛତିଶଗଡ଼ରୁ ବରଗଡ଼କୁ ଧାନ ପ୍ରବେଶ କରିପାରିବନାହିଁ, ସେଥିପ୍ରତି ଠୋସ୍ ପଦକ୍ଷେପ ନେବା ଦରକାର ବୋଲି ବଣିଆ କହିଛନ୍ତି। ଏ ନେଇ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରଜନୀକାନ୍ତ ଦାଶଙ୍କୁ ତାଙ୍କ ମୋବାଇଲ ନମ୍ବର ୯୪୩୮୨୦୦୦୩୩ରେ ଯୋଗାଯୋଗ କରାଯାଇଥିଲା। ମାତ୍ର ମୋବାଇଲ ବନ୍ଦ ଥିବାରୁ ତାଙ୍କ ମତାମତ ମିଳିପାରିନାହିଁ।

- ଫଲ୍ସ ଏଣ୍ଟ୍ରି ମାଧ୍ୟମରେ ଟାର୍ଗେଟ୍ ପୂରିଯିବ
- ଧାନ ବିକିପାରିବେନି ଜିଲାର ଚାଷୀ



ବରଗଡ଼ ଜିଲା ଝାରବନ୍ଧ ମଣ୍ଡିରେ ବିକ୍ରି ଅପେକ୍ଷାରେ ପଡ଼ିଥିବା ଧାନ।

# ୧୦ ଅକ୍ସିଜେନ୍ ସିଲିଣ୍ଡର ଜବତ

## କଳାବଜାର ରୋକିବାକୁ ହେଲ୍ପଲାଇନ ନମ୍ବର ଜାରି



ଜବତ ଅକ୍ସିଜେନ୍ ସିଲିଣ୍ଡର।

**ଛତ୍ରପୁର(ଡି.ଏନ୍.ଏ.)/ ବ୍ରହ୍ମପୁର ଅଫିସ,୩୦।୫**

କରୋନା ଦ୍ୱିତୀୟ ଲହରରେ ସଂକ୍ରମିତଙ୍କ ଅକ୍ସିଜେନସ୍ତର କମି ଯାଉଥିବାରୁ ରୋଗୀଙ୍କ ବିପଦ ବଢୁଛି। ତେଣୁ ରୋଗୀଙ୍କୁ ତୁରନ୍ତ ଅକ୍ସିଜେନ୍ ଦେବା ଆବଶ୍ୟକ ପଡୁଛି। ଏହାର ସୁଯୋଗ ନେଇ ଗଞ୍ଜାମ ଜିଲାରେ କେତେଜଣ ଅସାଧୁ ବ୍ୟବସାୟୀ ତଥା ଅକ୍ସିଜେନ୍ ସିଲିଣ୍ଡର କାରବାର ପାଇଁ ଲାଇସେନ୍ସ ପାଇଥିବା ଡିଲର କଳାବଜାର କରୁଥିବା ଅଭିଯୋଗ ହେଉଛି। ସେହିପରି ସିଲିଣ୍ଡର ରିଫିଲିଂ ପାଇଁ ମଧ ଅକ୍ସିଜେନ୍ ପ୍ଲାଣ୍ଟରେ ଗହଳି ହେଉଛି । ଏସବୁକୁ ଦୃଷ୍ଟିରେ ରଖି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ରବିବାର ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଣିକି କୌଣସିଠାରେ ଅକ୍ସିଜେନ ସିଲିଣ୍ଡର କଳାବଜାର ହେଉଥିଲେ କୋଭିଡ୍ ୱାରରୁମ୍‌କୁ ଜଣାଇବାକୁ ଜିଲାପାଳ ଏକ ହେଲ୍ପଲାଇନ୍ ନମ୍ବର (୦୬୮୦-୨୨୨୭୦୦୦) ଜାରି କରିଛନ୍ତି। ସରକାରୀ ନିର୍ଦ୍ଧାରିତ ଦରରେ ଅକ୍ସିଜେନ୍ ସିଲିଣ୍ଡର ରିଫିଲିଂ କରିବା ବାଧ୍ୟତାମୂଳକ। ଏଥିସହ ଡାକ୍ତରଙ୍କ ପ୍ରେସକ୍ରିପସନ୍ ଓ କୋଭିଡ୍ ରିପୋର୍ଟକୁ ଆଧାର କରି ଅକ୍ସିଜେନ୍ ସିଲିଣ୍ଡର ରିଫିଲିଂ କରାଯିବ ବୋଲି ରବିବାର ଜିଲାପାଳ ଟୁଇଟ୍ କରି ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ବ୍ରହ୍ମପୁର ନୂଆ ବସଷ୍ଟାଣ୍ଡ ନିକଟ ଶ୍ରୀସର୍ଜିକାଲସରେ ଅକ୍ସିଜେନ ସିଲିଣ୍ଡର ଚଢ଼ାଦରରେ ବିକ୍ରି କରାଯାଇଥିବା ଅଭିଯୋଗ ହୋଇ ଆସୁଥିଲା। ରବିବାର ବ୍ରହ୍ମପୁର ଡ୍ରଗ୍ସ ଇନ୍ସପେକ୍ଟର ଓ ପୋଲିସ ମିଳିତ ଭାବେ ଚଢ଼ାଉ କରି ୧୦ଟି ଅକ୍ସିଜେନ ସିଲିଣ୍ଡର ଜବତ କରିଛନ୍ତି। ବ୍ରହ୍ମପୁର ଡ୍ରଗ୍ସ ଇନ୍ସପେକ୍ଟର ଦେବାଶିଷ କାଲୋ, ଛତ୍ରପୁର ଡ୍ରଗ୍ସ ଇନ୍ସପେକ୍ଟର ଲଳିତ କୁମାର ସାହୁ ଓ ପୋଲିସ ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତି ଚଢ଼ାଉ କରିଥିଲେ। ସହରର ଅନ୍ୟ ଦୋକାନ ଓ ପ୍ରତିଷ୍ଠାନରେ ମଧ ଚଢ଼ାଉ କରାଯିବ ବୋଲି ଡ୍ରଗ୍ସ ଇନ୍ସପେକ୍ଟର କାଲେ ସୂଚନା ଦେଇଛନ୍ତି।

## ଅଟୋ ଡିଲରଶିପ୍ ଖୋଲିବାକୁ ଅନୁମତି ମିଳୁ

### ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲା ଏଫ୍‌ଏଡିଏ


**ଭୁବନେଶ୍ୱର,୩୦।୫**

କରୋନା କଟକଣା ଯୋଗୁ ବର୍ତ୍ତମାନ ଦେଶ ମଧ୍ୟରେ ଆର୍ଥିକ କାର୍ଯ୍ୟକଳାପ ପ୍ରଭାବିତ ହୋଇଛି। ଏଭଳି ସ୍ଥିତିରେ ଅଟୋମୋବାଇଲ ଡିଲରଶିପ୍‌ଗୁଡ଼ିକ ମଧ ବନ୍ଦ ରହିଛି। ଏହି ଡିଲରଶିପ୍‌ଗୁଡ଼ିକୁ ଖୋଲିବାକୁ ଅନୁମତି ଦେବା ଲାଗି ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ (ଏଫ୍‌ଏଡିଏ) ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ନିବେଦନ କରାଯାଇଛି।

ଏଥିରେ କୁହାଯାଇଛି ଯେ ସାମାଜିକ ଦୂରତ୍ୱ ପାଇଁ ବର୍ତ୍ତମାନ ସାଧାରଣ ପରିବହନ ଉପରେ କଟକଣା ଲାଗିଥିବାରୁ ଲୋକମାନେ ବ୍ୟକ୍ତିଗତ ଯାନରେ ଯିବାକୁ ପସନ୍ଦ କରୁଛନ୍ତି। ଫଳରେ ଯାନବାହନ ଚାହିଦା ବଢ଼ିଛି। କୋଭିଡ୍ ଯୋଦ୍ଧା, ସମ୍ମୁଖ ଯୋଦ୍ଧା ଏବଂ ଗ୍ରାହକମାନେ ବ୍ୟକ୍ତିଗତ ବ୍ୟବହାର ଲାଗି ପାସେଞ୍ଜର କାର୍ ଏବଂ ୨ ଚକିଆ ଯାନ ଡେଲିଭରି ଦେବାକୁ କହୁଛନ୍ତି। ବର୍ତ୍ତମାନ ଅତ୍ୟାବଶ୍ୟକ ସାମଗ୍ରୀ ଓ ସେବା ପହଞ୍ଚାଇବା ଲାଗି ବାଣିଜ୍ୟିକ ଯାନଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି।

ସଂଘ ପକ୍ଷରୁ କୁହାଯାଇଛି ଯେ ରାଜ୍ୟରେ ଲକ୍‌ଡାଉନ କଟକଣା ଯୋଗୁ ଗ୍ରାହକଙ୍କୁ ସେବା ଯୋଗାଇବା କଷ୍ଟକର ହେଉଛି। ସାଧାରଣତଃ ଅଟୋମୋବାଇଲ ଶୋ’ରୁମ୍‌ଗୁଡ଼ିକ ବଡ଼ ହୋଇଥିବାରୁ ଏଥିରେ ସାମାଜିକ ଦୂରତ୍ୱ ରଖିବା ସହଜ ହେବ। ୫୦% କର୍ମଚାରୀଙ୍କ ଦ୍ୱାରା ଗ୍ରାହକଙ୍କୁ ସେବା ଯୋଗାଇ ଦେବା ଲାଗି ଅନୁମତି ଦିଆଯାଉ। ଶୋ’ରୁମ୍ ପରିଚାଳନା ସମୟରେ କୋଭିଡ୍-୧୯ ନିୟମ କଡ଼ାକଡ଼ି ଭାବେ ପାଳନ, ଡିଲର ଶିପ୍ ଖୋଲି ଯାନ ବିକ୍ରି ଏବଂ ଡେଲିଭରି ସୁବିଧା ଦିଆଯିବାକୁ ନିବେଦନ କରାଯାଇଛି। ଏ କ୍ଷେତ୍ରରେ ରାଜ୍ୟ ସରକାରଙ୍କଠାରୁ ସହଯୋଗ ଆଶା କରୁଛୁ ବୋଲି ଏଫ୍‌ଏଡିଏ ଓଡ଼ିଶାର ରାଜ୍ୟ ଅଧ୍ୟକ୍ଷ ପ୍ରଦୀପ ଅଗ୍ରୱାଲ କହିଛନ୍ତି। ସେହିଭଳି ରାଜ୍ୟ ମଧ୍ୟରେ ଇଜ୍ ଅଫ୍ ଡୁଇଙ୍ଗ ବିଜ୍‌ନେସକୁ ଉତ୍ସାହିତ କରିବା ଲାଗି ସରକାର ଗ୍ରହଣ କରୁଥିବା ପଦକ୍ଷେପକୁ ସଂଘ ପକ୍ଷରୁ ଧନ୍ୟବାଦ ପ୍ରଦାନ କରାଯାଇଛି। ଦ୍ୱିତୀୟ ଲହରକୁ ରୋକିବା ଦିଗରେ ସରକାରଙ୍କ ପଦକ୍ଷେପକୁ ଚିଠିରେ ପ୍ରଶଂସା କରାଯାଇଛି।

## ୫କି.ମି. ଖଟିଆରେ ବୁହାହେଲେ ଗର୍ଭବତୀ



ଗ୍ରାମବାସୀ ଗର୍ଭବତୀଙ୍କୁ ଖଟିଆରେ ନେଇ ଡାକ୍ତରଖାନାକୁ ଯାଉଛନ୍ତି।

**ବାରିପଦା ଅଫିସ, ୩୦।୫**

ମୟୂରଭଞ୍ଜ ଜିଲା କରଞ୍ଜିଆ ବ୍ଲକ ଅଧୀନ ଦୁଧିଆଣି ପଞ୍ଚାୟତର ବଡ଼ବାରହାକାମୁଡା ଗ୍ରାମର ଜଣେ ଗର୍ଭବତୀଙ୍କୁ ୫ କିଲୋମିଟର ଖଟିଆରେ ବୋହି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ଥିବା ଜଣାପଡ଼ିଛି।

ପ୍ରକାଶ ଯେ, ହାତୀବାରିଠାରେ ନିର୍ମାଣାଧୀନ ଦେଓ ନଦୀବନ୍ଧ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବାବେଳେ ଅସ୍ଥାୟୀ ଭାବେ କିଛି ପାଣି ବାନ୍ଧି ରଖାଯାଇଥିଲା। ବାତ୍ୟା ୟାସ୍ ପ୍ରଭାବରେ ପ୍ରବଳ ବର୍ଷା ହେବାରୁ ନଦୀବନ୍ଧରେ ପାଣି ଭରିଯାଇ ଉପର ମୁଣ୍ଡରେ ଥିବା ଗାଁ ରାସ୍ତା ଜଳମଗ୍ନ ହୋଇଯାଇଛି। ଗାଁକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ କିମ୍ବା ଜନନୀ ଏକ୍ସପ୍ରେସ ଗର୍ଭବତୀଙ୍କ ନିକଟରେ ପହଞ୍ଚିପାରି ନ ଥିଲା। ଏଣୁ ପରିବାର ଲୋକେ ଗ୍ରାମବାସୀଙ୍କ ସହଯୋଗରେ ଏକ ଖଟିଆରେ ଗର୍ଭବତୀଙ୍କୁ ବୋହି ନଦୀନାଳ ଘଞ୍ଚ ଜଙ୍ଗଲ ରାସ୍ତାରେ ହାତୀବାରି ଗ୍ରାମ ନିକଟରେ ପହଞ୍ଚାଇଥିଲେ। ଏହାପରେ ଏକ ଘରୋଇ ଗାଡ଼ିରେ ତାଟୋ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କୁ ଭର୍ତ୍ତି କରାଯାଇଥିବା ଗ୍ରାମବାସୀ ନାରାୟଣ ନାଏକ ଓ କୈଶନ ନାଏକ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଲିଟିଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଶିଷ୍ଟ ପାଲା ଗାୟକ ପ୍ରହ୍ଲାଦ ସାହୁଙ୍କ ପରଲୋକ



ଖୋର୍ଦ୍ଧା ଅଫିସ/ବେଗୁନିଆ,୩୦।୫(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ ସାରୁଅ ଗ୍ରାମର ବିଶିଷ୍ଟ ପାଲା ଗାୟକ ପ୍ରହ୍ଲାଦ ସାହୁଙ୍କ ରବିବାର ନିଜ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୮୮ବର୍ଷ ହୋଇଥିଲା। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ଓଡ଼ିଶାର ପୁରପଲ୍ଲୀରେ ପରିଚିତ ପ୍ରହ୍ଲାଦ ଏକ ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିଲେ। ପିଲାବେଳୁ ତାଙ୍କର କଳା ପ୍ରତି ଆଗ୍ରହ ରହିଥିଲା। ବୟସ ବଢ଼ିବା ସହିତ ଏହା ତାଙ୍କ ନିଶାରେ ପରିଣତ ହୋଇଥିଲା। ଯୁବାବସ୍ଥାରେ ଜଣେ ଗାୟକ ଭାବେ ବିଭିନ୍ନ ମଞ୍ଚରେ କଳା ପରିବେଷଣ କରି ଅନେକ ପ୍ରଶଂସା ସାଉଁଟିଛନ୍ତି। ଗାୟକ ଭାବେ ଆକାଶବାଣୀ, କଟକ, ଦୂରଦର୍ଶନ ଏବଂ ଘରୋଇ ଟିଭି ଚ୍ୟାନେଲରେ ପାଲା ପରିବେଷଣ କରି ବହୁ ସୁନାମ ଅର୍ଜନ କରିଛନ୍ତି। ଦୀର୍ଘ ୭୦ବର୍ଷ ଧରି ସେ ଏହି କଳା ସହିତ ଜଡ଼ିତ ଥିଲେ। ଗତ ମହାଶିବରାତ୍ରିରେ ରଣପୁରରେ ସେ ଶେଷଥର ପାଇଁ ପାଲା ପରିବେଷଣ କରିଥିଲେ। ପ୍ରହ୍ଲାଦଙ୍କ ୪ପୁଅ ଓ ୩ଝିଅ ଅଛନ୍ତି। ଜ୍ୟେଷ୍ଠପୁତ୍ର ଲକ୍ଷ୍ମୀଧର ତାଙ୍କଠାରୁ ଶିକ୍ଷା ଲାଭ ପରେ ପାଲା ପରିବେଷଣ କରୁଛନ୍ତି। ଗ୍ରାମ ଶ୍ମଶାନରେ ପ୍ରହ୍ଲାଦଙ୍କ ଅନ୍ତିମ ସଂସ୍କାର କରାଯାଇଛି। ବିଧାୟକ ରାଜେନ୍ଦ୍ର ସାହୁ କହିଛନ୍ତି, ପ୍ରହ୍ଲାଦଙ୍କ ବିୟୋଗ ପାଲା ଜଗତରେ ଏକ ଅପୂରଣୀୟ କ୍ଷତି ଘଟିଲା। ଲୋକକଳା ଜଗତର ଜଣେ ଅମ୍ଳାନ ପ୍ରତିଭା ଚାଲିଗଲେ ବୋଲି ସେ କହିଛନ୍ତି। ସେହିପରି ରାଜନେତା ବିଭୁପ୍ରସାଦ ସାହୁ, କଂଗ୍ରେସ ନେତା ପ୍ରଦୀପ ସାହୁଙ୍କ ସମେତ ବହୁ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବା ସହ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି।

# କାଲିମେଳାରେ ପେଟ୍ରୋଲ ୧୦୦ ଟପିଲା

**କାଲିମେଳା,୩୦।୫(ଡି.ଏନ.ଏ.)**

ଓଡ଼ିଶା ସୀମାନ୍ତ ମାଲକାନଗିରି ଜିଲା କାଲିମେଳା ସଦରରେ ଥିବା ଏକମାତ୍ର ପେଟ୍ରୋଲ ପମ୍ପରେ ରବିବାର ସର୍ବାଧିକ ପେଟ୍ରୋଲ ଦର ଦେଖିବାକୁ ମିଳିଛି। ଏଠାରେ ପେଟ୍ରୋଲ ଲିଟର ପିଛା ୧୦୦ ଟଙ୍କା ଟପିଛି। ଏହା ରାଜ୍ୟର ସର୍ବାଧିକ ପେଟ୍ରୋଲ ଦର ବୋଲି କୁହାଯାଉଛି। ଖବରରୁ ଜଣାପଡିଛି, ରବିବାର ସାଧାରଣ ପେଟ୍ରୋଲ ଦର ଲିଟର ପିଛା ୧୦୦ ଟଙ୍କା ୭୨ ପଇସା ଥିବାବେଳେ ସିପ୍‌ଡ ପେଟ୍ରୋଲ ଦର ଲିଟର ପିଛା ୧୦୩ ଟଙ୍କା ୮୭ ପଇସା ହୋଇଛି। ସେହିପରି ଡିଜେଲ ଲିଟର ପିଛା ୯୮ଟଙ୍କା ୨୯ ପଇସା ରହିଛି, ଯାହାକି ରାଜ୍ୟରେ ଅନ୍ୟ କୌଣସି ପେଟ୍ରୋଲ ପମ୍ପରେ ଏତେ ଦର ଦେଖିବାକୁ ମିଳିନାହିଁ। ଏହି ଦର ବୃଦ୍ଧି ଡିଜେଲ, ପେଟ୍ରୋଲର ପରିବହନ ବ୍ୟବସ୍ଥା ଯୋଗୁ ହେଉଛି। ଏହା ସିଧାସଳଖ ବିଶାଖାପାଟଣା ଡିପୋରୁ ପରିବହନ ହୋଇ କାଲିମେଳା ଆସୁଥିବାରୁ ଅଧିକ ଦୂରତା ହେତୁ ଏହାର ଦାମ୍ ଅଧିକ ରହୁଥିବା ପେଟ୍ରୋଲ ପମ୍ପ ମାଲିକ କହିଛନ୍ତି। ଏହି ଦରବୃଦ୍ଧିର ପ୍ରଭାବ ସିଧାସଳଖ ସାଧାରଣ ଖାଉଟିଙ୍କ ଉପରେ ପଡିଛି। ସବୁ ସାମଗ୍ରୀର ଦର ଅହେତୁକ ଭାବେ ବୃଦ୍ଧି ପାଉଛି। ଏହାଦ୍ୱାରା ମଧ୍ୟବିତ୍ତ ଓ ଛୋଟ ପରିବାରର ଲୋକେ ବେଶି ପ୍ରଭାବିତ ହେଉଛନ୍ତି। କରୋନା ଯୋଗୁ ଲୋକଙ୍କ ଜୀବନଜୀବିକା ଉପରେ ପ୍ରଭାବ ପଡିଥିବା ବେଳେ ଦରଦାମ ବୃଦ୍ଧି ବୋଝ ଉପରେ ନଳିତା ବିଡା ବୋଲି କେତେକେ କହିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ପେଟ୍ରୋଲ ଓ ଡିଜେଲ ଉପରୁ ଟିକସ ହ୍ରାସ କଲେ ଏହାର ଦର କମିବ। ଏଥିପ୍ରତି ଉଭୟ ସରକାର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# କରୋନାରେ ପ୍ରଣୟ ମହାରଥୀଙ୍କ ବିୟୋଗ

**ପିପିଲି,୩୦।୫(ସ୍ୱ.ପ୍ର.)**



ପିପିଲି-ଡେଲାଙ୍ଗର ବିଧାୟକ ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କ ପରିବାରରେ ପୁଣି ଏକ ଦୁଃଖଦ ଘଟଣା ଘଟିଛି। ସ୍ୱର୍ଗତ ମହାରଥୀଙ୍କ ସାନଭାଇ ପ୍ରଣୟ କୁମାର ମହାରଥୀଙ୍କ ରବିବାର ସକାଳୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ତାଙ୍କୁ ୬୪ବର୍ଷ ହୋଇଥିଲା। କିଛିଦିନ ତଳେ ସେ କରୋନା ପଜିଟିଭ ଚିହ୍ନଟ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ରବିବାର ସକାଳୁ ତାଙ୍କର କରୋନାରେ ମୃତ୍ୟୁ ହୋଇଥିବା ନେଇ ତାଙ୍କ ପୁଅ ସାକ୍ଷ୍ୟ ପ୍ରତାପ ମହାରଥୀ ସୂଚନା ଦେଇଛନ୍ତି। ପ୍ରଣୟଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ପିପିଲି-ଡେଲାଙ୍ଗରେ ଶୋକରଛାୟା ଖେଳିଯାଇଛି। ଗତ ୭ମାସ ତଳେ ବିଧାୟକ ସ୍ୱର୍ଗତ ମହାରଥୀଙ୍କ ଦେହାନ୍ତ ଘଟିଥିଲା। ଏହି ଦୁଃଖରେ ପୂରା ପରିବାର ସହ ପିପିଲି-ଡେଲାଙ୍ଗବାସୀ ମର୍ମାହତ ଥିବା ବେଳେ ପୁଣି ଏବେ ତାଙ୍କ ସାନଭାଇଙ୍କ ଅକାଳ ବିୟୋଗ ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି।

# ୧୫ ରାଜ୍ୟକୁ ୪ ଜିଲା ଯୋଗାଉଛି ଅକ୍ସିଜେନ

କଟକ ଅଫିସ, ୩୦।୫: କରୋନା-୧୯ ଦ୍ୱିତୀୟ ଲହର ଯୋଗୁ ଦେଶରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଫଳରେ ବିଭିନ୍ନ ରାଜ୍ୟର କୋଭିଡ ହସ୍ପିଟାଲଗୁଡ଼ିକରେ ମେଡିକାଲ ଅକ୍ସିଜେନର ଘୋର ଅଭାବ ଦେଖାଦେଇଛି। ଉକ୍ତ ଅଭାବକୁ ପୂରଣ କରିବା ପାଇଁ ଓଡ଼ିଶା ପକ୍ଷରୁ ମେଡିକାଲ ଅକ୍ସିଜେନ ଯୋଗାଣ ଜାରି ରହିଛି। ରାଉରକେଲା, ଯାଜପୁର, ଢେଙ୍କାନାଳ ଓ ଅନୁଗୋଳ ଜିଲାରୁ ବିଭିନ୍ନ ରାଜ୍ୟକୁ ଅକ୍ସିଜେନ୍ ପଠାଯାଉଛି। ଦେଶର ୧୬ଟି ଅଭାବୀ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ (ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ହରିୟାଣା, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ତାମିଲନାଡୁ, ପଞ୍ଜାବ, ଛତିଶଗଡ଼, ଦିଲ୍ଲୀ, ବିହାର, ରାଜସ୍ଥାନ, କର୍ଣ୍ଣାଟକ, ପଶ୍ଚିମବଙ୍ଗ, କେରଳ ଏବଂ ଚଣ୍ଡିଗଡ଼)କୁ ଅକ୍ସିଜେନ ଯୋଗାଇ ଦିଆଯାଇଛି। ଗତ ୩୮ ଦିନରେ ରାଜ୍ୟ ପୋଲିସର ସୁରକ୍ଷା ବଳୟ ମଧ୍ୟରେ ୧୩୩୮ ଟ୍ୟାଙ୍କର ଓ କଣ୍ଟେନରରେ ୨୪୬୦୪.୫୪୩ ମେଟ୍ରିକ ଟନ ମେଡିକାଲ ଅକ୍ସିଜେନ ପଠାଯାଇଛି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓଲୁଅ ତିଆରେ ବଣ ସାରୁକୁ**
**ତୋର ମୋର ଯିବା ବିଭାଘରକୁ।**

ଓଲୁଅ ଓ ସାରୁ ଏକା ଗୁଣର ଅଧିକାରୀ। ଏ ଦୁଇ ପରିବାକୁ ଖାଇଲେ ପାଟି ସାଧାରଣତଃ କୁଣ୍ଡାଇ ହେଉଥିବାର ଜଣାଯାଇଥାଏ। ପରୋକ୍ଷରେ ଏକା ଗୁଣ ସମ୍ପନ୍ନ ବ୍ୟକ୍ତି କେହି କାହାକୁ ପାଖରୁ ଅନ୍ତର କରିବାକୁ ଚାହୁଁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଧ ଖାଇଲା ପାଚିଲା କଦଳୀ**
**ଘୁଷୁରି ଖାଇଲା ପାନ**
**ଭୁଆଁ ବିରାଡ଼ି ବଇଷମ ହୋଇ**
**ସଭାରେ କହୁଛି ଜ୍ଞାନ।**

ଅବିଶ୍ୱସନୀୟ ଘଟଣା ବେଳେ ବେଳେ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିଥାଏ। ନିହାତି ଅବାନ୍ତର କଥା ଶୁଣିଲେ ତାକୁ ସତ ବୋଲି ବିଶ୍ୱାସ କରିବା କଷ୍ଟକର ହୋଇଯାଇଥାଏ। ଆଜିର ଯୁଗରେ ଅନେକ ଠକ ଧାର୍ମିକ ଦେଖିବାକୁ ମିଳିଥାନ୍ତି। ବାହାରକୁ ବୈଷ୍ଣବ ବୋଲି ଦେଖେଇ ହୋଇ ଭିତରେ ଭିତରେ ଅନେକ କୁକାର୍ଯ୍ୟ କରିଥାନ୍ତି। ଏମାନଙ୍କ ମୁହଁରୁ ନୀତିବାଣୀ ଶୁଣି ମନରେ ଭ୍ରୂକୁଞ୍ଚନ ସୃଷ୍ଟି ହେବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଝାରପଡ଼ା ଜେଲ ମୁଖ୍ୟ ୱାର୍ଡର ନିଲମ୍ବିତ

**ଭୁବନେଶ୍ୱର,୩୦।୫(ବ୍ୟୁରୋ)**

**ଗଞ୍ଜେଇ ଜବତ ଘଟଣାରେ କାର୍ଯ୍ୟାନୁଷ୍ଠାନ**

ଗଞ୍ଜେଇ ଜବତ ଘଟଣାରେ ଝାରପଡ଼ା ଜେଲ୍‌ର ମୁଖ୍ୟ ୱାର୍ଡର ସୁଦର୍ଶନ ବାରିକଙ୍କୁ ରବିବାର ନିଲମ୍ବିତ କରାଯାଇଛି। 'ଅପରେଶନ କ୍ଲିନ୍ ଅପ୍'ରେ ଏହା ପ୍ରଥମ କାର୍ଯ୍ୟାନୁଷ୍ଠାନ ବୋଲି କୁହାଯାଉଛି। ରାଜ୍ୟରେ ଥିବା ଜେଲ୍‌ଗୁଡ଼ିକୁ ମୋବାଇଲ ଓ ନିଶାଦ୍ରବ୍ୟ ମୁକ୍ତ କରିବା ପାଇଁ ଏହି ଅଭିଯାନରେ ଚଢ଼ାଉ ଚାଲିଛି। ଗତ ଶନିବାର ଝାରପଡା ଜେଲରେ ଚଢାଉ କରାଯାଇ ଏକାଧିକ ମୋବାଇଲ୍ ଫୋନ ଓ ସରଞ୍ଜାମ ସହ ଗଞ୍ଜେଇ ଜବତ କରାଯାଇଥିଲା। ଏହାପୂର୍ବରୁ ମଧ୍ୟ ବିପୁଳ ମୋବାଇଲ ଓ ଅନ୍ୟାନ୍ୟ ସାମଗ୍ରୀ ମିଳିଛି। ପ୍ରାଥମିକ ତଦନ୍ତ ଆଧାରରେ ଜେଲ୍ ବିଭାଗ ଡିଜି ସନ୍ତୋଷ ଉପାଧ୍ୟାୟଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ୱାର୍ଡର ବାରିକଙ୍କ ଉପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏଥିସହ ଅଧିକ ତଦନ୍ତ ଜାରି ରହିଥିବା ଜେଲ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଝାରପଡା ଜେଲ୍ ସମେତ ରାଜ୍ୟର ବିଭିନ୍ନ ଜେଲ୍ ଭିତରକୁ ମୋବାଇଲ ଫୋନ୍ ଓ ନିଷିଦ୍ଧ ସାମଗ୍ରୀ ଯାଉଥିବା ଏବଂ ଉକ୍ତ ଫୋନ୍‌ରୁ ଅପରାଧ ନିୟନ୍ତ୍ରଣ ହେଉଥିବା ନେଇ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇଥିଲା। ଝାରପଡ଼ା ଜେଲ କର୍ମଚାରୀ ଟଙ୍କା ନେବା ଓ କଏଦୀମାନେ ଗଞ୍ଜେଇ ଟାଣି ମଉଜ କରିବାର ଭିଡିଓ ଭାଇରାଲ ହୋଇଥିଲା। ଏହାପରେ ଜେଲ୍ ବିଭାଗ ପକ୍ଷରୁ 'ଅପରେଶନ କ୍ଲିନ୍ ଅପ୍' ଅଭିଯାନରେ ଚଢ଼ାଉ ଆରମ୍ଭ ହୋଇଥିଲା। ଇତିମଧ୍ୟରେ କେବଳ ମେ' ମାସରେ ୨୧ ମୋବାଇଲ୍ ଫୋନ୍, ଚାର୍ଜର, ବ୍ୟାଟେରି, ଗଞ୍ଜେଇ ଆଦି ସାମଗ୍ରୀ ଜବତ ହୋଇଥିବାବେଳେ ଅଧିକାଂଶ ଦୁର୍ଦ୍ଦାନ୍ତ ଅପରାଧୀ ଓ ହାଇପ୍ରୋଫାଇଲ୍ କଏଦୀ ରହୁଥିବା ସେଲ୍ ନିକଟ ମାଟିତଳୁ ଏବଂ କାନ୍ଥ ଭିତରୁ ମିଳିଛି। ରାଜଧାନୀ ଛାତି ଉପରେ ଥିବା ଝାରପଡା ଜେଲ୍ ଭିତରେ ଓ ବାହାରେ କଡା ସୁରକ୍ଷା ସତ୍ତ୍ୱେ କିଭଳି ଏଭଳି ବେଆଇନ ସାମଗ୍ରୀ ଭିତରକୁ ଗଲା ତାହାକୁ ନେଇ ଜେଲ୍ ବିଭାଗର କାର୍ଯ୍ୟଧାରା ଉପରେ ପ୍ରଶ୍ନ ଉଠିବା ପରେ ଏବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା କୁହାଯାଉଛି।

## ପ୍ରଥମ ପୃଷ୍ଠାରୁ...

### ଚାଇନାରେ କରୋନା ...

ତେବେ ଏହାର ଦୁଇଦିନ ପରେ ବ୍ରିଟେନର ଗବେଷକମାନେ ଯେଉଁ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆଣିଛନ୍ତି ତାହା ଚାଇନାର ଘାତକ କାରନାମା ଓ ଅସଲ ଚେହେରା ଉପରୁ ପରଦା ହଟାଇବାରେ ସକ୍ଷମ ହୋଇପାରେ ବୋଲି କୁହାଯାଉଛି।

ବ୍ରିଟିଶ୍ ପ୍ରଫେସର ଅଙ୍ଗସ୍ ଡାଲ୍‌ଗ୍ଲେଇଶ୍ ଏବଂ ନରୱେର ବୈଜ୍ଞାନିକ ଡକ୍ଟର ବିର୍‌ଗର ସୋରେନ୍‌ସେନ ମିଳିତ ଭାବେ ଏକ ଗବେଷଣା କରିଥିଲେ। ସେମାନଙ୍କ ଗବେଷଣାମୂଳକ ନୂଆ ରିପୋର୍ଟ ରବିବାର 'ଡେଲି ମେଲ୍'ରେ ପ୍ରକାଶ ପାଇଛି। ଉକ୍ତ ରିପୋର୍ଟରେ ଦର୍ଶାଯାଇଛି ଯେ, ସାର୍ସ-କୋଭ୍-୨ ଭାଇରସ୍‌ର କୌଣସି ବିଶ୍ୱସନୀୟ ପ୍ରାକୃତିକ ପୂର୍ବଜ ନାହିଁ। ଉହାନ୍ ଲାବ୍‌ରେ ଗବେଷଣାରତ ଚାଇନା ବୈଜ୍ଞାନିକମାନେ 'ଗେନ୍ ଅଫ୍ ଫଙ୍କଶନ୍' ନାମକ ଏକ ପ୍ରକଳ୍ପକୁ ନେଇ କାମ କରୁଥିଲେ। ସେମାନେ ବିଭିନ୍ନ ଗୁମ୍ଫାରେ ରହୁଥିବା ବାଦୁଡ଼ିଗୁଡ଼ିକୁ ନେଇ ଗବେଷଣା ଜାରି ରଖିଥିବାବେଳେ କରୋନାର ଉତ୍ପତ୍ତି ହୋଇଥିଲା ବୋଲି ଏହି ରିପୋର୍ଟରେ ଦାବି କରାଯାଇଛି। ବୈଜ୍ଞାନିକମାନେ ଗୁମ୍ଫାରେ ରହୁଥିବା ଏକ ନିର୍ଦ୍ଦିଷ୍ଟ ପ୍ରଜାତିର ବାଦୁଡ଼ିକୁ ପରୀକ୍ଷାନିରୀକ୍ଷା କରୁଥିବାବେଳେ ପ୍ରାକୃତିକ କରୋନା ଭାଇରସ୍‌ର 'ବ୍ୟାକ୍‌ବୋନ୍' ବାହାରିଥିଲା ଏବଂ ସେଥିରୁ କିଛି ଅଂଶ ଏକ ନୂଆ 'ସ୍ପାଇକ୍' ସହ ଯୋଡ଼ିବାରୁ ତାହା ଘାତକ ଓ ଅଧିକ ସଂକ୍ରାମକ କୋଭିଡ୍-୧୯ର ରୂପ ନେଇଥିଲା। ଉକ୍ତ ଗବେଷଣାମୂଳକ ନିବନ୍ଧରେ ଆହୁରି ଉଲ୍ଲେଖ କରାଯାଇଛି ଯେ, କୋଭିଡ୍-୧୯ ନମୁନାରେ ଏକ 'ୟୁନିକ୍ ଫିଙ୍ଗରପ୍ରିଣ୍ଟ' ଦେଖିବାକୁ ମିଳିଛି, ଯାହା ଲାବରେଟୋରିରେ କୌଶଳରେ କାର୍ଯ୍ୟ ସମ୍ପାଦନ ବେଳର ହୋଇଥାଇପାରେ। ତେବେ ଚାଇନାର ଯେଉଁ ବୈଜ୍ଞାନିକମାନେ ଏହାକୁ ନେଇ କିଛି କହିଛନ୍ତି, ସେମାନଙ୍କ ମୁହଁ ବନ୍ଦ କରାଯାଇଛି। ଏପରି କି ଅନେକ ବୈଜ୍ଞାନିକଙ୍କ ଠିକଣା ମିଳୁନାହିଁ। ଲାବ୍ ପକ୍ଷରୁ ଜାଣିଶୁଣି ସମସ୍ତ ତଥ୍ୟକୁ ନଷ୍ଟ କରାଯାଇଛି ବୋଲି ୨୨ ପୃଷ୍ଠା ସମ୍ବଳିତ ଉକ୍ତ ଅଧ୍ୟୟନରେ ଅଭିଯୋଗ ଅଣାଯାଇଛି। ଏହି ରିପୋର୍ଟ ପ୍ରକାଶ ପାଇବା ପରେ ସାରା ବିଶ୍ୱକୁ ବିପର୍ଯ୍ୟୟ ମୁହଁକୁ ଠେଲିଦେଇଥିବା କରୋନା ଭାଇରସ୍‌ର ଜନ୍ମଦାତା ଚାଇନା ବୋଲି ହେଉଥିବା ବିତର୍କକୁ ଏବେ ବଳ ମିଳିଛି।

### ଶୀର୍ଷରେ ପହଞ୍ଚି ସାରିଛି ...

ଆନ୍ଧ୍ର ଓ ପଶ୍ଚିମବଙ୍ଗ ସୀମାନ୍ତ ସିଲ୍ କରାଯାଇଛି। ମେ' ଦ୍ୱିତୀୟ ସପ୍ତାହରେ ସଂକ୍ରମଣ ହାର ବଢ଼ିଥିଲା। ଶେଷ ୩ ସପ୍ତାହ ହେବ ସଂକ୍ରମଣ ଲଗାତର କମୁଛି। ଏବେ ସଂକ୍ରମଣ ହାର ହ୍ରାସ ପାଇ ୧୪%ରେ ପହଞ୍ଚିଛି। ତେବେ କେବଳ ୯ ଜିଲାରେ ରାଜ୍ୟର ୬୦% ସଂକ୍ରମଣ ରହିଛି। ସେହି ଜିଲାଗୁଡ଼ିକ ହେଲା ଖୋର୍ଦ୍ଧା, କଟକ, ଅନୁଗୋଳ, ସୁନ୍ଦରଗଡ଼, ପୁରୀ, ମୟୂରଭଞ୍ଜ, ବାଲେଶ୍ୱର ଓ ବରଗଡ଼। ସେହିପରି ୧୯ ଜିଲାରେ ସଂକ୍ରମଣ ହାର କମିଥିବାବେଳେ ୫ ଜିଲାରେ ୫% ତଳେ ରହିଛି ସଂକ୍ରମଣ। ତେବେ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ସଂକ୍ରମଣ ଆହୁରି କମିବାର ଆମେ ଆକଳନ କରୁଛୁ ବୋଲି ମହାପାତ୍ର କହିଛନ୍ତି। ଅନ୍ୟପଟେ ରାଜ୍ୟରେ ସାଧାରଣ ଓ ଆଇସିୟୁ ବେଡ୍ ମଧ୍ୟ ଆଗ ଅପେକ୍ଷା ଅଧିକ ଖାଲି ରହିଛି। ଆଗକୁ ଆହୁରି ୩୬୮ଟି ଆଇସିୟୁ ବେଡ୍ ଓ ୭୦ଏଚ୍‌ଡିୟୁ ବେଡ୍ ବ୍ୟବସ୍ଥା ପାଇଁ ପ୍ରସ୍ତୁତି ଚାଲିଛି। ସେହିପରି ଅକ୍ସିଜେନ୍ ଯୋଗାଣରେ ମଧ୍ୟ ଓଡ଼ିଶା ଆଗକୁ ବଢ଼ିବା ସହିତ ଅନ୍ୟ ରାଜ୍ୟକୁ ଅକ୍ସିଜେନ୍ ଯୋଗାଣ କରିପାରିଛି। କରୋନା ଚିକିତ୍ସାରେ ବ୍ୟବହୃତ ଟୋସିଲିଜୁମାବ୍ ଔଷଧ ରାଜ୍ୟକୁ ପ୍ରଥମେ ଲିମିଟେଡ୍ ଯୋଗାଣ ହେଉଥିଲା। ପରେ ପର୍ଯ୍ୟାପ୍ତ ପରିମାଣରେ ଆସିଥିଲା। ଏବେ ତାହାକୁ ରାଜ୍ୟର ୧୦ ସ୍ଥାନରେ ରଖାଯାଇଛି। ବିଶେଷଜ୍ଞଙ୍କ ମତାମତ ପରେ ତାହା ତୁରନ୍ତ ଚିକିତ୍ସା ପାଇଁ ବ୍ୟବହାର କରାଯାଇପାରିବ। ଏହାଛଡ଼ା କିଛିଦିନ ତଳେ ସ୍ୱୀକୃତିପ୍ରାପ୍ତ ଡିଆର୍‌ଡିଓ ୨ଜି ଔଷଧ ଏବେବି ମାର୍କେଟିଂ ହୋଇନାହିଁ। କିନ୍ତୁ ଆମେ ଆଗୁଆ ପାଖାପାଖି ୫ହଜାର ଅର୍ଡର ଦେଇସାରିଛୁ। ଆମେ ଆଶା କରୁଛୁ ଆସନ୍ତା ୭ରୁ ୧୦ତାରିଖ ଭିତରେ ଏହି ଔଷଧ ଆମେ ଓଡ଼ିଶାରେ ପାଇପାରିବୁ। ତେବେ ଆଗକୁ ରଜ, ସାବିତ୍ରୀ ଆସୁଛି। ଏହି ସମୟରେ ଲୋକମାନେ ଅଧିକ ସତର୍କ ହେବା ଉଚିତ୍। ନଚେତ୍ କରୋନା ସଂକ୍ରମଣ ପୁଣି ବଢ଼ିପାରେ। ଲୋକମାନେ ନିଜେ ସଚେତନ ହେଲେ ହିଁ ଆମେ କରୋନାକୁ ପରାସ୍ତ କରିପାରିବା ବୋଲି ପ୍ରଦୀପ୍ତ ମହାପାତ୍ର କହିଛନ୍ତି।

### ଦସ୍ତାବିଜ ନେଇ ଡୋମିନିକା ...

ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏଥିରେ ତାଙ୍କ ହାତରେ କ୍ଷତଚିହ୍ନ ଥିବାବେଳେ ଆଖି ଲାଲ ହୋଇଯାଇଥିବା ଦେଖିବାକୁ ମିଳିଛି। ଏହି ମୋଷ୍ଟ ୱାଣ୍ଟେଡ୍ ବ୍ୟବସାୟୀଙ୍କୁ ଡୋମିନିକା ପୋଲିସ ଗିରଫ କରିବାବେଳେ ମାଡ଼ମାରିଥିବା ତାଙ୍କ ଓକିଲ କହିଛନ୍ତି। ୬୨ ବର୍ଷୀୟ ମେହୁଲ ଚୋକ୍‌ସୀଙ୍କ ପିଏନ୍‌ବି ଋଣ ଦୁର୍ନୀତି ସାମ୍ନାକୁ ଆସିବା ପରେ ସେ ଓ ତାଙ୍କ ଭଣଜା ନୀରବ ମୋଦି ଭାରତରୁ ଫେରାର ହୋଇଯାଇଥିଲେ। ଚୋକ୍‌ସୀ କାରିବିଆନ୍ ଦ୍ୱୀପ ରାଷ୍ଟ୍ର ଆଣ୍ଟିଗୁଆରେ ନାଗରିକତ୍ୱ ଗ୍ରହଣ କରି ସେଠାରେ ଆତ୍ମଗୋପନ କରିଥିଲେ। ତେବେ ଧରାପଡ଼ି ଭାରତକୁ ପ୍ରତ୍ୟର୍ପଣ କରାଯିବା ଭୟରେ ଚୋକ୍ସି ନିକଟରେ ଡୋମିନିକା ଚାଲିଯାଇଥିବା ଦୁଇଦିନ ତଳେ ଡୋମିନିକା ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଆଣ୍ଟିଗୁଆ ପ୍ରଧାନମନ୍ତ୍ରୀ ବ୍ରାଉନେ କହିଛନ୍ତି, ଚୋକ୍‌ସୀ ରୋମାନ୍ସ କରିବା ପାଇଁ ତାଙ୍କ ଗର୍ଲଫ୍ରେଣ୍ଡଙ୍କ ସହ ଡୋମିନିକା ଯାଇଥିବା ନେଇ ଆମେ ଖବର ପାଇଥିଲୁ। କିନ୍ତୁ କେବଳ ଚୋକ୍‌ସୀ ଧରାପଡ଼ିଛନ୍ତି। ପଳାତକ ବ୍ୟବସାୟୀଙ୍କ ପ୍ରତ୍ୟର୍ପଣ ପାଇଁ ଭାରତରୁ ଏକ ଘରୋଇ ବିମାନ ଆବଶ୍ୟକ ଦସ୍ତାବିଜ ନେଇ ଆସିଛି। ଉକ୍ତ ବିମାନଟି କାତାର ଏକ୍‌ଜିକ୍ୟୁଟିଭ୍ ଫ୍ଲାଇଟ୍ ଏ୭ସିଇଇ। ଏହା ମେ' ୨୮ ଅପରାହ୍ନ ୩ଟା ୪୪ରେ ଦିଲ୍ଲୀ ବିମାନବନ୍ଦରରୁ ବାହାରି ମାଡ୍ରିଡ୍ ଦେଇ ସ୍ଥାନୀୟ ସମୟ ରାତି ୧ଟା ୧୬ରେ ଡୋମିନିକାରେ ଅବତରଣ କରିଥିଲା। ଅନ୍ୟପକ୍ଷରେ ଡୋମିନିକା ହାଇକୋର୍ଟ ଜୁନ୍ ୨ରେ ଚୋକ୍‌ସୀଙ୍କ ମାମଲାର ଶୁଣାଣି ପର୍ଯ୍ୟନ୍ତ ତାଙ୍କ ପ୍ରତ୍ୟର୍ପଣ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି।

### ୧୬ ପର୍ଯ୍ୟନ୍ତ ଲକ୍‌ଡାଉନ୍ ...

ତଳମୁହାଁ ହୋଇଛି। ଏହାକୁ ଆଖି ଆଗରେ ରଖି ରାଜ୍ୟ ସରକାର ପୁଣି ଏହାର ଅବଧି ବୃଦ୍ଧି କରିଛନ୍ତି। ତେବେ ପଶ୍ଚିମାଞ୍ଚଳର କେତେକ ଜିଲାରେ ସଂକ୍ରମଣ ହାର ହ୍ରାସ ପାଇଥିଲେ ସୁଦ୍ଧା ଖୋର୍ଦ୍ଧା, କଟକ ଓ ଅନୁଗୋଳ ଆଦି ଉପକୂଳ ଜିଲାଗୁଡ଼ିକରେ ସଂକ୍ରମଣ ହ୍ରାସର ହାର କମ୍ ରହିଛି। କୋଭିଡ୍ ମହାମାରୀ ସହ ଓଡ଼ିଶା 'ୟାସ୍' ପରି ଅତି ଭୀଷଣ ବାତ୍ୟାର ସମ୍ମୁଖୀନ ହୋଇଛି। ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ପୁନରୁଦ୍ଧାର କାର୍ଯ୍ୟ ଚାଲୁ ରହିଛି ଏବଂ ଏଥିରେ ବହୁ କର୍ମଚାରୀ ଦିନରାତି କାର୍ଯ୍ୟ କରୁଛନ୍ତି। ଏସବୁ ସ୍ଥାନରେ ସଂକ୍ରମଣର ଆଶଙ୍କା ମଧ୍ୟ ରହିଛି। ଏହି ସମସ୍ତ ସ୍ଥିତିକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଲକ୍‌ଡାଉନ୍‌ର ଅବଧି ୧୬ ଦିନ ପାଇଁ ବୃଦ୍ଧି କରାଗଲା ବୋଲି ମହାପାତ୍ର କହିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ କରୋନାର ଦ୍ୱିତୀୟ ଲହର ସ୍ଥିତି ଭୟଙ୍କର ହେବାରୁ ସରକାର ଲକ୍‌ଡାଉନ୍ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ସଂକ୍ରମଣର ଶୃଙ୍ଖଳ ଭାଙ୍ଗିବା ପାଇଁ ପ୍ରଥମେ ମେ' ୫ରୁ ୧୯ ଯାଏ ସାରା ରାଜ୍ୟକୁ ଲକ୍‌ଡାଉନ୍ ଘୋଷଣା କରାଯାଇଥିଲା। ପରେ ଏହାକୁ ଜୁନ୍ ୧ ତାରିଖ ସକାଳ ୫ଟା ଯାଏ ବୃଦ୍ଧି କରାଯାଇଥିଲା। ଲକ୍‌ଡାଉନ୍‌ରୁ ସଫଳତା ମିଳୁଥିବାରୁ ରାଜ୍ୟ ସରକାର ପୁଣି ଲକ୍‌ଡାଉନ୍ ଅବଧି ବୃଦ୍ଧି କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସାମଗ୍ରିକ ଦିଗରୁ ସୁଖ, ସୌଭାଗ୍ୟ ଲାଭ କରିବାରେ ଅସୁବିଧା ହେବନାହିଁ। ଖର୍ଚ୍ଚଭାରର ଆଧିକ୍ୟ, ପୁରାତନ ରୋଗପୀଡ଼ା, ପୂର୍ବ ଶତ୍ରୁତାକୁ ନେଇ ଚିନ୍ତିତ ରହିପାରନ୍ତି। ଭାଇ, ପଡ଼ୋଶୀ କିମ୍ବା ସମ୍ପର୍କୀୟମାନେ କଟୁ କଥା କହି ମାନସିକ ଆଘାତ ଦେଇପାରନ୍ତି। ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେଇ ସମସ୍ୟାକୁ ସୁଧାରି ନେବାରେ ପ୍ରଯତ୍ନ କରିବେ।

**ବୃଷ** ବୁଦ୍ଧିମତ୍ତା ହିଁ ସବୁ କ୍ଷେତ୍ରରେ ଅନୁକୂଳ ପରିବେଶ ସୃଷ୍ଟି କରିବ। ଆଜି ଯେମିତି ଚାହୁଁଛନ୍ତି ସେମିତି ପାଇବେ। ଭଲ ପାଇବାକୁ କେନ୍ଦ୍ରକରି ସମସ୍ୟାରେ ଜଡ଼ିତ ହୋଇପାରନ୍ତି। ଆଲୋଚନାରେ ତର୍କ, ବିବାଦୀୟ କଥା ଓ ପିଲାଙ୍କ ସମସ୍ୟା ନେଇ ବ୍ୟସ୍ତତା ବଢ଼ିପାରେ। ମନୋରଞ୍ଜନର ଖୋରାକ ଯୋଗାଇ ଦେବାରେ ବନ୍ଧୁ ସହଯୋଗ କରିବେ।

**ମିଥୁନ** ଆପଣଙ୍କ ଭଲ କାମର ପ୍ରଶଂସା ବଦଳରେ ନିନ୍ଦୁକ ଈର୍ଷାପରାୟଣ ବ୍ୟକ୍ତିମାନେ ନିନ୍ଦା ଗାଇବେ। ଘରକୁ ଆସି ଫେରି ଯାଇଥିବା ବନ୍ଧୁ ପୁଣି ଲେଉଟି ଆସିପାରନ୍ତି। ବକେୟା ମାଗିବା କାରଣରୁ ପରିସ୍ଥିତି ଉତ୍ତେଜନାମୂଳକ ହୋଇପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ କିଛିଟା ସମସ୍ୟା ଦେଖାଦେବାର ଆଶଙ୍କା ରହିଛି।

**କର୍କଟ** ଘରେ ହେଉ କିମ୍ବା ଅଫିସରେ, ଅନ୍ୟମାନଙ୍କ ବେଖାତିର ମନୋଭାବ ହେତୁ ରାଗ କରିବେ। ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବେ। ପ୍ରତିଦ୍ୱନ୍ଦ୍ୱୀ, ଦୋଷାରୋପ କରି ସମସ୍ୟାକୁ ବଢ଼ାଇଦେବେ। ପରିବାରରେ ପୁରୁଣା ସମସ୍ୟାଗୁଡ଼ିକ ତୁଟି ଯାଇଥଲେ ମଧ୍ୟ ଆକସ୍ମିକ ଭାବେ ନୂତନ ସମସ୍ୟା ଦେଖାଦେବ।

**ସିଂହ** ବର୍ତ୍ତମାନ ପରିସ୍ଥିତିରେ ଅନ୍ୟମାନଙ୍କ ସହ ଶତ୍ରୁତା କଲେ କ୍ଷତିରେ ପଡ଼ିବେ। ହଜି ଯାଇଥିବା ଟଙ୍କା କିମ୍ବା ଦରକାରୀ କାଗଜପତ୍ର କୌଣସି ଅଲଗା ସ୍ଥାନରେ ରଖି ଚିନ୍ତିତ ଓ ବିରକ୍ତ ହୋଇପାରନ୍ତି। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ବିଦେଶ ଯାତ୍ରାକୁ ମନ ବଳାଇବେ। ପରୋକ୍ଷ ଶତ୍ରୁତା ପ୍ରତି ସଜାଗ ରହି କାମ କରିବା ଭଲ ହେବ।

**କନ୍ୟା** କର୍ମକ୍ଷେତ୍ରରେ ନିଜର ଭୁଲ ବୁଝାମଣାଜନିତ ବିଶୃଙ୍ଖଳିତ କାର୍ଯ୍ୟ ସମସ୍ୟା ସୃଷ୍ଟିର ମୂଳ କାରଣ ହେବ। ଈର୍ଷା ଓ ଅସୂୟା ମନୋଭାବ ପୋଷଣ କରି ନିଜ ଲୋକମାନେ ଶତ୍ରୁତା ଆଚରଣ କରିପାରନ୍ତି। ନିଜ ପରିସରରେ କୌଣସି ସ୍ପର୍ଶକାତର କଥାରେ ଚିହ୍ନା ପଡ଼ନ୍ତୁ ନାହିଁ। ସାଧାରଣ କଥାରେ ପାଟିତୁଣ୍ଡ ହୋଇ କଚେରି ପର୍ଯ୍ୟନ୍ତ ଯାଇପାରନ୍ତି।

**ତୁଳା** ବନ୍ଧୁମାନଙ୍କ ସହାୟତାରେ ବହୁ କଷ୍ଟ ସ୍ୱୀକାର କରି ଟଙ୍କା ଯୋଗାଡ଼ କରିବାରେ ସକ୍ଷମ ହେବେ। ଟାଉଟରି କରୁଥିବା ଲୋକଟି ପ୍ରତି ସତର୍କ ରୁହନ୍ତୁ, ନଚେତ୍ ଅସୁବିଧାରେ ପଡ଼ିପାରନ୍ତି। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଭଲ ପାଉଥିବା ବାନ୍ଧବୀଟି କ୍ରମଶଃ ଦୂରେଇ ଯିବ। ସତର୍କତା ଅଭାବରୁ ଟଙ୍କା, ସୁନା, ଚୋରି ହୋଇ ଯାଇପାରେ।

**ବିଛା** ରାଶିରେ କେତୁଙ୍କ କୁପ୍ରଭାବରୁ ଲକ୍ଷ୍ୟଭ୍ରଷ୍ଟ ହୋଇ ଅସଲ କାମ ଛାଡ଼ି ମରୀଚିକା ପଛରେ ଧାଇଁପାରନ୍ତି। କୌଣସି ବନ୍ଧୁଙ୍କ ମିଥ୍ୟା ପ୍ରତିଶ୍ରୁତିରେ ଭଳିଗଲେ ତାହା ପାରିବାରିକ ଜୀବନରେ ପ୍ରତିକୂଳ ପ୍ରଭାବ ପକାଇବ। ପ୍ରତ୍ୟେକ ଦିଗରୁ ଖର୍ଚ୍ଚ କମାଇବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

**ଧନୁ** ଅନ୍ୟମାନଙ୍କ କଥାରେ ମୁଣ୍ଡ ପୂରାଇଲେ ଅପମାନିତ ହେବାକୁ ପଡ଼ିପାରେ। ବିଭିନ୍ନ ସମସ୍ୟା ଭିତରେ ସାହାଯ୍ୟ ସହଯୋଗ ପାଇଁ ବନ୍ଧୁ ଦ୍ୱାରସ୍ଥ ହୋଇପାରନ୍ତି। ତେଣେ ସହକର୍ମୀମାନଙ୍କ କେବଳ ଉପଦେଶ ଶୁଣି ଶୁଣି ମନରେ ବିରକ୍ତି ଆସିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ଅର୍ଥ ସମ୍ପର୍କୀୟ ଟଣାଓଟରା ଲାଗିପାରେ।

**ମକର** ଆଜି ଦିନଟିରେ ଅର୍ଥଲାଭ ଓ ବନ୍ଧୁ ମିଳନରୁ ମଧ୍ୟ ମନ ଖୁସି ରହିବ। ଅପରାହ୍ନେ ବନ୍ଧୁଙ୍କ ଆଗମନ ଯୋଗୁ ମଉଜ ମଜଲିସ୍‌ରେ ସମୟ ଅତିବାହିତ କରିପାରନ୍ତି। କର୍ମକ୍ଷେତ୍ରରେ ଖଳ ଲୋକମାନଙ୍କକୃତ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବେ। କିନ୍ତୁ ଧନିଷ୍ଠା ନକ୍ଷତ୍ର ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ।

**କୁମ୍ଭ** କାର୍ଯ୍ୟ ହାସଲ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହେବେ। ପାରିବାରିକ ସ୍ଥିତି ଶାନ୍ତ ରହିବ। କୌଣସି କ୍ଷେତ୍ରରେ ଅଧୈର୍ଯ୍ୟ ହୁଅନ୍ତୁ ନାହିଁ, ବନ୍ଧୁଙ୍କ ସହାନୁଭୂତି ନିଶ୍ଚୟ ଲାଭ କରିବେ। ଈର୍ଷାପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ମନରେ ଆଘାତ ଦେବା ଭଳି ମନ୍ତବ୍ୟ ଦେଇପାରନ୍ତି।

**ମୀନ** ଅତୀତ ଘଟଣାକୁ ଯେତେ ଭାବିବେ, ସେତେ ମନ ବିଷାକ୍ତ ଲାଗିବ। ଫାଇଲ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରି କୃତକାର୍ଯ୍ୟ ହୋଇପାରନ୍ତି। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଚିନ୍ତାଜନକ ସ୍ଥିତି ସୃଷ୍ଟି କରିପାରେ।

ଆଜି ଜ୍ୟେଷ୍ଠ କୃଷ୍ଣ ଷଷ୍ଠୀ ସୋମବାର, ମେ ୩୧ ତାରିଖ, ବିଶ୍ୱ ତମାଖୁ ନିରୋଧୀ ଦିବସ, ରାଶି ନକ୍ଷତ୍ର-ଶ୍ରବଣା/ମକର, ମିଥୁନ ରାଶିର ଘାତବାର, ସିଂହ ରାଶିର ଘାତଚନ୍ଦ୍ର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୮।୪୦ ଗତେ ଘ.୧୦।୨୫ ମଧ୍ୟେ ଅମୃତବେଳା। ରାତ୍ରି ଘ.୦୩।୪୩ ଗତେ ଘ.୦୪।୨୭ ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ.୦୬।୪୯ ଗତେ ଘ.୦୮।୨୭ ମଧ୍ୟେ ରାହୁକାଳ।


classifieds Everyday
0674-2580101, 2549302





**SALE**

Residential Plots at Nakhara (Anantapur) Dadhichi, Madanpur (Opp.) GEC, Sundarpada (Balabhadrapur), Rangabazar, Pahala. 7978209813. D-70848





Monalisa massage club : All types body massage with hiprofile smart lady rooms service available 9708545108. D-20791

**LOST**

ମୁଁ ଶ୍ରୀ ସୁବାସ ଚନ୍ଦ୍ର ଦାସ, ପିତା: ଭାଗୀରଥି ଦାସ, ଗ୍ରାମ: ଖଟୁଆ ସାହି, ପୋ: ହେଙ୍ଗୁପତି, ଥାନା: ଚାନ୍ଦବାଲି, ଜିଲ୍ଲା: ଭଦ୍ରକ ବାସିନ୍ଦା ଅଟୁ। ମୁଁ ଏତଦ୍ୱାରା ଘୋଷଣା କରୁଅଛି ଯେ ଗତ ୨୪।୦୮।୨୦୧୭ ଚରମ୍ପା ବଜାରଠାରେ ମୋର କ୍ରୟ ସମ୍ପତ୍ତି ଚାନ୍ଦବାଲି ସବ୍‌ରେଜିଷ୍ଟ୍ରରଙ୍କ ଇଜିଲାସରେ ସମ୍ପାଦିତ ଦଲିଲ ନମ୍ବର ୮୩୬ ତା ୦୩।୦୫।୧୯୯୪ ହଜିଯାଇଅଛି। ଏହା ସୂର୍ଯ୍ୟ ରଞ୍ଜନ ମିଶ୍ରଙ୍କ ନୋଟାରୀ ପବ୍ଲିକ୍ ଇଜିଲାସ ସମ୍ପାଦିତ ସତ୍ୟପାଠ ନଂ. ୭୧୧୪ ତା୨୪।୦୮।୨୦୧୭ ଓ ଭଦ୍ରକ ଟାଉନ୍ ଥାନା ସିଡ଼ି ନଂ. ୧୭/୧୭ରେ ଏହା ପଞ୍ଜୀକୃତ ହୋଇଅଛି। ୪- ୨୦୮୦୬

**Happy Birthday**



On your special day, I want you to know that we love you and you are the sweetest daughter of the house. Happy Birthday beautiful sister!
Happy Birthday Little.
**Best Wishes:** Bapuni Family & Relatives.
D-20809

**ପାଠକଙ୍କ ପାଇଁ ସୂଚନା**


କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଠଣଠଣା ପୋଖରୀରୁ ହରିଣ ଉଦ୍ଧାର

ପିପିଲି,(ଡି.ଏନ୍.ଏ.): ପିପିଲି ବ୍ଲକ ଅନ୍ତର୍ଗତ ଦୁର୍ଗାଦାଶପୁର ପଞ୍ଚାୟତର ଠଣଠଣା ଗ୍ରାମ ବେଲପୋଖରୀ ସାହିରୁ ରବିବାର ଏକ ହରିଣକୁ ଜଙ୍ଗଲ ବିଭାଗ ପହଞ୍ଚି ଉଦ୍ଧାର କରିଛି। ହରିଣଟି ଜଙ୍ଗଲ ଛାଡି ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହୋଇ ଯାଇଥିବା ବେଳେ କୁକୁରଙ୍କ ଭୟରେ ଦୌଡ଼ି ଆସି ଠଣଠଣା ଗ୍ରାମ ନିକଟ ପୋଖରୀରେ ପଡ଼ିଯାଇଥିଲା। ଗ୍ରାମବାସୀ ଦେଖି ପାଣିରୁ ହରିଣଟିକୁ ଉଦ୍ଧାର କରି ଜଙ୍ଗଲ ବିଭାଗକୁ ଖବର ଦେଇଥିଲେ। ପିପିଲିର ଜଙ୍ଗଲ ବିଭାଗ ଅଧିକାରୀ ବିଶ୍ୱନାରାୟଣ ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ ବୋଲେରୋ ଗାଡିରେ ଘଟଣାସ୍ଥଳରେ ପହଞ୍ଚି ହରିଣଟିକୁ ଉଦ୍ଧାର କରିଥିଲେ। ପରେ ବାଲିପାଟଣାସ୍ଥିତ ଭଂରାଗଡ ଜଙ୍ଗଲରେ ସୁରକ୍ଷିତ ସ୍ଥାନରେ ହରିଣଟିକୁ ଛାଡି ଦେଇଥିଲେ।

**ସଂକ୍ଷେପରେ**

## ସଂସ୍କୃତି ବିଭାଗର ୟୁଟ୍ୟୁବ୍ ଚ୍ୟାନେଲ୍ ଲୋକାର୍ପିତ




ଭୁବନେଶ୍ୱର, ୩୦।୫ (ବ୍ୟୁରୋ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସରକାରୀ ୟୁଟ୍ୟୁବ୍ ଚ୍ୟାନେଲ ରବିବାର ଲୋକାର୍ପଣ ହୋଇଯାଇଛି। ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ସୁଦୂରପ୍ରସାରି କରିବା ତଥା ବିଭାଗର ବିଭିନ୍ନ କଳା, ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ଭିଜୁଆଲ୍ ମାଧମରେ ଦେଶ ବିଦେଶରେ ଲୋକଲୋଚନକୁ ଆଣିବା ପାଇଁ ଏହି ପ୍ରଚେଷ୍ଟା ଆରମ୍ଭ କରାଯାଇଛି। ୟୁଟ୍ୟୁବ୍ ଚ୍ୟାନେଲକୁ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଓ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଲୋକାର୍ପଣ କରିଥିଲେ। ବାସୁଦେବ ମାଳବିଶୋଇଙ୍କ ରଚନା, ସଙ୍ଗୀତ ଓ କଣ୍ଠରେ ପ୍ରସ୍ତୁତ କରୋନା ସଚେତନତା ଗୀତରୁ ଏହାର ଶୁଭାରମ୍ଭ କରାଯାଇଥିଲା। ସରକାରଙ୍କ ଅନୁମୋଦନକ୍ରମେ ଓଡ଼ିଶା ଡଟ୍ କମ୍ ସହାୟତାରେ ଏହା ପ୍ରସ୍ତୁତ କରାଯାଇଛି।

# ୧୪ ଜିଲ୍ଲାରୁ ୪.୨୫ ଲକ୍ଷ ମେଟ୍ରିକ୍ ଟନ୍ ରବିଧାନ କ୍ରୟ

ଭୁବନେଶ୍ୱର,୩୦।୫(ବ୍ୟୁରୋ)

ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ପାକ୍ସ/ଲ୍ୟାମ୍ପସ୍ ଜରିଆରେ ରବିଧାନ କିଣା ଆରମ୍ଭ ହୋଇଛି। ବର୍ତ୍ତମାନ ସୁଦ୍ଧା ୧୪ ଜିଲ୍ଲାରୁ ମୋଟ ୬୩,୮୨୭ଜଣ ଚାଷୀଙ୍କ ନିକଟରୁ ୭୯୩କୋଟି ଟଙ୍କାରେ ୪ ଲକ୍ଷ ୨୫ ହଜାର ମେଟ୍ରିକ ଟନ୍ ରବିଧାନ କ୍ରୟ କରାଯାଇଛି। ବିଭିନ୍ନ ଜିଲାରେ ଥିବା ୧୦୨୦ଟି କେନ୍ଦ୍ର ମାଧମରେ ରବିଧାନ ସଂଗ୍ରହ କରାଯାଉଛି। ଆଗକୁ ସୋସାଇଟିଗୁଡ଼ିକରେ କୋଭିଡ୍ ନିୟମକୁ ପାଳନ କରି ରବିଧାନ ସଂଗ୍ରହକୁ ତ୍ୱରାନ୍ୱିତ କରାଯିବ। ଏଥିସହିତ ନାମ ପଞ୍ଜୀକରଣ କରିଥିବା ଚାଷୀମାନେ ଯେପରି ସହଜରେ ମଣ୍ଡିରେ ଧାନ ବିକ୍ରି କରିପାରିବେ ସେ ନେଇ ସମସ୍ତ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପାକ୍ସ ଓ କ୍ଷେତ୍ର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ବରଗଡ଼ ଜିଲାରେ ସର୍ବାଧିକ ୨ ଲକ୍ଷ ୮ ହଜାର ୮୯ ମେଟ୍ରିକ୍ ଟନ୍ ରବି ଧାନ ସଂଗ୍ରହ କରାଯାଇଥିବାବେଳେ ଏହା ତଳକୁ ସୁବର୍ଣ୍ଣପୁରରେ ୮୧,୮୨୪ ମେଟ୍ରିକ୍ ଟନ୍, ସମ୍ବଲପୁରରେ ୫୩,୬୩୦ ମେଟ୍ରିକ୍ ଟନ ଓ କଳାହାଣ୍ଡି ଜିଲାରେ ୫୦,୬୧୦ ମେଟ୍ରିକ୍ ଟନ୍ ରହିଛି। ରବିଧାନ ସଂଗ୍ରହ କାର୍ଯ୍ୟ ଆସନ୍ତା ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାନୁସାରେ, ଚଳିତ ବର୍ଷ ରବିଧାନ



■ବରଗଡ଼ରୁ ସର୍ବାଧିକ ୨ଲକ୍ଷ ୮ହଜାର ୮୯ ମେଟ୍ରିକ୍ ଟନ୍


■ଖୁବ୍‌ଶୀଘ୍ର କୋରାପୁଟ, ଖୋର୍ଦ୍ଧା, ଯାଜପୁରରେ ଆରମ୍ଭ ହେବ

ସଂଗ୍ରହ ପାଇଁ ମୋଟ ୨ ଲକ୍ଷ ୩୨ ହଜାର ୪୦୯ ଜଣ ଚାଷୀ ନାମ ପଞ୍ଜୀକରଣ କରିଥିଲେ। ଅଦ୍ୟାବଧି ୨ ଲକ୍ଷ ୨୦ ହଜାର ୨୪୩ ଜଣ ଚାଷୀଙ୍କ ଜମିଜମା ବାବଦ ତଥ୍ୟ, ବ୍ୟାଙ୍କ୍ ଆକାଉଣ୍ଟ, ଆଧାର କାର୍ଡ, ଜଳସେଚିତ ଜମିର ପରିମାଣ ଆଦିର ଯାଞ୍ଚ ପ୍ରକ୍ରିୟା ସରିଛି। ଏମାନଙ୍କ ମଧ୍ୟରୁ ୬୩ ହଜାର ୮୨୭ ଜଣ ଚାଷୀଙ୍କଠାରୁ ମୋଟ ୪ ଲକ୍ଷ ୨୫ ହଜାର ମେଟ୍ରିକ୍ ଟନ୍ ଧାନ କିଣା ସରିଛି। ଏବେ ବାଲେଶ୍ୱର, ବରଗଡ଼, ବଲାଙ୍ଗୀର, ବୌଦ୍ଧ, କଟକ, ଝାରସୁଗୁଡ଼ା, କଳାହାଣ୍ଡି, ମୟୂରଭଞ୍ଜ, ନବରଙ୍ଗପୁର, ନୂଆପଡ଼ା, ପୁରୀ, ରାୟଗଡ଼ା, ସମ୍ବଲପୁର ଏବଂ ସୁବର୍ଣ୍ଣପୁର ଜିଲାରେ ଧାନ ସଂଗ୍ରହ କରାଯାଉଥିବାବେଳେ ଖୁବ୍‌ଶୀଘ୍ର କୋରାପୁଟ, ଖୋର୍ଦ୍ଧା ଓ ଯାଜପୁରରୁ ରବିଧାନ ସଂଗ୍ରହ ଆରମ୍ଭ କରାଯିବ।

## ସାହିତ୍ୟ ସତ୍ୟଶୀଳତା, କଳ୍ପନା, ଦାୟିତ୍ୱବୋଧ ଉପରେ ଛିଡ଼ା ହୋଇଛି

ଭୁବନେଶ୍ୱର, ୩୦।୫ (ବ୍ୟୁରୋ)

ସାହିତ୍ୟ ଫାଷ୍ଟଫୁଡ୍ ନୁହେଁ। ଏହା ସତ୍ୟଶୀଳତା, କଳ୍ପନା, ଭାଷାର ସ୍ଥାପତ୍ୟ,ଆବେଦନ ଓ ଦାୟିତ୍ୱବୋଧ ଉପରେ ଛିଡା ହୋଇଛି। ତେଣୁ ନୂତନ ଲେଖକମାନେ ଆଗାମୀ ସମୟର ବିଶିଷ୍ଟ ଲେଖକ ଭାବେ ନିଜକୁ ପ୍ରତିଷ୍ଠିତ କରିବା ନିମନ୍ତେ ଅଧ୍ୟୟନ ସହିତ ସାଧନାରେ ବ୍ରତୀ ହେବା ଉଚିତ ବୋଲି ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି କବି ତଥା ସମାଲୋଚକ ଡ. ହୃଷୀକେଶ ମଲ୍ଲିକ ମତ ଦେଇଛନ୍ତି। ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ସଭାପତି କବି ସୂର୍ଯ୍ୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ରବିବାର ଏକ ଭର୍ଚୁଆଲ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇ ଡ. ମଲ୍ଲିକ 'ନୂତନ ଲେଖକଙ୍କ ଦାୟିତ୍ୱ' ପ୍ରସଙ୍ଗରେ ଆଲୋଚନା କରି ଏହି ପରାମର୍ଶ ଦେଇ କହିଲେ, ନୂତନ ଲେଖକଙ୍କର ସମାଜ, ଭାଷା ଓ ସଂସ୍କୃତି ନିକଟରେ ଯଥେଷ୍ଟ ଦାୟିତ୍ୱ ରହିଛି। କିନ୍ତୁ ପ୍ରତିବଦ୍ଧ ଲେଖକଙ୍କ ସଂଖ୍ୟା କମିବା ଆଦୌ ଶୁଭଙ୍କର ନୁହେଁ ବୋଲି ସେ ସତର୍କ କରାଇଛନ୍ତି। ଏହି ଅବସରରେ କବି ଡ. ପ୍ରୀତିଧାରା ସାମଲ 'ଏ ମାସର କବି' ଭାବେ କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପବିତ୍ର ମୋହନ କର, ବିଦେଶୀ ଭଞ୍ଜ, ମୌସୁମୀ ଦାସ, ଶୈଳେନ୍ଦ୍ର ଜେନା, କୁଳମଣି ସାହୁ, ଅମ୍ବିକା ସ୍ୱାଇଁ, ସୁଧୀର ମଉଡମଣି ପ୍ରମୁଖ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମକୁ ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା କବି ରକ୍ଷକ ନାୟକ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।




**ମେ ୩୧ ବିଶ୍ୱ ଧୂମ୍ରପାନ ନିଷେଧ ଦିବସ:** ଏହି ଉପଲକ୍ଷେ ରବିବାର ପୁରୀ ବେଳାଭୂମିରେ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ବାଲୁକା କଳାରେ ସଚେତନତା ବାର୍ତ୍ତା ଦେଉଛନ୍ତି।

## ଚୋରି ମୂର୍ତ୍ତି ଜବତ, ୩ ଗିରଫ

ନିମାପଡ଼ା,୩୦।୫(ଡି.ଏନ୍.ଏ.)

ନିମାପଡ଼ା ବ୍ଲକ ଅନ୍ତର୍ଗତ ତୁଳସୀପୁର ପଞ୍ଚାୟତର ଅମରପ୍ରସାଦଠାରେ ନିର୍ମିତ ହୋଇଥିବା ମୂଲ୍ୟବାନ ମୂର୍ତ୍ତିକୁ ଗ୍ରାମୀଣ ପାର୍କରୁ ଶନିବାର ବିଳମ୍ବିତ ରାତିରେ ଚୋରି କରିଥିବା ୩ଜଣ ଚୋରଙ୍କୁ ଚାରିଛକ ଫାଣ୍ଡି ପୋଲିସ ଗିରଫ କରିଛି। ସେମାନେ ହେଲେ ଜଗତ୍‌ସିଂହପୁର ଜିଲାର ଚମ୍ପେଶ୍ୱର ଗ୍ରାମର ରାଜେଶ ନାୟକ, ସିଂହପୁର ଗ୍ରାମର ବିଶ୍ୱଜିତ ନାୟକ ଓ ଚନ୍ଦେଇଗାଁର ରାଜା ଆଚାର୍ଯ୍ୟ। ସେମାନଙ୍କଠାରୁ ଚୋରି ମୂର୍ତ୍ତି ଜବତ କରିବା ସହ ଥାନାରେ ନଂ.୧୯୨/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣା ସମ୍ପର୍କରେ ତୁଳସୀପୁର ସରପଞ୍ଚ ଭଗବାନ ମିଶ୍ର ରବିବାର ଫାଣ୍ଡିରେ ଅଭିଯୋଗ କରିଛନ୍ତି। ତେବେ ନିମାପଡ଼ା ଏସ୍‌ଡିପିଓ ଦେବାଶିଷ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ତଦନ୍ତ କରି ଚୋରମାନଙ୍କୁ ଧରିଥିଲେ।

**TPWODL**

**TP WESTERN ODISHA DISTRIBUTION LIMITED**

(A Tata Power & Odisha Govt. Joint venture)

Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

TP Western Odisha Distribution Limited invites tenders (2part bidding) from eligible vendors for the following packages:

1) **TPWODL/MN/O/SU/007– Rate Contract for Supply of Kit-Kat Fuse**

Interested bidders to submit Tender Participation Fee and Authorization Letter through email before **14th June 2021, 1500Hrs**, after which link from e-Tender system shall be shared.

For detailed tender documents please visit our Tender section on website **www.tpwesternodisha.com.** Further details for participating in tender is given in the tender document.

All future correspondence regarding the tender, bid submission, bid submission date extension etc. will happen with participating bidders only through E-Tender system.

Sd/- **Chief-Contracts and Stores**

## ଖବରଦାତାଙ୍କୁ ପୋଲିସର ଆକ୍ରମଣ: ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ

ଯାଜପୁର ଅଫିସ,୩୦।୫

ଧରିତ୍ରୀର ପୁରୀ ଜିଲା ପ୍ରତିନିଧି ଦତ୍ତାତ୍ରେୟ ନାୟକଙ୍କୁ ପୋଲିସର ଆକ୍ରମଣ ଘଟଣା ସମ୍ପର୍କରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଜାତୀୟ ମାନବାଧିକାର ଡିଫେଣ୍ଡର ଭଜମନ ବିଶ୍ୱାଳଙ୍କ ଆବେଦନ (୮୫୦୦/ଆଇଏନ୍/୨୦୨୧)କୁ ଏନ୍‌ଏଚ୍‌ଆର୍‌ସି ଶନିବାର ଗ୍ରହଣ କରିଛନ୍ତି। ବିଶ୍ୱାଳ ତାଙ୍କ ଆବେଦନ ପତ୍ରରେ ଦର୍ଶାଇଛନ୍ତି ଯେ, ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କ ମାଧ୍ୟମରେ ଜୀବନ, ସ୍ୱତନ୍ତ୍ରତା ଏବଂ ସମ୍ମାନର ମାନବିକ ଅଧିକାର ଉଲ୍ଲଂଘନ ହେତୁ ଖବରଦାତା ଦତ୍ତାତ୍ରେୟ ନାୟକଙ୍କୁ ୩ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଉ। ଉକ୍ତ ଅପରାଧରେ ଜଡ଼ିତ ଦୋଷୀ ତଥା ପୋଲିସ କର୍ମଚାରୀଙ୍କ ବେତନରୁ କ୍ଷତିପୂରଣ ରାଶି କଟାଯିବାକୁ ବିଶ୍ୱାଳ ଅନୁରୋଧ କରିଛନ୍ତି। ସେ ଆହୁରି ଦର୍ଶାଇଛନ୍ତି ଯେ, କୋଭିଡ୍-୧୯ ପରିସ୍ଥିତିରେ ଖବରଦାତା ଦତ୍ତାତ୍ରେୟ ନିଜ ଜୀବନକୁ ଭୟ ନ କରି ବୃତ୍ତିଗତ ସେବା ଅନୁଯାୟୀ କର୍ତ୍ତବ୍ୟ କରୁଥିଲେ। ରାଜ୍ୟ ସରକାର ଖବରଦାତାମାନଙ୍କୁ କରୋନା ଯୋଦ୍ଧା ଭାବରେ ଘୋଷଣା କରିଛନ୍ତି, ଯେଉଁମାନେ ସାରା ରାଜ୍ୟରେ ନାଗରିକଙ୍କ ସୁରକ୍ଷା ତଥା କଲ୍ୟାଣ ଦିଗରେ ନିରନ୍ତର କାର୍ଯ୍ୟ କରୁଛନ୍ତି। କରୋନା ସଂକ୍ରମଣକୁ ସଙ୍କୁଚିତ କରିବା ପାଇଁ ଦେଶବ୍ୟାପୀ ଲକ୍‌ଡାଉନ ଅଧୀନରେ ରଖାଯାଇଥିବା ପ୍ରତିବନ୍ଧକରୁ ଗଣମାଧ୍ୟମକୁ ମୁକ୍ତ କରାଯାଇଛି। ଏଭଳି ସ୍ଥିତିରେ ପୁରୀ ପୋଲିସ ଦ୍ୱାରା ଖବରଦାତା ଦତ୍ତାତ୍ରେୟଙ୍କ ଉପରେ ହୋଇଥିବା ନିର୍ଦ୍ଦୟ ଆକ୍ରମଣ ସଂକ୍ରାନ୍ତରେ ବିଭିନ୍ନ ମହଲରୁ ନିନ୍ଦା କରାଯାଉଛି। କ୍ଷମତା, ପଦବୀ ଏବଂ ଖାକି ପୋଷାକର ଅପବ୍ୟବହାର କରାଯାଇଛି। ତେଣୁ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଆପରାଧିକ ମାମଲା ପଞ୍ଜୀକରଣ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଶ୍ୱାଳ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ଅନୁରୋଧ କରିଛନ୍ତି। ଏହି ଅଭିଯୋଗ ସମ୍ପର୍କରେ ବିଶ୍ୱାଳ ଇ-ମେଲ୍ ଯୋଗେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ସଚିବ, ପୋଲିସ ଡିଜି, ଓଡ଼ିଶା ମାନବାଧିକାର ସୁରକ୍ଷା କମିଶନ, ପୁରୀ ଜିଲାପାଳ ପ୍ରମୁଖଙ୍କୁ ଅବଗତ କରାଇଛନ୍ତି।

## ଡାବୁଗାଁ ତହସିଲର ରାଜସ୍ୱ ସହାୟିକା ନିଲମ୍ବିତ

ଡାବୁଗାଁ, ୩୦।୫ (ଡି.ଏନ୍.ଏ.)

**୬୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଆର୍ଥିକ ଅନିୟମିତତା ଅଭିଯୋଗ**

ନବରଙ୍ଗପୁର ଜିଲା ଡାବୁଗାଁ ତହସିଲ କାର୍ଯ୍ୟାଳୟରେ ୬୩ ଲକ୍ଷ ୬୨ ହଜାର ୭୩ରୁ ଉର୍ଦ୍ଧ୍ୱ ଟଙ୍କାର ଆର୍ଥିକ ଅନିୟମିତତା ଅଭିଯୋଗରେ ବରିଷ୍ଠ ରାଜସ୍ୱ ସହାୟିକା ଚନ୍ଦନା ମଣ୍ଡଳଙ୍କୁ ନବରଙ୍ଗପୁର ଜିଲାପାଳ ଡ. ଅଜିତ କୁମାର ମିଶ୍ର ଚାକିରିରୁ ନିଲମ୍ବିତ କରିଛନ୍ତି। ତାଙ୍କୁ ତେନ୍ତୁଳିଖୁଣ୍ଟି ତହସିଲ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଛି। ଏହି ସମୟରେ ତାଙ୍କୁ ୫୦ ପ୍ରତିଶତ ଦରମା ପ୍ରଦାନ କରିବାକୁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ଏହି ଘଟଣାରେ ଚନ୍ଦନା ମଣ୍ଡଳଙ୍କ ସହିତ ଯେଉଁମାନେ ସମ୍ପୃକ୍ତ ଥିବେ, ସେମାନଙ୍କ ଉପରେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପଜିଲାପାଳ ଭାସ୍କର ରଇତ କହିଛନ୍ତି। ସୂଚନା ଅନୁଯାୟୀ, ସମ୍ପୃକ୍ତା ବରିଷ୍ଠ ରାଜସ୍ୱ ସହାୟିକା ଡାବୁଗାଁ ତହସିଲ କାର୍ଯ୍ୟାଳୟରେ ଆର୍ଥିକ ଅନିୟମିତତା କରିଥିବା ନେଇ ଶୁକ୍ରବାର ତହସିଲଦାର ସନ୍ଧ୍ୟା ସମରଥ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ପୋଲିସ ଶନିବାର ପୂର୍ବାହ୍ନରେ ତାଙ୍କୁ ଡାକି ପଚରାଉଚରା କରିବାବେଳେ ସେ ଅଚେତ ହୋଇ ପଡିଥିଲେ। ତାଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଅପରାହ୍ନ ୫ଟାରେ ତାଙ୍କୁ କୋରାପୁଟ ମେଡିକାଲ କଲେଜକୁ ପଠାଯାଇଥିଲା। ପୋଲିସ ୯୪/୨୧ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ବାତ୍ୟା ପ୍ରଭାବିତ ଅଞ୍ଚଳ ବୁଲିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

ଭଦ୍ରକ ଅଫିସ, ୩୦।୫

କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଭଦ୍ରକ ଜିଲା ଗସ୍ତରେ ଆସି ୟାସ୍ ଦ୍ୱାରା ପ୍ରଭାବିତ ଅଞ୍ଚଳ ବୁଲି ଦେଖିଛନ୍ତି। ମନ୍ତ୍ରୀ ପ୍ରଧାନ ହେଲିକପ୍ଟର ଯୋଗେ ଧାମରା ବନ୍ଦରଠାରେ ଅବତରଣ କରିଥିଲେ। ଏହାପରେ ସେ ବାତ୍ୟାରେ ଅଧିକ ପ୍ରଭାବିତ ଧାମରା ଅଞ୍ଚଳର ଦୋସିଙ୍ଗା ପଞ୍ଚାୟତର ସମିପାଟିଆ, ଓରାମାଳ, ଜାଗୁଲା ପଞ୍ଚାୟତର ପାଇକସାହି ଏବଂ ଧାମରା ପଞ୍ଚାୟତର ଝାଡ଼କଟା ସମେତ ଅନ୍ୟ କିଛି ଗାଁ ବୁଲି ବିପନ୍ନଙ୍କ ସହ ଆଲୋଚନା କରିଥିଲେ। ଏପରିକି ଝାଡ଼କଟାଠାରେ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଥିଲା। ବାତ୍ୟା ଦିନର ଅନୁଭୂତି ସମ୍ପର୍କରେ ସେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ପ୍ରଶାସନିକ ଅଧିକାରୀମାନଙ୍କ କାର୍ଯ୍ୟକଳାପ ଓ ସହଯୋଗ କିଭଳି ରହିଥିଲା ସେ ସମ୍ପର୍କରେ ଗ୍ରାମବାସୀଙ୍କୁ ପଚାରି ବୁଝିଥିଲେ। ଏସବୁ ଅଞ୍ଚଳରେ ଥିବା ବାତ୍ୟା ଆଶ୍ରୟସ୍ଥଳୀର ପରିସର ବଢ଼ାଯିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏପରିକି ଏହି ଅଞ୍ଚଳରେ ଦୀର୍ଘମିଆଦୀ ସ୍ଥାୟୀ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଲାଗି



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ବିଧାୟକ ବିଷ୍ଣୁ ସେଠୀ ଓ ଅନ୍ୟମାନେ ଧାମରାରେ ବାତ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖୁଛନ୍ତି।

**ଦୀର୍ଘ ମିଆଦୀ ଯୋଜନା ଉପରେ ଗୁରୁତ୍ୱ**

ସେ ଚେଷ୍ଟା କରିବେ ବୋଲି କହିଛନ୍ତି।

ସମୁଦ୍ର ଉପକୂଳ ହୋଇଥିବାରୁ ସାମାନ୍ୟ ପ୍ରାକୃତିକ ବିପର୍ଯ୍ୟୟରେ ବିଦ୍ୟୁତ୍ ସମସ୍ୟା ଦେଖାଦେଉଛି। ଏଣୁ ଏଥିପ୍ରତି କେନ୍ଦ୍ର ସରକାରଙ୍କ ପକ୍ଷରୁ ଦୃଷ୍ଟି ଦିଆଯିବ ବୋଲି ସେ କହିଥିଲେ। ବିପତ୍ତି ବେଳେ ରାଜ୍ୟ ସରକାରଙ୍କ ସହ କେନ୍ଦ୍ର ସରକାର ରହିଥିବା ସେ ପ୍ରକାଶ କରିଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ଗସ୍ତ ସମୟରେ ପୂର୍ବତନ ରାଜସ୍ୱ ମନ୍ତ୍ରୀ ମନମୋହନ ସାମଲ, ଧାମନଗର ବିଧାୟକ ବିଷ୍ଣୁ ସେଠୀ, ଚାନ୍ଦବାଲି ଓ ଧାମରା ଅଞ୍ଚଳର ଭାଜପା କର୍ମୀମାନେ ଉପସ୍ଥିତ ଥିଲେ।

**PUBLIC NOTICE**

The public in general and film trade in particular are hereby requested to take note that our clients are in the process of acquiring the following exclusive rights (a) All Linear Rights for distribution and redistribution via any and all meansincluding but not limited to through satellite, cable, DTH, IPTV, terrestrial, internet, mobile etc., (b) All forms of Non-Linear/On-Demand Rights via any and all means and modes including but not limited to satellite, cable, DTH, IPTV, terrestrial, internet, mobile etc., (c) Catch up TV rights, (d) Syndication Rights, (e) Sub-titling rights in all languages and dialects of the world, (f) Dubbing rights in all languages and dialects of the world as specified in the table below, (g) All other rights not specifically mentioned herein(collectively referred to as the "Rights"): for multiple telecasts for the territory of the entire world for the Term commencing from the Start Date for the Films as detailed hereinbelow:

| Sl. No. | Film(s) | Star Cast | Language | Start Date | Term | Dubbing rights |
|---|---|---|---|---|---|---|
| 1 | POOJA PHULA | Uttam Mohanty, Bijay Mohanty, Aparajita, Jaya Dukhiram Swain, Jayee, Pruthiviraj Nayak | ORIYA | Immediately | 10 Years | Yes |
| 2 | GOLAM GIRI | Prashanta Nanda, Mahasweta, Ajit Das, Dukhiram Swain, Jayee, Pruthiviraj Nayak etc. | ORIYA | Immediately | 10 Years | Yes |
| 3 | SATHIRE | Anubhaba Mohanty, Madhumita, Hara Pattnaik, Dipak Parida, Anita Das, Pradyumna Lenka | ORIYA | Immediately | 10 Years | Yes |
| 4 | GANGA JAMUNA | Sidhanta, Rachana, Mihir Das, Hara Pattnaik, Debu Bose, Pradyumna Lenka | ORIYA | Immediately | 10 Years | Yes |
| 5 | SUHAGASINDURA | Sidhanta, Rachana, Mihir Das, Hara Pattnaik, Debu Bose, Pradyumna Lenka | ORIYA | Immediately | 10 Years | Yes |
| 6 | SATA KAHI BAKU KIAN DARIBI | Dipak Parida, Pradyumna Lenka, Namrata Das, Binayak Mishra, Satyaki Mishra | ORIYA | Immediately | 10 Years | Yes |
| 7 | DORA | Prashanta Nanda, Shri Ram Panda, Bijay Mohanty, Jayee, Mahasweta | ORIYA | Immediately | 10 Years | Yes |
| 8 | KRISHNA KAVERY | Sidhant, Mihir Das, Hara Pattanaik, a wonderful baby and extraordinary performance of a dog | ORIYA | Immediately | 10 Years | Yes |
| 9 | EMITIBHAI JAGATENAHIN | Uttam Mohanty, Prashanta Nanda, Aparajita | ORIYA | Immediately | 10 Years | Yes |
| 10 | AE MANA MANENA | Arindam Roy, Barsha Priyodarshini, Dushmant Panda | ORIYA | Immediately | Perpetuity | Yes |
| 11 | KALKI AVATAR | Siddhant, Uttam, Rachana, Hara Pattanaik | ORIYA | Immediately | Perpetuity | Yes |
| 12 | OM SHANTI OM | Sidhant, Mihir Das, Anu Choudhary etc. | ORIYA | Immediately | 10 Years | Yes |
| 13 | BAISALY | Abhishek Rath, Suman Priya, Asit Pati, Bijay Mohanty, Pragnya Khatua, Prithviraj Nayak & etc. | ORIYA | Immediately | Perpetuity | Yes |
| 14 | LUCHEI DE MATE CHHATI BHITARE | Sambhav, Tamanna, Chandan, Biranchi, ChakradharJena, Kusuma Tripathy & Others | ORIYA | Immediately | Perpetuity | Yes |
| 15 | TU KAHIDE I LOVE YOU | Rakesh, Divya, Mihir Das, Salil Mitra, Jeevan Panda & etc. | ORIYA | Immediately | Perpetuity | Yes |
| 16 | TU THILE MU ACHHI | Chandan Kar, Riyana Sukla, Dipa Sahu, Biranchi Nayak, Premanjan Parida, Biju Bada Jena | ORIYA | Immediately | Perpetuity | Yes |
| 17 | BISWARUPA | Bishworoop, Amrita,Tanuska, Manoj Mishra, Sweta Acharya & etc. | ORIYA | Immediately | Perpetuity | Yes |
| 18 | CHIRKUT | Aurojyoti, Ananya & others | ORIYA | Immediately | Perpetuity | |
| 19 | CHHABIRANI | Aman Parashar, Chandrani Das, Sidhant Mohapatra, Anu Choudhury, Mihir Das, Satyaki Mishra, Ushashi Mishra & others | ORIYA | Immediately | Perpetuity | Yes |
| 20 | MAL MAHU JIBAN MATI-BHAGYA RA NO GUARANTEE | Sabyasachi Mishra, Elina Samantaroy | ORIYA | Immediately | Perpetuity | Yes |
| 21 | GUNDA | Sidhanta Mahapatra, Nikita, Himika Das | ORIYA | Immediately | Perpetuity | Yes |
| 22 | OYEE GUITAR | Aman, Ahana, Jeeban Panda, Debu Pattnaik, Llu Banerjee, Ranu Padhi, Choudhary Jay Prakash Das, Aishwarya, Gudu, Gudi | ORIYA | Immediately | Perpetuity | No |

The Film(s) are free from any encumbrances, claims or demands, whatsoever. However, should any person(s) have claim against, to, or in respect of any of the Film(s) mentioned hereinabove whether by way of any sale, license, assignment or otherwise, such person(s) are hereby required to make the same known in writing to us at our office at B-116, MITTAL TOWERS, NARIMAN POINT, MUMBAI – 400 021, within ten (10) days from the date of publication hereof, failing which the transaction will be completed without reference to such claim and the same, if any, will be deemed to have been waived.

Place: Bhubaneswar
Date: 29/05/2021

From: **Naik Naik & Co., B-116, Mittal Towers, Nariman Point, Mumbai 400 021**

"ଆମ ହୃଦୟରେ କୃତଜ୍ଞତାର ଶୁଦ୍ଧ ଅଗ୍ନିଶିଖା ସର୍ବଦା ପ୍ରଜ୍ୱଳିତ ରହିବା ଉଚିତ। ତା'ହେଲେ ସେହି ଶିଖାର ଉଷ୍ମ, ଉଜ୍ଜ୍ୱଳ ଓ ମଧୁର ଆଲୋକରେ ଆମର ସମସ୍ତ ଅହଂକାର ଓ ଅଜ୍ଞାନ ମିଳେଇ ଯିବ। —ଶ୍ରୀମା

# ଚାଇନା ତିଆରି

କରୋନା ଭୂତାଣୁର ଉତ୍ପତ୍ତିସ୍ଥଳ ଚାଇନାର ଉହାନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି ବୋଲି ୨୦୨୦ ପ୍ରାରମ୍ଭିକ ସମୟରେ ଜୋରଦାର ଆଲୋଚନା ହୋଇଥିଲା। ହେଲେ ତାହାକୁ ଚାଇନା ବାରମ୍ବାର ଖଣ୍ଡନ କରିଥିଲା। ଏହା ପରେ ଚର୍ଚ୍ଚା ହୋଇଥିଲା ଯେ, ଚାଇନାର ମାଂସ ବଜାରରୁ ଏହି ଭୂତାଣୁ ଜନ୍ମ ନେଇଛି। କେତେକେ ବାଦୁଡ଼ିକୁ ଭୂତାଣୁର ବାହକ ଭାବେ ଅଭିହିତ କରିଥିବା ବେଳେ ବଜ୍ରକାପ୍ତାଠାରୁ ଏହା ମଣିଷ ଶରୀରକୁ ବ୍ୟାପିଛି ବୋଲି କୁହାଯାଇଥିଲା। ତେବେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) କୋଭିଡ୍-୧୯ ବିଷୟରେ ପ୍ରକୃତ ପ୍ରମାଣ ନ ପାଇବାରୁ ଘଟଣାକୁ ଗୁରୁତ୍ୱ ଦେଇ ନ ଥିଲା। ଅନ୍ୟପକ୍ଷରେ ବିକଶିତ ଦେଶର ବୈଜ୍ଞାନିକମାନେ ଏହା ଉପରେ ଅନୁଧ୍ୟାନ ଆରମ୍ଭ କରିଥିଲେ। ବିଶ୍ୱବ୍ୟାପୀ ଡବ୍ଲ୍ୟୁଏଚ୍‌ଓକୁ ପୁଣି ସମାଲୋଚନା କରାଯିବା ପରେ ଚଳିତବର୍ଷ ଜାନୁୟାରୀରେ ଏହି ବିଶ୍ୱ ସଙ୍ଗଠନର ଏକ ଟିମ୍ ଚାଇନା ଯାଇଥିଲେ ମଧ୍ୟ ଭୂତାଣୁ ଉହାନ୍ ଇନ୍‌ଷ୍ଟିଚ୍ୟୁଟ୍‌ରୁ ବାହାରିଥିବାର କୌଣସି ପ୍ରମାଣ ପାଇ ନ ଥିଲା। ୨୬ ମେ' ୨୦୨୧ରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଗୋଇନ୍ଦା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ ଯେ ଭୂତାଣୁ ପଶୁପକ୍ଷୀଠାରୁ ମଣିଷ ଦେହକୁ ଆସିଛି କି ପରୀକ୍ଷାଗାରରୁ ବାହାରିଛି ସେ ନେଇ ଖୋଳତାଡ଼କୁ ଡବ୍‌ଲ କରାଯାଉ। ଆମେରିକା ଏ ବିଷୟରେ କିଛି ତଥ୍ୟ ବାହାର କରିବା ପୂର୍ବରୁ ବ୍ରିଟେନ୍‌ର ବୈଜ୍ଞାନିକମାନେ ଆଗେ ସଫଳ ହୋଇଛନ୍ତି। ୩୦ ମେ'ରେ ରିପୋର୍ଟ ପ୍ରକାଶ ପାଇଛି ଯେ ଉହାନ୍‌ର ବୈଜ୍ଞାନିକମାନେ ଏହି ଭୂତାଣୁକୁ ସୃଷ୍ଟି କରିଛନ୍ତି। ବ୍ରିଟିଶ ପ୍ରଫେସର ଅଙ୍ଗୁସ୍ ଡାଲ୍‌ଗ୍ଲେଇସ୍ ଓ ନରୱେ ବୈଜ୍ଞାନିକ ଡକ୍ଟର ବିର୍‌ଜର ସୋରେନ୍‌ସେନ୍‌ଙ୍କ ଗବେଷଣାଲବ୍ଧ ରିପୋର୍ଟରୁ ଜଣାପଡ଼ିଛି, ଉହାନ୍ ଲାବ୍‌ରେ ଚାଇନା ବୈଜ୍ଞାନିକମାନେ 'ଗେନ୍ ଅଫ୍ ଫଙ୍କ୍‌ଶନ ପ୍ରୋଜେକ୍ଟ'କୁ ନେଇ କାମ କରୁଥିଲେ। ସେମାନେ ବିଭିନ୍ନ ଗୁମ୍ଫାରେ ରହୁଥିବା ଏକ ନିର୍ଦ୍ଦିଷ୍ଟ ପ୍ରଜାତିର ବାଦୁଡ଼ି ଉପରେ ପରୀକ୍ଷାନିରୀକ୍ଷା କରୁଥିବା ବେଳେ ପ୍ରାକୃତିକ କରୋନା ଭାଇରସ୍‌ର ମୂଳଅଂଶକୁ ନେଇ ମାରାତ୍ମକ ଭୂତାଣୁ ସୃଷ୍ଟି କରିଥିଲେ।

କରୋନା ଭାଇରସ୍ ଚାଇନା ବୈଜ୍ଞାନିକଙ୍କ ଦ୍ୱାରା ଉହାନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜିରୁ ସୃଷ୍ଟି କରାଯାଇଛି ବୋଲି 'ଡେଲି ମେଲ୍'ରେ ଖବର ପ୍ରକାଶ ପାଇବା ପରେ ପୂର୍ବରୁ ସନ୍ଦେହ କରାଯାଉଥିବା କଥା ସତ୍ୟ ବୋଲି ପ୍ରମାଣିତ ହୋଇଛି। ଏଥିରୁ ଏହା ସ୍ପଷ୍ଟ ହେଉଛି ଯେ, ଚାଇନା ଜୈବିକ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ କରୁଛି ଓ କରୋନା ଭାଇରସ୍ ସେଥିରୁ ଅନ୍ୟତମ। ଯେତେବେଳେ ସମଗ୍ର ପୃଥିବୀ ଏହି ରୋଗରେ କଲବଲ ହୋଇ ଭୁଶୁଡ଼ି ପଡ଼ିବା ସ୍ଥିତିକୁ ଆସିଲାଣି ସେତେବେଳେ ମନେହେଉଛି ଚାଇନା ସୁରୁଖୁରୁରେ ଦୈନନ୍ଦିନ ଜୀବନଯାପନକୁ ଫେରିଗଲାଣି। ଉହାନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜିରେ ଏ ସଂକ୍ରାନ୍ତ ପରୀକ୍ଷାନିରୀକ୍ଷା ଚାଲିଥିବା ବେଳେ ପରୀକ୍ଷାଗାର ବାହାରକୁ ଏହି ଭୂତାଣୁ ଚାଲିଯାଇ ଜୀବନ ପାଇବା ପରେ ସମଗ୍ର ବିଶ୍ୱ ଆକ୍ରାନ୍ତ ହୋଇପଡ଼ିଛି। ହୁଏତ ସେଥିପାଇଁ ଚାଇନା ସରକାର ଏ ସଂକ୍ରାନ୍ତୀୟ ତଥ୍ୟ ଦେବାକୁ ରାଜି ହେଉ ନାହିଁ। କୋଭିଡ୍-୧୯ର ଉତ୍ପତ୍ତି ନେଇ ଖୋଳତାଡ଼ କରୁଥିବା ବୈଜ୍ଞାନିକମାନେ ଜାଣିବାକୁ ପାଇଛନ୍ତି ଯେ, ୨୦୧୯ ନଭେମ୍ବରରେ ଉହାନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜିର ଅନେକ ଗବେଷକ ଅସୁସ୍ଥ ହୋଇପଡ଼ିଥିବା ନେଇ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ହେଲେ ଏ ବିଷୟକୁ ମଧ୍ୟ ଚାଇନା ସ୍ୱୀକାର କରିନାହିଁ। ଏହା ଜଣାଶୁଣା ଯେ ଚାଇନା ତା'ର କୌଣସି ତଥ୍ୟ ସାଧାରଣରେ ପ୍ରକାଶ କରେ ନାହିଁ। ୨୦୨୦ ଫେବୃୟାରୀରେ ଉପଗ୍ରହ ଚିତ୍ର ଆଧାରରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା ଯେ, ଚାଇନାର ଉହାନ୍ ଅଞ୍ଚଳରେ ସଲ୍‌ଫ୍ୟୁରିକ୍ ଏସିଡ୍ ପରିମାଣ ବୃଦ୍ଧି ପାଇଥିଲା। ଏହାର କାରଣ ଭାବେ ଦର୍ଶାଯାଇଥିଲା, ଗଣଦାହ ଯୋଗୁ ସମ୍ପୃକ୍ତ ଅଞ୍ଚଳରେ ଏହି ସ୍ତର ବଢ଼ିଯାଇଥିଲା। ଆଜିର ସ୍ଥିତି ଦେଖିଲେ, ମନେହେଉଛି ଯେପରି ଚାଇନାକୁ କୌଣସି ଦେଶ ପ୍ରଶ୍ନ କରିବାକୁ ସାହସ କରିପାରୁନାହାନ୍ତି।

## ସାପ୍ତାହିକ ପଞ୍ଜିକା

**ମେ ୨୪:** ଗାଜିଆବାଦରେ ୟେଲୋ ଫଙ୍ଗସ୍ ରୋଗୀ ଚିହ୍ନଟ।
➢ଭାରତରେ ସ୍ପୁଟ୍‌ନିକ୍-ଭି ଉତ୍ପାଦନ ଆରମ୍ଭ।
**ମେ ୨୫:** ସୁବୋଧ ଜୟସ୍ୱାଲ୍‌ଙ୍କୁ ସିବିଆଇର ନୂଆ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି।
➢ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ୍ ସିଲେରୁ ନଦୀରେ ଡଙ୍ଗା ବୁଡ଼ି ୬ ଜଣଙ୍କର ମୃତ୍ୟୁ ଘଟିଛି।
**ମେ ୨୬:** ୟାସ୍ ବାତ୍ୟାରେ ୩ ଜୀବନ ଗଲା।
➢ଏଲୋପାଥି ଏବଂ ଏଲୋପାଥିକ୍ ଡାକ୍ତରଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଦେଇଥିବା ବାବା ରାମଦେବଙ୍କୁ ଇଣ୍ଡିଆନ ମେଡିକାଲ ଆସୋସିଏଶନ (ଆଇଏମ୍ଏ) ୧,୦୦୦ କୋଟି ଟଙ୍କାର ମାନହାନି ନୋଟିସ ପଠାଇଛି।
**ମେ ୨୭:** କରୋନାରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ଶାନ୍ତିରାଜ ଖୋସ୍‌ଲାଙ୍କ ପରଲୋକ।
**ମେ ୨୮:** ଉତ୍ତର ପ୍ରଦେଶ ଆଲିଗଡ଼ରେ ବିଷାକ୍ତ ମଦ ପିଇ ୧୫ ଜଣଙ୍କ ମୃତ୍ୟୁ ଘଟିଛି।
➢କୋଭିଡ୍‌ରେ ଅନାଥ ଶିଶୁଙ୍କୁ ସହାୟତା ଦେବାକୁ ରାଜ୍ୟଗୁଡ଼ିକୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ।
**ମେ ୨୯:** ୟୁଏଇ ଗଲା ଆଇପିଏଲ୍।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 9 | | | 4 | | | |
| 7 | | 2 | | | | | | 3 |
| | | | 6 | 1 | | | 5 | |
| 8 | | | 1 | 5 | 2 | | | |
| 6 | | | | 4 | | | | |
| | | 5 | | | | | | |
| | | 3 | 7 | | | 2 | | |
| | | 7 | | 6 | 8 | 4 | 9 | |
| 5 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 5 | 8 | 6 | 7 | 1 | 4 | 3 | 9 |
| 4 | 1 | 3 | 5 | 8 | 9 | 2 | 6 | 7 |
| 6 | 7 | 9 | 4 | 3 | 2 | 5 | 1 | 8 |
| 5 | 9 | 4 | 3 | 1 | 7 | 8 | 2 | 6 |
| 3 | 8 | 2 | 9 | 6 | 5 | 1 | 7 | 4 |
| 7 | 6 | 1 | 8 | 2 | 4 | 3 | 9 | 5 |
| 1 | 4 | 7 | 2 | 9 | 8 | 6 | 5 | 3 |
| 8 | 2 | 6 | 7 | 5 | 3 | 9 | 4 | 1 |
| 9 | 3 | 5 | 1 | 4 | 6 | 7 | 8 | 2 |

ଗତକାଲିର ଉତ୍ତର

# ବର୍ଷକରେ ପାଞ୍ଚ ସାତ ରକମର ଟିକା



ସହଦେବ ସାହୁ

କରୋନା ଯେତିକି ଖରାପ କରିଛି, ସେତିକି ଭଲ କରିଛି ବୋଲି କହିବା। ସାରା ପୃଥିବୀକୁ ଏକ କରିଦେଲା, ସବୁ ବୈଜ୍ଞାନିକଙ୍କୁ ଟିକା ତିଆରି କାମରେ ଲଗାଇଦେଲା। ବର୍ଷକ ଭିତରେ ଛ' ସାତଟା ଟିକା ତିଆରି ହେବା ସମ୍ଭବ ହୋଇଛି: କୋଭିଶିଲ୍ଡ, କୋଭାକ୍ସିନ୍, ସାଇନୋଭାକ୍, ସାଇନୋଫାର୍ମ, ସ୍ପୁଟନିକ୍, ଜନ୍‌ସନ୍ ଆଣ୍ଡ ଜନ୍‌ସନ୍ ଆଦି। ଆଉ କେତେଟା ବି ବାହାରି ପଡ଼ିବ ବର୍ଷ ଶେଷ ଆଡ଼କୁ। ମଣିଷର ଏ କାରନାମା ଆଗରୁ ନ ଥିଲା। ୧୯୧୮ ଫ୍ଲୁ ଆରମ୍ଭ ହୋଇଛି ପକ୍ଷୀମାନଙ୍କଠାରୁ ଏଚ୧ଏନ୍୧ ଭୂତାଣୁ ଆସିଥିବାରୁ, କିନ୍ତୁ ତାହାର ଟିକା ୧୦୦ ବର୍ଷ ପରେ ବାହାରିଛି। ଫୁସ୍‌ଫୁସ୍ ରୋଗ, ମଧୁମେହ ଓ ଅପସ୍ମାର ଭଳି ସବୁଦିନିଆ ରୋଗ ଅଷ୍ଟ୍ରେଲିଆର ୭ ଲକ୍ଷ ଆଦିମ ଅଧିବାସୀଙ୍କୁ (ଆବୋରିଜନାଲ) ଘାରୁଛି, କିନ୍ତୁ ସେଗୁଡ଼ିକର ଟିକା କାହିଁ? ଏଡ୍‌ସ କଥା ଦେଖନ୍ତୁ। ମଣିଷର ଇମ୍ୟୁନ୍ ବ୍ୟବସ୍ଥାକୁ ନଷ୍ଟ କରିଦେଉଥିବା ଲକ୍ଷଣ (ଆକ୍ୱାୟାର୍ଡ ଇମ୍ୟୁନାଡେଫିସିଏନ୍ସି ସିଣ୍ଡ୍ରୋମ୍, ସଂକ୍ଷେପରେ ଏଡ୍‌ସ) ନାମକ ରୋଗ ଯେଉଁ ଭୂତାଣୁ ଦ୍ୱାରା ସଂକ୍ରମିତ ହୁଏ, ତାକୁ ହ୍ୟୁମାନ୍ ଇମ୍ୟୁନୋଡେଫିସିଏନ୍ସି ଭାଇରସ୍ (ସଂକ୍ଷେପରେ ଏଚ୍‌ଆଇଭି) ଆଣିଥାଏ। ଚାଇନାର ଉହାନ୍ ସହରର ମାଛମାଂସ ହାଟରୁ (ବିଶେଷତଃ ବାଦୁଡ଼ି ମାଂସରୁ) କରୋନା ଭାଇରସ୍ ଆସିଛି ବୋଲି ଯେମିତି କୁହାଯାଉଛି, ସେଇମିତି କୁହାଯାଏ ଯେ କଙ୍ଗୋ ଡିମୋକ୍ରାଟିକ୍ ରିପବ୍ଲିକ୍‌ର ରାଜଧାନୀ କିନ୍ସାସାର ଏକ ବନ୍ୟପ୍ରାଣୀ-ମାଂସ ହାଟରୁ (ସିମ୍ପାଜି ବା ବାନର ମାଂସ ଜରିଆରେ) ଏଡ୍‌ସ ଭାଇରସ୍ ଆସିଛି ବୋଲି କୁହାଯାଉଛି। ଏଡ୍‌ସ ରୋଗର ଟିକା ଏଯାଏ ବାହାରି ନ ଥିବା ବେଳେ କୋଭିଡ୍-୧୯ର ଟିକା ବାହାରିଗଲାଣି। ମନେରଖିବା କଥା ଯେ, ୧୯୭୦ ଦଶକରୁ ଏଡ୍‌ସ ଆରମ୍ଭ ହୋଇଥିଲେ ବି, ଏବଂ ଏଯାଏ ପ୍ରାୟ ୪ କୋଟି ଲୋକ ସଂକ୍ରମିତ ଓ ପ୍ରାୟ ୮ ଲକ୍ଷ ଲୋକ ମୃତ୍ୟୁମୁଖରେ ପଡ଼ିଥିଲେ ହେଁ ତାହାର ଟିକା ବାହାରିନାହିଁ। ଅବଶ୍ୟ ଆଜି ଏଚ୍‌ଆଇଭି ବା ଏଡ୍‌ସ ରୋଗର ଔଷଧ ବାହାରିସାରିଛି। କିନ୍ତୁ ପ୍ରଶ୍ନ ହେଉଛି, ଯଦି କୋଭିଡ୍-୧୯କୁ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ମହାମାରୀ ବୋଲି ଘୋଷଣା କରିବାର ମାସେ ନ ପୂରୁଣୁ ଟିକା ବାହାରିପାରିଲା, ତେବେ ଆଜିଯାଏ କାହିଁକି ଏଡ୍‌ସ ଟିକା ବାହାରିନାହିଁ? ବହୁଦିନ ବିତିଯାଇଥିବାରୁ ଆଉ ଔଷଧ ବାହାରି ଯାଇଥିବାରୁ ଏଡ୍‌ସ ମହାମାରୀକୁ ଆମେ ଆଉ ମହାମାରୀ ଭଳି ଦେଖୁନାହୁଁ। ମାଇଗ୍ରାଣ୍ଟ ଲେବରରମାନେ ଏଡ୍‌ସ ବହନ କରି ଗାଁକୁ ଆସୁଥିଲେ ମଧ୍ୟ ଆମେ ଚୁପ୍ ରହୁଛୁ, ଅର୍ଥାତ୍ ଏଡ୍‌ସ ଆମର ଦେହସୁହା ହୋଇଗଲାଣି। ଚାରି ପାଞ୍ଚ ବର୍ଷ ପରେ ବି କୋଭିଡ୍-୧୯ ଦେହସୁହା ହୋଇଯିବ, କିନ୍ତୁ କେତେ ଯେ ଲୋକ ପ୍ରାଣ ହରାଇଥିବେ ଆଜିକାଲିକାର ଗଣତନ୍ତ୍ର ବା ବିକଶିତ ରାଷ୍ଟ୍ର ବୋଲାଉଥିବା ଦେଶର ସରକାରମାନେ ବିପ୍ଳବର ସମ୍ମୁଖୀନ ହେବେ ନାହିଁ ତ! ବିଜ୍ଞାନର ପ୍ରଗତି ଏତେ ବେଶି ହୋଇଛି ଓ ବାୟୋଟେକ୍ନୋଲଜିର ବିକାଶ ଏତେ ହୋଇଗଲାଣି ଯେ, ଏବେ ବସୁଧୈବ କୁଟୁମ୍ବକମ୍ ଭାବ ଏତେ ବେଶି ବ୍ୟାପିଛି ଯେ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା କୋଭିଡ୍-୧୯କୁ ମହାମାରୀ ଘୋଷଣା କରିବାର ମାସେ ନ ପୂରୁଣୁ ସାତ ସାତଟା ଟିକା ବାହାରିପଡ଼ିଲା।

ଟିକାକରଣ ପଛରେ କି ବୈଜ୍ଞାନିକ ତତ୍ତ୍ୱ ଅଛି ଆମେ ଜାଣୁ। ଆମ ଦେହରେ ରୋଗପ୍ରତିରୋଧକାରୀ ଶକ୍ତି (ଇମ୍ୟୁନ୍ ସିଷ୍ଟମ୍) ଅଛି, ତାହା ଭାଇରସ୍‌ଟିଏ ଦେଖିଲା କ୍ଷଣି ତାକୁ କିପରି ହରାଇହେବ ସେହି ଚେଷ୍ଟା କରେ ଏବଂ ଥରେ ହରାଇଦେଲେ ତାହା ଶିଖିନିଏ ଓ ମନେରଖେ, ଅର୍ଥାତ୍ ଅଭ୍ୟାସରେ ପକାଇଦିଏ। ପରେ ଏମିତିକା ଭାଇରସ୍ ଆସିଗଲେ ସେଇମିତି ଲଢ଼େଇ କରିବ। ତେଣୁ ବୈଜ୍ଞାନିକମାନେ ଭାଇରସ୍‌ର ନକଲଟିଏ (ଅର୍ଥାତ୍ ମୃତ ବା ଦୁର୍ବଳ ଭାଇରସ୍) ନେଇ ତାକୁ ମଣିଷ ଦେହରେ ପୂରାନ୍ତି, ତାହାହିଁ ଇଞ୍ଜେକ୍ସନ୍ ବା ଟିକାକରଣ। ବାହାରର ଆକ୍ରମଣ ଆସିଗଲା ଭାବି ଆମ ଦେହର ରୋଗପ୍ରତିରୋଧକାରୀ ଶକ୍ତି ଯଥା ଟି-ସେଲ୍‌ମାନେ ଲଢ଼େଇରେ ଲାଗିଯାଆନ୍ତି ଆଗନ୍ତୁକ ଭାଇରସ୍‌କୁ ହରାଇବାକୁ। ଏଯାବତ୍ ଟିକା ତିଆରି କରିବାରେ ଭାଇରସ୍‌ର ଖଣ୍ଡ ଖଣ୍ଡ ଟୁକୁରା, ଯାହାକୁ ଆମେ ଆଣ୍ଟିଜେନ୍ କହୁ, ବ୍ୟବହାର ହେଉଥିଲା। ସାବଧାନତା ହରାଇଲେ ଜୀବନ୍ତ ଭାଇରସ୍ ବି ଟିକାରେ ଯାଇପାରେ ତ ଫଳ ବିଷମୟ ହେଉଥିଲା; ଯେପରି ୧୯୫୫ରେ ଏକ ଦୁର୍ବଳ ଭୂତାଣୁରୁ ବସନ୍ତଟିକା କରିବା ଅବସ୍ଥାରେ ତ୍ରୁଟି ରହିଥିବା ଯୋଗୁ ୧୦ଟି ପିଲା ମରିଥିଲେ ଆଉ ଶହ ଶହ ପଙ୍ଗୁ ହୋଇଯାଇଥିଲେ। ଆଗକାଳର ଟିକା ତିଆରି ପ୍ରକ୍ରିୟାରେ ମଲା ବା ଦୁର୍ବଳ ଭୂତାଣୁକୁ ୟିଷ୍ଟ ବା ଇ.କୋଲାଇ ଭଳି କୋଷ-ବ୍ୟବସ୍ଥା ଭିତରେ ବଢ଼ାଯାଇଥାଏ, ସେହି ୟିଷ୍ଟ ବା ଇ.କୋଲାଇ ଜୀବାଣୁ ବଂଶ ବୃଦ୍ଧି କରି ମୃତ ବା ଦୁର୍ବଳ ଭୂତାଣୁ ସଂଖ୍ୟାକୁ ବହୁଗୁଣିତ କରିଥାଏ। ଏହାହିଁ ଆଣ୍ଟିଜେନ୍ ଭାବେ ପ୍ରକାଶପାଏ, ତାକୁ ବୈଜ୍ଞାନିକମାନେ ଅମଳ କରନ୍ତି। ଏ କାମ ବଡ଼ ଧୀର। କରୋନା ମହାମାରୀ ସମୟରେ ନୂଆ ବାୟୋଟେକ୍ନୋଲଜି ଆସିଯାଇଛି। ପୃଥିବୀର ବୈଜ୍ଞାନିକମାନେ ଯିଏ ଯେଉଁଠି ଥାଆନ୍ତୁ, ନୂଆ ବାୟୋଟେକ୍ନୋଲଜିକୁ କାମରେ ଲଗାଇଲେ ଏବଂ ବିକଶିତ ଦେଶମାନଙ୍କରେ ସରକାର ଅକୁଣ୍ଠ ସାହାଯ୍ୟ କଲେ। ବୈଜ୍ଞାନିକମାନେ ଜାଣିଛନ୍ତି ଯେ ପ୍ରତି କୋଷରେ ତାହା ତିଆରିର ପାଠ ଥାଏ, ତାକୁ ଏମ୍‌ଆର୍‌ଏନ୍‌ଏ କହନ୍ତି। ଆର୍‌ଏନ୍‌ଏ ହେଉଛି ବଂଶଗୁଣ, ଏମ୍ ହେଉଛି ମେସେଞ୍ଜର ଅର୍ଥାତ୍ ତାକୁ ପଢ଼ିବାର ପ୍ରକ୍ରିୟା, ଚାବିକାଠି କହିଲେ ଚଳିବ। ବୈଜ୍ଞାନିକମାନେ ମଲା ଭୂତାଣୁ ନ ନେଇ ଭୂତାଣୁର ବଂଶବୃଦ୍ଧିର (ଜେନେଟିକ୍ସ) କ୍ରମାନ୍ୱୟତା (ସିକ୍ୱେନ୍ସ) ଦେଖନ୍ତି, ତା'ର ଅତିଦରକାରୀ ଅଂଶ ଖୋଜନ୍ତି, ଯଥା ସ୍ପାଇକ୍ ପ୍ରୋଟିନ୍, ଯାହା ଚାବିକାଠି ଥିବା ଖୋଳ ଭଳି କାମ କରେ, କୋଷର ତାଲା ଖୋଲିଦିଏ, ତା' ଭିତରେ ପଶିଯାଏ, ସେଇଠି ନିଜର ନକଲ ତିଆରି କରେ ଏବଂ ପାଖଆଖର କୋଷମାନଙ୍କୁ ସେହି ପ୍ରକାରର ନକଲ ତିଆରି କରିବାକୁ ପ୍ରବର୍ତ୍ତାଏ। ଅର୍ଥାତ୍ ଆମ ଦେହ କୋଷ କେବଳ ସ୍ପାଇକ୍ ପ୍ରୋଟିନ୍ ତିଆରି କରିଦେବ ତ ଆମ ଇମ୍ୟୁନ୍ ବ୍ୟବସ୍ଥା ସଂକ୍ରମଣକାରୀ ଭୂତାଣୁକୁ ପ୍ରବେଶ କରିବାକୁ ଦେବ ନାହିଁ। ପଶିଥିବା ଭୂତାଣୁକୁ ବଂଶବୃଦ୍ଧି କରିବାକୁ ଦେବନାହିଁ, କାରଣ ତାହାର ବଢ଼ିବାର ସ୍ପାଇକ୍ ପ୍ରୋଟିନ୍ ମିଳିବ ନାହିଁ। କୃତ୍ରିମ (ସିନ୍ଥେଟିକ୍) ଏମ୍‌ଆର୍‌ଏନ୍‌ଏ ଟେକ୍ନୋଲଜି ପଛରେ ଥିବା ସ୍ୱପ୍ନ ଏବେ ସାକାର ହୋଇଛି। ନୂଆ ଟିକାକରଣ ବ୍ୟବସ୍ଥାରେ କୃତ୍ରିମ ଏମ୍‌ଆର୍‌ଏନ୍‌ଏ ତିଆରି ହେଉଛି, ତାହା କେବଳ ସ୍ପାଇକ୍ ପ୍ରୋଟିନ୍ ତିଆରି କରୁଛି। ଭୂତାଣୁର ବାକି ଅଂଶ ତିଆରି କରୁନାହିଁ। ଏମ୍‌ଆର୍‌ଏନ୍‌ଏ, ଏକ ପ୍ରକାରର କ୍ଷୀଣାୟୁ ଗୋଟିକିଆ ଖିଅବାଲା ଅଣୁ, ଯାହା ଡିଏନ୍‌ଏରୁ ପାଠ ନେଇ କୋଷ-ଆବରଣକାରୀ ସ୍ପାଇକ୍ ପ୍ରୋଟିନ୍ ତିଆରି କରିଥାଏ। ଆମ ଦେହ ଆଣ୍ଟିବଡି ତିଆରିର ଏକ କାରଖାନା ହୋଇଯାଏ। ୨୦୨୦ରେ ବୈଜ୍ଞାନିକମାନେ ବରାଦ ଅନୁଯାୟୀ ଏମ୍‌ଆର୍‌ଏନ୍‌ଏ ତିଆରି କରିବାର କାଇଦା ପାଇଗଲେ, ବହୁପରିମାଣରେ ତିଆରି କରିବାର କଳ ବାହାର କଲେ, ଏହି କ୍ଷଣଭଙ୍ଗୁର ଏମ୍‌ଆର୍‌ଏନ୍‌ଏକୁ କେମିତି ମଣିଷର କୋଷ ଭିତରକୁ ଇଞ୍ଜେକ୍ଟ କରିହେବ ତାହା ଜାଣିଗଲେ। ଟିକା ପାଇଁ କୋଡିଂ (ସୂତ୍ର) ମିଳିଗଲା। ଅମାପ ସଂଖ୍ୟାରେ ତିଆରି (ମାସ୍ ପ୍ରଡ୍ୟୁସ୍) କରିବାର ତରିକା ମିଳିଗଲା। ଏ କଥା ଆଗେ ସମ୍ଭବ ନ ଥିଲା। ଏ ସବୁ ନୂଆ କଥା, ଯାହା କରୋନାର କରୁଣା ବୋଲି କହିବା।

କରୋନାର ଆଉ ଗୋଟିଏ କରୁଣା, ସେ ଲୋକଙ୍କୁ ଜଣାଇଦେଲା ଯେ ଯେପର୍ଯ୍ୟନ୍ତ ବିଶ୍ୱରେ ଜଣେ ବି ଭୂତାଣୁଗ୍ରସ୍ତ ଥିବ ସେପର୍ଯ୍ୟନ୍ତ ପୃଥିବୀ କୋଭିଡ୍-୧୯ ମୁକ୍ତ ହୋଇ ନ ଥିବ। ଅର୍ଥାତ୍ ଆମେ ସମସ୍ତେ ଗୋଟିଏ ପରିବାରର କୁଟୁମ୍ବ। କରୋନା ଆହୁରି ବି ଜଣାଉଛି ଯେ ବଣଜଙ୍ଗଲର ପଶୁପକ୍ଷୀଙ୍କୁ ତୁମର ଖାଦ୍ୟ କର ନାହିଁ, ସେମାନଙ୍କୁ ପ୍ରାକୃତିକ ପରିବେଶରେ ବିଚରଣ କରିବାକୁ ଦିଅ। ପରିଶେଷରେ କରୋନା ମନେପକାଇ ଦେଉଛି ଯେ କ୍ଲିନ୍‌ନେସ୍ ଇଜ୍ ନେକ୍ସ୍ଟ ଟୁ ଗଡ୍‌ଲିନେସ୍, ଦେବତ୍ୱ ଲାଭ କରିବାକୁ ହେଲେ ପରିଷ୍କାର ପରିଚ୍ଛନ୍ନତା ପ୍ରତି ଧ୍ୟାନ ଦିଅ।

sahadevas@yahoo.com

# ନିଶାର ମରଣଯନ୍ତା



ଡା. ଉମେଶ ଚନ୍ଦ୍ର ପାତ୍ର

କିଛି କ୍ଷଣର ଉନ୍ମାଦନା ବା ଅବ୍ୟବସ୍ଥିତ ଦୈନନ୍ଦିନ ଭିତରେ ନିଶା ବ୍ୟବହାର କରୁଥିବା ଲୋକଟି ପ୍ରକାରାନ୍ତରେ ସେହି ନିଶା ଦାନବର କବଳିତ ହୋଇ ସାରିଥାଏ। ତେବେ ନିଶା ଯେ କେବଳ ମଦ, ଭାଙ୍ଗ, ଟାବ୍‌ଲେଟ ବା ଇଞ୍ଜେକଶନ୍ ନୁହେଁ ସବୁଠାରୁ ବେଶୀ ବ୍ୟବହୃତ ହୁଏ ତମାଖୁ। ଗାଁ ହେଉ ବା ସହର ଗୁଟ୍‌ଖା ପାଟିରେ ପକାଇ କାର୍ଯ୍ୟ କରୁଥିବା ଲୋକଟିଏ ପରବର୍ତ୍ତୀ ସମୟରେ ସେହି ନିଶା ରାକ୍ଷସର ପାଟି ଭିତରେ ହିଁ ପଶି ଯାଇଥାଏ। ଗୁଟ୍‌ଖା ହେଉ ବା ସେହି ଧରଣର ଧୂଆଁପତ୍ର ସହିତ ନିକୋଟିନ୍ ମିଶିଥିବା ପାନ ମସଲା ଖାଇ ପୃଥିବୀରେ ବର୍ଷକୁ ପାଖାପାଖି ୬୦ ଲକ୍ଷ ଲୋକ ଜୀବନ ହାରୁଛନ୍ତି। ଭାରତରେ ଏହି ସଂଖ୍ୟା ୧୨ ଲକ୍ଷରୁ ଅଧିକ ହେଉଥିବାବେଳେ ତମାଖୁ ସେବନ କ୍ଷେତ୍ରରେ ଅଗ୍ରଣୀ ରାଜ୍ୟ ଭାବେ ଥିବା ଓଡ଼ିଶାରେ ବର୍ଷକୁ ୪୦ ହଜାର ପାଖାପାଖି ଲୋକ ଏହି କାରଣରୁ ଜୀବନ ହରାଉଛନ୍ତି। ନିଶା ରାକ୍ଷସର କବଳରୁ ଲୋକମାନଙ୍କୁ ରକ୍ଷା କରିବା ସହ ଏହାର ନିୟନ୍ତ୍ରଣ ଦିଗକୁ ଦୃଷ୍ଟିରେ ରଖି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ମେ ୩୧ ତାରିଖକୁ ବିଶ୍ୱ ତମାଖୁ ବର୍ଜନ ଦିବସ ଭାବରେ ପାଳନ କରୁଛି। ଏକ ପରିସଂଖ୍ୟାନର ତଥ୍ୟ ଯାହା କୁହେ ପୃଥିବୀରେ ପ୍ରତି ୬ ସେକେଣ୍ଡରେ ତମାଖୁ ସେବନଜନିତ କାରଣରୁ ଅତିକମ୍‌ରେ ଜଣେ ଲୋକର ଜୀବନ ଯାଇଥାଏ। ଯେଉଁ ଭାବରେ ତମାଖୁ ସେବନଜନିତ ମୃତ୍ୟୁସଂଖ୍ୟା ବଢ଼ୁଛି, ତାହା ସେହି ଧାରାରେ ରହିଲେ ଏହା ବାର୍ଷିକ ୧ କୋଟିକୁ ଟପିଯିବ। ଆମ ଦେଶରେ ଯେତେ ମୁଖଗହ୍ୱର କର୍କଟ ରୋଗୀ ରହିଛନ୍ତି, ସେମାନଙ୍କ ଭିତରୁ ପାଖାପାଖି ୯୦% ହେଉଛନ୍ତି ବିଭିନ୍ନ ପ୍ରକାରର ତମାଖୁ ବ୍ୟବହାରକାରୀ। କେବଳ ଭୟାବହ କର୍କଟ ରୋଗ ନୁହେଁ, ତମାଖୁ ସ୍ଲୋ ପଏଜନ୍ ଭାବେ ଧୀରେ ଧୀରେ ମଣିଷକୁ ମୃତ୍ୟୁପର ପଥ ଦେଖାଇଥାଏ। କେବଳ ସେତିକି ନୁହେଁ, ଏହାକୁ ସାଙ୍ଗ କରିଥିବା ଲୋକଟି ଅଜାଣତରେ ଯକୃତଠାରୁ ହୃଦ୍‌ରୋଗ, ଅଗ୍ନାଶୟ, ବୃକକ୍, ପାକସ୍ଥଳୀ, ସ୍ନାୟୁଗତ, ଫୁସ୍‌ଫୁସ୍ ରୋଗମାନଙ୍କରେ ପୀଡ଼ିତ ହେବା ସହ ପରିବାର ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଥା'ନ୍ତି।

୨୦୨୦ ମସିହାର ଭାରତ ସରକାରଙ୍କ ପ୍ରଦତ୍ତ ବାର୍ଷିକ ସ୍ୱାସ୍ଥ୍ୟ ସର୍ଭେ ରିପୋର୍ଟ ଯାହା କହିଛି, ତାହା ହେଉଛି କେବଳ ଓଡ଼ିଶାରେ ୩୫ ବର୍ଷ ବୟସରୁ ଊର୍ଦ୍ଧ୍ୱ ଅନ୍ୟୂନ ୩୮% ଲୋକ ଏହି ଭୟାବହ ତମାଖୁର ମରଣଯନ୍ତାରେ ଫସୁଛନ୍ତି। ରାଜସ୍ଥାନ ଓ ଉତ୍ତରାଖଣ୍ଡ ଭଳି ରାଜ୍ୟରେ ଏହି ସଂଖ୍ୟା ୧୦%ରୁ କମ୍ ଥିବାବେଳେ ସେଠାରେ ତମାଖୁ ନିଷିଦ୍ଧ କରାଯାଇଛି। ଆଇନ ଯେ ନାହିଁ ତାହା ନୁହେଁ, ସମଗ୍ର ଭାରତରେ ପାଖାପାଖି ୨୦ଟି ରାଜ୍ୟରେ ଏହି ଗୁଟ୍‌ଖା ଓ ତମାଖୁର ବ୍ୟବହାର ଉପରେ କଡ଼ା କଟକଣା ରହିଛି। ଓଡ଼ିଶାରେ ଏହାକୁ ନିଷିଦ୍ଧ ବା ବନ୍ଦ କରିବା ପାଇଁ ଆଇନ ବି ରହିଛି। ସରକାର କେବଳ ଏହାର ନିଷିଦ୍ଧ ପାଇଁ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ କରିଦେଇ ଦାୟିତ୍ୱ ସରିଗଲା ଭଳି ଭାବୁଛନ୍ତି। ବ୍ୟାପକ ସଚେତନତା ସୃଷ୍ଟି ନ ହେଉଥିବାରୁ ଏହା ଦିନକୁ ଦିନ ଉଦ୍‌ବେଗଜନକ ଭାବରେ ବଢ଼ି ଚାଲୁଛି। ଆଇନରେ ଗୁଟ୍‌ଖା ଓ ତମାଖୁଜାତ ସାମଗ୍ରୀର ଉତ୍ପାଦନ, ବ୍ୟବସାୟ ଏପରିକି ବ୍ୟବହାର ପାଇଁ ନିଷିଦ୍ଧାଦେଶ ରହିବା ସହ ଏହାପାଇଁ ଜେଲ ଓ ଜରିମାନାର ଦଣ୍ଡବ୍ୟବସ୍ଥା ମଧ୍ୟ ରହିଛି। କିନ୍ତୁ ଏହି ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଓଡ଼ିଶାରେ ଜଣେ ବି କେହି ଦଣ୍ଡିତ ହୋଇନାହାନ୍ତି। ବିଭିନ୍ନ ସମୟରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଏହାର ପାର୍ଶ୍ୱପ୍ରତିକ୍ରିୟା ସମ୍ପର୍କରେ ଲୋକମାନଙ୍କୁ ବୁଝାଇ କିଛିଟା ସଚେତନ କରିପାରିବାର ଦାୟିତ୍ୱ ରଖିଛନ୍ତି। ତେବେ ସବୁଠାରୁ ବଡ଼ ଉଦ୍‌ବେଗଜନକ ପ୍ରସଙ୍ଗ ହେଉଛି ଓଡ଼ିଶା ଭଳି ଏକ ଗରିବ ରାଜ୍ୟର ଲୋକଙ୍କଠାରୁ ନିଶା ମାଫିଆମାନେ ବାର୍ଷିକ ପାଖାପାଖି ୬୦ ହଜାର କୋଟି ଟଙ୍କା ଶୋଷି ନେଉଛନ୍ତି। ଏଣୁ ଦାରିଦ୍ର୍ୟ ଦୂରୀକରଣ ସହିତ ରାଜ୍ୟର ବିକାଶ ଏବଂ ଲୋକଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ପାଇଁ ଯେତେ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା ସରକାର କଲେ ମଧ୍ୟ ତାହା ଫୁଟା ମାଠିଆରେ ବୋହିଯିବା ପାଣି ପରିସ୍ଥିତି। ଯେଉଁ ପ୍ରକାର ବି ହେଉ, ନିଶା ରାକ୍ଷସର ମରଣଯନ୍ତାରେ ପଡ଼ିଥିବା ଲୋକଟି ସହଜରେ ମୁକୁଳି ପାରି ନ ଥାଏ। କାରଣ ଏହା ଲୋକଟିର ସ୍ୱାସ୍ଥ୍ୟଗତ ଦିଗକୁ ନୁହେଁ, ମାନସିକ କ୍ଷେତ୍ରରେ ତାକୁ ଏକ ପ୍ରକାର ପାଗଳ କରିଦେଇଥାଏ।

ଅନେକ ସମୟରେ ନିଶା ନ ପାଇବାରୁ ନିଶାଖୋରମାନେ ଯେଉଁପରି ଭାବରେ ଜଘନ୍ୟ କାଣ୍ଡ କରିଥା'ନ୍ତି ତାହା ଗଣମାଧ୍ୟମରେ ପ୍ରକାଶ ପାଇଥାଏ। କିନ୍ତୁ ବାସ୍ତବରେ ଆମ ସମାଜରୁ ତମାଖୁ ବା ନିଶା ମୁକ୍ତ ବ୍ୟବସ୍ଥା ସୃଷ୍ଟି କରିବା ନିଶ୍ଚିତ ଭାବରେ କାଠିକର ପାଠ। ଏହା ଲୋକଟିର ସବୁକିଛିକୁ ପୋଡ଼ା ଅଙ୍ଗାର କରିଦିଏ। ଜୀବନରେ କୌଣସି ଖୁସି ପାଇବାକୁ ଲୋକଟି ସକ୍ଷମ ହୋଇନଥାଏ। ଖୁବ୍ ଖୁସିର କଥା, ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଏହି ନିଶା ରାକ୍ଷସ କବଳରୁ କିପରି ଜଣେ ବର୍ତ୍ତିପାରିବ ତାହା ପାଇଁ ସ୍ୱତନ୍ତ୍ର ଚିକିତ୍ସା ସୁବିଧାର ବ୍ୟବସ୍ଥା ରହିଛି। ଇଆଡ଼େ ସେହି ନିଶା ପାଇଁ ବାଡ଼ିଆପିଟା, କେଉଁଠି ନିଜର ଉପରିସ୍ଥ ହାକିମଙ୍କୁ ନାଲିଆଖି ଦେଖାଇବା ଏହିପରି ବିଭିନ୍ନ ବିଭ୍ରାନ୍ତିକର ପରିବେଶ ସୃଷ୍ଟି ହୋଇଥାଏ। ତେବେ ନିଶା ନିବାରଣ ଚାହୁଁଥିଲେ ଏ କ୍ଷେତ୍ରରେ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପ୍ରଥମେ ନିଜ ଘରୁ ଆରମ୍ଭ କରି ଆଖପାଖର ପରିବେଶ ଓ ପରେ ସମାଜରେ ଆପଣ ନିଶା ମୁକ୍ତି ପାଇଁ ନିଶ୍ଚିତ କିଛି ଦାୟିତ୍ୱ ନିର୍ବାହ କରିପାରିବେ। ଆଉ ଏ କ୍ଷେତ୍ରରେ ସମସ୍ତଙ୍କର ସହଯୋଗ ନିତାନ୍ତ ପ୍ରୟୋଜନୀୟ। ତେଣୁ ଆସନ୍ତୁ ଆଜିପରି ଦିନରେ ଏହି ରାକ୍ଷସକୁ ମୂଳୋତ୍ପାଟନ କରିବା ପାଇଁ ସଂକଳ୍ପ ନେବା।

- ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ, ମୋ: ୯୪୩୭୦୫୧୯୫୭

## ଏଇ ଭାରତରେ

ଦୁର୍ଗମ ଅଞ୍ଚଳରେ ଆଦିବାସୀ ସମ୍ପ୍ରଦାୟର ଶିଶୁମାନଙ୍କ ଶିକ୍ଷାରେ ଉନ୍ନତି ଆଣିବା ପାଇଁ ସନ୍ତୋଷ କୁମାର ପଣ୍ଡାଙ୍କ ଉଦ୍ୟମ ଏକ ଉଦାହରଣ ସୃଷ୍ଟି କରିଛି। ସନ୍ତୋଷଙ୍କ ବୟସ ୩୮ ଓ ସେ ରହନ୍ତି ଝାଡ଼ଖଣ୍ଡର ସିଂହଭୂମ ଜିଲାର ଦୁର୍ଗମ ଗାଁ ଚାଇବସାରେ। ଏହି ଗାଁକୁ ସରଣ୍ଡା ଜଙ୍ଗଲ ଘେରି ରହିଛି। ଏଠାରେ ଅନେକ ଗରିବ ଆଦିବାସୀ ସମ୍ପ୍ରଦାୟ ପରିବାର ରହୁଛନ୍ତି। ଗାଁଠାରୁ ୨ କି.ମି ଦୂରରେ ସ୍କୁଲ ରହିଥିବାରୁ ଜଙ୍ଗଲ ରାସ୍ତା ଦେଇ ପିଲାମାନେ ପଢ଼ିବାକୁ ଯାଆନ୍ତି ନାହିଁ। ଏଣୁ ସନ୍ତୋଷ ନିଜସ୍ୱ ପ୍ରୟାସରେ ୨୦୧୭ରେ ଚାଇବସାରେ ଏକ ଶିଶୁ ଶିକ୍ଷା ନର୍ସରୀ ସ୍କୁଲ୍ ଖୋଲି ୩୫ ଜଣ ପିଲାଙ୍କୁ ଇଂଲିଶ୍ ମାଧ୍ୟମରେ ମାଗଣାରେ ପଢ଼ାଉଛନ୍ତି। ଏହି ପ୍ରି ପ୍ରାଇମେରୀ ସ୍କୁଲ୍‌ରେ ମୁଖ୍ୟତଃ ଗଣିତ, ଇଂଲିଶ୍ ଓ ଅନ୍ୟ ବିଷୟ ପଢ଼ାଯାଉଛି। ସନ୍ତୋଷଙ୍କ ସ୍ତ୍ରୀଙ୍କ ସହ ଆଉ ଦୁଇଜଣ ମଧ୍ୟ ସ୍ୱେଚ୍ଛାକୃତ ଭାବେ ଏହି ସ୍କୁଲ୍‌ରେ ପଢ଼ାଉଛନ୍ତି। ସକାଳ ୯ରୁ ୧୨ଟା ଯାଏ ସ୍କୁଲ୍ ଚାଲୁଛି। ଏଠାରେ କୌତୂହଳ ଶୈଳୀରେ ଫଳ, ଖେଳନା ଏବଂ ଅନ୍ୟାନ୍ୟ ଉପକରଣ ବ୍ୟବହାର କରି ପିଲାଙ୍କୁ ପଢ଼ାଯାଉଛି। ପିଲାମାନଙ୍କ ପାଇଁ ୟୁନିଫର୍ମ, ପେନ୍‌ସିଲ ଏବଂ ପାଠ୍ୟ ଉପକରଣ ଲୋକମାନଙ୍କଠାରୁ ଦାନ ଆକାରରେ ମିଳୁଛି। ସିଂହଭୂମ ଜିଲାର ୫୨ଟି ଗାଁରେ ଶିକ୍ଷା କ୍ଷେତ୍ରରେ ଆଦିବାସୀ ପରିବାରଗୁଡ଼ିକ ସମାନ ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଥିବାରୁ ଆଗକୁ ଏଭଳି ସ୍କୁଲ ସେଠାରେ ଖୋଲିବା ଲାଗି ଯୋଜନା ରଖିଛନ୍ତି ସନ୍ତୋଷ।

## ୨୫ ବର୍ଷ ତଳର ଧରିତ୍ରୀ

୩୧ ମେ ୧୯୯୬

- ରାଣୀ ଏଲିଜାବେଥ୍‌ଙ୍କର ଦ୍ୱିତୀୟ ପୁତ୍ର ଯୁବରାଜ ଆଣ୍ଡ୍ର୍ୟୁ ତାଙ୍କର ସ୍ତ୍ରୀ ଡଚେସ୍ ଅଫ୍ ୟର୍କ ଫର୍ଗିଙ୍କୁ ପାରସ୍ପରିକ ବୁଝାମଣା ଭିତ୍ତିରେ ଛାଡ଼ପତ୍ର ଦେଇଛନ୍ତି।
- ତାମିଲନାଡୁ ରାଜ୍ୟ ସଡ଼କ ପରିବହନ ନିଗମର ଏକ ବସ୍ ସହ ଗୋଟିଏ ଟ୍ରକ୍‌ର ମୁହାଁମୁହିଁ ଧକ୍କା ହେବା ଫଳରେ ୩୦ ଜଣ ବସ୍ ଯାତ୍ରୀ ଜୀବନ୍ତ ଦଗ୍ଧ।
- ପାରାଦୀପ ନିଷିଦ୍ଧାଞ୍ଚଳ ଭିତରେ ଗଚ୍ଛିତ ଥିବା କୋଇଲା ଗଦାଗୁଡ଼ିକରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ୫ କୋଟି ଟଙ୍କା ମୂଲ୍ୟର କୋଇଲା ଭସ୍ମୀଭୂତ।

## ଚିରନ୍ତନୀ

ଗ୍ରନ୍ଥ ପରେ ରଚିତ ହେଲା
ଗ୍ରନ୍ଥ ଅଗଣନ
ମାନବ-ଆଶା ବେଦନାରାଶି ବହି
ବନ୍ଦୀ କରି ପତ୍ରେ ତାର
ବିରାଟ କେତେ ମନ,
ଅତୀତ ଭାଷା ଯାଉଛି ଆଜି କହି!
-(ଅମର ଆଶା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଦୁର୍ଦ୍ଦଶାରେ ଗଡ଼ମଧୁପୁର ବାସିନ୍ଦା

ମହାଶୟ,

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଗଡ଼ମଧୁପୁର ଏବଂ ଜେନାପୁରଠାରେ ଥିବା ଦୁଇଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ଷ ବର୍ଷ ଧରି ଡାକ୍ତର ପଦବୀ ଖାଲିପଡ଼ିଛି। କରୋନା ସମୟରେ ଡାକ୍ତର ନ ଥିବାରୁ ଏହି ଅଞ୍ଚଳରେ ଅତି ଦାରୁଣ ଅବସ୍ଥା ସୃଷ୍ଟି ହୋଇଛି। ସେହିପରି ନିକଟସ୍ଥ କବାଟବନ୍ଧର ସାରୋଇ ଏବଂ ଅଣ୍ଟିଆ ସବ୍‌ସେଣ୍ଟରରେ କୌଣସି ଅଧିକାରୀ ନ ଥିବାରୁ ପ୍ରାୟ ୨୦ ହଜାର ଲୋକ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟସେବା ଏବଂ ଟିକାରୁ ବଞ୍ଚିତ ହେଉଛନ୍ତି। ବାତ୍ୟା ଏବଂ ବର୍ଷା ପାଇଁ ଲୋକେ ଦୂରରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇପାରୁ ନାହାନ୍ତି। କରୋନା ସାଙ୍ଗକୁ ଝାଡ଼ାବାନ୍ତି ଓ ଜ୍ୱର ବ୍ୟାପିଲାଣି। କେହି ଘରୁ ବାହାରି ପାରୁ ନାହାନ୍ତି। ଏଥିପାଇଁ ଏହି ଅଞ୍ଚଳରେ ତୁରନ୍ତ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଦଳ ପହଞ୍ଚା ଯାଉ, ନଚେତ୍ ଦୁଇ ଡାକ୍ତରଖାନାରେ ଅସ୍ଥାୟୀ ଡାକ୍ତର ନିଯୁକ୍ତି ଦେବାର ବ୍ୟବସ୍ଥା କରାଯାଉ। ଏକ ଜନମଙ୍ଗଳ ରାଷ୍ଟ୍ରରେ ଲୋକଙ୍କ ଜୀବନ ରକ୍ଷା ଏବଂ ସ୍ୱାସ୍ଥ୍ୟସେବା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଏହି ଦିଗ ପ୍ରତି ସରକାର ଗୁରୁତ୍ୱ ନ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ।

-ସତୀଶ ବିଶ୍ୱାଳ, ଧର୍ମଶାଳା, ଯାଜପୁର

### ବିପର୍ଯ୍ୟୟ ବେଳେ ଦରଦାମ୍ ନିୟନ୍ତ୍ରଣ ହେଉ

ଦେଶରେ ଅବା ରାଜ୍ୟରେ ମହାମାରୀ ହେଉ କି ବାତ୍ୟା କି ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ହାଟ ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧିକୁ ନିୟନ୍ତ୍ରଣ କରାଯିବା ନିହାତି ଜରୁରୀ। କାରଣ, ସେତେବେଳେ ଲୋକେ ଛାନିଆ ହୋଇ ବିଭିନ୍ନ ସାମଗ୍ରୀ ଯଥା: ଡାଲି, ଚାଉଳ, ଅଟା ସହିତ ଅନ୍ୟାନ୍ୟ ତେଜରାତି ସଉଦା ଓ ପନିପରିବା ପ୍ରଭୃତି ନିଜର ଆବଶ୍ୟକତାଠାରୁ ଅଧିକ ପରିମାଣରେ କିଣି ନେବାକୁ ଚାହିଁଥାଆନ୍ତି। ଏଣୁ, ଖାଉଟିଙ୍କ ଚାହିଦାକୁ ଚାହିଁ ଖୁଚୁରା ବ୍ୟବସାୟୀମାନେ ମଧ୍ୟ ଏହାର ଫାଇଦା ଉଠାଇ ମନଇଚ୍ଛା ଦରଦାମ ବୃଦ୍ଧି କରିଦିଅନ୍ତି। ଚଳିତ କରୋନା ମହାମାରୀରେ ଲକ୍‌ଡାଉନ୍ କିମ୍ବା ଶଟ୍‌ଡାଉନ୍ ଘୋଷଣା ହେବାମାତ୍ରେ ଜନସାଧାରଣ ଅତ୍ୟନ୍ତ ବ୍ୟାକୁଳ ହୋଇ ଜିନିଷ କିଣି ପକାଉଛନ୍ତି। ପୁଣି ନିଜ ବାସସ୍ଥାନଠାରୁ ୫୦୦ ମିଟର ଦୂରତାରେ କିଣାକିଣି ପାଇଁ କଟକଣା ଲାଗିଥିବାରୁ ବଞ୍ଚିବା ପାଇଁ ଖାଉଟି ସାମଗ୍ରୀ ଓ ପନିପରିବା ଆଦିର ଅହେତୁକ ଦର୍ ବୃଦ୍ଧିକୁ ସାଧାରଣ ଖାଉଟି ପ୍ରତିବାଦ କରି ପାରୁନାହିଁ। ଏଣୁ, ମହାମାରୀ ଅଥବା ପ୍ରାକୃତିକ ବିପର୍ଯ୍ୟୟ ବେଳେ ପନିପରିବା ତଥା ଅତ୍ୟାବଶ୍ୟକ ଦ୍ରବ୍ୟର ଦରଦାମ୍ ବୃଦ୍ଧିକୁ ନିୟନ୍ତ୍ରଣ କରାଯାଉ।

-ଅବନୀ ଚନ୍ଦ୍ର ଦାସ, ପ୍ରଶାନ୍ତି ବିହାର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

❝ କରୋନା ଭାଇରସ୍‌ର ତୃତୀୟ ଲହରକୁ ସାମ୍ନା କରିବା ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ। କୋହଳ ହେବାକୁ ଆମେ ଅନୁମତି ଦେଇପାରିବୁ ନାହିଁ।
– ଉଦ୍ଧବ ଠାକ୍‌ରେ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ



## ସଂକ୍ଷେପରେ

### ୫ରୁ ୧୨ ପିଲାଙ୍କଠାରେ ଟିକା ପରୀକ୍ଷା କରିବ କାଡିଲା

**ଅହମଦାବାଦ, ୩୦।୫:** ବୟସ୍କଙ୍କ ପରେ ଏବେ ୧୨ରୁ ୧୮ ବର୍ଷ ବୟସ ବର୍ଗର ପିଲାମାନଙ୍କଠାରେ ଜାଇଡସ୍ କାଡିଲା ପ୍ରସ୍ତୁତ ଜିକୋଭ୍-ଡି କୋଭିଡ୍ ଟିକାର କ୍ଲିନିକାଲ ପରୀକ୍ଷା ଜାରି ରହିଛି। ଏବେ କମ୍ପାନୀ ଏହାର ପ୍ଲାସ୍‌ମିଡ୍ ଡିଏନ୍‌ଏ ଟିକା ୫ରୁ ୧୨ ବର୍ଷ ବୟସ ବର୍ଗର ପିଲାଙ୍କଠାରେ ପରୀକ୍ଷା କରାଇବା ପାଇଁ ଯୋଜନା କରୁଛି। ଏହି ଟିକା ପିଲାମାନଙ୍କ ପାଇଁ ପ୍ରସ୍ତୁତ ହୋଇଛି। ୧୨ରୁ ୧୮ ବର୍ଷ ବୟସର ୮୦୦ରୁ ଊର୍ଦ୍ଧ୍ୱ ପିଲାଙ୍କଠାରେ ଜିକୋଭ୍-ଡି ପରୀକ୍ଷା କରାଗଲାଣି ଏବଂ ପର୍ଯ୍ୟାପ୍ତ ତଥ୍ୟ ଉପଲବ୍ଧ ହେବାକୁ ଯାଉଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ପରୀକ୍ଷା ସଫଳ ହେଲେ ପିଲାମାନଙ୍କଠାରେ ଏହି ଟିକା ବ୍ୟବହାର ପାଇଁ ଅନୁମତି ମିଳିବ ବୋଲି କାଡିଲା ହେଲ୍‌ଥକେୟାର ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ଶର୍ଭିଲ ପଟେଲ କହିଛନ୍ତି।

### ଜୁନ୍‌ରେ ୧୦ କୋଟି କୋଭିଶିଲ୍ଡ ଡୋଜ୍ ଯୋଗାଇବ ସିରମ୍

**ନୂଆଦିଲ୍ଲୀ, ୩୦।୫ (ପି.ଟି.):** କୋଭିଡ୍ ଟିକା ଅଭାବ ଯୋଗୁ ବିଭିନ୍ନ ରାଜ୍ୟରେ ଟିକାକରଣ କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହୋଇଛି। ଉତ୍ପାଦନ ବଢ଼ାଇବା ସହ ବିଦେଶରୁ ଟିକା ଆମଦାନୀ ଲାଗି ସରକାରଙ୍କ ଉପରେ ଚାପ ପଡୁଥିବାବେଳେ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଏସ୍‌ଆଇଆଇ) ଜୁନ୍‌ରେ ୯ରୁ ୧୦ କୋଟି କୋଭିଶିଲ୍ଡ ଡୋଜ୍ ଉତ୍ପାଦନ କରିବା ସହ ଯୋଗାଇ ପାରିବ ବୋଲି ରବିବାର ସରକାରଙ୍କୁ ଜଣାଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ପତ୍ର ଲେଖି ଏସ୍‌ଆଇଆଇ କହିଛି, ମହାମାରୀ ଜନିତ ବିଭିନ୍ନ ଚ୍ୟାଲେଞ୍ଜ ସତ୍ତ୍ୱେ ଏହାର କର୍ମଚାରୀମାନେ ଦିନରାତି ଟିକା ଉତ୍ପାଦନରେ ଲାଗିଛନ୍ତି। ଜୁନ୍‌ରେ ୬.୫ କୋଟି, ଜୁଲାଇରେ ୭ କୋଟି ଏବଂ ଅଗଷ୍ଟ, ସେପ୍ଟେମ୍ବରରେ ୧୦ କୋଟି ଲେଖାଏ ଡୋଜ୍ ଉତ୍ପାଦନ ହେବ ବୋଲି ପୂର୍ବରୁ ସିରମ୍ ସରକାରଙ୍କୁ ଜଣାଇଥିଲା। ଭାରତରେ ଟିକାକରଣରେ ସିରମ୍‌ର କୋଭିଶିଲ୍ଡ ଏବଂ ଭାରତ ବାୟୋଟେକ୍‌ର କୋଭାକ୍ସିନ୍‌କୁ ବ୍ୟବହାର କରାଯାଉଥିବାବେଳେ ରୁଷିଆ ନିର୍ମିତ ସ୍ପୁଟ୍‌ନିକ ଭି ଟିକା ଅଳ୍ପ କେତେକ ଘରୋଇ ହସ୍ପିଟାଲରେ ଉପଲବ୍ଧ ହେଉଛି।

### ସଚିବାଳୟରେ ବୋମା ଆତଙ୍କ


**ମୁମ୍ବାଇ, ୩୦।୫:** ମହାରାଷ୍ଟ୍ର ସଚିବାଳୟଠାରେ ବୋମା ରଖାଯିବାକୁ ନେଇ ରବିବାର ଆତଙ୍କ ଦେଖାଦେଇଛି। ସେଠାରେ ବୋମା ଖଞ୍ଜା ଯିବାକୁ ନେଇ ମଧ୍ୟାହ୍ନ ପ୍ରାୟ ୧୨ଟା ୪୦ରେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କଣ୍ଟ୍ରୋଲ ରୁମ୍‌କୁ କେହି ଧମକପୂର୍ଣ୍ଣ ଫୋନ୍ କରିଥିଲେ। ଖବର ଜଣାପଡ଼ିବା ପରେ ସଙ୍ଗେ ସଙ୍ଗେ ମୁମ୍ବାଇ ପୋଲିସକୁ ଆଲର୍ଟ କରାଯିବା ସହ ସଚିବାଳୟରେ ବୋମା ନିଷ୍କ୍ରିୟକାରୀ ଟିମ୍ ପହଞ୍ଚିଥିଲା। ଖୋଜାଖୋଜି ପରେ ସେଠାରୁ କିଛି ମିଳି ନ ଥିବା ଜଣାପଡ଼ିଛି। କେହି ଜାଣିଶୁଣି ମିଥ୍ୟା ଧମକ ଦେଇଥିବା ପୋଲିସ କହିଛି।



## ମାସକୁ ୨୭ ହଜାର ଟଙ୍କାର ଜଳଖିଆ

ଫିନ୍‌ଲାଣ୍ଡ ପ୍ରଧାନମନ୍ତ୍ରୀ ସନା ମାରିନ୍‌ଙ୍କ ଜଳଖିଆ ବିଲ୍‌କୁ ନେଇ ବିବାଦ ଦେଖାଦେଇଛି। ମାରିନ୍ ସରକାରୀ ଅର୍ଥର ଦୁରୁପଯୋଗ କରୁଥିବା ନେଇ ବିରୋଧ ମୁଣ୍ଡ ଟେକିବା ପରେ ପୋଲିସ ଏହାର ତଦନ୍ତ କରିବ ବୋଲି ଜଣାପଡ଼ିଛି। ମାରିନ୍ ତାଙ୍କ ସରକାରୀ ବାସଭବନରେ ପରିବାର ସହ ଜଳଖିଆରେ ବ୍ୟାପକ ଅର୍ଥ ଖର୍ଚ୍ଚ କରୁଥିବା ଅଭିଯୋଗ ଆସିଛି। ଟାବ୍‌ଲଏଡ୍ ଇଲ୍‌ଟଲେହଟି ରିପୋର୍ଟ ଅନୁଯାୟୀ, ମାରିନ୍ ତାଙ୍କ ପରିବାର ସଦସ୍ୟଙ୍କ ଜଳଖିଆ ପାଇଁ ପ୍ରତିମାସରେ ପ୍ରାୟ ୩ ଶହ ୟୁରୋ (ପାଖାପାଖି ୨୭ ହଜାର ଟଙ୍କା) ଖର୍ଚ୍ଚ କରୁଛନ୍ତି। ଏ ସଂକ୍ରାନ୍ତରେ ମାରିନ୍ ଟୁଇଟ୍ କରି କହିଛନ୍ତି, ପ୍ରଧାନମନ୍ତ୍ରୀ ଭାବେ ସେ ଏଭଳି ସୁବିଧା କେବେ ଦାବି କରିନାହାନ୍ତି। ପୂର୍ବରୁ ଅନ୍ୟ ପ୍ରଧାନମନ୍ତ୍ରୀମାନେ ମଧ୍ୟ ଏହାର ଲାଭ ଉଠାଇଥିବା ସେ କହିଛନ୍ତି। ୩୫ ବର୍ଷୀୟା ମାରିନ୍ ହେଉଛନ୍ତି ବିଶ୍ୱର ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ।

## ୩୧ କୋଟିର ଫ୍ଲାଟ୍ କିଣିଲେ ଅମିତାଭ



ବଲିଉଡ୍ ବିଗ୍ ବି ଅମିତାଭ ବଚ୍ଚନ ମୁମ୍ବାଇରେ ୩୧ କୋଟିର ଏକ ଡୁପ୍ଲେକ୍ସ କିଣିଛନ୍ତି। ଏହି ଫ୍ଲାଟ୍‌ଟି ଏବେ ନିର୍ମାଣାଧୀନ ରହିଛି। ମହାରାଷ୍ଟ୍ର ସରକାରଙ୍କ ଷ୍ଟାମ୍ପ ଡ୍ୟୁଟି ଛାଡ଼ର ଲାଭ ଉଠାଇ ବିଗ୍ ବି ଗତ ଏପ୍ରିଲରେ ମୋଟ ଅର୍ଥର ମାତ୍ର ୨ ପ୍ରତିଶତ ବା ୬୨ ଲକ୍ଷ ଟଙ୍କା ଷ୍ଟାମ୍ପ ଡ୍ୟୁଟି ପଇଠ କରି ଫ୍ଲାଟର ପଞ୍ଜୀକରଣ କରିଥିବା ଜଣାପଡ଼ିଛି। କ୍ରିଷ୍ଟାଲ ଗ୍ରୁପ୍‌ର ଆଟ୍‌ଲାଣ୍ଟିସ୍ ପ୍ରୋଜେକ୍ଟରେ ବିଗ୍ ବି କିଣିଥିବା ଏହି ଡୁପ୍ଲେକ୍ସର ଆକାର ପ୍ରାୟ ୫,୧୮୪ ବର୍ଗ ଫୁଟ୍ ହେବ। କେବଳ ମୁମ୍ବାଇରେ ବିଗ୍ ବିଙ୍କ ୪ଟି ବଙ୍ଗଳା ରହିଛି। ସେଥିରୁ ଜଲ୍‌ସା ବଙ୍ଗଳାରେ ସେ ଓ ତାଙ୍କ ପରିବାର ରହୁଛନ୍ତି।

# କମୁନି କୋଭିଡ୍ ମୃତ୍ୟୁସଂଖ୍ୟା

## ଦିନକରେ ୧.୬୫ ଲକ୍ଷ ସଂକ୍ରମିତ, ୩,୪୬୦ ମୃତ



ନୂଆଦିଲ୍ଲୀ, ୩୦।୫

ଭାରତରେ ଗତ କିଛିଦିନର କୋଭିଡ୍ ସ୍ଥିତିକୁ ଅନୁଧ୍ୟାନ କଲେ ଦୈନିକ ସଂକ୍ରମଣ ଯଥେଷ୍ଟ ହ୍ରାସ ପାଇଛି। ସେହିପରି ପଜିଟିଭିଟି ହାର ମଧ୍ୟ କମିଛି। ତେବେ ମୃତ୍ୟୁହାର ଏବେ ବି ଅଧିକ ରହିଛି, ଯାହା ସ୍ୱାସ୍ଥ୍ୟସେବା କର୍ତ୍ତୃପକ୍ଷଙ୍କୁ ଚିନ୍ତାରେ ପକାଇଛି। ଅବଶ୍ୟ ସଂକ୍ରମଣ ତୁଳନାରେ ମୃତ୍ୟୁହାର (ସିଏଫ୍‌ଆର୍)କୁ ଦେଖିଲେ ଅନ୍ୟ ଦେଶ ତୁଳନାରେ ଭାରତର ହାର କମ୍ ରହିଛି। ତେବେ ମେ' ଦ୍ୱିତୀୟ ଭାଗରେ ସିଏଫ୍‌ଆର୍ ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି।

ମେ' ମାସ ପ୍ରଥମ ୧୫ ଦିନରେ ଦେଶରେ କରୋନା ଜନିତ ମୃତ୍ୟୁସଂଖ୍ୟା ୫୮,୪୩୧ ଥିଲା ଅର୍ଥାତ୍ ସିଏଫ୍‌ଆର୍ ୧.୦୬ ପ୍ରତିଶତ ରହିଥିଲା। ପରବର୍ତ୍ତୀ ୧୪ ଦିନ (ମେ' ୧୬ରୁ ୨୯)ରେ ମୃତ୍ୟୁସଂଖ୍ୟା ୫୫,୬୮୮ ରହିଛି। ତେବେ ଏହି ସମୟରେ ସିଏଫ୍‌ଆର୍ ୧.୭୩ ପ୍ରତିଶତ ରହିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ମେ' ପ୍ରଥମ ଭାଗ ଅପେକ୍ଷା ଦ୍ୱିତୀୟ ଭାଗରେ ନୂଆ ସଂକ୍ରମଣ ପାଖାପାଖି ୪୨ ପ୍ରତିଶତ ହ୍ରାସ ପାଇଛି। ଅନ୍ୟପକ୍ଷରେ ଦେଖିଲେ ୨୦୨୧ରେ ସର୍ବାଧିକ ସିଏଫ୍‌ଆର୍ ମେ' ମାସରେ ୧.୩୧ ପ୍ରତିଶତ ରହିଛି। ଜାନୁୟାରୀରେ ଏହା ୧.୧୫% ଥିଲାବେଳେ ମାର୍ଚ୍ଚରେ ୦.୫୨% ଥିଲା। ଭାରତର ମୋଟ ସିଏଫ୍‌ଆର୍ ୧.୧୭ ପ୍ରତିଶତ ରହିଛି।

ଗତ ଏପ୍ରିଲ ମାସରେ ଦୈନିକ ହାରାହାରି ମୃତ୍ୟୁସଂଖ୍ୟା ୧,୬୩୧ ରହିଥିବାବେଳେ ମେ'ରେ ଏହା ୩,୯୩୫କୁ ବୃଦ୍ଧି ପାଇଛି। ଗତ ଫେବୃୟାରୀରେ ଦୈନିକ ହାରାହାରି ମୃତ୍ୟୁସଂଖ୍ୟା ୯୯ ରହିଥିଲା। ଦେଶରେ ସଂକ୍ରମଣ ହ୍ରାସ ପାଉଥିଲେ ମଧ୍ୟ ମୃତ୍ୟୁହାର ଯଥେଷ୍ଟ ଅଧିକ ରହିଛି। ପୂର୍ବରୁ ଅଧିକ ସଂକ୍ରମିତ ହୋଇଥିବାରୁ ମୃତ୍ୟୁହାର ଅପରିବର୍ତ୍ତିତ ରହିଥିବା ବୈଜ୍ଞାନିକମାନେ କହିଛନ୍ତି। ମେ' ୧୬ରୁ ଦେଶରେ ସଂକ୍ରମଣ ହ୍ରାସ ପାଇବା ଆରମ୍ଭ ହୋଇଥିଲା। ସେହିପରି ମାର୍ଚ୍ଚ ପ୍ରଥମ ସପ୍ତାହରୁ ମୃତ୍ୟୁସଂଖ୍ୟାରେ ହ୍ରାସ ଘଟିବ ବୋଲି ଆଶା କରାଯାଉଛି।

ରବିବାର ସକାଳ ସୁଦ୍ଧା ଗତ ୨୪ ଘଣ୍ଟାରେ ଦେଶରେ ୧,୬୫,୫୫୩ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି, ଯାହାକି ଗତ ୪୬ ଦିନ ମଧ୍ୟରେ ସର୍ବନିମ୍ନ। ଏହାକୁ ମିଶାଇ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨, ୭୮,୯୪,୮୦୦ରେ ପହଞ୍ଚିଛି।

### ୟୁପିରେ ଅନ୍‌ଲକ ପ୍ରକ୍ରିୟା ଆରମ୍ଭ

**ଲକ୍ଷ୍ନୌ, ୩୦।୫:** କଣ୍ଟେନମେଣ୍ଟ ଜୋନ୍ ବାହାରେ ଅର୍ଥନୈତିକ କାରବାର ପୁନର୍ବାର ଆରମ୍ଭ କରିବା ନିମନ୍ତେ ଉତ୍ତରପ୍ରଦେଶରେ ପର୍ଯ୍ୟାୟକ୍ରମେ ଲକ୍‌ଡାଉନ କଟକଣା କୋହଳ କରିବାକୁ ରାଜ୍ୟ ସରକାର ରବିବାର ଘୋଷଣା କରିଛନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ୟୁପିରେ ୧,୯୦୮ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ମାମଲା ସଂଖ୍ୟା ହ୍ରାସ ପାଇଥିବାରୁ କୋଭିଡ୍ କଟକଣା କୋହଳ କରିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ରାଜ୍ୟରେ ସର୍ବନିମ୍ନ ମୃତ୍ୟୁହାର ଏବଂ ପଜିଟିଭିଟି ହାର ରହିଥିବା ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି। ତେବେ ଯେଉଁ ଜିଲାଗୁଡ଼ିକରେ ସପ୍ତାହକ ମଧ୍ୟରେ ୬୦୦ରୁ ଅଧିକ ସକ୍ରିୟ ମାମଲା ବାହାରିବ ସେଠାରେ କରୋନା କର୍ଫ୍ୟୁ ଜାରି ରହିବ। ୫୫ ଜିଲାରେ କଟକଣା ସକାଳ ୭ରୁ ରାତି ୭ଟା ପର୍ଯ୍ୟନ୍ତ କୋହଳ କରାଯିବ। ଅନ୍ୟପକ୍ଷରେ ରାତି ୭ରୁ ସକାଳ ୭ଟା ପର୍ଯ୍ୟନ୍ତ ରାତ୍ରକାଳୀନ କର୍ଫ୍ୟୁ ଏବଂ ସପ୍ତାହାନ୍ତ କଟକଣା ବଳବତ୍ତର ରହିବ ବୋଲି କୁହାଯାଇଛି।

## ନଦୀରେ ଫିଙ୍ଗାଯାଉଛି ମୃତଦେହ

### ଭିଡିଓ ପ୍ରଘଟ ପରେ ୨ ଗିରଫ

ବଲରାମପୁର (ୟୁପି), ୩୦।୫

ଉତ୍ତରପ୍ରଦେଶରେ କରୋନା ରୋଗୀଙ୍କ ମୃତଦେହ ନଦୀକୁ ଫିଙ୍ଗାଯିବା ବେଳର ଭିଡିଓ ସାମନାକୁ ଆସିଛି। ଦୁଇ ସପ୍ତାହ ପୂର୍ବରୁ ଗଙ୍ଗାନଦୀରେ ଭାସମାନ ଅବସ୍ଥାରେ ଓ ନଦୀକୂଳ ବାଲିରେ ପୋତାଯାଇଥିବା ହଜାର ହଜାର ମୃତଦେହ ଠାବ ହେବା ଘଟଣା ବିଭିନ୍ନ ଖବରକାଗଜର ଶିରୋନାମା ମଣ୍ଡନ କରିଥିଲା। ମୃତଦେହ ନଦୀକୁ ଯେପରି ନ ଫିଙ୍ଗାଯାଏ, ତାହା ଦେଖିବା ଲାଗି ଉତ୍ତର ଭାରତୀୟ ରାଜ୍ୟଗୁଡ଼ିକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଥିଲେ। ଏଭଳି କାର୍ଯ୍ୟ ବନ୍ଦ କରିବା ଲାଗି ନଦୀକୂଳରେ ପାଟ୍ରୋଲିଂ ବ୍ୟବସ୍ଥା ବଢ଼ାଇବାକୁ ପରାମର୍ଶ ଦିଆଯାଇଥିଲା। ଗତ ଶୁକ୍ରବାର ବଲରାମପୁର ଜିଲାରେ ଦୁଇ ଜଣ ଲୋକ ଏକ ପୋଲ ଉପରୁ ରାପ୍ତି ନଦୀକୁ କୋଭିଡ୍ ରୋଗୀଙ୍କ ମୃତଦେହ ଫିଙ୍ଗୁଥିବା ଦେଖିବାକୁ



ମିଳିଛି। କ୍ୟାମେରାରେ ଉତ୍ତୋଳିତ ହୋଇଥିବା ଏହି ଦୃଶ୍ୟରେ ପିପିଇ କିଟ୍ ପିନ୍ଧିଥିବା ବ୍ୟକ୍ତି ଜଣକ ମୃତଦେହକୁ ଫିଙ୍ଗିବା ପୂର୍ବରୁ ତାକୁ ଜରି ପ୍ୟାକ୍‌ରୁ ବାହାର କରୁଥିବା ଦେଖାଯାଇଛି। ରୋଗୀଙ୍କ ଦୁଇଜଣ ସମ୍ପର୍କୀୟଙ୍କୁ ଗିରଫ କରାଯାଇଛି। ମୃତଦେହ ହସ୍ତାନ୍ତର କରାଯାଇଥିବା ପରିବାର ସଦସ୍ୟଙ୍କ ନାମରେ ମାମଲା ରୁଜୁ ହୋଇଛି।

### ମ୍ୟାନ୍‌ମାର ବିଦ୍ରୋହୀ ନେତାଙ୍କୁ ହତ୍ୟା

ନାପିତାଉ, ୩୦।୫

ମ୍ୟାନ୍‌ମାରରେ ବେଆଇନ ଘୋଷିତ ହୋଇଥିବା ଶନି ନ୍ୟାଶନାଲିଟିଜ୍ ଆର୍ମି (ଏନ୍‌ଏନ୍‌ଏ)ର ଦ୍ୱିତୀୟ ମୁଖ୍ୟ ମେଜର ଜେନେରାଲ ସାଓ ଖୁନ୍ କ୍ୟାଉଙ୍କୁ ସାମରିକ ଶାସକ (ଜୁଣ୍ଟା) ହତ୍ୟା କରିଥିବା ଅଭିଯୋଗ ହୋଇଛି। ଗୁରୁବାର ସକାଳେ ସାଓଙ୍କୁ ଅତି ନିକଟରୁ ଗୁଳି କରାଯାଇଥିଲା ବୋଲି ଏସ୍‌ଏନ୍‌ଏ ମୁଖପାତ୍ର କଲୋନେଲ ସୁର୍ ସାଇ ଟୁନ୍ କହିଛନ୍ତି। ତାଙ୍କ ସୁରକ୍ଷା ଟିମ୍ ଉପରେ ମଧ୍ୟ ଆକ୍ରମଣ ହୋଇଥିଲା। ଏଥିରେ ଅନ୍ୟ ଜଣେ ଆହତ ହୋଇଛନ୍ତି। ଏସ୍‌ଏନ୍‌ଏ ସୈନ୍ୟଙ୍କ ଗୁଳିରେ ଆକ୍ରମଣକାରୀ ନିହତ ହୋଇଥିବା ମୁଖପାତ୍ର କହିଛନ୍ତି।

### ନିଆଁ ଲାଗିଥିବା ଜାହାଜରୁ ୨୦୦ ଯାତ୍ରୀ ଉଦ୍ଧାର

ଜାକର୍ତ୍ତା, ୩୦।୫

ଇଣ୍ଡୋନେସିଆର ନର୍ଥ ମାଲୁକୁ ପ୍ରଦେଶ ଉପକୂଳରେ ଏକ ଯାତ୍ରୀବାହୀ ଜାହାଜରେ ନିଆଁ ଲାଗିଯାଇଛି। ସେଥିରେଥିବା ସମସ୍ତ ୨୦୦ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି। କେ.ଏମ୍. କାର୍ୟା ଇଣ୍ଡାହ ନାମକ ଜାହାଜଟି ଶନିବାର ଲିମାଫାଟୋଲା ଦ୍ୱୀପର ସନାନା ବନ୍ଦରରେ ପହଞ୍ଚିବା ପରେ କୌଣସି କାରଣରୁ ସେଥିରେ ନିଆଁ ଲାଗିଯାଇଥିଲା। ଫଳରେ ଯାତ୍ରୀମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା ବୋଲି ବିପର୍ଯ୍ୟୟ ପରିଚାଳନା ସଂସ୍ଥାର ମୁଖ୍ୟ କହିଛନ୍ତି। ଯାତ୍ରୀମାନଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ଦ୍ୱୀପକୁ ପଠାଇ ଦିଆଯାଇଛି।

### ଫ୍ଲୋରିଡାରେ ଗୁଳି: ୨ ମୃତ

**ମିଆମି, ୩୦।୫:** ଆମେରିକା ରାଜ୍ୟ ଫ୍ଲୋରିଡାର ମିଆମିଠାରେ ଏକ କନସର୍ଟ ବାହାରେ ରବିବାର ଗୁଳିକାଣ୍ଡ ହୋଇଛି। ଏଥିରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୦ ଜଣ ଆହତ ହୋଇଛନ୍ତି। ସେଠାରେ ଲୋକଙ୍କ ଗହଳି ଲାଗିଥିବାବେଳେ ୩ ବନ୍ଧୁକଧାରୀ ଗାଡ଼ିରୁ ବାହାରି ଆଖିବୁଜା ଗୁଳି ଚଳାଇଥିଲେ। ପରେ ସେମାନେ ସେଠାରୁ ଫେରାର ହୋଇଯାଇଥିଲେ ବୋଲି ପୋଲିସ କହିଛି।

## କୋଭିଡ୍ ଯୋଦ୍ଧାଙ୍କୁ ପ୍ରଶଂସା କଲେ ମୋଦି

### ମନ୍ କୀ ବାତ୍

**ନୂଆଦିଲ୍ଲୀ, ୩୦।୫:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କର ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ଫ୍ରଣ୍ଟଲାଇନ କୋଭିଡ୍ ଯୋଦ୍ଧାମାନଙ୍କ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଛନ୍ତି। ଜନସାଧାରଣଙ୍କ ବିଜୟ ସଙ୍କଳ୍ପ ଏବଂ ସେବା ମନୋଭାବ ପ୍ରତ୍ୟେକ ଝଡ଼ରୁ ଦେଶକୁ ସବୁବେଳେ ରକ୍ଷା କରିଆସିଛି। ଇତିମଧ୍ୟରେ କେନ୍ଦ୍ରରେ ଏନ୍‌ଡିଏ ସରକାର ୭ ବର୍ଷ ପୂରଣ କରିଥିବାରୁ ଏହି ସମୟ ମଧ୍ୟରେ ରାଷ୍ଟ୍ରର ସମସ୍ତ ସଫଳତାର ଶ୍ରେୟ ନାଗରିକମାନଙ୍କର ବୋଲି ମୋଦି କହିଥିଲେ।

ସେ ଆହୁରି କହିଥିଲେ ଯେ, ଗତ ୧୦ ଦିନ ମଧ୍ୟରେ ଦେଶ ଦୁଇଟି ବଡ଼ ବାତ୍ୟାର ସମ୍ମୁଖୀନ ହୋଇଛି। ସାମୁଦ୍ରିକ ଝଡ଼ ତଉକତାଏ ପଶ୍ଚିମ ଉପକୂଳକୁ ଏବଂ ୟାସ୍ ପୂର୍ବ ଉପକୂଳକୁ କ୍ଷତିଗ୍ରସ୍ତ କରିଛି। ଦେଶ ଗତ ୧୦୦ ବର୍ଷ ମଧ୍ୟରେ ସବୁଠୁ ବଡ଼ ମହାମାରୀ କୋଭିଡ୍-୧୯ ବିରୋଧରେ ଲଢୁଛି। ଏଭଳି ସମୟରେ ବାତ୍ୟା ପ୍ରଭାବିତ ରାଜ୍ୟର ଜନସାଧାରଣ ଅଭୂତପୂର୍ବ ସାହସ, ଧୈର୍ଯ୍ୟର ସହ ସଙ୍କଟକୁ ସାମ୍ନା କରିଛନ୍ତି। ଏଥିପାଇଁ ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି। କରୋନା ଦ୍ୱିତୀୟ ଲହରରେ ଅକ୍ସିଜେନ୍ ଆବଶ୍ୟକତା ହଠାତ୍ ବଢ଼ିଯିବାରୁ ସାରା ଦେଶର ହସ୍ପିଟାଲଗୁଡ଼ିକୁ ଅମ୍ଳଜାନ ଯୋଗାଇବା ଏକ ବଡ଼ ଚ୍ୟାଲେଞ୍ଜ ହୋଇଥିଲା। ରେଲଓ୍ୱେ ଏବଂ ବାୟୁସେନା ସହାୟତା କରିବାକୁ ଆଗେଇ ଆସିଥିଲେ। ଅନେକ ଲୋକ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରିବା ଫଳରେ ହଜାର ହଜାର ଲୋକଙ୍କ ଜୀବନ ବଞ୍ଚାଯାଇପାରିଲା। ଏବେ ଦେଶରେ ଅକ୍ସିଜେନ୍ ଉତ୍ପାଦନ ୧୦ ଗୁଣ ବୃଦ୍ଧି ପାଇଛି। ମହାମାରୀ ସମୟରେ ଦେଶବାସୀଙ୍କୁ ଖାଦ୍ୟ ଯୋଗାଉଥିବା ଚାଷୀମାନଙ୍କୁ ମୋଦି ସମ୍ମାନ ଜଣାଇଛନ୍ତି।



କଲମ୍ବୋ ଉପକୂଳରେ ଏକ ପଣ୍ୟବାହୀ ଜାହାଜରେ ଲାଗିଥିବା ନିଆଁକୁ ଭାରତୀୟ ତଟରକ୍ଷୀ ବାହିନୀର ଦୁଇ ଜାହାଜ ଲିଭାଉଛନ୍ତି।

## ୪ ନୂଆ ହେଲ୍ପଲାଇନ ନମ୍ବର ଦେଖାଅ

### ଘରୋଇ ନ୍ୟୁଜ୍ ଚ୍ୟାନେଲକୁ ସରକାରଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୩୦।୫ (ପି.ଟି.)

କୋଭିଡ୍-୧୯ ସଚେତନତା ପଦକ୍ଷେପର ଅଂଶବିଶେଷ ଭାବେ ନାଗରିକଙ୍କ ସୁବିଧା ପାଇଁ ୪ଟି ନୂଆ ଜାତୀୟ ହେଲ୍ପଲାଇନ ନମ୍ବର ପ୍ରଦର୍ଶନ କରିବା ଲାଗି କେନ୍ଦ୍ର ସରକାର ରବିବାର ଘରୋଇ ନ୍ୟୁଜ୍ ଚ୍ୟାନେଲଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ବିରତି ସମୟରେ ଏହି ନମ୍ବରଗୁଡ଼ିକୁ ପ୍ରଦର୍ଶନ କରିବାକୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଟିଭି ଚ୍ୟାନେଲଗୁଡ଼ିକୁ ପତ୍ର ଲେଖି ଜଣାଇଛି। ଲୋକଙ୍କ ମଧ୍ୟରେ କୋଭିଡ୍ ଚିକିତ୍ସା, ଉପଯୁକ୍ତ ବ୍ୟବହାର ଏବଂ ଟିକାକରଣ ସମ୍ପର୍କିତ ସଚେତନତା ସୃଷ୍ଟି କରାଇବାରେ ନ୍ୟୁଜ୍ ଚ୍ୟାନେଲଗୁଡ଼ିକର ଭୂମିକାକୁ ମନ୍ତ୍ରଣାଳୟ ପ୍ରଶଂସା କରିଛି। ଏବେ ଘରୋଇ ଟିଭି ଚ୍ୟାନେଲଗୁଡ଼ିକ ୪ଟି ଜାତୀୟ ହେଲ୍ପଲାଇନ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ମନ୍ତ୍ରଣାଳୟ କହିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପାଇଁ ହେଲ୍ପଲାଇନ ନମ୍ବର ୧୦୭୫ ରହିଥିବାବେଳେ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ନଂ. ୧୦୯୮, ସାମାଜିକ ନ୍ୟାୟ ଓ ସଶକ୍ତୀକରଣର ବରିଷ୍ଠ ନାଗରିକମାନଙ୍କ ପାଇଁ ହେଲ୍ପଲାଇନ ନଂ. ୧୪୫୬୭ ଏବଂ ମାନସିକ ସହାୟତା ଲାଗି ଜାତୀୟ ମାନସିକ ସ୍ୱାସ୍ଥ୍ୟ ଓ ନ୍ୟୁରୋସାଇନ୍ସର ହେଲ୍ପଲାଇନ ନଂ. ୦୮୦୪୬୧୧୦୦୦୭ ରହିଛି। କୋଭିଡ୍ ଚିକିତ୍ସା ପ୍ରୋଟୋକଲ୍, କୋଭିଡ୍ ଉପଯୁକ୍ତ ଆଚରଣ ଏବଂ ଟିକାକରଣ ଉପରେ ସଚେତନତା ସୃଷ୍ଟି ପାଇଁ ମନ୍ତ୍ରଣାଳୟ ଘରୋଇ ନ୍ୟୁଜ୍ ଚ୍ୟାନେଲଗୁଡ଼ିକୁ ପତ୍ର ଲେଖିଛି।

## ଦ୍ୱାଦଶ ପରୀକ୍ଷା ବିକଳ୍ପ ବିଚାର କରୁଛି ସିବିଏସ୍‌ଇ

### ପୂର୍ବ ତିନି ବର୍ଷର ଫଳ ଆଧାରରେ ଦିଆଯାଇପାରେ ମାର୍କ

ନୂଆଦିଲ୍ଲୀ, ୩୦।୫

ଦେଶରେ କରୋନା ସ୍ଥିତିକୁ ନଜରରେ ରଖି ସିବିଏସ୍‌ଇ ଏବଂ ସିଆଇଏସ୍‌ସିଇ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାର ବିଭିନ୍ନ ବିକଳ୍ପକୁ ନେଇ ବିଚାର କରୁଛନ୍ତି। ଯଦି ପରୀକ୍ଷା ବାତିଲ ହୁଏ ତେବେ ନବମ, ଦଶମ ଓ ଏକାଦଶ ଶ୍ରେଣୀର ଫଳ ଆଧାରରେ ଦ୍ୱାଦଶ ଶ୍ରେଣୀ ପିଲାଙ୍କୁ ମାର୍କ ଦେବା ଲାଗି ପ୍ରସ୍ତାବ ରହିଛି। ଅଧିକାଂଶ ରାଜ୍ୟ ପରୀକ୍ଷାକୁ ସଂକ୍ଷିପ୍ତ କରିବା ସପକ୍ଷରେ ମତ ଦେଇଥିବାବେଳେ ଅନ୍ୟ କେତେକ ରାଜ୍ୟ ଏଥିରେ ରାଜି ନାହାନ୍ତି। ସମସ୍ତ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କୁ କୋଭିଡ୍ ଟିକା ଦେବା ପରେ ପରୀକ୍ଷା କରାଇବାକୁ ଅନ୍ୟ କେତେକ ଦାବି କରିଛନ୍ତି। ତେବେ ପରୀକ୍ଷା ସମ୍ପୂର୍ଣ୍ଣ ବାତିଲ କରିବା ପାଇଁ ଛାତ୍ରୀଛାତ୍ର ଅଦାଲତର ଆଶ୍ରୟ ନେଇଥିବାବେଳେ ଟୁଇଟର ଆଦି ସୋସିଆଲ ମିଡିଆରେ ମତ ରଖୁଛନ୍ତି।

ଗତ ୨୧ ତାରିଖରେ ଶିକ୍ଷା ମନ୍ତ୍ରଣାଳୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ବରିଷ୍ଠ ଅଧିକାରୀମାନଙ୍କ ସହ ବୈଠକ କରିଥିଲା। ଏହା ପରେ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଓ ସଚିବମାନଙ୍କର ଉଚ୍ଚସ୍ତରୀୟ ବୈଠକ ୨୩ରେ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ପ୍ରତିରକ୍ଷାମନ୍ତ୍ରୀ



ରାଜନାଥ ସିଂ ଅଧ୍ୟକ୍ଷତା କରିଥିଲେ। କେବଳ ୧୯ ମୁଖ୍ୟ ବିଷୟ ଉପରେ ପରୀକ୍ଷା କରାଇବା ଏବଂ କମ୍ ସମୟ ମଧ୍ୟରେ ସଂକ୍ଷିପ୍ତ ଉତ୍ତରମୂଳକ ପରୀକ୍ଷା କରାଇବା ପାଇଁ ସିବିଏସ୍‌ଇ ପ୍ରସ୍ତାବ ଦେଇଥିଲା। ରାଜ୍ୟଗୁଡ଼ିକଠାରୁ ମେ' ୨୫ ମଧ୍ୟରେ ମତାମତ ଲୋଡ଼ାଯାଇଥିଲା।

### ଆଜି ସୁପ୍ରିମକୋର୍ଟରେ ଶୁଣାଣି

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଏବଂ କାଉନସିଲ୍ ଫର୍ ଇଣ୍ଡିଆନ ସ୍କୁଲ୍ ସାର୍ଟିଫିକେଟ ଏକ୍ସାମିନେଶନ୍ସ (ସିଆଇଏସ୍‌ସିଇ) ପରିଚାଳିତ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ବାତିଲ ପାଇଁ ସୁପ୍ରିମକୋର୍ଟରେ ଦାଏର ପିଟିଶନ୍‌ର ଶୁଣାଣି ସୋମବାର ଅନୁଷ୍ଠିତ ହେବ। କରୋନା ସ୍ଥିତିକୁ ଦେଖି ଉଭୟ ସିବିଏସ୍‌ଇ ଏବଂ ଆଇସିଏସ୍‌ଇ ଦ୍ୱାଦଶ ବୋର୍ଡ ପରୀକ୍ଷା ସ୍ଥଗିତ ରଖାଯାଇଥିଲେ ହେଁ ଚୂଡ଼ାନ୍ତ ନିଷ୍ପତ୍ତି ଏପର୍ଯ୍ୟନ୍ତ ନିଆଯାଇନାହିଁ। ବିଚାରପତି ଏ.ଏମ୍. ଖନ୍‌ୱିଲକର ଏବଂ ଦିନେଶ ମାହେଶ୍ୱରୀଙ୍କ ଖଣ୍ଡପୀଠ ପିଟିଶନ କପି ସିବିଏସ୍‌ଇ ଏବଂ ସିଆଇଏସ୍‌ସିଇକୁ ଆଗୁଆ ଦେବା ପାଇଁ ଆବେଦନକାରୀ ଆଇନଜୀବୀ ମମତା ଶର୍ମାଙ୍କୁ ଗତ ୨୮ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟ ପକ୍ଷରେ ପରୀକ୍ଷା ବାତିଲ ବିରୋଧରେ କେରଳର ଜଣେ ଶିକ୍ଷକ ଆଉ ଏକ ପିଟିଶନ ଦାଏର କରିଛନ୍ତି। ସୋମବାର ଏହାର ମଧ୍ୟ ଶୁଣାଣି ହେବ।

**ସଂକ୍ଷେପରେ**

## ନାଲ୍‌କୋ ଦେଉ ସମସ୍ତ ସହାୟତା

**ଅନୁଗୋଳ ଅଫିସ, ୩୦।୫:** କୋଭିଡ୍ ବେଳେ ନାଲ୍‌କୋରେ କାର୍ଯ୍ୟରତ ବିଭିନ୍ନ ଠିକା କର୍ମଚାରୀ, କ୍ଷତିଗ୍ରସ୍ତ ପ୍ରଜା ଏବଂ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରେ ଧନ ଜୀବନ ସୁରକ୍ଷା ପାଇଁ ନାଲ୍‌କୋ ସହାୟତା ଯୋଗାଇ ଦେଉ ବୋଲି ଅନୁଗୋଳ ଜିଲା କଂଗ୍ରେସ ସଭାପତି ତଥା ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନ ଲେବର ସେଲ୍ ସଭାପତି ବିପ୍ଳବ ଜେନା ନାଲ୍‌କୋ ସିଏମ୍‌ଡିଙ୍କ ଠାରେ ଦାବି କରିଛନ୍ତି। କାର୍ଯ୍ୟରତ ଠିକା କର୍ମଚାରୀଙ୍କ କୋଭିଡ୍‌ରେ ମୃତ୍ୟୁ ହେଲେ ମୃତକଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା ପ୍ରଦାନ ସହ ଜଣକୁ ନିଯୁକ୍ତି, ସମସ୍ତ ପେରିଫେରି ଗ୍ରାମବାସୀଙ୍କ କୋଭିଡ୍ ପରୀକ୍ଷା କରାଯିବା, ଠିକା କର୍ମଚାରୀ ଓ ପରିବାରବର୍ଗଙ୍କ ସହିତ ପାର୍ଶ୍ୱବର୍ତ୍ତୀ ଗ୍ରାମବାସୀଙ୍କ ପାଇଁ କୋଭିଡ୍ ହସ୍ପିଟାଲରେ ଚିକିତ୍ସା ବ୍ୟବସ୍ଥା, ଗ୍ରାମଗୁଡ଼ିକୁ ସାନିଟାଇଜ୍ କରିବା, ବ୍ୟାପକ ଟିକାକରଣ ନିମନ୍ତେ ଜେନା ଦାବି କରିଛନ୍ତି।

## ଥର୍ମାଲ ସ୍କ୍ରିନିଂ, ମାସ୍କ ବଣ୍ଟନ

**କଣିହାଁ/ପରଜଙ୍ଗ,୩୦।୫(ଡି.ଏନ.ଏ.):** କଣିହାଁ ବ୍ଲକର ବିଭିନ୍ନ ଜୋନରେ ଭାଜପାର ସେବା ସଙ୍ଗଠନ ତରଫରୁ ରବିବାର ଥର୍ମାଲ ସ୍କ୍ରିନିଂ ସହିତ ଜନସାଧାରଣଙ୍କୁ ମାସ୍କ ବଣ୍ଟନ କରାଯାଇଛି। କଣିହାଁ ପଞ୍ଚାୟତର ଏନ୍‌ଟିପିସି ପ୍ରକଳ୍ପ ନିକଟସ୍ଥ ମୁଣ୍ଡା ହଟିଂଠାରେ ମଣ୍ଡଳ ସଭାପତି ଦେବେନ୍ଦ୍ର ବାରିକ ଓ କର୍ମୀମାନେ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେହିପରି ରେଙ୍ଗାଲି ମଣ୍ଡଳ ବଜ୍ରକୋଟ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଭାଜପା ଜିଲା ଉପସଭାପତି ନୃସିଂହ ବରାଳଙ୍କ ନେତୃତ୍ୱରେ ଭାଜପା କର୍ମୀମାନେ ସଚେତନତା ସୃଷ୍ଟି କରିଥିଲେ। ସେହିପରି ପରଜଙ୍ଗ ବ୍ଲକ ବସୋଇ ପଞ୍ଚାୟତର ଅଲେଖପାଟଣା ସାହିରେ ରବିବାର ମଣ୍ଡଳ ଯୁବମୋର୍ଚ୍ଚା ପକ୍ଷରୁ ମାସ୍କ, ସାବୁନ, ସାନିଟାଇଜର ଏବଂ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ସାହିବାସୀଙ୍କୁ କରୋନା ମହାମାରୀ ବିଷୟରେ ସଚେତନ କରାଯାଇଛି। କାର୍ଯ୍ୟକ୍ରମରେ ରମେଶ ସାହୁ, ଦୀପକ ଗୋଛାୟତ, ସନ୍ତୋଷ ସାହୁ, ଆକାଶ ଦଳବେହେରା,ବିଷ୍ଣୁ ଚରଣ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

## ସାମାଜିକ କର୍ମୀଙ୍କ ପରଲୋକ

**ଢେଙ୍କାନାଳ ଅଫିସ, ୩୦।୫:** ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ବଦାଲୋ ଗ୍ରାମର ଜଣାଶୁଣା ସାମାଜିକ କର୍ମୀ ରୋହିତ କୁମାର ସାହୁ (୮୧)ଙ୍କ ଶନିବାର ଅପରାହ୍ନରେ ପରଲୋକ ହୋଇଯାଇଛି। ସେ କିଛିଦିନ ତଳେ କରୋନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ।



# ମୃତଦେହ ରଖିବାକୁ ମର୍ଚ୍ଚୁରି ନାହିଁ

**କାମାକ୍ଷାନଗର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର**

- ଯନ୍ତ୍ରାଂଶ ଅଛି, କାର୍ଯ୍ୟକ୍ଷମ ହେଉନାହିଁ
- କରୋନା କାଳରେ ଅସ୍ୱାଭାବିକ ସ୍ଥିତି
- ଏଣେତେଣେ ଘଣ୍ଟା ଘଣ୍ଟା ପଡ଼ିରହୁଛି ଶବ

**କାମାକ୍ଷାନଗର, ୩୦।୫(ଡି.ଏନ.ଏ.)**



ଡାକ୍ତରଖାନା ଡ୍ରେସିଂ ରୁମ୍ ନିକଟରେ ମୃତଦେହ ରଖାଯାଇଛି।

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ମର୍ଚ୍ଚୁରି ନାହିଁ। ଫଳରେ ଅକସ୍ମାତ ମୃତ୍ୟୁ ଘଟୁଥିବା ରୋଗୀ ଏବଂ ପରିଚୟ ନ ଥିବା ମୃତଦେହଗୁଡ଼ିକ ଘଣ୍ଟାଘଣ୍ଟା ଧରି ବାହାରେ ପଡ଼ିରହୁଛି। ଏହାକୁ ନେଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଥିବାବେଳେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଢେଙ୍କାନାଳ ଜିଲାର ପ୍ରମୁଖ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ମଧ୍ୟରେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟ ଅନ୍ୟତମ। ଏହା ଉପରେ କଙ୍କଡ଼ାହାଡ଼, ଭୁବନ ସମେତ ବହୁ ଗ୍ରାମାଞ୍ଚଳର ଶତାଧିକ ଜନସାଧାରଣ ନିର୍ଭର କରିଥାନ୍ତି। ବିଶେଷ କରି ହାତୀ ଆକ୍ରମଣର ଶିକାର ହେଲେ କିମ୍ବା ଦୁର୍ଘଟଣା ଘଟିଲେ ରୋଗୀ ଏଠାକୁ ବୁହା ହୋଇ ଆସିଥାଆନ୍ତି। ସେହିପରି କଙ୍କଡ଼ାହାଡ଼ ଭଳି ଆଦିବାସୀ ଅଧ୍ୟୁଷିତ ବ୍ଲକର ଗର୍ଭବତୀ, ପ୍ରସୂତିଙ୍କ ଲାଗି କାମାକ୍ଷାନଗର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଆଶା ଭରସା ପାଲଟିଛି। ହେଲେ ଚିକିତ୍ସାଳୟରେ ମୃତଦେହ ସଂରକ୍ଷଣ ଲାଗି ସ୍ୱତନ୍ତ୍ର ଗୃହ ନ ଥିବାରୁ ଅଧିକାଂଶ ସମୟରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେଉଛି। କୌଣସି କାରଣରୁ ରୋଗୀଙ୍କ ମୃତ୍ୟୁ ହେଲେ କେତେବେଳେ ଡାକ୍ତରଖାନା ବାରଣ୍ଡାରେ ତ ଆଉ କେବେ ଗଛମୂଳେ ରଖାଯାଉଛି। ଅନେକ ସମୟରେ ଡ୍ରେସିଂ ରୁମ୍ ନିକଟରେ ମୃତଦେହ ଦିନ ଦିନ ଧରି ରହିବା ଫଳରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। କରୋନା ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଉପରେ ସରକାର ଗୁରୁତ୍ୱ ଦେଉଥିବାବେଳେ ଏଠାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ସେହିପରି ଅଚିହ୍ନା ମୃତଦେହଗୁଡ଼ିକ ତୁରନ୍ତ ଚିହ୍ନଟ ହୋଇ ନ ପାରିଲେ ଡାକ୍ତରଖାନା କର୍ତ୍ତୃପକ୍ଷ ପୋଲିସ ସହାୟତାରେ ପୋତି ଦେଉଛନ୍ତି। ପରିବାର ଲୋକେ ଆସିବା ପରେ ପୁନର୍ବାର ଖୋଳାଯାଇ ଶବ ବାହାର କରାଯାଉଛି, ଯାହାକୁ ନେଇ ମେଡିକାଲ କର୍ତ୍ତୃପକ୍ଷଙ୍କ ସମେତ ମୃତକଙ୍କ ସମ୍ପର୍କୀୟ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଅପରପକ୍ଷେ ଶବଗୁଡ଼ିକ ଏଣେତେଣେ ରଖାଯିବା ଦ୍ୱାରା ରୋଗୀ ଏବଂ କୋମଳମତି ଶିଶୁଙ୍କ ମନରେ ଭୟ ସୃଷ୍ଟି ହେଉଛି। ଯନ୍ତ୍ରାଂଶ, ଉପକରଣ ଥିବା ସତ୍ତ୍ୱେ ଆବଶ୍ୟକ ଭିତ୍ତିଭୂମି ଅଭାବରୁ ଡାକ୍ତରଖାନା ପରିସରରେ ମର୍ଚ୍ଚୁରି କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଗତ ଶନିବାର ଡାକ୍ତରଖାନାରେ ବିଭିନ୍ନ କାରଣରୁ ୪ଜଣଙ୍କ ମୃତ୍ୟୁ ଘଟିଥିଲା। ତନ୍ମଧ୍ୟରୁ ୩ ମୃତଦେହ ଡ୍ରେସିଂ ରୁମ ସମ୍ମୁଖରେ ଥିବା ୩ଟି ଶଯ୍ୟାରେ ରଖାଯାଇଥିଲା। ଅନ୍ୟ ଗୋଟିଏ ଡାକ୍ତରଖାନା କ୍ୟାମ୍ପସରେ ଥିବା ଏକ ଗଛମୂଳେ ରଖାଯାଇଥିଲା। ମୃତଦେହଗୁଡ଼ିକ ଏଭଳି ରଖାଯିବା ଦ୍ୱାରା କର୍ମଚାରୀ ଏବଂ ରୋଗୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା।

ସୂଚନାଯୋଗ୍ୟ, କାମାକ୍ଷାନଗରରେ ୧୮୫୬ରେ ଏକ ଚାଳ ଘରେ ପ୍ରଥମେ ଡାକ୍ତରଖାନା ଆରମ୍ଭ ହୋଇଥିଲା, ଯାହା ଏବେକାର ଚିକିତ୍ସାଳୟଠାରୁ ୩୦ ମିଟର ଦୂରରେ ଅବସ୍ଥିତ ଥିଲା। ତେବେ ଉକ୍ତ ସ୍ଥାନକୁ କେତେଜଣ ମୁଷ୍ଟିମେୟ ଲୋକ ଜବରଦଖଲରେ ରଖିଛନ୍ତି। ୧୯୨୬ରେ ନୂତନ ଡାକ୍ତରଖାନାର କୋଠା ସ୍ଥାପିତ ହୋଇଥିଲା। ଇତିମଧ୍ୟରେ ସ୍ୱାସ୍ଥ୍ୟକେନ୍ଦ୍ରର କଳେବର ବଦଳିଛି। ପ୍ରତିବର୍ଷ ଭିତ୍ତିଭୂମି ବିକାଶ ନାମରେ ବହୁ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଡାକ୍ତରଖାନାର ବଡ଼ ଆବଶ୍ୟକତା 'ମର୍ଚ୍ଚୁରି' ନିର୍ମାଣ ନ ହେବା ଜନଅସନ୍ତୋଷ ବଢ଼ାଉଛି।

### ଦୀର୍ଘଦିନର ସମସ୍ୟା



କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଶବ ସଂରକ୍ଷଣ ଗୃହ ନ ଥିବା ସମସ୍ୟା ଦୀର୍ଘଦିନର। ଉପଯୁକ୍ତ ସ୍ଥାନ ନ ଥିବାରୁ ଏହା ହୋଇପାରୁନାହିଁ। ମୃତଦେହ ସଂରକ୍ଷଣ କରି ରଖାଯିବା ସୁବିଧା ନ ଥିବାରୁ ତୁରନ୍ତ ବ୍ୟବଚ୍ଛେଦ ଲାଗି ପଠାଇବାକୁ ପଡୁଛି। କରୋନା ସମୟରେ କାର୍ଯ୍ୟ ଚାପ ଭିତରେ ଅସୁବିଧା ଅନୁଭବ କରୁଛୁ।

**–ଡା. ରତ୍ନାକର ସାମଲ, ଉପଖଣ୍ଡ ଚିକିତ୍ସାଧିକାରୀ**

### ଇଚ୍ଛାଶକ୍ତିର ଅଭାବ



କାମାକ୍ଷାନଗର ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ଇଚ୍ଛାଶକ୍ତି ଅଭାବରୁ 'ମର୍ଚ୍ଚୁରି' କାର୍ଯ୍ୟକ୍ଷମ ହେଉନାହିଁ। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନେକ ଗୃହ ଅବ୍ୟବହୃତ ହୋଇ ପଡ଼ିଛି। ସେଥିରୁ ଗୋଟିଏକୁ ଶବ ସଂରକ୍ଷଣ ଗୃହ କରାଯାଇପାରିବ। ପ୍ରଶାସନ ଏବଂ ଡାକ୍ତରଖାନା କର୍ତ୍ତୃପକ୍ଷ ଚାହିଁଲେ ଏହା ସମ୍ଭବ।

**–ରଶ୍ମିରଞ୍ଜନ ଦାସ, ଅଧ୍ୟାପକ**

### ଯନ୍ତ୍ରପାତି ଖତ ଖାଉଛି



କାମାକ୍ଷାନଗର ଡାକ୍ତରଖାନାରେ ଡାକ୍ତରଙ୍କ ଅଭାବଠାରୁ ଆରମ୍ଭ କରି ଅନେକ ସମସ୍ୟା ଲାଗିରହିଛି। କେବଳ ବଡ଼ ବଡ଼ କୋଠା ନିର୍ମାଣ ହେଉଛି। କିନ୍ତୁ ଆବଶ୍ୟକ ଯନ୍ତ୍ରପାତି କି କର୍ମଚାରୀ ନାହାନ୍ତି। କାର୍ଯ୍ୟକ୍ଷମ ହୋଇପାରି ନ ଥିବା ଯନ୍ତ୍ରପାତି ଖତ ଖାଉଛି।

**–ଆର୍ଶୀଦ ଅହମ୍ମଦ, ସାମାଜିକ କର୍ମୀ**

### ପରିତାପର ବିଷୟ



କାମାକ୍ଷାନଗର ଉପଖଣ୍ଡରେ ଶବ ସଂରକ୍ଷଣ ଗୃହ ନ ଥିବା ପରିତାପର ବିଷୟ। ରାଜନୈତିକ ଇଚ୍ଛାଶକ୍ତିର ଅଭାବରୁ ପ୍ରଶାସନିକ ଅଧିକାରୀମାନେ କାର୍ଯ୍ୟରେ ଅବହେଳା କରୁଛନ୍ତି। ପ୍ରଶାସନ ଦୃଷ୍ଟି ଦେଇ ସମସ୍ୟାର ତୁରନ୍ତ ସମାଧାନ କରିବା ଜରୁରୀ।

**–ଡ. ଆଶୁତୋଷ ପାଣିଗ୍ରାହୀ, ଅନ୍ତର୍ଜାତୀୟ ଚିତ୍ରଶିଳ୍ପୀ**

## ଚିକିତ୍ସାଧୀନ ସଂକ୍ରମିତ ନିଖୋଜ

**ପ୍ରଶାସନର ହସ୍ତକ୍ଷେପ ଲୋଡ଼ିଲେ ପୁଅ**

**ଅନୁଗୋଳ ଅଫିସ, ୩୦।୫:** ଉନ୍ନତ ଚିକିତ୍ସା ପାଇଁ ଅନୁଗୋଳ ଇଏସ୍ଆଇ ଡାକ୍ତରଖାନାରୁ ଗତ ୭ ତାରିଖରେ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର ହୋଇଥିବା ଜଣେ କୋଭିଡ୍ ସଂକ୍ରମିତ ନିଖୋଜ ହୋଇଯାଇଛନ୍ତି। ଗତ ୧୮ ତାରିଖରେ ପରିବାର ଲୋକେ କଟକ ଯାଇ ମେଡିକାଲରେ ପଚରା ଉଚରା କରିଥିଲେ ମଧ୍ୟ ନିରାଶ ହୋଇ ଫେରିଛନ୍ତି। ଏ ନେଇ ପ୍ରଶାସନର ହସ୍ତକ୍ଷେପ ଲୋଡ଼ିଛନ୍ତି ସଂକ୍ରମିତଙ୍କ ପରିବାର ଲୋକେ।

ସୂଚନା ମୁତାବକ, ଅନୁଗୋଳ ଜିଲା କିଶୋରନଗର ବ୍ଲକର ସମ୍ପୃକ୍ତ ବ୍ୟକ୍ତି ଗତ ୪ ତାରିଖରେ ପଜିଟିଭ୍ ଚିହ୍ନଟ ହୋଇଥିଲେ। ପରିବାର ଲୋକ ତାଙ୍କୁ ପ୍ରଥମେ କିଶୋରନଗର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଏହାପରେ ତାଙ୍କୁ ବଅଁରପାଳରେ ଥିବା ଇଏସ୍ଆଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ୭ ତାରିଖରେ ତାଙ୍କୁ କଟକ ପଠାଇ ଦିଆଯାଇଥିଲା। କିନ୍ତୁ ପରିବାର ଲୋକେ କଟକ ବଡ଼ମେଡିକାଲ ଯାଇ ଖୋଜାଖୋଜି କରିଥିଲେ ମଧ୍ୟ ସେଭଳି କେହି ବ୍ୟକ୍ତି ଏଠାରେ ଚିକିତ୍ସିତ ହୋଇ ନ ଥିବା କୁହାଯାଇଥିଲା। ଫଳରେ ପରିବାର ଲୋକେ ଫେରିଆସିବା ସହ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ସୋମବାର ଅନୁଗୋଳ ଥାନାରେ ଅଭିଯୋଗ କରାଯିବ ବୋଲି ପରିବାର ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଇଏସ୍ଆଇ କୋଭିଡ୍ ହସ୍ପିଟାଲ ପକ୍ଷରୁ କୁହାଯାଇଛି, ସମ୍ପୃକ୍ତ ରୋଗୀଙ୍କୁ ସମସ୍ତ ନିୟମ ପାଳନ କରାଯାଇ କଟକ ପଠାଯାଇଥିଲା। ତାଙ୍କ ସମ୍ପର୍କୀୟଙ୍କ ଯୋଗାଯୋଗ ନମ୍ବର ମଧ୍ୟ ରେଫର କାଗଜରେ ଲେଖାଯାଇଥିଲା। ସେଠାରେ କ'ଣ ହୋଇଛି ତାହା ଜାଣି ନାହୁଁ। ଅଭିଯୋଗ ଆସିଥିବାରୁ ଅନୁଧ୍ୟାନ କରାଯିବ ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇଛି।

## ୨୬ ୟୁନିଟ୍ ରକ୍ତ ସଂଗ୍ରହ



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

**ଢେଙ୍କାନାଳ ଅଫିସ, ୩୦।୫**

ଢେଙ୍କାନାଳ ଭାଜପା ପକ୍ଷରୁ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୨୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ମହାଦୀପ୍ ଯଶୋବନ୍ତ ମହିମା, ନବକିଶୋର ଗୁରୁ, ବିଷ୍ଣୁପ୍ରସାଦ ଲେଙ୍କା, ମମତା ସ୍ୱାଇଁ, ସସ୍ମିତା ସାମଲ, ପ୍ରଶାନ୍ତ ପ୍ରଧାନ, ଧ୍ରୁବଚରଣ ସ୍ୱାଇଁ, ରମ୍ୟରଞ୍ଜନ ମହାପାତ୍ର, ରଣଜିତ୍ ବିଶାଲ୍, ସଂକଳ୍ପ ଦାସ, ମନୋଜ ବେହେରା, ସୁଚିତ୍ର ବେହେରା, ବିଭୂତି ଷେଣ୍ଢ, ସନ୍ତୋଷ ମିଶ୍ର, ଶତ୍ରୁଘ୍ନ ରାଉତ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ରକ୍ତଭଣ୍ଡାରର ଡାକ୍ତର ଜୟନାରାୟଣ ପାଢ଼ୀ ଓ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ।

## ଗ୍ରାମାଞ୍ଚଳରୁ ପୁଣି ଆକ୍ରାନ୍ତ ଚିହ୍ନଟ

**ବଇଣ୍ଡା,୩୦।୫(ଡି.ଏନ.ଏ.):** କିଶୋରନଗର ବ୍ଲକରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ରବିବାର ବଇଣ୍ଡା ମେଡିକାଲ ପକ୍ଷରୁ ପିତାବଳିବାହାଳ, ଘନପୁର ଗ୍ରାମରେ ୮୬ ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇଥିଲା। ଏଥିରେ ୧୪ ଜଣ ପଜିଟିଭ୍ ଚିହ୍ନଟ ହୋଇଥିଲେ। ବଇଣ୍ଡା ମେଡିକାଲର ଚନ୍ଦନା ସାହୁ, ସରୋଜ କୁମାର ସାହୁ ସ୍ୱାବ୍ ସଂଗ୍ରହ କରିଥିଲେ। ଯେଉଁମାନେ ପଜିଟିଭ ଚିହ୍ନଟ ହୋଇଛନ୍ତି ସେମାନଙ୍କୁ ସଂଗରୋଧରେ ରହିବା ପାଇଁ କୁହାଯାଇଛି। ଅନ୍ୟପଟେ ମୁନୁକାପଶି ପଞ୍ଚାୟତ ଶରଧାମୁଣ୍ଡା ଗ୍ରାମରେ ରବିବାର ବହୁ ଲୋକ ଗ୍ରାମ ପୋଖରୀରୁ ମାଛ ମାରୁଥିଲେ। ଖବରପାଇ ବଇଣ୍ଡା ଫାଣ୍ଡି ଅଧିକାରୀ ଅରୁଣ କୁମାର ପଣ୍ଡା ଚଡାଉ କରିଥିଲେ। ପୋଲିସକୁ ଦେଖି ଲୋକମାନେ ପଳାଇ ଯାଇଥିଲେ। ମୁନୁକାପଶି ପଞ୍ଚାୟତ ୭ ଦିନ ଶଟ୍‌ଡାଉନ ଥିବାବେଳେ ସାମାଜିକ ଦୂରତ୍ୱ ରକ୍ଷା ନ କରି ମାଛ ମରାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

## ମୃତଦେହକୁ କାନ୍ଧ ଦେଲେ ତହସିଲଦାର

**ଢେଙ୍କାନାଳ ଅଫିସ, ୩୦।୫**



ପିପିଇ କିଟ୍ ପିନ୍ଧିଥିବା ତହସିଲଦାର ଓ ମେଡିକାଲ ଅଫିସର।

**ଘରେ ପଡ଼ିଥିଲା କରୋନା ସଂକ୍ରମିତଙ୍କ ଶବ**

କରୋନା ସଂକ୍ରମିତ ଜଣେ ମହିଳାଙ୍କ ମୃତ୍ୟୁ ପରେ ମରଶରୀରକୁ କାନ୍ଧ ଦେଇ ମାନବିକତାର ପରିଚୟ ଦେଇଛନ୍ତି ଢେଙ୍କାନାଳ ଜିଲା ଗଁଦିଆ ତହସିଲଦାର ଆଶିଷ ରଞ୍ଜନ ସାହୁ। ପ୍ରଶାସନିକ ଅଧିକାରୀ ଜଣକ ସ୍ଥାନୀୟ ଅଞ୍ଚଳର ଯୁବକଙ୍କ ସହାୟତାରେ ପିପିଇ କିଟ୍ ପିନ୍ଧି ମୃତ ମହିଳାଙ୍କ ଶେଷକୃତ୍ୟ କରି ମହାମାରୀ ସମୟରେ ଉଦାହରଣ ସୃଷ୍ଟି କରିଛନ୍ତି।

ସୂଚନାଯୋଗ୍ୟ, ପିଙ୍ଗୁଆ ଅଞ୍ଚଳର ସାବିତ୍ରୀ ବେହେରା ଗତ ୨୨ ତାରିଖରେ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ଜିଲା କୋଭିଡ୍ ହସ୍ପିଟାଲରେ ଚିକିତ୍ସା ପରେ ସୁସ୍ଥ ଅନୁଭବ କରିବାରୁ ସେ ଘରକୁ ପଳାଇ ଆସିଥିଲେ। ତେବେ ରବିବାର ସକାଳେ ହଠାତ୍ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯିବା ସହ ସାବିତ୍ରୀଙ୍କ ମୃତ୍ୟୁ ଘଟିଥିଲା। ମୃତଦେହ ଘରେ ପଡ଼ିଥିବା ସୂଚନା ପାଇ ତହସିଲଦାର ସାହୁ ସ୍ଥାନୀୟ ମେଡିକାଲ ଅଫିସର ମିହିର ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ଅପରାହ୍ନ ୩ଟାରେ ପହଞ୍ଚିଥିଲେ। ଏହାପରେ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକଙ୍କ ସହାୟତାରେ ତହସିଲଦାର, ମେଡିକାଲ ଅଫିସର ପିପିଇ କିଟ୍ ପିନ୍ଧି ମୃତଦେହକୁ ଗ୍ରାମ ବାହାରେ ସତ୍କାର କରିଥିଲେ।

ଏ ସଂକ୍ରାନ୍ତରେ ତହସିଲଦାର କୁହନ୍ତି, ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ମେଡିକାଲ ଅଫିସରଙ୍କୁ ନେଇ ମୃତ ମହିଳାଙ୍କ ଗ୍ରାମକୁ ଯାଇଥିଲୁ। ମେଡିକାଲ ଅଫିସର ମହିଳାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ପିପିଇ କିଟ୍ ପିନ୍ଧି ଗ୍ରାମ ବାହାରେ ମୃତଦେହକୁ ଅନ୍ତିମ ସଂସ୍କାର କରାଯାଇଥିଲା।

## ୪୯୭ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୩୦।୫**

ଅନୁଗୋଳ ଜିଲାରୁ ରବିବାର ୪୯୭ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୩୩ ହଜାର ୭୪୨ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ କିଶୋରନଗର ବ୍ଲକରୁ ସର୍ବାଧିକ ୯୩ ଜଣ ଚିହ୍ନଟ ହୋଇଥିବାବେଳେ ବଅଁରପାଳ ବ୍ଲକରୁ ୭୯, କଣିହାଁ ବ୍ଲକରୁ ୬୩, ଛେଣ୍ଡିପଦା ବ୍ଲକରୁ ୬୨, ତାଳଚେର ବ୍ଲକରୁ ୫୫, ଅନୁଗୋଳ ବ୍ଲକରୁ ୩୬, ଆଠମଲ୍ଲିକ ବ୍ଲକରୁ ୩୬, ପାଲଲହଡ଼ା ବ୍ଲକରୁ ୨୫, ଅନୁଗୋଳ ପୌରାଞ୍ଚଳରୁ ୧୮, ତାଳଚେର ପୌରାଞ୍ଚଳରୁ ୧୭ ଓ ଆଠମଲ୍ଲିକ ଏନ୍‌ଏସିରୁ ୧୩ ଜଣ ରହିଛନ୍ତି। ଦିନକରେ ଜିଲାରୁ ୧୧୨୬ ଜଣ କରୋନରୁ ସୁସ୍ଥ ହୋଇଥିବା ବେଳେ ଜିଲାରୁ ପୁଣି କରୋନାରେ ୫ ଜଣଙ୍କ ମୁଣ୍ଡ ଗଡ଼ିଛି। ଏହାକୁ ମିଶାଇ ମୋଟ୍ ମୃତକଙ୍କ ସଂଖ୍ୟା ୧୦୪ରେ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଢେଙ୍କାନାଳରେ ୧୧୭ ସଂକ୍ରମିତ

**ଢେଙ୍କାନାଳ ଅଫିସ, ୩୦।୫**

ଢେଙ୍କାନାଳ ଜିଲାରୁ ରବିବାର ୧୧୭ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ତନ୍ମଧ୍ୟରେ ଗଁଦିଆ ବ୍ଲକର ୨୫, ହିନ୍ଦୋଳ ବ୍ଲକର ୨୫, ସଦର ବ୍ଲକର ୨୧, କଙ୍କଡ଼ାହାଡ଼ ବ୍ଲକର ୯, ପରଜଙ୍ଗ ବ୍ଲକର ୩, ଓଡ଼ାପଡ଼ା ବ୍ଲକର ୩, ଢେଙ୍କାନାଳ ପୌରାଞ୍ଚଳର ୧୦, କାମାକ୍ଷାନଗର ବ୍ଲକର ୨ ଓ ଏନ୍‌ଏସିର ୧୦, ଭୁବନ ବ୍ଲକର ୩, ହିନ୍ଦୋଳ ଏନ୍‌ଏସିର ୩ ଜଣ ରହିଛନ୍ତି। ଅନ୍ୟ ୩ ଜଣ ବିଭିନ୍ନ ଚିକିତ୍ସାଳୟରୁ ଚିହ୍ନଟ ହୋଇଛନ୍ତି। ସେହିପରି ଦିନକରେ ୧୨୭ ଜଣ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏଯାଏ ଜିଲାରେ ମୋଟ ୨,୮୮,୮୦୨ ଜଣଙ୍କ ଟେଷ୍ଟିଂ କରାଯାଇଛି। ସେଥିରୁ ୧୨,୪୭୫ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୯,୧୦୮ ଜଣ ସୁସ୍ଥ ହୋଇସାରିଲେଣି। ୩,୩୩୧ଜଣ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ଥିବାବେଳେ କୋଭିଡ୍ ସଂକ୍ରମଣରେ ୩୬ ଜଣଙ୍କ ମୃତ୍ୟୁ ଘଟିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଆର୍ଥିକ ସ୍ଥିତି ଦେଖୁ ନ ଥିବାରୁ ଆପତ୍ତି

**ଅନୁଗୋଳ ଅଫିସ, ୩୦।୫**

- କରୋନା ବେଳେ ଶୁଦ୍ଧିକ୍ରିୟା ଖର୍ଚ୍ଚ ବୃଦ୍ଧି ନେଇ ଚିନ୍ତା
- ପୂର୍ବାପେକ୍ଷା ଅଧିକ ଅର୍ଥ ଦାବି କରାଯାଉଛି
- ପ୍ରଶାସନ ପକ୍ଷରୁ ଦର ଧାର୍ଯ୍ୟ ପାଇଁ ଉଠିଲାଣି ଦାବି

କରୋନା କାରଣରୁ କିଏ ଚାକିରି ହରାଇଛନ୍ତି ତ ଆଉ କିଏ ମାସ ମାସ ଧରି ବ୍ୟବସାୟରୁ ବଞ୍ଚିତ ରହିଛନ୍ତି। ଖଟିଖିଆ ଦିନମଜୁରିଆଙ୍କ ହାତରେ କାମ ନାହିଁ। ଲୋକଙ୍କ ଆର୍ଥିକ ସ୍ଥିତି ଅତି ଦୁର୍ବଳ ଅବସ୍ଥାରେ। ଏପରି କି କରୋନା ସଂକ୍ରମଣରୁ ସୁସ୍ଥ ହେବା ନିମନ୍ତେ ଔଷଧ କିଣିବାକୁ ଅନେକେ ଟଙ୍କା ମଧ୍ୟ ପାଉନାହାନ୍ତି। ଏପରି ସମୟରେ ପରିବାରରେ କାହାରି ମୃତ୍ୟୁ ହେଲେ ଶୁଦ୍ଧିକ୍ରିୟା ପାଇଁ ଯେତିକି ଅର୍ଥ ଦାବି କରାଯାଉଛି ତାହା ଏବେ ଆତ୍ମୀୟମାନଙ୍କ ଚିନ୍ତା ବଢ଼ାଇ ଦେଇଛି। ମୃତ୍ୟୁ କରୋନା ଜନିତ ହେଉ ଅବା ବାର୍ଦ୍ଧକ୍ୟ, ପରିବାରର ଆର୍ଥିକ ସ୍ଥିତି ନ ଦେଖି ବିଭିନ୍ନ କ୍ରିୟାକର୍ମ କରିବାକୁ ଅଧିକ ଟଙ୍କା ମଗାଯାଉଥିବାରୁ ତାହାକୁ ନେଇ ଆପତ୍ତି ଉଠାଇଛନ୍ତି ଅନୁଗୋଳ ସହରବାସୀ। ଶ୍ମଶାନରେ ମୃତଦେହ ସଂସ୍କାର ନିମନ୍ତେ ଆବଶ୍ୟକ ସାମଗ୍ରୀଗୁଡ଼ିକର ଦର ଯେପରି ସରକାରଙ୍କ ପକ୍ଷରୁ ଧାର୍ଯ୍ୟ କରାଯାଇଛି, ଶୁଦ୍ଧିକ୍ରିୟା କ୍ଷେତ୍ରରେ ଠିକ୍ ସେପରି ଦର ଘୋଷଣା କରିବାକୁ ସେମାନେ ଦାବି କରିଛନ୍ତି।

କରୋନା କେବଳ ଲୋକଙ୍କ ରୋଜଗାର ହ୍ରାସ କରିନି, ବହୁ ପରିବାରରୁ ଏକାଧିକ ସଦସ୍ୟଙ୍କୁ ଛଡ଼ାଇ ନେଇଛି। କିଏ ମା–ବାପାଙ୍କୁ ହରାଇଛନ୍ତି ତ ଆଉ କିଏ ରୋଜଗାରିଆ ଝିଅ, ପୁଅଙ୍କୁ ହରାଇ ଆଖିରୁ ଅଶ୍ରୁ ଗଡ଼ାଉଛନ୍ତି। କେଉଁ ପରିବାରରେ ଉଭୟ ବାପ–ପୁଅଙ୍କ ମୃତ୍ୟୁ ହୋଇଥିବା ମଧ୍ୟ ଦେଖାଯାଇଛି। ଆତ୍ମୀୟଙ୍କୁ ହରାଇ ଦୁଃଖ ଓ ଶୋକରେ ବୁଡ଼ିଥିବା ଏପରି ଲୋକଙ୍କ ନିକଟରୁ ଶୁଦ୍ଧିକ୍ରିୟା ପାଇଁ ପୂର୍ବାପେକ୍ଷା ବହୁ ଅଧିକ ଅର୍ଥ ଦାବି କରାଯିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରୁଛି। କିଛିଦିନ ତଳେ ଅନୁଗୋଳ ସହର ରାଜକିଶୋରପଡ଼ାରେ ଜଣେ କରୋନା ସଂକ୍ରମିତଙ୍କ ମୃତ୍ୟୁ ହୋଇଥିଲା। କେବଳ କ୍ରିୟାକର୍ମ ବାବଦରେ ତାଙ୍କ ପରିବାର ନିକଟରୁ ୨୫ ହଜାରରୁ ଅଧିକ ଟଙ୍କା ନିଆଯାଇଥିଲା। ପୂର୍ବରୁ ଏସବୁ କାର୍ଯ୍ୟ ପାଇଁ ୫ ହଜାରରୁ କମ୍ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଏବେ ୫ ଗୁଣ ଅଧିକ ଅର୍ଥ ଦାବି କରାଯିବା ସମ୍ପୃକ୍ତ ପରିବାର ଲୋକଙ୍କୁ ଆର୍ଥିକ ସଙ୍କଟରେ ପକାଇ ଦେଇଥିଲା। ସେହିପରି ୧୫ ଦିନ ତଳେ ଶିମିଳିପଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିଲା। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। କୋଭିଡ୍‌ରେ ତାଙ୍କ ମୃତ୍ୟୁ ହୋଇ ନ ଥିଲେ ମଧ୍ୟ ପ୍ରାୟ ସମାନ ପରିମାଣର ଅର୍ଥ ଶୁଦ୍ଧିକ୍ରିୟା ପାଇଁ ଦାବି କରାଯାଇଥିଲା। ପାଖରେ ଏତେ ଟଙ୍କା ନ ଥିବାରୁ ପରିବାର ଲୋକଙ୍କୁ ଏଥିପାଇଁ କରଜ କରିବାକୁ ପଡ଼ିଥିଲା। କରୋନା ଯୋଗୁ ଲୋକଙ୍କ ଦୈନନ୍ଦିନ ଜୀବନ ବହୁ କଷ୍ଟରେ ବିତୁଥିବାବେଳେ ଶୁଦ୍ଧିକ୍ରିୟା ପାଇଁ ଏତେ ପରିମାଣର ଅର୍ଥ ଦାବି କରାଯିବା ବୋଝ ଉପରେ ନଳିତା ବିଡ଼ା ପରି ହେଉଥିବା ସହରବାସୀ ପ୍ରକାଶ କରିଛନ୍ତି। ଏ ନେଇ ଜିଲା ପ୍ରଶାସନ କିମ୍ବା ରାଜ୍ୟ ସରକାର କିଛି ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି।

### ବାଧୁଛି କ୍ରିୟାକର୍ମ ବାବଦ ଅର୍ଥ ଦାବି



କରୋନା ସମୟରେ ସବୁଠି ଚଢ଼ା ଦର ନିଆଯାଉଛି। ଏଥିରୁ ବାଦ୍ ପଡ଼ିନି ଶୁଦ୍ଧିକ୍ରିୟା ବାବଦ ଖର୍ଚ୍ଚ। ଏଥିପାଇଁ ଯେପରି ଭାବେ ମୋଟା ଅଙ୍କର ଅର୍ଥ ଦାବି କରାଯାଉଛି ତାହା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ। ପୂର୍ବରୁ ଯେଉଁ କାର୍ଯ୍ୟ ମାତ୍ର ୫ ହଜାର ଟଙ୍କାରେ ହୋଇଯାଉଥିଲା, ତାହା ପାଇଁ ଏବେ ୨୫ ହଜାର ଟଙ୍କା ଦେବାକୁ ପଡୁଛି।

**–ସରୋଜ କୁମାର ଜେନା, ଅନୁଗୋଳ**

### ପକେଟ ଦେଖି ଅର୍ଥ ନିଆଯିବା ଦରକାର



ଅନେକ ସମୟରେ ମୃତକଙ୍କ ପରିବାର ଲୋକେ ମଧ୍ୟ ଆକ୍ରାନ୍ତ ହୋଇଥାନ୍ତି। କିନ୍ତୁ ଟେଷ୍ଟ କରି ନ ଥିବାରୁ ସେମାନଙ୍କୁ ନେଇ କ୍ରିୟାକର୍ମ କରିବାରେ ବିପଦ ଆଶଙ୍କା ରହିଛି। ବିଧି ଅନୁଯାୟୀ ସମସ୍ତ କର୍ମ ଜରୁରୀ ହୋଇଥିବାରୁ ଏଥିରେ ସମ୍ପୃକ୍ତ ବ୍ୟକ୍ତିମାନେ ଅଧିକ ଅର୍ଥ ଦାବି କରୁଛନ୍ତି। ତେବେ ପକେଟ ଦେଖି ଅର୍ଥ ନିଆଗଲେ ଆପତ୍ତି ନାହିଁ।

**–ପ୍ରହ୍ଲାଦ ସାହୁ, ଅନୁଗୋଳ**

### ମାନବିକତା ମରିଯିବା ପରି ଲାଗୁଛି



ଜଣେ ସଦସ୍ୟଙ୍କ ପ୍ରାଣହାନି ହୋଇଥିବାରୁ ସମ୍ପୃକ୍ତ ପରିବାରକୁ ସହାନୁଭୂତି ସହ ସବୁଆଡ଼ୁ ସହଯୋଗ ମିଳିବା କଥା। କିନ୍ତୁ ଶୁଦ୍ଧିକ୍ରିୟା ପାଇଁ ଆତ୍ମୀୟଙ୍କଠାରୁ ଯେପରି ମୋଟା ଅଙ୍କର ଅର୍ଥ ଦାବି କରାଯାଉଛି, ସେଥିରୁ ମାନବିକତା ମରିଯିବା ପରି ଲାଗୁଛି। ବିପତ୍ତି ସମୟରେ ଏପରି କରାଯିବା ଆଦୌ ଗ୍ରହଣୀୟ ନୁହେଁ।

**–ଉପେନ୍ଦ୍ର ଶର୍ମା, ଅନୁଗୋଳ**

### ପ୍ରଶାସନ ଅବଗତ ଅଛି



ଏପରି ଆପତ୍ତି ସମ୍ପର୍କରେ ପ୍ରଶାସନ ଅବଗତ ରହିଛି। ବିଭିନ୍ନ ସମୟରେ ଲୋକମାନେ ସମାନ ଅଭିଯୋଗ ଆଣୁଛନ୍ତି। ଏ ନେଇ ଜିଲାର ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଅବଗତ କରାଯିବ। ଏହାପରେ ଯେଉଁ ନିଷ୍ପତ୍ତି ନିଆଯିବ, ତାହା ସର୍ବସାଧାରଣଙ୍କୁ ଜଣାଇ ଦିଆଯିବ।

**–ଗିରିଜା ଶଙ୍କର ମଲ୍ଲିକ, ପୌର ନିର୍ବାହୀ ଅଧିକାରୀ**

**କୋଭିଡ୍ ସାମଗ୍ରୀ ଟିକସ ଲାଗି ମନ୍ତ୍ରୀଗୋଷ୍ଠୀ**

କୋଭିଡ୍ ଭାକ୍ସିନ, ଡ୍ରଗ, ହ୍ୟାଣ୍ଡ ସାନିଟାଇଜର, ମାସ୍କ, ପିପିଇ କିଟ୍ ଏବଂ ଅକ୍ସିଜେନ ସଂକ୍ରାନ୍ତ ଯନ୍ତ୍ରାଂଶ ଉପରେ ଜିଏସ୍‌ଟି ହାର ମନ୍ତ୍ରୀ ଗୋଷ୍ଠୀ (ଜିଓଏମ୍) ବିଚାର କରିବ। ଏ ନେଇ ୮ ସଦସ୍ୟ ବିଶିଷ୍ଟ ମନ୍ତ୍ରୀଙ୍କ ପ୍ୟାନେଲ ଗଠନ କରାଯାଇଥିବା ବେଳେ ମେଘାଳୟ ମୁଖ୍ୟମନ୍ତ୍ରୀ ସି.ସାଙ୍ଗମା ଏହାର ମୁଖ୍ୟ ରହିଛନ୍ତି।

## ସଂକ୍ଷେପରେ

### ଶିବଦତ୍ତ ହେଲେ ଆଜିଙ୍କ୍ୟ ଡି ୱାଇ ପାଟିଲ ଗ୍ରୁପ୍‌ର ସିଇଓ



ଭୁବନେଶ୍ୱର,୩୦।୫: ଦେଶର ଅନ୍ୟତମ ସର୍ବବୃହତ୍ ପ୍ରତିଷ୍ଠାନ ଆଜିଙ୍କ୍ୟ ଡି ୱାଇ ପାଟିଲ୍ ଗ୍ରୁପ୍‌ର ସ୍ୱାସ୍ଥ୍ୟ ବ୍ୟବସାୟର ଏମ୍‌ଡି ଓ ସିଇଓ ଭାବେ ଶିବଦତ୍ତ ଦାସଙ୍କୁ ନିଯୁକ୍ତି ମିଳିଛି। ବୋର୍ଡ ଏ ନେଇ ଗ୍ରହଣ କରିଥିବା ନିଷ୍ପତ୍ତି ସମ୍ପର୍କରେ କମ୍ପାନୀର ଅଧକ୍ଷ ବିଧିବଦ୍ଧ ଭାବେ ଘୋଷଣା କରିଛନ୍ତି। ୨୦୨୧ ଜୁନ୍ ୧ରୁ ଦାସଙ୍କର କାର୍ଯ୍ୟକାଳ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ଶିବଦତ୍ତ ଏହା ପୂର୍ବରୁ ୟୁନାଇଟେଡ୍ ସ୍ପିରିଟ୍, ଆଇସିଆଇସିଆଇ ପ୍ରୁଡେନ୍‌ସିଆଲ, ଭାରତୀ ଏକ୍ସା ଲାଇଫ୍ ଇନ୍‌ସ୍ୟୁରାନ୍ସ, ଟାଟା ଏଆଇଏ ଲାଇଫ୍ ଇନ୍‌ସ୍ୟୁରାନ୍ସ, ରିଲାଏନ୍ସ ଲାଇଫ୍ ଇନ୍‌ସ୍ୟୁରାନ୍ସ ଭଳି ପ୍ରତିଷ୍ଠିତ ସଂସ୍ଥାର ପ୍ରମୁଖ ଭୂମିକାରେ କାର୍ଯ୍ୟ କରିଛନ୍ତି। ଏ ସବୁ କ୍ଷେତ୍ରରେ ତାଙ୍କର ୨୨ ବର୍ଷର ଅଭିଜ୍ଞତା ରହିଛି। ଗତ ୫ ବର୍ଷ ହେଲା ସେ ଅନେକ କମ୍ପାନୀକୁ ଆଡଭାଇଜରି ସେବା ପ୍ରଦାନ କରୁଥିଲେ। ଜଣେ ସ୍ୱାଧୀନ କନ୍‌ସଲ୍‌ଟାଣ୍ଟ ଭାବେ ସେ ଗତ କିଛିମାସ ହେଲା ପାଟିଲ ଗ୍ରୁପ୍ ସହିତ ଯୋଡ଼ି ହୋଇଥିଲେ।

### ଜିଓ ଟେଲିକମ୍ ନେଟ୍‌ୱର୍କର ପୁନରୁଦ୍ଧାର

**ଭୁବନେଶ୍ୱର,୩୦।୫:** ଅଗ୍ରଣୀ ଡିଜିଟାଲ ସେବା ପ୍ରଦାନକାରୀ ସଂସ୍ଥା ରିଲାଏନ୍ସ ଜିଓ ପକ୍ଷରୁ ବାତ୍ୟା ୟାସ୍ ଦ୍ୱାରା ପ୍ରଭାବିତ ଓଡ଼ିଶାର ସମସ୍ତ ଜିଲାର ମୋବାଇଲ୍ ନେଟ୍‌ୱର୍କକୁ ସଫଳତାର ସହ ପୁନରୁଦ୍ଧାର କରାଯାଇଛି। ବାତ୍ୟା ଆଗମନ ପୂର୍ବରୁ ଜିଓ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ସହ ଗ୍ରାହକଙ୍କ ଭରସାକୁ ଅତୁଟ ରଖିବା ପାଇଁ ଜିଓ ପକ୍ଷରୁ ସ୍ୱତନ୍ତ୍ର ୱାର-ରୁମ୍ ସ୍ଥାପନ କରାଯାଇ ବାତ୍ୟା ପ୍ରଭାବିତ ଜିଲାଗୁଡିକରେ ଆବଶ୍ୟକ ଉପକରଣ, ସ୍ପେୟାର ଏବଂ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ସହିତ ଅଭିଜ୍ଞ ଟିମ୍ ମୁତୟନ କରାଯାଇଥିଲା। ସେହିଭଳି ଯୁଦ୍ଧକାଳୀନ ଭତ୍ତିରେ ସମସ୍ତ ପ୍ରଭାବିତ ନେଟ୍‌ୱର୍କ ସାଇଟ୍‌ର ପୁନରୁଦ୍ଧାରକୁ ନିଶ୍ଚିତ କରିବା ସହିତ ବାତ୍ୟା ପ୍ରଭାବିତ ଜିଲାଗୁଡ଼ିକରେ ଜିଓ ଫାଇବର୍ ନେଟ୍‌ୱର୍କ ଉପରେ କୌଣସି ପ୍ରଭାବ ପଡ଼ିନାହିଁ ବୋଲି ଜଣାପଡିଛି।

# ଟେକ୍ନିକାଲ ରିସେସନ, ସେନ୍‌ସେକ୍ସ ସ୍ତର ୫୦ ହଜାର

ନୂଆଦିଲ୍ଲୀ,୩୦।୫

୨୦୧୯ ମେ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦ୍ୱିତୀୟ ପାଳି ଆରମ୍ଭ କରିଥିଲେ। ୨୦୨୪ ସୁଦ୍ଧା ଭାରତୀୟ ଅର୍ଥ ବ୍ୟବସ୍ଥାକୁ ୫ ଟ୍ରିଲିୟନ ଡଲାରରେ ପହଞ୍ଚାଇବା ସରକାରଙ୍କ ଲକ୍ଷ୍ୟ ଥିଲା। ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲାଗି ସରକାର ଯେତେବେଳେ ବିଭିନ୍ନ ସଂସ୍କାର ପ୍ରକ୍ରିୟା ଆରମ୍ଭ କଲେ ସେତେବେଳେ କରୋନା ମହାମାରୀ ପ୍ରଭାବ ବଜାରକୁ ସଙ୍କଟ ସ୍ଥିତିକୁ ଠେଲି ଦେଇଛି। ଗତ ୨ ବର୍ଷରେ ସରକାର ବିଭିନ୍ନ ଯୋଜନା ଆରମ୍ଭ କରିଛନ୍ତି। ଏଭଳି ସ୍ଥିତିରେ ଭାରତ ପ୍ରଥମ ଟେକ୍ନିକାଲ ରିସେସନର ସାମ୍ନା କରିଛି। ଇତିହାସରେ ପ୍ରଥମ ଥର ଲାଗି ବଜାର ଏଭଳି ସମସ୍ୟା ଦେଇ ଗତି କରିଛି। ଗତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ଲକ୍‌ଡାଉନ ଯୋଗୁ ଜିଡିପି ୨୪.୪% ହ୍ରାସ ହୋଇଛି। ଆର୍ଥିକ ବର୍ଷ ସାରା ଜିଡିପି ୮% ଖସିବା ନେଇ ସରକାର ଆକଳନ କରିଛନ୍ତି। ଜିଡିପି ୭.୭% ଖସିବ ବୋଲି ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ଆକଳନ କରିଥିଲା। ହେଲେ ଏହାଠାରୁ ଜିଡିପି ବେଶି ପ୍ରଭାବିତ ହୋଇଛି। ଚଳିତ ଆର୍ଥିକ ବର୍ଷରେ ଜିଡିପି ଉନ୍ନତ ହେବା ସହ ପ୍ରାୟ ୯% ରହିପାରେ ବୋଲି ବିଶ୍ୱସ୍ତରୀୟ ଏଜେନ୍ସିଗୁଡିକ ଆକଳନ କରିଛନ୍ତି। ଉଲ୍ଲେଖଯୋଗ୍ୟ, କରୋନା ଯୋଗୁ ବିଶ୍ୱ ଅର୍ଥ ବ୍ୟବସ୍ଥାକୁ ୨୦୨୦ରେ ୩.୭ ଟ୍ରିଲିୟନ ଡଲାର ଧକ୍କା ଲାଗିଛି।

କରୋନା ପ୍ରଭାବକୁ କମାଇବା ଲାଗି ସରକାର ୩ଟି ପର୍ଯ୍ୟାୟରେ ଆତ୍ମ ନିର୍ଭର ପ୍ୟାକେଜ୍ ଘୋଷଣା କରିଛନ୍ତି। ବିଜ୍‌ନେସ ଏବଂ ଏମ୍‌ଏସ୍‌ଏମ୍‌ଇ ଲାଗି ୩ ଲକ୍ଷ କୋଟି ଟଙ୍କାର ବନ୍ଧକ ମୁକ୍ତ ଋଣ, ଚାପଗ୍ରସ୍ତ ଏମ୍‌ଏସ୍‌ଏମ୍‌ଇ ଲାଗି ୨୦ ହଜାର କୋଟିର ସବ୍‌ଅର୍ଡିନେଟ୍ ଡେଟ୍, ଏମ୍‌ଏସ୍‌ଏମ୍‌ଇ ଫଣ୍ଡସ ଅଫ୍ ଫଣ୍ଡ୍‌ରେ ୫୦ ହଜାର କୋଟିର ଇକ୍ୱିଟି, ୨୦୦ କୋଟି ଟଙ୍କା ପର୍ଯ୍ୟନ୍ତ କାର୍ଯ୍ୟ ଉପରେ ଗ୍ଲୋବାଲ ଟେଣ୍ଡରକୁ ବାତିଲ, ମୁଦ୍ରା ଶିଶୁ ଲୋନ୍‌ରେ ୧୫ ଶହ କୋଟିର ଆଶ୍ୱସ୍ତି ଭଳି ଅନ୍ୟ ପ୍ରମୁଖ ପଦକ୍ଷେପ ରହିଥିଲା। ଦ୍ୱିତୀୟ ପର୍ଯ୍ୟାୟ ପ୍ୟାକେଜ୍‌ରେ ସଡ଼କ ଭିତ୍ତିଭୂମି ପାଇଁ ଅତିରିକ୍ତ ପୁଞ୍ଜି, ପୁଞ୍ଜି ଖର୍ଚ୍ଚକୁ ପ୍ରୋତ୍ସାହନ, ଏଲ୍‌ଟିସି ଭାଉଚର ସ୍କିମ୍, ଫେଷ୍ଟିଭ ବୋନସ ଦିଆଯାଇଥିଲା। ସେହିଭଳି ତୃତୀୟ ପର୍ଯ୍ୟାୟରେ ବିନିର୍ମାଣ କ୍ଷେତ୍ର ଉତ୍ପାଦନ ସଂଯୋଗୀ ପ୍ରୋତ୍ସାହନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅତିରିକ୍ତ ବ୍ୟୟବରାଦ, ଗ୍ରାମୀଣ ନିଯୁକ୍ତିକୁ ପ୍ରୋତ୍ସାହନ, ଭାକ୍ସିନ ଉନ୍ନତୀକରଣ ଲାଗି ଗ୍ରାଣ୍ଟ, ଆତ୍ମନିର୍ଭର ଭାରତ ରୋଜଗାର ଯୋଜନା, କୃଷି କ୍ଷେତ୍ରକୁ ଉତ୍ସାହିତ କରିବା ଲାଗି ସାର ସବ୍‌ସିଡି ଏବଂ ରପ୍ତାନି ପ୍ରୋତ୍ସାହନ ଯୋଜନା ଗ୍ରହଣ କରାଯାଇଥିଲା।

**ମୋଦିଙ୍କ ଦ୍ୱିତୀୟ ପାଳିରେ ଅର୍ଥ ବ୍ୟବସ୍ଥା**




ଏହି ସମୟ ଅବଧିରେ ଦେଶ ମଧ୍ୟରେ ବେରୋଜଗାରୀ ହାର ଅହେତୁକ ଭାବେ ବଢିଛି। ଦ୍ୱିତୀୟ ଲହର ଯୋଗୁ ବର୍ତ୍ତମାନ ନିଯୁକ୍ତି ବଜାର ପ୍ରଭାବିତ ହୋଇରହିଛି। ସେଣ୍ଟର ଫର ମନିଟରିଂ ଇଣ୍ଡିଆନ ଇକୋନୋମି(ସିଏମ୍‌ଆଇଇ) ଡାଟା ମୁତାବକ ପୁଣି ଥରେ ବେକାରି ହାର ବଢିଚାଲିଛି। ଗତ ବର୍ଷ ମେ ମାସରେ ଏହା ୨୩.୫% ସ୍ତରରେ ଥିଲା। ଅନଲକ୍ ପରେ ଏଥିରେ ସୁଧାର ଆସିଥିବା ବେଳେ ଦ୍ୱିତୀୟ ଲହର ଯୋଗୁ ଏହା ପୁଣି ଥରେ କ୍ଷତିଗ୍ରସ୍ତ ହୋଇଛି। ଚଳିତ ମାସ ୨୩ ସୁଦ୍ଧା ସାପ୍ତାହିକ ବେରୋଜଗାରୀ୧୪.୭% ସ୍ତରରେ ଥିଲା। ଏହାର ପୂର୍ବ ସପ୍ତାହରେ ଏହା ୧୪.୫% ଥିଲା। ଚଳିତ ବର୍ଷ ଏପ୍ରିଲ ପରଠାରୁ ବେକାରି ହାର ଲଗାତର ଉଚ୍ଚରେ ରହୁଥିବା ନଜରକୁ ଆସିଛି।

ଦେଶର ପୁଞ୍ଜି ବଜାରରେ ବର୍ତ୍ତମାନ ଊର୍ଦ୍ଧ୍ୱଗାମୀ ଧାରା ଲାଗି ରହିଛି। ଚଳିତ ବର୍ଷ ଜାନୁୟାରୀ ୨୨ରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ) ପ୍ରଥମଥର ଲାଗି ୫୦ ହଜାର ପଏଣ୍ଟ ସ୍ତର ଛୁଇଁଥିଲା। କୋଭିଡ୍ ପାଇଁ ୨୦୨୦ ମାର୍ଚ୍ଚରେ ସେନ୍‌ସେକ୍ସ ରେକର୍ଡ ନିମ୍ନ ସ୍ତରକୁ ଖସିଥିଲେ ମଧ୍ୟ ପରେ ଏଥିରେ ସୁଧାର ତ୍ୱରାନ୍ୱିତ ହୋଇଛି। ଉଭୟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ବର୍ତ୍ତମାନ ବଢିଚାଲିଛି। ଏହି ଅବଧିରେ ସେନ୍‌ସେକ୍ସ ୧୬% ବଢିଛି। ମୋଦି ଶାସନ କ୍ଷମତାକୁ ଆସିବା ପରେ ସେନ୍‌ସେକ୍ସ ପ୍ରାୟ ୨ ଗୁଣ ବଢିଛି। ବିଏସ୍‌ଇରେ ସୂଚୀଭୁକ୍ତ କମ୍ପାନୀଗୁଡିକର ବଜାର ପୁଞ୍ଜୀକରଣ ୩ ଟ୍ରିଲିୟନ ଡଲାର ଟପିଛି। ଏହାବାଦ୍ ଗତ ୨୮ ବର୍ଷ ମଧ୍ୟରେ ୨୦୧୯ରେ ସରକାର ବେସ୍ କର୍ପୋରେଟ ଟିକସ ୩୦ରୁ ୨୨%କୁ ଖସାଇଛନ୍ତି। ନିବେଶରେ ଭାରତକୁ ବିଶ୍ୱ ସ୍ତରରେ ଆହୁରି ପ୍ରତିଦ୍ୱନ୍ଦ୍ୱୀ କରିବା ଲାଗି ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ୨୦୧୯ ଅକ୍ଟୋବର ପହିଲାରେ ନୂଆ ମାନୁଫାକ୍‌ଚରିଂ ଫାର୍ମଗୁଡିକ ଲାଗି ୨୫ରୁ ୧୫%କୁ ହ୍ରାସ କରାଯାଇଥିଲା। ସେହିଭଳି ୨୦୧୯ ଅଗଷ୍ଟ ୩୦ରେ ସରକାର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ମେଗା ମିଶ୍ରଣ ଯୋଜନାକୁ କାର୍ଯ୍ୟକାରୀ କରାଇଛନ୍ତି। ମୋଟାମୋଟି ଭାବେ କହିବାକୁ ଗଲେ ସରକାର ପୂର୍ବ ଢାଞ୍ଚାରେ ପରିବର୍ତ୍ତନ ଆଣି ରାଷ୍ଟ୍ରାୟତ୍ତ କମ୍ପାନୀଗୁଡିକ ପରିବର୍ତ୍ତେ ଘରୋଇକରଣ ପ୍ରକ୍ରିୟାକୁ ଏବେ ଅଗ୍ରାଧିକାର ଦେଉଛନ୍ତି। ଦେଶ ମଧ୍ୟରେ ନିଯୁକ୍ତି ଏବେ ମଧ୍ୟ ଚ୍ୟାଲେଞ୍ଜିଂ ସ୍ଥିତିରେ ରହିଛି। କରୋନାର ଦ୍ୱିତୀୟ ଲହର ପରେ ଜିଡିପିକୁ ସୁଧାରିବା ଏବଂ ନିଯୁକ୍ତି ସୃଷ୍ଟି କରିବା ସରକାରଙ୍କ ଲାଗି ବଡ଼ ଆହ୍ୱାନ ହେବ ବୋଲି ବଜାର ବିଶେଷଜ୍ଞ କହିଛନ୍ତି।

## କରୋନାରେ ସହଯୋଗର ହାତ ବଢ଼ାଇଲା 'ଭାରତ ମସଲା'



କଟକ ଅଫିସ, ୩୦।୫

କରୋନା ମହାମାରୀର ଦ୍ୱିତୀୟ ଲହର ଯୋଗୁ ଜୀବନ ଓ ଜୀବିକା ମଧ୍ୟରୁ ଗୋଟିଏକୁ ବାଛିବାକୁ ପଡ଼ିଛି। ଏହି ପରିପ୍ରେକ୍ଷୀରେ 'ଅନ୍ୱେଷା' ଓ 'ଭାରତ ମସଲା' ସହଯୋଗରେ ଭୁବନେଶ୍ୱର ୟୁନିଟ-୩ସ୍ଥିତ ମାଳିସାହିରେ ପହଞ୍ଚିଥିଲେ। ଅନ୍ୱେଷା ଫାଉଣ୍ଡେଶନର ସଦସ୍ୟାମାନେ ମିଶି ସମାଜକୁ ଏକ ଉଦାହରଣ ଦେଉଥିବାବେଳେ ରୋଷେଇଶାଳରେ ଖାଦ୍ୟକୁ ସୁସ୍ୱାଦୁ ବନାଉଥିବା ଭାରତ ମସଲା ମଧ୍ୟ ସମାଜକୁ ଏକ ବାର୍ତ୍ତା ଦେଇଛି। ମହାମାରୀ ସମୟରେ ମାଳିସାହି ଅଞ୍ଚଳର ଜୀବିକା ହରାଇଥିବା ୩୦୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଅନ୍ୱେଷା ଏବଂ ଭାରତ ମସଲାର ମିଳିତ ସହଯୋଗରେ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡାଙ୍କ ସହଯୋଗରେ ଅନ୍ୱେଷା ଫାଉଣ୍ଡେଶନର କର୍ମକର୍ତ୍ତା କୋଭିଡ୍ ନିୟମ ମାନି ଖାଦ୍ୟ ସାମଗ୍ରୀ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଇପ୍‌ସିତା ସାହୁ, ସାଗରିକା ସାମନ୍ତ, ସୁପ୍ରୀତି ନାଥ ଶର୍ମା, ସୌଭାଗିନୀ ସାହୁ, ଇତିଶ୍ରୀ ସାହୁ, ଲିଲି ନାୟକ, ଶତୋକୀର୍ତ୍ତି ଶର୍ମା, ପ୍ରୀତି ଜେନା ପ୍ରମୁଖ ସାମିଲ ଥିଲେ।

## ବାତ୍ୟା ପ୍ରଭାବିତଙ୍କ ଲାଗି ହ୍ୟୁଣ୍ଡାଇର ଟାସ୍କଫୋର୍ସ

ନୂଆଦିଲ୍ଲୀ,୩୦।୫

ବାତ୍ୟା ୟାସ୍ ପ୍ରଭାବିତ ଗ୍ରାହକଙ୍କ ଲାଗି ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ରିଲିଫ ଟାସ୍କଫୋର୍ସ ଗଠନ କରାଯାଇଛି। ଏହା ଦ୍ୱାରା ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡର ଗ୍ରାହକ ମାଗଣାରେ ରୋଡ୍ ସାଇଡ ଆସିଷ୍ଟାନ୍ସ ଲାଭ କରିପାରିବେ। ଭିଜନ ପ୍ରୋଗ୍ରେସ ଫର୍ ହ୍ୟୁମାନିଟି ଅନ୍ତର୍ଗତ ସମାଜ ଏବଂ କମ୍ୟୁନିଟିର ସୁବିଧା ନିମନ୍ତେ ରିଲିଫ୍ ଟାସ୍କଫୋର୍ସ ଗଠନ କରାଯାଇଛି ବୋଲି କମ୍ପାନୀର ସେଲ୍‌ସ ମାର୍କେଟିଂ ଏବଂ ସର୍ଭିସ ନିର୍ଦ୍ଦେଶକ ତରୁଣ ଗର୍ଗ କହିଛନ୍ତି। ସେ କହିଛନ୍ତି, ଦାୟିତ୍ୱ ସମ୍ପନ୍ନ ବ୍ରାଣ୍ଡ ଭାବେ ଗାଡି ମାଲିକଙ୍କୁ ସର୍ଭିସ ସହାୟତା ଯୋଗାଇ ଦିଆଯାଉଛି। ରିଲିଫ ଟିମ୍ ବାତ୍ୟା ପ୍ରଭାବିତ ବିଭିନ୍ନ ଅଞ୍ଚଳରେ ପିସ୍ ଅଫ୍ ମାଇଣ୍ଡ ଅନ୍ତର୍ଗତ ଏହି ସଙ୍କଟ ସମୟରେ ଭ୍ରାମ୍ୟମାଣ ସେବା ଯୋଗାଣ ଅବ୍ୟାହତ ରଖିଛନ୍ତି। ଗ୍ରାହକଙ୍କୁ ରାସ୍ତାକଡରେ ଚିନ୍ତାମୁକ୍ତ ଏମର୍ଜେନ୍ସି ସହାୟତା ପ୍ରଦାନ କରାଯାଉଛି। ଅତିରିକ୍ତ ଭାବେ ବାତ୍ୟା ପ୍ରଭାବିତ ଯାନଗୁଡିକ ଲାଗି ୫୦% ରିହାତି ମୂଲ୍ୟରେ ବୀମା କ୍ଲେମର ସହାୟତା କରାଯାଇଛି।

## ଇସିଏଲ୍‌ଜିଏସ୍ ସୀମା ବଢ଼ିଲା

ନୂଆଦିଲ୍ଲୀ,୩୦।୫

- କୋଭିଡ୍ ପ୍ରଭାବ ହ୍ରାସ ଲାଗି ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ପଦକ୍ଷେପ
- ୨୫ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ରିଷ୍ଟ୍ରକ୍‌ଚରିଂ ଆରମ୍ଭ



ଦୀନେଶ ଖାରା

କୋଭିଡ୍-୧୯ ଦ୍ୱିତୀୟ ଲହର ଯୋଗୁ ବଜାର ବର୍ତ୍ତମାନ ପ୍ରଭାବିତ ହୋଇରହିଛି। ଏହି ପ୍ରଭାବକୁ କମାଇବା ଲାଗି ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ମିଳିତ ହୋଇ କାମ କରିବେ। ବ୍ୟାଙ୍କଗୁଡିକ ବିଭିନ୍ନ ଋଣ ପ୍ରଡକ୍ଟ ଏବଂ ଅନ୍ୟ ସହାୟତା ପଦକ୍ଷେପ ଯୋଗାଇ ଦେବେ ବୋଲି ଏକ ଭର୍ଚୁଆଲ ବୈଠକରେ ଏସ୍‌ବିଆଇ ଅଧକ୍ଷ ଦୀନେଶ ଖାରା, ଆଇବିଏ ଅଧକ୍ଷ ରାଜ କିରନ ରାୟ ଏବଂ ଆଇବିଏ ମୁଖ୍ୟ କାର୍ଯ୍ୟନିର୍ବାହୀ ସୁନୀଲ ମେହେଟ୍ଟା ସୂଚନା ଦେଇଛନ୍ତି।

ସରକାର ବର୍ତ୍ତମାନ ଏମର୍ଜେନ୍ସି କ୍ରେଡିଟ୍ ଲାଇନ ଗ୍ୟାରେଣ୍ଟି ସ୍କିମ(ଇସିଏଲ୍‌ଜିଏସ୍) ସୀମାକୁ ବଢ଼ାଇଛନ୍ତି। ଏଥିରେ ହସ୍ପିଟାଲ, ନର୍ସିଂ ହୋମ ଏବଂ କ୍ଲିନିକଗୁଡିକ ଅନସାଇଟ ଅକ୍ସିଜେନ ଜେନେରେଶନ ପ୍ଲାଣ୍ଟ ସ୍ଥାପନ କ୍ଷେତ୍ରରେ ୨ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ ଏନ୍‌ସିଜିଟିସି ପକ୍ଷରୁ ୧୦୦% ଗ୍ୟାରେଣ୍ଟି କଭର ଲାଭ କରିବେ। ଇସିଏଲ୍‌ଜିସି ସୀମାକୁ ସେପ୍ଟେମ୍ବର ଯାଏ ବଢାଯାଇଛି। ଏହି କ୍ଷେତ୍ରରେ ଋଣ ଯୋଗାଣକୁ ଚଳିତ ବର୍ଷ ଶେଷ ଯାଏ ଅନୁମତି ଦିଆଯାଇଛି। ବ୍ୟାଙ୍କଗୁଡିକ ବର୍ଦ୍ଧିତ ଇସିଏଲ୍‌ଜିଏସ୍ ପଦକ୍ଷେପକୁ କାର୍ଯ୍ୟକାରୀ କରାଇବେ। ସ୍ୱାସ୍ଥ୍ୟ ଭିତ୍ତିଭୂମିରେ କାମ କରୁଥିବା ବାଣିଜ୍ୟ ସଂସ୍ଥାଗୁଡିକୁ ଋଣ ଯୋଗାଣ ତ୍ୱରାନ୍ୱିତ କରାଯିବ। ସେହିଭଳି କୋଭିଡ୍ ଚିକିତ୍ସା ଖର୍ଚ୍ଚ କ୍ଷେତ୍ରରେ ଋଣ ସହାୟତା ଦେବା ଉପରେ ବ୍ୟାଙ୍କ କାର୍ଯ୍ୟ କରିବେ। ଆର୍‌ବିଆଇର ଋଣ ସମାଧାନ ପଦକ୍ଷେପ ୨.୦କୁ ନିରନ୍ତର ଲାଗୁ କରିବା ଲାଗି ବ୍ୟାଙ୍କ କାର୍ଯ୍ୟ କରିବେ। ଏଥିରେ ୨୫ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ରିଷ୍ଟ୍ରକ୍ଚର ବା ପୁନର୍ଗଠନ ପ୍ରକ୍ରିୟା ଆରମ୍ଭ କରାଯାଇଥିବା ସୂଚନା ମିଳିଛି।

ଆର୍‌ବିଆଇ ନିୟମ ଅନୁସାରେ ବ୍ୟାଙ୍କ କୋଭିଡ୍ ଲୋନ ବୁକ୍ ପ୍ରସ୍ତୁତ କରିବେ। ଭାକ୍ସିନ ମାନୁଫାକ୍‌ଚର, ହସ୍ପିଟାଲ, ଡିସପେନ୍‌ସାରି, ପାଥୋଲାବ୍, ମାନୁଫାକଚର, ଅକ୍ସିଜେନ ଯୋଗାଣକାରୀଙ୍କ ଭଳି କୋଭିଡ୍ ସ୍ୱାସ୍ଥ୍ୟ ଭିତ୍ତିଭୂମିରେ କାମ କରୁଥିବା ସଂସ୍ଥାଗୁଡ଼ିକୁ ଋଣ ସହାୟତା ଯୋଗାଣ କରାଯିବ। ନୂଆ ହେଲ୍‌ଥ ଫାସିଲିଟି ସ୍ଥାପନ, ସମ୍ପ୍ରସାରଣ ଏବଂ ହେଲ୍‌ଥକେୟାର ପ୍ରଡକ୍ଟ ମାନୁଫାକ୍‌ଚରିଂ ଲାଗି ୧୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ, କୋଭିଡ୍ ଚିକିତ୍ସା ଲାଗି ବିଭିନ୍ନ ବର୍ଗରେ ୨୫ହଜାର ଟଙ୍କାରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ମିଳିବ। ରିହାତି ସୁଧହାରରେ ଏହି ସବୁ ଋଣ ବ୍ୟାଙ୍କ ପ୍ରଦାନ କରିବେ।

## ୭ ଗ୍ରାମ୍ ବ୍ରାଉନସୁଗାର, ୨ ଲକ୍ଷ ଟଙ୍କା ଜବତ

**୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ, ମୁଖ୍ୟ ଅଭିଯୁକ୍ତ ଫେରାର**

ଜଗତ୍‌ସିଂହପୁର ଅଫିସ, ୩୦।୫

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଲାଲାସାହିରୁ ରବିବାର ୭.୧୦ ଗ୍ରାମ୍ ବ୍ରାଉନସୁଗାର ସହ ୨,୧୦,୨୦୦ ଟଙ୍କା, ଗୋଟିଏ ବାଇକ୍ ନଂ. ଓଡି ୦୫ ଭି ୨୭୫୦ ଓ ଗୋଟିଏ ସ୍କୁଟି ନଂ. ଓଡି ୨୧ଏଚ୍ ୭୦୪୫କୁ ପୋଲିସ ଜବତ କରିଛି। ମୁଖ୍ୟ ଅଭିଯୁକ୍ତ ଫେରାର ହୋଇ ଯାଇଥିବା ବେଳେ ୨ ଜଣଙ୍କୁ ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେମାନେ ହେଲେ କଟକ ଜିଲା ନିଆଳିର ବିଶ୍ୱଜିତ୍ ସିଂହ(୨୨) ଓ ଖୋର୍ଦ୍ଧା ଜିଲା ନରିଶୋ ପଞ୍ଚାୟତ ଶ୍ରୀରାମପୁର ଗାଁର ପ୍ରତାପ କୁମାର ରାଉତ (୨୨)। ଥାନାରେ ନଂ. ୨୫୯/୨୧ରେ ମାମଲା ରୁଜୁ ହୋଇଛି। ଏ ସମ୍ପର୍କରେ ଆଇଆଇସି ରଜନୀକାନ୍ତ ମିଶ୍ର କହିଛନ୍ତି, ବ୍ରାଉନସୁଗାର ଚୋରା କାରବାର ଚାଲିଥିବା ସମ୍ପର୍କରେ ବିଶେଷସୂତ୍ରରୁ ଖବରପାଇ ପୋଲିସ ଗୋପାଳସାଗରର ଲାଲାସାହିରେ ଚଢ଼ାଉ କରିଥିଲା। ଏହି ସମୟରେ ମୁଖ୍ୟ ଅଭିଯୁକ୍ତ ତାଙ୍କ ସ୍କୁଟି ଛାଡ଼ି ଖସି ପଳାଇ ଥିଲେ। ସ୍କୁଟି ଯାଞ୍ଚ କଲା ପରେ ସେଥିରୁ ୨ଲକ୍ଷ ୧୦ହଜାର ଟଙ୍କା ଜବତ କରାଯାଇଥିଲା। କିନ୍ତୁ ବାଇକ୍‌ରେ ଥିବା ୨ଜଣ ଧରା ପଡି ଯାଇଥିଲେ। ସେମାନଙ୍କ ନିକଟରୁ ୪୫ଟି ଛୋଟ ଜରି ପ୍ୟାକେଟ୍‌ରେ ଥିବା ୭.୧୦ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଜରି ସହ ବ୍ରାଉନସୁଗାର ଓଜନ ୧୩.୫୦ ଗ୍ରାମ ଥିଲା। ତେବେ ପ୍ରତାପଙ୍କ ନିକଟରୁ ୩,୮୫୦ ଟଙ୍କା ଓ ଏକ ମୋବାଇଲ୍ ଜବତ କରାଯାଇଛି। ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ପାଇଁ ପ୍ରକ୍ରିୟା ଚାଲିଛି ବୋଲି ଆଇଆଇସି କହିଛନ୍ତି।

# ଓଡ଼ିଶା ପ୍ରତି ସମର୍ପିତ ଥିଲେ ଓଡ଼ିଆ ଶିଳ୍ପୀ

ଡ. ସୁରେନ୍ଦ୍ର କୁମାର ମିଶ୍ର




ଆମେ ପୂର୍ବସଂଖ୍ୟାରେ ଯେଉଁ ଭେଣ୍ଡିଆ ଶିଳ୍ପୀଙ୍କ କଥା ଆଲୋଚନା କରିଥିଲୁ, ତାହା 'ଓଡ଼ିଶାର ପ୍ରତ୍ନତତ୍ତ୍ୱ ଓ ଅନ୍ୟାନ୍ୟ ପ୍ରବନ୍ଧ' ପୁସ୍ତକ (୨ୟ ଭାଗ, ପୃ-୩୩୯)ରେ ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ ବିଶେଷ ଭାବରେ ଆଲୋଚନା କରିଛନ୍ତି। x x x ସେମାନେ ଯୁଗପତ୍ ଯୋଦ୍ଧା ଓ ଶିଳ୍ପୀ ଉଭୟ କାର୍ଯ୍ୟରେ ନିପୁଣ ଥିଲେ। ଖଣିରୁ ପଥର ବାହାର କରିବା, ପଥରକୁ କୌଶଳକ୍ରମେ କୋଣାର୍କକୁ ବୋହିନେବା ଥିଲା ଏହି ଶ୍ରେଣୀର ଲୋକଙ୍କର କାର୍ଯ୍ୟ। କୋଣାର୍କର ପ୍ରତି ଖଣ୍ଡ ପଥରକୁ ଚିକ୍କଣ କରିବା ଅନ୍ୟ ଶ୍ରେଣୀ ଲୋକଙ୍କର କାର୍ଯ୍ୟ ଥିଲା। ଚାରିକୋଣିଆ ପଥର ଉପରେ ମୋଟା ବା ସରୁ କାମ କରିବା ଶିଳ୍ପୀଙ୍କର କାର୍ଯ୍ୟ। ଶିଳ୍ପୀଙ୍କ ଉପରେ ସେମାନଙ୍କର କାର୍ଯ୍ୟ ପରୀକ୍ଷା କରିବା ପାଇଁ 'ବିଶେଷଜ୍ଞ ଶିଳ୍ପୀ'ମାନେ ଥିଲେ। ଜୀବଜନ୍ତୁ, ଲତାପତ୍ର ଓ ମନୁଷ୍ୟ ମୂର୍ତ୍ତି ଗଢ଼ିବା ପାଇଁ 'ଭାସ୍କର'ମାନେ ନିଯୁକ୍ତ ଥିଲେ। ଏହି ନିର୍ମିତ ପ୍ରସ୍ତରଗୁଡ଼ାକୁ ମନ୍ଦିରର ବ୍ୟବହାର ପାଇଁ ସ୍ଥପତିମାନେ ନିଯୁକ୍ତ ଥିଲେ।

ଏହି ବର୍ଣ୍ଣନାକୁ ଅନୁଶୀଳନ କଲେ ସ୍ପଷ୍ଟ ଜଣାଯାଏ, 'ବାୟା ଚକଡ଼ା' ପୋଥିରେ ଠିକ୍ ଏହି କ୍ରମରେ ଶିଳ୍ପୀମାନେ ନିଯୁକ୍ତ ହୋଇ କାର୍ଯ୍ୟ କରୁଥିଲେ। ଶିଳ୍ପୀ, ବିଶେଷଜ୍ଞ ଶିଳ୍ପୀ, ଭାସ୍କର ଓ ସ୍ଥପତି ମୁଖ୍ୟ ଭାବରେ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ କରୁଥିଲେ। ଭାସ୍କରମାନେ 'ଭାସ୍କର୍ଯ୍ୟ' ନିର୍ମାଣରେ ନିମଗ୍ନ ଥିବାବେଳେ ସ୍ଥପତିମାନେ ଅନ୍ୟ ତିନି ଶିଳ୍ପୀଙ୍କ ନିର୍ମିତ କାରୁକାର୍ଯ୍ୟକୁ ଶିଳ୍ପକଳା ପଦ୍ଧତି ଅନୁଯାୟୀ ମନ୍ଦିର ନିର୍ମାଣରେ ଲଗାଉଥିଲେ। ସ୍ଥପତିଙ୍କ ମଧ୍ୟରେ 'ମୁଖ୍ୟ ସ୍ଥପତି' ରହୁଥିଲେ। ବାୟା ଚକଡ଼ା ଭାଷାରେ 'ମୁଖ୍ୟ ସ୍ଥପତି'ଙ୍କୁ କୁହାଯାଉଥିଲା ସୂତ୍ରଧର।

ଲାଙ୍ଗୁଳା ନରସିଂହ ଦେବଙ୍କ ରାଜତ୍ୱର ୫ମ ଅଙ୍କରେ (୧୨୪୦-୧୨୪୧ ମସିହା) ଅର୍କକ୍ଷେତ୍ରରେ ପରମ ସୂର୍ଯ୍ୟଦେବଙ୍କ ପାଇଁ ଏକ ରଥାକୃତିର ମନ୍ଦିର ନିର୍ମାଣ ଲାଗି ନିଷ୍ପତ୍ତି ହୋଇଥିଲା। ଏହି ମନ୍ଦିର ଗଜପତିଙ୍କ ବିଜୟସ୍ମୃତିରେ ନିର୍ମିତ ହୋଇଥିଲା ବୋଲି ସ୍ପଷ୍ଟ ଲେଖାଯାଇଛି। ଗଜପତି ପ୍ରଥମେ ଲଙ୍କାପଡ଼ା ଶିବିରରେ ପହଞ୍ଚିଥିଲେ। ସାଙ୍ଗରେ ଥିଲେ ୨୪ ଜଣ ଅଧିକାରୀ ଓ ୮ ଜଣ ସାମନ୍ତ। ସେଠାରେ ୭୦୦ ଶିଳ୍ପୀ ଓ ୭ ଜଣ ଓଝା (କମାର) ଉପସ୍ଥିତ ଥିଲେ। ସେଠାରେ ଏକ ମଙ୍ଗଳାର୍ପଣ ବିଧି ହୋଇଥିଲା। ଏହି ବିଧି କରିଥିଲେ ପଣ୍ଡିତ ଭୁବନମୋହନ ପୁରୋହିତ ଓ ଭୁବନେଶ୍ୱର ରାଜଗୁରୁ। ସେମାନେ ପ୍ରଥମେ ମହାଶ୍ରମ (ଗଜପତି)ଙ୍କୁ ମହାପ୍ରଭୁଙ୍କ ଶ୍ରୀକାପଡ଼ା ପ୍ରସାଦ ରୂପେ ପ୍ରଦାନ କରିଥିଲେ। ଏଥିରୁ ଜଣାଯାଏ ମହାପ୍ରଭୁଙ୍କ ଆଜ୍ଞାରେ ହିଁ ପ୍ରଥମେ ମଙ୍ଗଳକାର୍ଯ୍ୟ ଆରମ୍ଭ ହୋଇଥିଲା।

ଗଜପତି ନିଜେ ମଙ୍ଗଳାର୍ପଣ ବିଧି ପରେ ୭୦୦ ଶିଳ୍ପୀଙ୍କୁ ତିନୋଟି ଗୋଷ୍ଠୀରେ ବିଭକ୍ତ କରିଥିଲେ। ପ୍ରତ୍ୟେକ ଗୋଷ୍ଠୀରୁ ଜଣେ ଜଣେ ମୁଖ୍ୟ ବଛାଗଲେ। ତାଙ୍କ ମୁଣ୍ଡରେ ପଗଡ଼ିଟିଏ ବାନ୍ଧିଥିଲେ। ଶ୍ରୀଜଗନ୍ନାଥଙ୍କ ପରମ୍ପରାରେ ପଗଡ଼ି ବାନ୍ଧିବା ହିଁ ସ୍ୱୀକୃତି ଦେବା ଅର୍ଥରେ ଗ୍ରହଣ କରାଯାଏ। ଆଜିବି ଶାଢ଼ିବନ୍ଧା ସେବକଟିଏ ଶ୍ରୀମନ୍ଦିରରେ ସେବା ଆରମ୍ଭ କରିବାକୁ ଯିବାବେଳେ ମୁଣ୍ଡରେ ପଗଡ଼ି ସଦୃଶ ଶାଢ଼ି ବନ୍ଧାଯାଏ। ଗଜପତିଙ୍କ ପ୍ରତିନିଧି ଭାବରେ କାହା ମୁଣ୍ଡରେ କିଏ ଶାଢ଼ି ବାନ୍ଧିବ ତାହା ନିର୍ଦ୍ଦିଷ୍ଟ ଅଛି। ସେବା କରିବା ପାଇଁ ସେବକକୁ ସ୍ୱୀକୃତି ଦିଆଯାଏ ଶାଢ଼ିବନ୍ଧା ଯାଇ। ଏଇ ଶାଢ଼ି ମଧ୍ୟ ମହାପ୍ରଭୁଙ୍କ ପ୍ରସାଦ। ଏଥିପାଇଁ ଏକ ଶାଢ଼ିବନ୍ଧା ଉତ୍ସବ ମଧ୍ୟ କେହି କେହି କରୁଛନ୍ତି ଶ୍ରୀକ୍ଷେତ୍ରରେ।



ମହାପ୍ରଭୁଙ୍କ ଶ୍ରୀକାପଡ଼ା।

ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ପାଇଁ ଗଜପତି ନିଜେ ସେତେବେଳେ ସଦାଶିବ(ଶିବେଇ) ସାମନ୍ତରାୟ ମହାପାତ୍ରଙ୍କୁ ମୁଖ୍ୟ ସ୍ଥପତି ବା ସୂତ୍ରଧର ଭାବରେ ଘୋଷଣା କରିଥିଲେ। ଶିବେଇ ସାମନ୍ତରାୟଙ୍କ ମୁଣ୍ଡରେ ନିଜେ ପଗଡ଼ି ବାନ୍ଧିଥିଲେ। ଶିବେଇ ଅଧିକାର ପ୍ରାପ୍ତ ହେବାପରେ ସାତଜଣଙ୍କୁ ନିଯୁକ୍ତି ଦେଇ ସେମାନଙ୍କ ମୁଣ୍ଡରେ ପଗଡ଼ି ବାନ୍ଧିଦେଇଥିଲେ। ସେହି ସାତ ଜଣଯାକ ଥିଲେ ଓଡ଼ିଆ। ତାଙ୍କର ସାଙ୍ଗିଆ ବି ଓଡ଼ିଆ। ତେବେ ବଙ୍ଗାଳୀ ଶିଳ୍ପୀ ଆସିଲେ କେଉଁଠୁ? ନଗେନ୍ଦ୍ର ନାଥ ବସୁ କେମିତି ଲେଖିଲେ ଯେ, ଯଦି କେଉଁଠି ବଙ୍ଗୀୟ ଶିଳ୍ପନୈପୁଣ୍ୟର ଉଜ୍ଜ୍ୱଳ ଉଦାହରଣ ଥାଏ, ତାହା ଏଇ ରବିକ୍ଷେତ୍ର ...? ବାହାରିଆ ପଣ୍ଡିତମାନେ କେତେ କୌଶଳରେ ଚତୁରପଣିଆରେ କଞ୍ଚା ମିଛକୁ ବର୍ଣ୍ଣନା କରିଗଲେ! ସେଇଥିପାଇଁ ପଦ୍ମଶ୍ରୀ ଆଚାର୍ଯ୍ୟଙ୍କ ମତ ଓଡ଼ିଶା ଐତିହ୍ୟର କିପରି ନିଦା ଆଲେଖ୍ୟ ତାହା ଆମେ ଅବତାରଣା କରିବା ସହିତ 'ବାୟା ଚକଡ଼ା'ର ବର୍ଣ୍ଣନାକୁ ସମାନ୍ତରାଳ ଭାବରେ ଉପସ୍ଥାପନ କଲୁ।

ଓଡ଼ିଆ ଶିଳ୍ପୀ ଆବଶ୍ୟକତା ଅନୁଯାୟୀ ସାମ୍ରାଜ୍ୟର ସୁରକ୍ଷାରେ ନିଜକୁ ସମର୍ପିତ କରୁଥିଲା। ଶିଳ୍ପୀମାନେ ରାଜ୍ୟ ଶାସନ ସହିତ ମଧ୍ୟ ଜଡ଼ିତ ଥିଲେ। 'ସାମନ୍ତରାୟ' ଏକ ରାଜପ୍ରଦତ୍ତ ଉପାଧି। ସେହିପରି 'ମହାପାତ୍ର' ମଧ୍ୟ ରାଜପ୍ରଦତ୍ତ ଉପାଧି। ଦୁଇଟିଯାକ ଉପାଧି ସଦାଶିବ (ଶିବେଇ)ଙ୍କର ଥିଲା। ସାମନ୍ତରାୟମାନେ ମନ୍ତ୍ରୀ ପରିଷଦରେ ସ୍ଥାନ ପାଉଥିଲେ। ସମ୍ମାନର ପାତ୍ର ଥିଲେ। ରାଜକାର୍ଯ୍ୟ ସହିତ ମୁଖ୍ୟ ସ୍ଥପତିର କାର୍ଯ୍ୟ ବି ତୁଲାଉଥିଲେ। ରାଜଦରବାରରେ ସେମାନଙ୍କର ଯଥେଷ୍ଟ ମର୍ଯ୍ୟାଦା ଥିଲା। ସେଇଥିପାଇଁ ତ ଜୀବନକୁ ଯେ ଜାତି ପାଇଁ ସେମାନେ ଉତ୍ସର୍ଗ କରିଯାଇଛନ୍ତି।



ରଥ ନିର୍ମାଣ ପୂର୍ବରୁ ଶ୍ରୀମନ୍ଦିର ତଢ଼ଉ କରଣ ବିଶ୍ୱକର୍ମାଙ୍କ ମୁଣ୍ଡରେ ଶାଢ଼ି ବାନ୍ଧୁଛନ୍ତି।

# ଗାଁ ଜଗିଛନ୍ତି ଯୁବତୀ

**ପୋଲିସ କି ପ୍ରଶାସନ ନୁହେଁ, ଗାଁକୁ କରୋନା ମୁକ୍ତ ରଖିବା ଦାୟିତ୍ୱ ନେଇଛନ୍ତି କେତେଜଣ ଯୁବତୀ। ଗ୍ରାମବାସୀ ଏହି ଭୂତାଣୁ କବଳରେ ଯେପରି ନ ପଡ଼ନ୍ତି ସେଥିପାଇଁ କଠୋର ନିୟମ ମଧ କରିଛନ୍ତି। ଅତ୍ୟାବଶ୍ୟକ କାମ ଥିଲେ ହିଁ ଲୋକେ ବାହାରକୁ ଯାଉଛନ୍ତି। କରୋନା ସହ ମୁକାବିଲା ପାଇଁ ଏହି ଯୁବତୀଙ୍କ ଏଭଳି କାର୍ଯ୍ୟ ଏବେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି।**

## ସଂକ୍ରମଣ ଭୟ



**ରାଞ୍ଚି:** ଲୋକଙ୍କୁ କରୋନା ସଂକ୍ରମଣରୁ ରକ୍ଷା କରିବା ପାଇଁ ଜଗି ରହିଛନ୍ତି ଗାଁର ଯୁବତୀ। ଗାଁ ମୁଣ୍ଡରେ ପହରା ଦେଇ ଲୋକଙ୍କ ଯିବାଆସିବା ଉପରେ ନଜର ରଖୁଛନ୍ତି। ଆଉ ଗାଁରୁ ବାହାରକୁ ଯିବା ପାଇଁ କିମ୍ବା ଗାଁ ଭିତରକୁ ଆସିବା ପାଇଁ ତିଆରି କରିଛନ୍ତି କଠୋର ନିୟମ। ମହିଳାମାନଙ୍କର ଏଭଳି ସଚେତନତାର ଏକ ଦୃଶ୍ୟ ଦେଖିବାକୁ ମିଳିଛି ଝାଡ଼ଖଣ୍ଡ ରାଜଗଞ୍ଜ ଅଞ୍ଚଳର ଧାୱାଚିତା ପଞ୍ଚାୟତରେ ଥିବା ଦଲଦଲି ଗାଁରେ।

କରୋନା ଭୟରେ ଏବେ ଯଥାସମ୍ଭବ ସଚେତନ ହେବା ପାଇଁ ସମସ୍ତେ ଚେଷ୍ଟା ଚଳାଇଛନ୍ତି। ଖାସ୍ ଏଇଥିପାଇଁ ଏବେ ଆଦିବାସୀ ବହୁଳ ଦଲଦଲି ଗାଁର ଲୋକଙ୍କୁ କରୋନାଠାରୁ ଦୂରେଇ ରଖିବା ପାଇଁ ଆଗେଇ ଆସିଛନ୍ତି ସେହି ଗାଁର ଯୁବତୀମାନେ। ଗାଁର ପ୍ରାୟ ୬୦ ଘରେ ୬୦୦ ଆଦିବାସୀ ପରିବାର ଅଛନ୍ତି। କିନ୍ତୁ ଏବେ ଗାଁ ମୁଣ୍ଡରେ ପ୍ରତି ମୁହୂର୍ତ୍ତରେ ଗାଁର ଯୁବତୀମାନେ ଲୋକଙ୍କ ଯିବାଆସିବା ଉପରେ ନଜର ରଖିବା ପାଇଁ ଜଗି ବସିଛନ୍ତି। ଗାଁ ଚାରିପଟେ ବହୁ ସଂଖ୍ୟାରେ ନିମ୍ବ ଏବଂ ଅଶ୍ୱତ୍ଥ ଗଛ ରହିଛି। ଏହା ସହିତ ଗାଁକୁ ଜଗି ରହିଥିବା ଯୁବତୀମାନେ ଗାଁ ଲୋକଙ୍କର ବାହାରକୁ ଯିବାରେ କଟକଣା ଲଗାଇଛନ୍ତି। କେହି ବାହାରକୁ ଯିବାକୁ ଚାହୁଁଥିଲେ ସେମାନଙ୍କୁ ନିର୍ଦ୍ଦିଷ୍ଟ କାରଣ ଦେଖାଇବାକୁ ପଡ଼ିଥାଏ। ଏହା ସହିତ ଫେରିବା ବେଳକୁ ପ୍ରଥମେ ଗାଁ ମୁଣ୍ଡରେ ରହିଥିବା କୂଅରେ ସ୍ନାନ କରି ଗାଁ ଭିତରକୁ ଯିବାକୁ ପଡ଼ିଥାଏ। ସେହିପରି ଅନ୍ୟ ଗାଁରୁ କେହି ଆସିବାକୁ ଚାହୁଁଥିଲେ ଯୁବତୀମାନେ ତାଙ୍କୁ ଆସିବାର କାରଣ ପଚାରିଥା'ନ୍ତି। ନିହାତି ଆବଶ୍ୟକ ଥିଲେ ସେମାନଙ୍କୁ ବି ପ୍ରଥମେ ସ୍ନାନ କରି ଗାଁ ଭିତରକୁ ଯିବାକୁ ଅନୁମତି ଦିଅନ୍ତି। ଏହାଛଡ଼ା ଯୁବତୀମାନେ ସରକାରୀ ଗାଇଡ୍‌ଲାଇନ ଅନୁସାରେ ଗାଁର ସବୁ ଲୋକଙ୍କୁ ଚଳିବା ପାଇଁ ବୁଝାଇଥାନ୍ତି। ଗାଁରେ ପ୍ରତି ପରିବାରରୁ ଜଣେ ପ୍ରତି ଶନିବାର କେବଳ ହାଟରୁ ଜିନିଷପତ୍ର କିଣିବାକୁ ଯାଇଥା'ନ୍ତି। ଏହା ବ୍ୟତୀତ ଗାଁ ଭିତରେ ଥିବା ଦୋକାନରୁ ନିହାତି ଆବଶ୍ୟକ ହେଲେ ଅନ୍ୟ ଜିନିଷ କିଣିଥା'ନ୍ତି। ଏଥିପାଇଁ ଏବେ ଏହି ଗାଁର ଲୋକେ କରୋନା ସଂକ୍ରମଣରୁ ରକ୍ଷା ପାଇଛନ୍ତି। ତେବେ ଗାଁ ମୁଣ୍ଡରେ ଜଗି ରହିବା ପାଇଁ ଯୁବତୀମାନେ ପରସ୍ପର ମଧ୍ୟରେ ଆଲୋଚନା କରି ପାଳି ଯୋଗେ ସବୁ ମୁହୂର୍ତ୍ତରେ ଜଗି ଲୋକଙ୍କୁ କରୋନା କଟକଣା ପାଳନ କରାଉଛନ୍ତି।

# କନ୍‌ଷ୍ଟ୍ରକଶନ୍ କାମ କରୁଛନ୍ତି ଶିଳ୍ପା



କରୋନା ସଂକ୍ରମଣ ଯୋଗୁ ବ୍ୟାପକ ଭାବେ ପ୍ରଭାବିତ ହୋଇଛି ମନୋରଞ୍ଜନ ବା ଏଣ୍ଟରଟେନମେଣ୍ଟ ଇଣ୍ଡଷ୍ଟ୍ରି। ଶୁଟିଂ ବନ୍ଦ ହୋଇଥିବାରୁ ଅନେକ କଳାକାରଙ୍କ ଜୀବନ ଉପରେ ଏହାର ପ୍ରଭାବ ପଡ଼ିଥିବା ଦେଖିବାକୁ ମିଳିଛି। ବିଶେଷ କରି ଟେଲି କଳାକାରଙ୍କ ଜୀବିକା ଏଥିଯୋଗୁ ଦୋହଲି ଯାଇଛି, ଯାହା ନିକଟରେ ବିଗ୍ ବସ୍-୧୧ର ବିଜେତା ଶିଳ୍ପା ଶିନ୍ଦେଙ୍କ କ୍ଷେତ୍ରରେ ମଧ ଦେଖିବାକୁ ମିଳିଛି। ନିକଟରେ ଶିଳ୍ପା ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ଶେୟାର କରିଛନ୍ତି। ଏଥିରେ ସେ ଏକ କୁର୍ତ୍ତି-ଜିନ୍ସ ସହ ଟୋପି ପିନ୍ଧି ଏକ ଡ୍ରିଲ୍ ମେଶିନ ଧରି କନ୍‌ଷ୍ଟ୍ରକଶନ ସାଇଟ୍‌ରେ କାମ କରୁଥିବା ଦେଖିବାକୁ ମିଳିଛି। କଷ୍ଟକର ସମୟରେ ସଭିଏଁ ସକାରାତ୍ମକ ରହିବାକୁ ସେ ଏଥିରେ ବାର୍ତ୍ତା ଦେଇଛନ୍ତି। ଭିଡିଓ କ୍ୟାପସନ୍‌ରେ ସେ ଲେଖିଛନ୍ତି, 'ଲକ୍‌ଡାଉନ ହୋଇଯାଇଥିବାରୁ କନ୍‌ଷ୍ଟ୍ରକ୍‌ଶନ କାମ କରୁଛି। ଯାହାଙ୍କ ପାଖରେ ଏବେ କୌଣସି କାମ ନାହିଁ ସେମାନେ ନିଜ ନିଜର କ୍ଷେତ୍ର ପରିବର୍ତ୍ତନ କରି ଅନ୍ୟ କାର୍ଯ୍ୟ କରିପାରିବେ। ସମୟ ସବୁ କିଛି ଠିକ୍ କରିଦେବ। ସକାରାତ୍ମକ ରୁହନ୍ତୁ।' ତାଙ୍କର ଏପରି ଭିଡିଓ ଦେଖି ପ୍ରଶଂସକମାନେ ତାଙ୍କୁ ସମର୍ଥନ ଜଣାଇ କମେଣ୍ଟ କରିଛନ୍ତି। ହିନ୍ଦୀ କମେଡି ସିରିଏଲ 'ଭାବିଜୀ ଘର୍ ପର୍ ହୈ'ରେ 'ଅଙ୍ଗୁରୀ ଭାବି' ଚରିତ୍ରରେ ଶିଳ୍ପାଙ୍କ ଅଭିନୟ ଦର୍ଶକଙ୍କୁ ପସନ୍ଦ ଆସିଛି। ଏହାସହ ଶିଳ୍ପା ଆନ୍ଧୀ, ଆବାଜ୍ ଦିଲ୍ ସେ ଦିଲ୍ ତକ୍, ଭାବି, ହାତିମ୍, ସଞ୍ଜୀବନୀ, ବେଟିୟାଁ ଅପନୀ ୟା ପରାଇ ଧନ୍, ସୋଲା ଶୃଙ୍ଗାର, ମାୟେକା ଆଦି ଶୋ'ରେ ଅଭିନୟ କରିଛନ୍ତି।



# ଚର୍ଚ୍ଚିତ ବ୍ରେକ୍‌ଫାଷ୍ଟ


**ନୂଆଦିଲ୍ଲୀ:** ଫିନ୍‌ଲାଣ୍ଡ ପ୍ରଧାନମନ୍ତ୍ରୀ ସାନା ମାରିନ୍‌ଙ୍କ ବ୍ୟୟବହୁଳ ଜଳଖିଆକୁ ନେଇ ଏବେ ସୋସିଆଲ ମିଡିଆରେ ଚର୍ଚ୍ଚା ଚାଲିଛି। ଏହି ମହିଳା ପ୍ରଧାନମନ୍ତ୍ରୀ ଜଣକ ସରକାରୀ ପାଣ୍ଠିର ଅପବ୍ୟବହାର କରି ପ୍ରାତଃ ଭୋଜନରେ ପରିବାର ସଦସ୍ୟଙ୍କ ଲାଗି ବିପୁଳ ଅର୍ଥ ବ୍ୟୟ କରୁଥିବା ବିରୋଧୀ ଅଭିଯୋଗ କରିଛନ୍ତି। ସାନା ବ୍ରେକ୍‌ଫାଷ୍ଟରେ ପ୍ରତିମାସରେ ହାରାହାରି ସାଢ଼େ ୨୬ ହଜାର ଟଙ୍କା ଖର୍ଚ୍ଚ କରୁଥିବା ସେମାନେ କହିଛନ୍ତି। ଅନ୍ୟପଟେ ଟୁଇଟରରେ ବିରୋଧୀଙ୍କ ଏପରି ଅଭିଯୋଗର ସ୍ପଷ୍ଟୀକରଣ ରଖିଛନ୍ତି ସାନା। ତେବେ ସାନାଙ୍କ ଏହି ଜଳଖିଆ ଖର୍ଚ୍ଚ ଅନ୍ୟ ଦେଶରେ ମିଳୁଥିବା ଦାମୀ ବ୍ରେକ୍‌ଫାଷ୍ଟ ତୁଳନାରେ କିଛି ନୁହେଁ ବୋଲି ଅନେକେ ମତ ଦେଇଛନ୍ତି।

ଅଷ୍ଟ୍ରେଲିଆର ପୂର୍ବତନ ପ୍ରଧାନମନ୍ତ୍ରୀ ଟୋନି ଆବୋଟ୍ ନିଜର କାର୍ଯ୍ୟକାଳ ସମୟରେ ଯେଉଁ ଜଳଖିଆ ବରାଦ କରିଥିଲେ, ତାହା ପୃଥିବୀର ସବୁଠାରୁ ମହଙ୍ଗା ଜଳଖିଆ ବୋଲି ବିଚାର କରାଯାଏ। ଟୋନିଙ୍କ ଏହି ଜଳଖିଆ ଥିଲା ଏକ ଟ୍ରେ' ଭର୍ତ୍ତି ଆମ୍ବ, ଯାହାର ଆନୁମାନିକ ମୂଲ୍ୟ ଥିଲା ୨୭ ଲକ୍ଷ ଟଙ୍କା। ଋତୁର ପ୍ରଥମ ଏହି ଆମ୍ବର ମାଲିକ ଥିଲେ ସାମ୍ କୋକୋ। ହେଲେ ସବୁତକ ଆମ୍ବ ଆବୋଟ ଖାଇ ନ ଥିଲେ। ଏହାର ପରଦିନ ଏକ ହସ୍ପିଟାଲର ଶିଶୁ ଅନ୍ତେବାସୀଙ୍କୁ ଆମ୍ବ ବାଣ୍ଟି ଦିଆଯାଇଥିଲା। ଦୈନନ୍ଦିନ ଜୀବନରେ ଏଭଳି ଦାମୀ ଜଳଖିଆ ସାମିଲ କରିବାକୁ ନେଇ ବିବାଦ ଘେରରେ ରହିଥିଲେ ଟୋନି।

କିଛି ବର୍ଷ ତଳେ ନ୍ୟୁୟର୍କର ଟିଫନୀରେ ସ୍ୱତନ୍ତ୍ର ଜଳଖିଆ ପରସା ଯାଉଥିଲା, ଯାହାର ମୂଲ୍ୟ ହାରାହାରି ୨୭ ଲକ୍ଷ ଟଙ୍କା ଥିଲା। ସାଧାରଣ ଭାବେ ନାମୀଦାମି କଳାକାରମାନେ ଏଠାକୁ ଆସି ଜଳଖିଆର ମଜା ନେଉଥିଲେ। ଏହି ଜଳଖିଆରେ ଖାଇବାଯୋଗ୍ୟ ସୁନା, ରୁପାର ମୂଲ୍ୟବାନ ପତଳା ଜରି ଲଗାଯାଉଥିଲା। ଏଥିସହିତ ପୃଥିବୀର ସବୁଠାରୁ ମହଙ୍ଗା କଫି ସାଙ୍ଗକୁ ସାମ୍ପେନ ମଧ୍ୟ ପରସାଯାଉଥିଲା।

୨୦୧୪ରେ ଆମେରିକୀୟ ଡୋନଟ୍ କମ୍ପାନୀ 'କ୍ରସ୍‌ପି କ୍ରିମ୍' ବ୍ରିଟେନରେ ସବୁଠାର ମହଙ୍ଗା ବ୍ରେକ୍‌ଫାଷ୍ଟ ବିକ୍ରି କରିଥିଲା। ଏହି ସ୍ୱତନ୍ତ୍ର ଖାଦ୍ୟରେ ଚକୋଲେଟ ବଦଳରେ ଉଚ୍ଚମାନର ସାମ୍ପେନ୍ ଭର୍ତ୍ତି କରାଯାଇଥିଲା। ଏଥିସହ ୨୪ କ୍ୟାରେଟ ସୁନା ଜରିରେ ସଜାଯାଇଥିଲା। ଏଥିରେ ଖାଇବାଯୋଗ୍ୟ ସୁନା ଏବଂ ହୀରାର ଡଷ୍ଟ୍ ସିଞ୍ଚନ କରାଯାଇଥିଲା। ଅନୁରୂପ ଭାବେ ମେନ୍‌ହଟନର ଏକ ଲୋକପ୍ରିୟ ରେଷ୍ଟୁରାଣ୍ଟରେ ୭୨ ହଜାର ଟଙ୍କାରେ ଏକ ଅଣ୍ଡା ଆମ୍‌ଲେଟ ବିକ୍ରି କରାଯାଇଥିଲା। ଏହାକୁ ଦୁନିଆର ମହଙ୍ଗା ବ୍ରେକ୍‌ଫାଷ୍ଟ ଭିତରେ ପରିଗଣିତ କରାଯାଏ। ଚାହିଦା ବଢ଼ିବା ପରେ ଏହାର ଆକାର ଛୋଟ କରାଯାଇ ବିକ୍ରି କରାଯାଇଥିଲା, ଯାହାର ଦାମ୍ ୭୨୦୦ ଟଙ୍କା ଥିଲା।

# କପ୍‌ରେ ପରିସ୍ରା କଲେ ଏମ୍‌ପି




## ଚାଲିଥିଲା ପାର୍ଲାମେଣ୍ଟ ଅଧିବେଶନ

**ଟରୋଣ୍ଟୋ:** କାନାଡାରେ ହାଉସ୍ ଅଫ୍ କମନ୍ସର ଭର୍ଚୁଆଲ ପାର୍ଲାମେଣ୍ଟ ଅଧିବେଶନ ଚାଲୁଥିବା ସମୟରେ ଏମ୍‌ପି ୱିଲିୟମ ଏମୋସ୍ କଫି କପ୍‌ରେ ପରିସ୍ରା କରିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। କ୍ୟାମେରା ସାମ୍ନାରେ ସେ କପ୍‌ରେ ପରିସ୍ରା କରିବାବେଳେ ସଭିଏଁ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏମ୍‌ପି ୱିଲିୟମ ଏହା ପୂର୍ବରୁ ଆଉ ଏକ ବୈଠକ ଚାଲିଥିବାବେଳେ କ୍ୟାମେରା ସମ୍ମୁଖରେ ଉଲଗ୍ନ ହୋଇ ଚାଲିଆସିଥିଲେ। ଦ୍ୱିତୀୟ ବୈଠକରେ ମଧ ତାଙ୍କର ଏପରି କାର୍ଯ୍ୟ ଦେଖିବାକୁ ମିଳିଛି। ବୈଠକରେ ଯୋଡ଼ି ହୋଇଥିବା ସମସ୍ତ ସଦସ୍ୟ ଏଥିପାଇଁ ଲଜ୍ଜିତ ହୋଇଥିଲେ। ଏଥିପାଇଁ ୱିଲିୟମ କ୍ଷମା ପ୍ରାର୍ଥନା କରିଛନ୍ତି। କରୋନା ସଂକ୍ରମଣ ଯୋଗୁ ହାଉସ୍ ଅଫ୍ କମନ୍ସର ଡିଜିଟାଲ ମିଟିଂ ଚାଲିଥିଲା। ୱିଲିୟମ କ୍ୟାମେରା ଅନ୍ ଥିବା ସମୟରେ କଫି କପ୍‌ରେ ପରିସ୍ରା କରିବା ଦୃଶ୍ୟକୁ ଅନ୍ୟମାନେ ଲାଇଭ୍ ଦେଖିଥିଲେ। ଏ ନେଇ ୱିଲିୟମ ଟୁଇଟ୍ କରି ଲେଖିଛନ୍ତି, ବୈଠକରେ ଯାହା ଘଟିଥିଲା ତାହା ତାଙ୍କ ଅଜାଣତରେ ହୋଇଛି। ତାଙ୍କୁ ଜଣା ନ ଥିଲା ଯେ ତାଙ୍କ କ୍ୟାମେରା ଅନ୍ ଅଛି। ଏଥିପାଇଁ ସେ ସମସ୍ତଙ୍କୁ କ୍ଷମା ମାଗୁଛନ୍ତି ବୋଲି ଟୁଇଟ୍‌ରେ କହିଛନ୍ତି।

# କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡା, ଗଜପତି, ଗଞ୍ଜାମ, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଆଦି ଜିଲାର କେତେକ ସ୍ଥାନରେ ସାମାନ୍ୟରୁ ମଧମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ଦିନର ସର୍ବାଧିକ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ଆସି ନ ପାରେ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଆଖପାଖ ଅଞ୍ଚଳରେ ଆକାଶ ଆଂଶିକ ମେଘୁଆ ରହିପାରେ। ସୋମବାର ଦିନର ସର୍ବାଧିକ ତାପମାତ୍ରା ୩୭ ଡିଗ୍ରୀ ସେଲ୍‌ସିୟସ୍ ଏବଂ ସର୍ବନିମ୍ନ ତାପମାତ୍ରା ୨୯ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ରବିବାର ରାଜ୍ୟର ବିଭିନ୍ନ ସ୍ଥାନରେ ରେକର୍ଡ କରାଯାଇଥିବା ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୦ | ୨୮.୧ |
| ଚାନ୍ଦବାଲି | ୩୪.୭ | ୨୭.୧ |
| କଟକ | ୩୫.୮ | ୨୭.୬ |
| ପାରାଦୀପ | ୩୨.୫ | ୨୯.୨ |
| ଭୁବନେଶ୍ୱର | ୩୬.୬ | ୨୮.୭ |
| ଗୋପାଳପୁର | ୩୪.୦ | ୨୭.୮ |
| ପୁରୀ | ୩୩.୬ | ୨୯.୬ |
| ଅନୁଗୋଳ | ୩୮.୧ | ୨୭.୦ |
| ବାରିପଦା | ୩୪.୪ | ୨୫.୫ |
| ଝାରସୁଗୁଡ଼ା | ୩୭.୬ | ୨୪.୮ |
| କେନ୍ଦୁଝର | ୩୪.୮ | ୨୫.୦ |
| ସମ୍ବଲପୁର | ୩୯.୮ | ୨୭.୪ |
| ସୁନ୍ଦରଗଡ଼ | – | ୨୩.୦ |
| ହୀରାକୁଦ | ୩୯.୧ | ୨୫.୮ |
| ତାଳଚେର | ୩୮.୨ | ୨୭.୦ |
| ଭବାନୀପାଟଣା | ୪୧.୫ | ୨୯.୨ |
| ବଲାଙ୍ଗୀର | ୪୧.୨ | – |
| କୋରାପୁଟ | ୩୫.୦ | ୨୧.୨ |
| ଫୁଲବାଣୀ | ୩୮.୦ | – |
| ଟିଟିଲାଗଡ଼ | ୪୨.୦ | ୨୬.୮ |
| ମାଲକାନଗିରି | ୪୧.୦ | ୨୬.୦ |
| ସୋନପୁର | ୪୦.୬ | ୨୭.୨ |
| ଦାରିଙ୍ଗିବାଡ଼ି | ୩୫.୫ | ୨୨.୫ |
| ନୟାଗଡ଼ | ୩୭.୭ | – |
| ବୌଦ୍ଧ | ୪୦.୦ | ୨୪.୦ |
| ଛତ୍ରପୁର | ୩୪.୨ | ୨୭.୮ |
| ପାରଳାଖେମୁଣ୍ଡି | ୩୬.୦ | ୨୫.୫ |
| ରାୟଗଡ଼ା | – | ୨୫.୨ |

ଡିଗ୍ରୀ ସେଲ୍‌ସିୟସ୍

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଆଡଭାନ୍ସ ନେଉନୁ, ଧୋକା ଦେଉନୁ
ହିନ୍ଦୁସ୍ଥାନ ଫାଇନାନ୍ସ
ଆଧାରକାର୍ଡ, ଗ୍ରୁପ୍ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍‌ଚର୍, ସବୁ ଋଣ ମାତ୍ର 24 ଘଣ୍ଟାରେ
ସୁଧ 2% ଛାଡ଼ 50%
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ ଯୋଗାଯୋଗ କରନ୍ତୁ
08765087341
09473641974
Sasane Nagar, Pune

BIKASHA FINANCE
BIKASHA FINANCE
ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି। ମାର୍କଶିଟ, ପର୍ସନାଲ, ସମ୍ପତ୍ତି, ଗୃହ, ବ୍ୟବସାୟ, କୃଷି, ଶିକ୍ଷା, କୁକୁଡ଼ା ଓ ଗୋପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ।
ସୁଧ = 2%
Mob.: 8280503279
7656825022
Retamunda, Bhatigaon, Baragarh


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପୁଅର ଡିଗ୍ରୀରେ ମାଧୁରୀଙ୍କ ଖୁସି

**ମୁମ୍ବାଇ:** ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ସୋସିଆଲ ମିଡିଆରେ ବହୁତ ସକ୍ରିୟ। ମାଧୁରୀ ପ୍ରାୟତଃ ତାଙ୍କ ପରିବାରର ଫଟୋ ଏବଂ ଚଳଚ୍ଚିତ୍ର ସମ୍ପର୍କୀୟ ତଥ୍ୟ ତାଙ୍କ ପ୍ରଶଂସକଙ୍କ ସହ ଶେୟାର କରନ୍ତି। ନିକଟରେ ମାଧୁରୀ ଦୀକ୍ଷିତ ତାଙ୍କ ଖୁସିର ମୁହୂର୍ତ୍ତ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ସେ ଏବଂ ତାଙ୍କ ସ୍ୱାମୀ ଶ୍ରୀରାମ ନେନେ ଏକ ଫଟୋ ଅପ୍‌ଲୋଡ୍ କରିଛନ୍ତି। ତାଙ୍କ ବଡ଼ ପୁଅ ଆରିନ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ଏହି ଫଟୋଟି ନିଆଯାଇଛି। ମାଧୁରୀ ଦୀକ୍ଷିତ ତାଙ୍କ ଅଫିସିଆଲ ଟୁଇଟର ହ୍ୟାଣ୍ଡେଲରେ ଟୁଇଟ୍ କରି ଖୁସି ବ୍ୟକ୍ତ କରିଛନ୍ତି। ସେ ଫଟୋ ସହିତ ଲେଖିଛନ୍ତି, ରାମ ଏବଂ ମୋ ପାଇଁ ଏହା ଏକ ଗର୍ବର ମୁହୂର୍ତ୍ତ, କାରଣ ଆରିନ ସ୍ନାତକ ହାସଲ କରିଛନ୍ତି। ଏଥିପାଇଁ ଆରିନଙ୍କୁ ଅଭିନନ୍ଦନ।



ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ଲୋକନାଥ ମହାନ୍ତି
ପୂର୍ବତନ ଉପସଚିବ, କୃଷି ବିଭାଗ, ଓଡ଼ିଶା ସରକାର
ପ୍ଲଟ୍ ନଂ: ୨୦୧/୧୦, ୟୁନିଟ୍-୯, ଭୁବନେଶ୍ୱର
ଆବିର୍ଭାବ :୨୧.୦୨.୧୯୩୮
ତିରୋଧାନ :୨୧.୦୫.୨୦୨୧
ଜନ୍ମ ସହ ମୃତ୍ୟୁର କୌଣସି ସମ୍ପର୍କ ନାହିଁ। ଆପଣ କେବେ ଆସିଲେ ଏବଂ କେବେ ଚାଲିଗଲେ ସେ ୮୩ ବର୍ଷର କର୍ମମୟ ଜୀବନକାଳ ସେସବୁର କଥା କହୁଛି। ଆପଣଙ୍କ ଅବାଞ୍ଛିତ ବିୟୋଗରେ ଆମେ ସମସ୍ତେ ଭାଙ୍ଗିପଡ଼ିଛୁ। ଆପଣଙ୍କ କର୍ତ୍ତବ୍ୟନିଷ୍ଠା, ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆପଣଙ୍କୁ ସବୁଦିନ ସମସ୍ତଙ୍କ ପାଖରେ ଅବିସ୍ମରଣୀୟ କରି ରଖିବ। ଆପଣଙ୍କ କୀର୍ତ୍ତି କାଳଜୟୀ ହେଉ। ପ୍ରଭୁ ଆପଣଙ୍କ ଆତ୍ମାକୁ ସଦ୍‌ଗତି ଦିଅନ୍ତୁ।
ଶୋକସନ୍ତପ୍ତ:- ପତ୍ନୀ- ବୀଣାପାଣି ମହାନ୍ତି, ଜ୍ୱାଇଁ- ପ୍ରକାଶ ଚନ୍ଦ୍ର ଦାସ, ଝିଅ- ଧରିତ୍ରୀ ଦାସ, ଜ୍ୱାଇଁ- ମନୋଜ ମହାନ୍ତି, ଝିଅ- ଭାରତୀ ମହାନ୍ତି, ନାତି- ପ୍ରତୀକ ଦାସ, ନାତୁଣୀବୋହୂ- ବାସବଦତ୍ତା ପଟ୍ଟନାୟକ, ନାତୁଣୀ- ସମୀକ୍ଷା ମହାନ୍ତି।
ଗୋପବନ୍ଧୁନଗର କଲଚରାଲ ଆସୋସିଏସନ ଏବଂ ସୁଧାନିଧୀଶ୍ୱର ସାଂସ୍କୃତିକ ଅନୁଷ୍ଠାନ
ଧ-୨୦୮୦୭

ସପ୍ତମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତା ହରିପ୍ରିୟା ମହାନ୍ତି
Qrs No.- IVR-PF-19, Unit-6, BBSR
ଆବିର୍ଭାବ: ଅଗଷ୍ଟ,୧୯୪୬
ତିରୋଧାନ: ୨୦।୦୫।୨୦୧୪
(ଜ୍ୟେଷ୍ଠ କୃଷ୍ଣଷଷ୍ଠୀ ଶ୍ରବଣା ନକ୍ଷତ୍ର)
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୨୦୮୦୫

In Loving Memory

Er. Umesh Chandra Dhall
(Electrical Engineer)
Jubuli Town, Dhenkanal
With profound grief we inform that our dear Er. Umesh Chandra Dhall has passed away on the day of Akshya Tritiya, 15th of May 2021. You will always be remembered for your kindness, love, care and purity of heart. He will always remain in the hearts of all of his family members, friends, and well wishers. Your prayer to the Almighty will bring eternal peace and to rest his soul in the abode of God for ever.
IN GRIEF :
His Spouse Manjulata Dhall & their family members and friends.
ଧ-୭୧୧୦୬

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଉମେଶ ଚନ୍ଦ୍ର ଦାସ
ତଳମାଳି ସାହି, ପୁରୀ
ଆବିର୍ଭାବ: ୨୯।୧୦।୧୯୪୧
ତିରୋଧାନ: ୨୧।୦୫।୨୦୨୧
ଆପଣଙ୍କର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପତ୍ନୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୨୦୮୧୦

ପ୍ରଥମ ଶ୍ରାଦ୍ଧବାର୍ଷିକୀ

୰ଅପର୍ତ୍ତି ପାତ୍ର
ଧବଳଗିରି, ମାଳିସାହି, ଯାଜପୁର ରୋଡ୍, ଯାଜପୁର
ଆବିର୍ଭାବ: ୧୫।୦୩।୧୯୫୦
ତିରୋଧାନ: ୦୧।୦୬।୨୦୨୦
ପିତା ଧର୍ମଃ ପିତା ସ୍ୱର୍ଗ ପିତା ହି ପରମ ତପଃ
ପିତରି ପ୍ରୀତିମାପନ୍ନେ ପ୍ରିଅନ୍ତି ସର୍ବ ଦେବତା ॥
ଆମ ସମସ୍ତଙ୍କୁ ଅଧାବାଟରେ ଛାଡ଼ି ସବୁଦିନ ପାଇଁ ଆରପାରିକୁ ଚାଲିଗଲ। ତୁମର ସ୍ନେହ, ମମତା, ଉପଦେଶ ସବୁଦିନ ଆମ୍ଭମାନଙ୍କ ପାଇଁ ଅଭୁଲା ସ୍ମୃତିହୋଇ ରହିଥିବ। ତୁମର ଆଶୀର୍ବାଦ ଆମ୍ଭମାନଙ୍କ ଉପରେ ରହିଥାଉ। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା।
ଶୋକସନ୍ତପ୍ତ:- ସ୍ତ୍ରୀ: ସୁଭଦ୍ରା, ପୁଅ: ସମୀର, ଅମୀର, ବୋହୂ: ଶୈଳବାଳା, ସୁଲୋଚନା, ନାତି: ରାଜେଶ, ନାତୁଣୀ: ସୁନିତା, ଅମିଷା ଏବଂ ଆଲିଷା
ଧ-୨୦୮୦୮


# ଫଙ୍ଗସ୍ : ଆଉ ଏକ ମହାମାରୀ



ଡା. ଶୁଭବ୍ରତା ପରିଡ଼ା

ଦୁଇ ହଜାର ମସିହା ଆରମ୍ଭରୁ କେବଳ ଆମେ ଓଡ଼ିଶାବାସୀ ଏହି କୋଭିଡ୍-୧୯କୁ ସହ୍ୟ କରି ଚାଲିଛୁ। ବହୁତ ଜଣ ନିଜର ଆତ୍ମୀୟ ସ୍ୱଜନଙ୍କୁ ମଧ୍ୟ ହରାଇ ସାରିଲେଣି। ପ୍ରଥମ ଲହର ପରେ ଦ୍ୱିତୀୟ ଲହର କମିବାକୁ ବସିଲାଣି। କିନ୍ତୁ ଏବେଠୁ ଆମେ ତୃତୀୟ ଲହରକୁ ବି ଅନେଇ ବସିଲୁଣି। ଏପରି କି ତୃତୀୟ ଲହର ଆସିବାଟା ନିଶ୍ଚିତ ବୋଲି ବିଶେଷଜ୍ଞମାନେ ମତ ଦେଇ ସାରିଲେଣି। ଗୋଟିଏ ଆଶ୍ୱାସନାର ବିଷୟ ହେଲା, ବହୁମାତ୍ରାରେ ଲୋକ ସୁସ୍ଥ ହେଉଛନ୍ତି। କିଛି ଚିକିତ୍ସା ପରେ, କିଛି ବିନା ଚିକିତ୍ସାରେ ମଧ୍ୟ। ଟିକାକରଣ ମଧ୍ୟ ପୂରାଦମ୍‌ରେ ଚାଲିଛି।





ଏବେ ଦ୍ୱିତୀୟ ଲହର ବେଳକୁ କିଛି ରାଜ୍ୟରେ ବହୁମାତ୍ରାରେ ଫଙ୍ଗସ୍ ସଂକ୍ରମଣ ଦେଖାଦେଇଛି। କେବଳ ସେତିକି ନୁହେଁ, ତାହା ବିଶେଷଜ୍ଞଙ୍କ ସହ ସାଧାରଣ ଲୋକଙ୍କୁ ମଧ୍ୟ ବିବ୍ରତ କରିଛି। ସାଧାରଣତଃ ଫଙ୍ଗସ୍ ଦୁଇ ପ୍ରକାର ଥାଏ-ଇଷ୍ଟ ଏବଂ ମୋଲ୍ଡ। ଏହା ସବୁଆଡ଼େ ଥାଏ- ବାୟୁରେ, ମାଟିରେ। ଆପଣମାନେ ଦେଖିଥିବେ, ଯଦି ରୁଟି, ପାଉଁରୁଟି କିଛି ବି ଖାଦ୍ୟ ବାହାରେ ଦିନେ ଦୁଇଦିନ ରଖିଦେଉଛନ୍ତି ; ଅଥବା କୌଣସି ଓଦା ଜାଗାରେ ବି ଫଙ୍ଗସ୍ (ଫିମ୍ପି) ଲାଗିଯାଉଛି। କୋଭିଡ୍-୧୯ ଭାଇରସ୍ ଭଳି ଫଙ୍ଗସ୍ ନୂଆ ଜୀବାଣୁ ନୁହେଁ। ଏହା ଆମ ସଙ୍ଗେ ସବୁବେଳେ ରହିଛି। ଯଦି କୌଣସି କାରଣରୁ, କୌଣସି ବ୍ୟକ୍ତିଙ୍କର ରୋଗ ପ୍ରତିରୋଧକ ଶକ୍ତି କମିଯାଏ, ଯେମିତି ଅଙ୍ଗପ୍ରତ୍ୟଙ୍ଗ ପ୍ରତ୍ୟାରୋପଣ, ଶରୀରରେ କେତେକ ଅଙ୍ଗ ଏକାଥରେ ଅକାମୀ ହୋଇଗଲେ, କ୍ୟାନ୍‌ସର ରୋଗୀ କେମୋଥେରାପି ନେଉଥିଲେ, ବହୁତ ଦିନ ଧରି ଜଣେ ରୋଗୀ ଆଇସିୟୁ ଭିତରେ ରହୁଥିଲେ, ଉଚ୍ଚ ରକ୍ତଚାପ ଅଧିକ ବଢ଼ିଗଲେ, ଅକ୍ସିଜେନ୍ ଲାଗିଲେ କିମ୍ବା ହାଇ ଡୋଜ୍ ଷ୍ଟେରଏଡ୍ ନେଲେ- ଏହି ରୋଗୀମାନଙ୍କ ନିକଟରେ ଫଙ୍ଗାଲ ସଂକ୍ରମଣ ଆଶଙ୍କା ଅଧିକ ଥାଏ। ଏହି ସଂକ୍ରମଣ ଦ୍ୱାରା ଆଖି, ନାକ, ମସ୍ତିଷ୍କ, ଫୁସ୍‌ଫୁସ୍ ଇତ୍ୟାଦି ପ୍ରଭାବିତ ହୋଇଥାଏ। ପୂର୍ବରୁ ଏହାର ସଂକ୍ରମଣ ମାତ୍ରା କମ୍ ଥିଲା। ହେଲେ କରୋନାର ଦ୍ୱିତୀୟ ଲହର ପରେ କିଛି ରାଜ୍ୟରେ ଏହା ଅଧିକ ମାତ୍ରାରେ ଦେଖାଦେଇଛି। କିନ୍ତୁ ଡରିବାର କିଛି ନାହିଁ। ଏହି ରୋଗରୁ ଜଣେ ଆରୋଗ୍ୟ ଲାଭ କରିପାରିବ, କାରଣ ଏହି ରୋଗୀର ଚିକିତ୍ସା ପଦ୍ଧତି ଓ ଔଷଧ ରହିଛି। କିନ୍ତୁ ଏହାର ଲକ୍ଷଣ ଜାଣିବା ମାତ୍ରେ ଡାକ୍ତରଙ୍କ ସହ ପରାମର୍ଶ କରିବା ନିହାତି ଜରୁରୀ। ଏବେ ଫଙ୍ଗସ୍‌ର ପ୍ରକାର ଭେଦ- ବ୍ଲାକ୍, ହ୍ୱାଇଟ୍, ୟେଲୋ ଇତ୍ୟାଦି ବିଷୟରେ ଆପଣମାନେ ଶୁଣୁଛନ୍ତି। ଏହା କେବଳ ଫଙ୍ଗସ୍‌ର ପ୍ରକାର ଭେଦ, ହେଲେ ଚିକିତ୍ସା ପ୍ରଣାଳୀ ସମାନ। ଏବେ କରୋନା ଦ୍ୱାରା ଆକ୍ରାନ୍ତ ହେବା ପରେ ସଂପୃକ୍ତ ବ୍ୟକ୍ତିଙ୍କ ରୋଗ ପ୍ରତିରୋଧକ ଶକ୍ତି ବହୁତ କମିଯାଉଛି। ଯେଉଁ ବ୍ୟକ୍ତିମାନଙ୍କର ଡାଇବେଟିସ୍ ନିୟନ୍ତ୍ରଣରେ ରହୁନାହିଁ, ଅନ୍ୟାନ୍ୟ ଗୁରୁତର ରୋଗ ସହ ଆକ୍ରାନ୍ତ ଏବଂ ହାଇ ଷ୍ଟେରଏଡ୍ ନେଉଛନ୍ତି, ସେମାନଙ୍କୁ ଏହି ଫଙ୍ଗସ୍ ସାଙ୍ଗେ ସାଙ୍ଗେ ଆକ୍ରମଣ କରୁଛି। ଆମ ପାଖରେ ଏହାର ସଠିକ ଚିକିତ୍ସା ପ୍ରଣାଳୀ ଉପଲବ୍ଧ ରହିଛି। ତେଣୁ ଏପରି ଫଙ୍ଗସ୍ ସଂକ୍ରମଣର ଶିକାର ହେଲେ ଆଦୌ ଭୟଭୀତ ନ ହୋଇ ଚିକିତ୍ସା କରାଇପାରିଲେ ଆପଣ ଆରୋଗ୍ୟଲାଭ କରିପାରିବେ।

**ଲକ୍ଷଣ:** ଫଙ୍ଗସ୍ ସଂକ୍ରମଣର କେତେକ ଲକ୍ଷଣ ରହିଛି। ଏସବୁ ସଂକ୍ରମଣର ଆରମ୍ଭରେ ହିଁ ଦେଖାଦେଇଥାଏ। କରୋନା ରୋଗୀ, ବିଶେଷତଃ ଡାଇବେଟିସ୍ ରୋଗୀ, ଯେଉଁମାନେ ଅଧିକ ଷ୍ଟେରଏଡ୍ ନେଉଛନ୍ତି, ସେମାନେ ଏ ନେଇ ବେଶି ସତର୍କ ରହିବା ଆବଶ୍ୟକ। ଏପରି କି କରୋନାରୁ ଆରୋଗ୍ୟ ହୋଇ ହସ୍ପିଟାଲ୍‌ରୁ ଡିସ୍‌ଚାର୍ଜ ହେବାର ତିନି ମାସ ପର୍ଯ୍ୟନ୍ତ ଏହାର ରିସ୍କ ରହୁଛି। ଯଦି କେବେ ଆପଣ ଦେଖିଲେ ସବୁ ଠିକ୍ ଥିଲା, କିନ୍ତୁ ହଠାତ୍ ଗୋଟେ ପଟ ଆଖି ଫୁଲି ଯାଉଛି, ଲାଲ୍ ପଡୁଛି, ଆଖି ବାହାରକୁ ବାହାରିଲା ପରି ଲାଗୁଛି, ଆଖି ବୁଲୁ ନାହିଁ, ପତା ଘୋଡ଼େଇ ହୋଇଯାଉଛି, ଦୃଷ୍ଟିଶକ୍ତି କମିଯାଉଛି, ପତା ସିଝି ଯାଉଛି, ନାକ ରୁଦ୍ଧି ହେଉଛି, ହଳଦିଆ, କଳା ରଙ୍ଗର ଡିସ୍‌ଚାର୍ଜ ହେଉଛି, ପ୍ରବଳ ମୁଣ୍ଡବ୍ୟଥା ହେଉଛି, ପୁଣି ଜ୍ୱର ଲେଉଟୁଛି, ନିଃଶ୍ୱାସ ନେବାରେ କଷ୍ଟ ହେଉଛି ଆଦି ଲକ୍ଷଣ ଦେଖାଦେଲେ ଆମେ ତାହାକୁ ଫଙ୍ଗସ୍ ସଂକ୍ରମଣ ହେଲା ବୋଲି ସନ୍ଦେହ କରିବା। ତେବେ ବିଳମ୍ବ ନ କରି ନିକଟସ୍ଥ ଡାକ୍ତରଖାନାକୁ ଯାଇ ଶୀଘ୍ର ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ସେ ନାକ ଭିତରୁ ଡିସ୍‌ଚାର୍ଜ ବା ଟିସୁ ନେଇ ତାହାକୁ ପରୀକ୍ଷା କରି ଜାଣିପାରିବେ ତାହା ଫଙ୍ଗସ୍ ସଂକ୍ରମଣ ନା ଆଉ କିଛି। ଯଦି ଫଙ୍ଗସ୍ ସଂକ୍ରମଣ ବୋଲି ଡାକ୍ତର ମାଇକ୍ରୋବାୟୋଲୋଜି ପରୀକ୍ଷା ଦ୍ୱାରା ନିଶ୍ଚିତ ହୋଇଯାଆନ୍ତି, ତା'ପରେ ତାଙ୍କର ଚିକିତ୍ସା ସାଙ୍ଗେ ସାଙ୍ଗେ ଆରମ୍ଭ ହୋଇଥାଏ। ଏଣୁ ସେଥିପାଇଁ ଆକ୍ରାନ୍ତ ବ୍ୟକ୍ତିଙ୍କୁ ହସ୍ପିଟାଲରେ ଆଡ୍‌ମିଶନ ହୋଇ ରହିବାକୁ ପଡ଼େ। ଦୁଇ-ତିନି ସପ୍ତାହ ପର୍ଯ୍ୟନ୍ତ ଇଞ୍ଜେକ୍ସନ ନେଲେ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯିବ। ଯଦି ଦରକାର ପଡ଼େ, ରୋଗ ବ୍ରେନ୍‌କୁ ବ୍ୟାପିଛି ବା ଅନ୍ୟଆଡ଼କୁ କେତେ ମାଡ଼ିଯାଇଛି, ତାହା ଜାଣିବା ପାଇଁ ସିଟି ସ୍କାନ୍, ଏମ୍‌ଆରଆଇ ଏବଂ ଅର୍ବିଟ ସିନ୍‌ସେସ କରାଯାଏ।

"ଏବେ ଫଙ୍ଗସ୍‌ର ପ୍ରକାର ଭେଦ-ବ୍ଲାକ୍, ହ୍ୱାଇଟ୍, ୟେଲୋ ଇତ୍ୟାଦି ବିଷୟରେ ଆପଣମାନେ ଶୁଣୁଛନ୍ତି। ଏହା କେବଳ ଫଙ୍ଗସ୍‌ର ପ୍ରକାର ଭେଦ, ହେଲେ ଚିକିତ୍ସା ପ୍ରଣାଳୀ ସମାନ। ଏବେ କରୋନା ଦ୍ୱାରା ଆକ୍ରାନ୍ତ ହେବା ପରେ ସଂପୃକ୍ତ ବ୍ୟକ୍ତିଙ୍କ ରୋଗ ପ୍ରତିରୋଧକ ଶକ୍ତି ବହୁତ କମିଯାଉଛି। ଯେଉଁ ବ୍ୟକ୍ତିମାନଙ୍କର ଡାଇବେଟିସ୍ ନିୟନ୍ତ୍ରଣରେ ରହୁନାହିଁ, ଅନ୍ୟାନ୍ୟ ଗୁରୁତର ରୋଗ ସହ ଆକ୍ରାନ୍ତ ଏବଂ ହାଇ ଷ୍ଟେରଏଡ୍ ନେଉଛନ୍ତି, ସେମାନଙ୍କୁ ଏହି ଫଙ୍ଗସ୍ ସାଙ୍ଗେ ସାଙ୍ଗେ ଆକ୍ରମଣ କରୁଛି। ଆମ ପାଖରେ ଏହାର ସଠିକ ଚିକିତ୍ସା ପ୍ରଣାଳୀ ଉପଲବ୍ଧ ରହିଛି।"



ଠିକ୍ ସମୟରେ ସଠିକ୍ ଚିକିତ୍ସା କରାଇପାରିଲେ ରୋଗୀ ରୋଗମୁକ୍ତ ହୋଇଥାଏ। କରୋନାରୁ ଆରୋଗ୍ୟ ହେବା ପରେ ସୁଷମ ଖାଦ୍ୟ ଖାଆନ୍ତୁ। ପରିଷ୍କାର ପରିଚ୍ଛନ୍ନ ରୁହନ୍ତୁ। ଯଦି ଡାଇବେଟିସ୍ ଅଛି, ତେବେ ତାହା କିପରି ନିୟନ୍ତ୍ରଣରେ ରହିବ ସେ ନେଇ ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ। ଖାଦ୍ୟପେୟରେ ଆଦୌ ଅବହେଳା କରନ୍ତୁ ନାହିଁ। ଯଦି ଆପଣ କରୋନା ଦ୍ୱାରା ଆକ୍ରାନ୍ତ ହୋଇଛନ୍ତି ଏବଂ ପରେ ସୁସ୍ଥ ଅଛନ୍ତି, ତେବେ ଡାକ୍ତରଙ୍କ ପରାମର୍ଶ ବିନା ଷ୍ଟେରଏଡ୍ ସେବନ କରନ୍ତୁ ନାହିଁ। ତା'ସହ ଡାକ୍ତରଙ୍କ ପରାମର୍ଶ ଅନୁସାରେ ହିଁ ହାୟର ଆଣ୍ଟିବାୟୋଟିକ୍ ଖାଆନ୍ତୁ। ତାଙ୍କର ପରାମର୍ଶ ନ ନେଇ ନାକରେ କୌଣସି ଔଷଧ ପକାନ୍ତୁ ନାହିଁ। ଅତ୍ୟଧିକ ଷ୍ଟିମ୍ ନିଅନ୍ତୁ ନାହିଁ। ଷ୍ଟିମ୍ ନେଉଥିବା ପାଣି ଏବଂ ବାସନକୁସନ ପରିଷ୍କାର ଥିବା ନିହାତି ଦରକାର। ଉପରୋକ୍ତ ବିଷୟଗୁଡ଼ିକୁ ମାନି ଚଳିବାକୁ ଚେଷ୍ଟା କରନ୍ତୁ। କାରଣ ଏହାଦ୍ୱାରା ଆପଣ ନିଜକୁ ଫଙ୍ଗସ୍ ଇନ୍‌ଫେକ୍ସନଠାରୁ ଦୂରେଇ ରଖିପାରିବେ। ଯଦି ଏ ନେଇ କୌଣସି ଲକ୍ଷଣ ଜଣାପଡ଼ିଲା, ତେବେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଯଦି ଠିକ୍ ସମୟରେ ଆପଣ ଉପଯୁକ୍ତ ଚିକିତ୍ସା କରାଇପାରିଲେ, ତେବେ ଏପରି ସମସ୍ୟାରୁ ନିଜକୁ ଆରୋଗ୍ୟ କରାଇପାରିବେ। ଏହାକୁ ନେଇ ମନରେ ଆଦୌ ଭୟ ଆଣନ୍ତୁ ନାହିଁ କି ଡାକ୍ତରଙ୍କ ବ୍ୟତୀତ ଅନ୍ୟ କାହା କଥାକୁ ଅନୁସରଣ କରନ୍ତୁ ନାହିଁ। କାରଣ ଏ ନେଇ କେବଳ ଡାକ୍ତର ନୁହନ୍ତି, ଆମ ସରକାର ବେଶ୍ ସଜାଗ ଅଛନ୍ତି।

ଏବେ ତ କରୋନାର ଦ୍ୱିତୀୟ ଲହର ଚାଲିଛି। ତେଣୁ ସାମାଜିକ ଦୂରତ୍ୱ ରକ୍ଷା କରନ୍ତୁ। ମାସ୍କ ପିନ୍ଧନ୍ତୁ। ହାତକୁ ପରିଷ୍କାର ରଖି କରୋନାରୁ ନିଜକୁ ବଞ୍ଚାନ୍ତୁ। ଆଉ ଏକ କଥା, ନିଜ ପାଳି ଆସିଲେ କରୋନାଟିକା ନିଶ୍ଚୟ ନିଅନ୍ତୁ। ସୁସ୍ଥ ରୁହନ୍ତୁ, ନିରାପଦ ରୁହନ୍ତୁ।

- ବିଭାଗୀୟ ମୁଖ୍ୟ, ଚକ୍ଷୁ ବିଭାଗ
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ, କଟକ
ମୋ : ୯୯୩୭୦୪୧୫୬୦

# ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ

ଯଦି ଆପଣ ଉଚ୍ଚ ରକ୍ତଚାପ ଦ୍ୱାରା ପୀଡ଼ିତ, ତେବେ ରକ୍ତଚାପ କେତେ ଅଛି ତାହା ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ମାପି ନିଅନ୍ତୁ। ବିଶେଷଭାବରେ ବୟସ ବଢ଼ିଲେ ଏହି ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ତେଣୁ ଏଥିପ୍ରତି ସତର୍କ ରୁହନ୍ତୁ। ଯଦି ଥରେ ଆପଣଙ୍କର ରକ୍ତଚାପରେ ଅସନ୍ତୁଳନ ଦେଖାଦେଲା, ତେବେ ପରବର୍ତ୍ତୀ ସମୟରେ ତାହା କିପରି ରହୁଛି ତାହା ମାପି ଦେଖିନିଅନ୍ତୁ। ରକ୍ତଚାପକୁ ସନ୍ତୁଳିତ ରଖିବାକୁ ହେଲେ କେବଳ ଔଷଧ ନୁହେଁ, ଖାଦ୍ୟପେୟ ପ୍ରତି ଧ୍ୟାନ ଦିଅନ୍ତୁ। ପ୍ରତିଦିନ କିଛି ସମୟ ବ୍ୟାୟାମ କରିବାକୁ ଭୁଲନ୍ତୁ ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ନିଶାଦ୍ରବ୍ୟ ସେବନ ଯୋଗୁଁ ରକ୍ତଚାପଜନିତ ସମସ୍ୟା ଆଶଙ୍କା ଅଧିକ ଥାଏ। ତା'ସହ ଯଦି ଆପଣ ଏଭଳି ଅଭ୍ୟାସ ସହ ଜଡିତ, ତେବେ ତାହାକୁ ତୁରନ୍ତ ବର୍ଜନ କରନ୍ତୁ।



ରକ୍ତଚାପ ବିଷୟରେ ଡାକ୍ତରଙ୍କ ସହ ଆଲୋଚନା କରିବା ସମୟରେ ଆପଣଙ୍କର ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ସୂଚନା ଦେବାକୁ ଭୁଲନ୍ତୁ ନାହିଁ। ରକ୍ତଚାପରେ ଆକ୍ରାନ୍ତ ହେଲେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ। କାରଣ ସେ ରକ୍ତଚାପର ଅବସ୍ଥା ଦେଖି ଔଷଧର ଡୋଜ୍ ସ୍ଥିର କରିଥାଆନ୍ତି।

# ସତର୍କତା ହିଁ ଜରୁରୀ





ଡା. ବସନ୍ତ କୁମାର ଷଡ଼ଙ୍ଗୀ

ସାରା ବିଶ୍ୱରେ ମାନବ ସଭ୍ୟତା ବହୁ ଘାତପ୍ରତିଘାତ ସହ ମୁକାବିଲା କରି ପୃଥିବୀପୃଷ୍ଠରେ ବଞ୍ଚି ରହିବା ନିମନ୍ତେ ପ୍ରୟାସ ଜାରି ରଖିଆସିଛି। ସମାଜରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ଏବଂ ବୟସ୍କ ବ୍ୟକ୍ତି ମଧ୍ୟ ଦୈନନ୍ଦିନ ବିଡ଼ି, ସିଗାରେଟ୍, ପିକା, ହୁକା, ଖଇନି, ପୁଡ଼ିଆ ଆଦି ଧୂଆଁପତ୍ରରୁ ପ୍ରସ୍ତୁତ ବିଭିନ୍ନ ନିଶାଦ୍ରବ୍ୟ କଞ୍ଚା ତଥା ଧୂଆଁ ଆକାରରେ ସିଧାସଳଖ ସେବନ କରିଥାଆନ୍ତି, ଯାହାକି ପରବର୍ତ୍ତୀ ସମୟରେ ଏହା ମୁଖ କର୍କଟ, ଗଳା କର୍କଟ, ରାଜଯକ୍ଷ୍ମା ତଥା ଫୁସ୍‌ଫୁସ୍‌ଜନିତ ବିଭିନ୍ନ ମାରାତ୍ମକ ରୋଗ ଶରୀରରେ ସୃଷ୍ଟି ହୋଇଥାଏ। ଫଳରେ ସୁସ୍ଥ ମଣିଷ ବିପୁଳ ଅର୍ଥ ଖର୍ଚ୍ଚ କରି ଶାରୀରିକ ଓ ମାନସିକ କଷ୍ଟ ଭୋଗ କରି ଶେଷରେ ମୃତ୍ୟୁମୁଖରେ ପଡ଼ିଥାଏ। ଏହି ଅକାଳ ମୃତ୍ୟୁକୁ ରୋକ ଲଗାଇବ ନିମନ୍ତେ ତମାଖୁ (Tobacco) ସେବନରୁ ଦୂରେଇ ରହିବା ଉଚିତ।

ତମାଖୁ ସେବନକୁ ପ୍ରତିରୋଧ କରିବା ପାଇଁ ଜନସଚେତନତା ସୃଷ୍ଟି ନିମନ୍ତେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ଦ୍ୱାରା ୧୯୮୭ ମେ ୩୧ ତାରିଖକୁ 'ଅନ୍ତର୍ଜାତୀୟ ତମାଖୁ ନିରୋଧୀ ଦିବସ' (World No Tobacco Day)ଭାବେ ପାଳନ କରାଯାଇ ଆସୁଅଛି। ଚଳିତବର୍ଷ ଏ ନେଇ ସ୍ଲୋଗାନ୍ ରହିଛି 'ତମାଖୁ ବର୍ଜନ ପାଇଁ ପ୍ରତିଜ୍ଞାବଦ୍ଧ ହେବା'। ସାମ୍ପ୍ରତିକ ପରିସ୍ଥିତରେ ବିଶ୍ୱ କରୋନା ଭଳି ଏକ ମାରାତ୍ମକ ପ୍ରଭାବକୁ ପ୍ରତିରୋଧ ନିମନ୍ତେ ଚେଷ୍ଟା ଜାରି ରଖିଥିବା ବେଳେ ତମାଖୁ ସେବନ ଦ୍ୱାରା ସୃଷ୍ଟି ହେଉଥିବା ବିଭିନ୍ନ ରୋଗକୁ ପ୍ରତିରୋଧ ନିମନ୍ତେ ସବୁବର୍ଗର ବ୍ୟକ୍ତି ବିଶେଷଙ୍କ ସହଯୋଗର ଆବଶ୍ୟକତା ରହିଛି। ଏହାଦ୍ୱାରା ବର୍ତ୍ତମାନ ଓ ଭବିଷ୍ୟତ ପିଢ଼ି ପାଇଁ ଜୀବନ ସୁରକ୍ଷା ନିମନ୍ତେ ସହାୟକ ହୋଇପାରିବ। ସର୍ବସାଧାରଣ ସ୍ଥାନରେ କିମ୍ବା ବସ୍, ଟ୍ରେନରେ ତମାଖୁ ସେବନ କରିବା ତଥା ଦୋକାନଗୁଡ଼ିକରେ 'ତମାଖୁ' ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ

## ଆଜି ବିଶ୍ୱ ତମାଖୁ ନିରୋଧୀ ଦିବସ






ବିକ୍ରୟ ନିମନ୍ତେ ସରକାର ଆଇନ ଦୃଷ୍ଟିରୁ ଦଣ୍ଡନୀୟ ଅପରାଧ ଭାବେ ଘୋଷଣା କରିଛନ୍ତି। ତେଣୁ ତମାଖୁ ସେବନ ପ୍ରତିରୋଧ ନିମନ୍ତେ ଆମେ ସମସ୍ତେ ମାନସିକ ସ୍ତରରେ ଏକାଠି ହୋଇ ସହଯୋଗ କରିବାର ଆବଶ୍ୟକତା ରହିଛି। ଆମ ରାଜ୍ୟରେ ଓ ଦେଶରେ ମଧ୍ୟ ପ୍ରତିବର୍ଷ "ମେ ମାସ" ୩୧ ତାରିଖକୁ ବିଶ୍ୱ ତମାଖୁ ନିବାରଣ ଦିବସ ଭାବେ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲା ଓ ରାଜ୍ୟସ୍ତରରେ ପାଳନ କରାଯାଇଥାଏ। ଏ ନେଇ ଆମେ ସତର୍କ ରହିଲେ ତମାଖୁ କବଳରୁ ନିଜକୁ ରକ୍ଷା କରିପାରିବା। ଏଥିପାଇଁ ଜନସଚେତନତାର ଆବଶ୍ୟକତା ରହିଛି।

- ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ: ୭୮୯୪୧୧୨୪୮୭

# ବ୍ରେନ୍ ଷ୍ଟ୍ରୋକ୍


ଜଣେ ବ୍ୟକ୍ତି ସମ୍ମୁଖୀନ ହେଉଥିବା ଗୁରୁତର ସ୍ୱାସ୍ଥ୍ୟଜନିତ ସମସ୍ୟାଗୁଡିକ ମଧ୍ୟରୁ ବ୍ରେନ୍ ଷ୍ଟ୍ରୋକ୍ ଅନ୍ୟତମ। ତେବେ ଏହାର କାରଣ ସମ୍ପର୍କରେ ଆମେ ଅବଗତ ହେବା ନିହାତି ଦରକାର। ଅଧିକାଂଶ ସମୟ ଟେନସନରେ ରହିବା, ଡାଇବେଟିସ୍, ନିଶାଦ୍ରବ୍ୟ ସେବନ, ମେଦବହୁଳତା, କୋଲେଷ୍ଟରଲ ପରିମାଣ ଅସନ୍ତୁଳିତ ହେବା ଏହାର ପ୍ରମୁଖ କାରଣ। ବ୍ରେନ୍ ଷ୍ଟ୍ରୋକର କେତୋଟି ପ୍ରାରମ୍ଭିକ ଲକ୍ଷଣ ରହିଛି। ଆପଣଙ୍କ ହାତଗୋଡ ବଳହୀନ ଲାଗୁଛି କି ? ଏହି ସମୟରେ ଏପରି ଅନୁଭବ ହୁଏ ଯେ, ସତେଯେମିତି ସମଗ୍ର ଶରୀର ଶକ୍ତିହୀନ ହୋଇପଡୁଛି। ଏପରି ଲକ୍ଷଣ ପ୍ରକାଶ ପାଇବା ମାତ୍ରେ ବିଳମ୍ବ ନ କରି ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ବ୍ରେନ୍ ଷ୍ଟ୍ରୋକ୍ ହେବା ମାତ୍ରେ କଥା କହିବା ଶକ୍ତି ଧୀରେ ଧୀରେ ଦୁର୍ବଳ ହୋଇପଡେ। ସଂପୃକ୍ତ ବ୍ୟକ୍ତିଙ୍କର ମୁଖ ମଣ୍ଡଳ ଗାମ୍ଭୀର୍ଯ୍ୟ ଦେଖାଯାଏ। ସେ ହସିବାକୁ ଚେଷ୍ଟା କଲେ ମଧ୍ୟ ହସି ପାରି ନଥାନ୍ତି। ବ୍ରେନ୍ ଷ୍ଟୋକ୍ ହେବା ମାତ୍ରେ ଜଣେ ବ୍ୟକ୍ତି ଆଦୌ ଚାଲି ପାରନ୍ତି ନାହିଁ। ଏପରି କି ସେ ସିଧା ଠିଆ ହୋଇପାରି ନଥାନ୍ତି। ଏଭଳି ସମସ୍ୟା ଦେଖାଦେଲେ ତୁରନ୍ତ ମୁଣ୍ଡବିନ୍ଧା ଆରମ୍ଭ ହୋଇଯାଏ। ଯଦି ସେଥିରୁ ଉପଶମ ନ ମିଳେ ଏବଂ ତାହା ବଢ଼ି ବଢ଼ି ଚାଲେ ତେବେ ତାହାକୁ ବ୍ରେନ୍ ଷ୍ଟ୍ରୋକ୍‌ର ଲକ୍ଷଣ ଭାବରେ ନିଆଯାଇଥାଏ। ତେବେ ଉପରୋକ୍ତ ଲକ୍ଷଣ ଜାଣିବା ମାତ୍ରେ ତୁରନ୍ତ ନିକଟସ୍ଥ ହସ୍‌ପିଟାଲକୁ ଯାଇ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।





# ସ୍ୱାସ୍ଥ୍ୟ ସୂଚନା

- ନିଜକୁ ସୁସ୍ଥ ତଥା ନୀରୋଗ ରଖିବା ପାଇଁ ନିଜର ଜୀବନଶୈଳୀ ପ୍ରତି ଦୃଷ୍ଟି ଦିଅନ୍ତୁ। ଖାଦ୍ୟପେୟ, ଶୋଇବା ସମୟ, ବ୍ୟାୟାମ, ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା ପ୍ରତି ଯତ୍ନବାନ ହେବା ଆବଶ୍ୟକ।
- ଟେନସନ ଏପରି ଏକ ସମସ୍ୟା, ଯାହା ଧୀରେ ଧୀରେ ଆପଣଙ୍କ ସ୍ୱାସ୍ଥ୍ୟକୁ ବିଗାଡି ଦେଇଥାଏ। ତେଣୁ ସବୁବେଳେ ନିଜର ମାନସିକତାକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ।
- ବିଶେଷଭାବରେ ବୟସ୍କ ବ୍ୟକ୍ତିମାନେ ନିଜର ସ୍ୱାସ୍ଥ୍ୟ ପ୍ରତି ଅଧିକ ନଜର ଦେବା ଦରକାର। ବୟସ ୪୦ ଟପିଲେ ରକ୍ତରେ ସୁଗାର ପରିମାଣ, ବ୍ଲଡପ୍ରେସର, କୋଲେଷ୍ଟରଲ, ମେଦବହୁଳତା କେତେ ରହୁଛି ତାହା ଜାଣି ନିଅନ୍ତୁ। ଏହି ସମୟରେ କୌଣସି ଛୋଟ ସ୍ୱାସ୍ଥ୍ୟ ସମସ୍ୟାକୁ ହେୟ ମନେ କରନ୍ତୁ ନାହିଁ।
- ଯଦି ଆପଣଙ୍କୁ ଏକୁଟିଆ ଲାଗୁଛି ତେବେ କିଛି ଲେଖାଲେଖି କରନ୍ତୁ। ଏହାଦ୍ୱାରା ମନୋଭାବରେ ପରିବର୍ତ୍ତନ ଆସିଥାଏ।
- ଯଦି ଆପଣ ଦୀର୍ଘ ଦିନ ପାଇଁ ଦୂର ସ୍ଥାନକୁ ଯାତ୍ରା କରୁଛନ୍ତି, ତେବେ ତାହା ପୂର୍ବରୁ ଡାକ୍ତରଙ୍କ ନିକଟରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବା ଭଲ।
- ସକାଳୁ କିଛି ସମୟ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସନ୍ତୁ। କାରଣ ସୂର୍ଯ୍ୟକିରଣ ହେଉଛି ଭିଟାମିନ୍ 'ଡି'ର ପ୍ରମୁଖ ଉତ୍ସ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ସୋମବାର, ମେ ୩୧/୨୦୨୧ Dhenkanal, Monday, May 31/ 2021

# ବିପର୍ଯ୍ୟୟ ଘଟାଇଲେ ଆନେଲିନା



ପରାଜୟ ପରେ ଆଞ୍ଜେଲିକ୍ କର୍ବର।



ବିଜୟୀ ଆନେଲିନା କାଲିନିନାଙ୍କ ପ୍ରତିକ୍ରିୟା।

**ପ୍ୟାରିସ, ୩୦।୫**

ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟ ରବିବାରଠାରୁ ଆରମ୍ଭ ହୋଇଛି। ୩ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଏବଂ ପୂର୍ବତନ ନମ୍ବର ୱାନ ଆଞ୍ଜେଲିକ୍ କର୍ବରଙ୍କୁ ହରାଇ ମହିଳା ସିଙ୍ଗଲ୍ସରେ ବିପର୍ଯ୍ୟୟ ଘଟାଇଛନ୍ତି ଆନେଲିନା କାଲିନିନା। ଆନେଲିନା ଜଣେ କ୍ୱାଲିଫାୟର ଖେଳାଳି ଏବଂ ପ୍ରଥମଥର ପାଇଁ ଫ୍ରେଞ୍ଚ ଓପନ ଖେଳିବା ସୁଯୋଗ ପାଇଛନ୍ତି।

## ଫ୍ରେଞ୍ଚ ଓପନ ଟେନିସ ପ୍ରଥମ ରାଉଣ୍ଡରୁ କର୍ବର ବିଦା

ତେବେ ଏହି ୧୩୯ ର୍ୟାଙ୍କପ୍ରାପ୍ତ ୟୁକ୍ରେନ ଟେନିସ ପ୍ରତିଭା ୬-୨, ୬-୪ ସେଟ୍‌ରେ ଜର୍ମାନୀର କର୍ବରଙ୍କୁ ପରାସ୍ତ କରି ପ୍ରଥମ ଦିବସରୁ ହିଁ ବିପର୍ଯ୍ୟୟ ଆରମ୍ଭ କରିଛନ୍ତି। ୨୦୧୬ରେ ଅଷ୍ଟ୍ରେଲିଆନ ଓପନ, ୟୁଏସ୍ ଓପନ ଏବଂ ୨୦୧୮ରେ ୱିମ୍ବଲଡନ ଟାଇଟଲ ଜିତିଥିବା କର୍ବର କେବେହେଲେ ଫ୍ରେଞ୍ଚ ଓପନ ଫାଇନାଲରେ ପ୍ରବେଶ କରିପାରି ନାହାନ୍ତି। ସେ ୨୦୧୨ ଓ ୨୦୧୮ରେ ସର୍ବାଧିକ ଫ୍ରେଞ୍ଚ୍ ଓପନର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିପାରିଥିଲେ। ମହିଳା ସିଙ୍ଗଲ୍ସର ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ପେଟ୍ରା କ୍ୱିଟୋଭା ୬-୭(୩/୭), ୭-୬(୭/୫), ୬-୧ ସେଟ୍‌ରେ ଗ୍ରିଟ୍ ମିନେନ, ଆନାସ୍ତାସିଆ ପାଭ୍‌ଲ୍ୟୁଚେଙ୍କୋଭା ୬-୪, ୬-୦ ସେଟ୍‌ରେ ଖ୍ରିଷ୍ଟିନା ମ୍ୟାକହାଲେ, ନାଓମି ଓସାକା ୬-୪, ୭-୬(୭/୪) ସେଟ୍‌ରେ ପ୍ୟାଟ୍ରିସିଆ ମାରିଆ ଟିଗ୍, ଡାନିଏଲ ରୋଜ୍ କଲିନ୍ସ ୬-୨, ୪-୬, ୬-୪ ସେଟ୍‌ରେ ଜିୟୁ ୱାଙ୍ଗ୍ ଏବଂ ଏଲିନା ର୍ୟାବକିନା ୬-୪, ୬-୧ ସେଟ୍‌ରେ ଏଲିସା ଜ୍ୟାକମୋଟଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

### ଫୋଗନିନି, ଅଗୁଟଙ୍କ ବିଜୟ ଅଭିଯାନ

ପୁରୁଷ ସିଙ୍ଗଲ୍ସରେ ଫାବିଓ ଫୋଗନିନି ୬-୪, ୬-୧, ୬-୪ ସେଟ୍‌ରେ ଗ୍ରେଗୋରି ବାରେରେ, ରବର୍ଟୋ ବାଉଟିଷ୍ଟା ଅଗୁଟ ୬-୪, ୬-୪, ୬-୨ ସେଟ୍‌ରେ ମାରିଓ ଭିଲେଲା ମାର୍ଟିନେଜ, ଗୁଇଡୋ ପେଲ୍ଲା ୬-୩, ୭-୬(୭/୪), ୭-୫ ସେଟ୍‌ରେ ଡାନିଏଲ ଇଲାହି ଗଲନ, ମିଓମିର କେକ୍‌ମାନୋଭିଚ୍ ୧-୬, ୬-୩, ୬-୪, ୬-୪ ସେଟ୍‌ରେ ଡାନ୍ ଇଭାନ୍ସଙ୍କୁ ହରାଇ ଅଭିଯାନ ଆରମ୍ଭ କରିଛନ୍ତି।

## ଦୁର୍ଘଟଣାରେ ମୋଟର ସାଇକ୍ଲିଷ୍ଟ ଡୁପାସ୍କିଅର୍‌ଙ୍କ ମୃତ୍ୟୁ

**ଫ୍ଲୋରେନ୍ସ, ୩୦।୫ (ଏପି):** ଇଟାଲିଆନ ଗ୍ରାଁ ପ୍ରି ପାଇଁ ମୋଟୋ-୩ କ୍ୱାଲିଫାଇଂ ବେଳେ ଏକ ଦୁର୍ଘଟଣାରେ ସୁଇଜରଲାଣ୍ଡ ମୋଟରସାଇକ୍ଲିଷ୍ଟ ଜାସନ ଡୁପାସ୍କିଅର୍‌ଙ୍କ ମୃତ୍ୟୁ ଘଟିଛି। ତାଙ୍କୁ ମାତ୍ର ୧୯ ବର୍ଷ ବୟସ ହୋଇଥିଲା। ଶନିବାର କ୍ୱାଲିଫାଇଂ ରେସ୍ ଶେଷ ଭାଗରେ ଆୟୁମୁ ସାସାକି ଓ ଜେରେମି ଆଲ୍‌କୋବାଙ୍କ ସହ ଡୁପାସ୍କିଅର୍‌ଙ୍କ ଧକ୍କା ହୋଇଥିଲା। ରେଡ୍‌ଫ୍ଲାଗ୍ ପ୍ରଦର୍ଶନ ସହ ରେସ୍‌କୁ ତୁରନ୍ତ ସ୍ଥଗିତ ରଖାଯାଇଥିଲା। ଡୁପାସ୍କିଅର୍‌ଙ୍କ ଉପରେ ତାଙ୍କ ନିଜର ଓ ସାସାକିଙ୍କ ମୋଟରସାଇକେଲ ପଡ଼ିଯାଇଥିଲା। ସେ ତଳେ ପଡ଼ିଯାଇଥିଲେ। ଆଲ୍‌କୋବାଙ୍କ ମୋଟରସାଇକେଲ ସୁଇସ୍ ଡ୍ରାଇଭରଙ୍କ ଗୋଡ଼ ଉପରେ ଚଢ଼ି ଯାଇଥିଲା।

# ବର୍ନାଲ ଜିତିଲେ ଗିରୋ ଡି' ଇଟାଲିଆ ଟାଇଟଲ୍

**ରୋମ୍, ୩୦।୫**




ଗିରୋ ଡି' ଇଟାଲିଆ ସାଇକେଲ ରେସ୍ ଉଦ୍‌ଯାପିତ ହୋଇଯାଇଛି। ରବିବାର ସେନାଗୋଠାରୁ ମିଲାନ ପର୍ଯ୍ୟନ୍ତ ୩୦. ୩ କିଲୋମିଟର ବିଶିଷ୍ଟ ଅନ୍ତିମ ରେସ୍‌ରେ ଇଟାଲୀର ତଥା ଇନୋସ୍ ଗ୍ରେନାଡିଅର୍ସ ଟିମ୍‌ର ଫିଲିପୋ ଗାନା ବିଜୟ ଲାଭ କରିଛନ୍ତି। ତାଙ୍କ ଟିମ୍‌ମେଟ ତଥା କଲମ୍ବିଆର ଇଗାନ ବର୍ନାଲ ଜେନେରାଲ କ୍ଲାସିଫିକେଶନରେ ପ୍ରଥମ ସ୍ଥାନ ଅଧିକାର କରି ଟାଇଟଲ ବିଜୟୀ ହୋଇଛନ୍ତି। ଗାନା ୩୩-୪୮ ଟାଇମିଂରେ ରେସ୍ ଶେଷ କରିଥିବାବେଳେ ତାଙ୍କଠାରୁ ୧୨ ସେକେଣ୍ଡ ପଛରେ ଫ୍ରାନ୍ସର ରେମି କାଭାଗ୍ନା (ଡେସିଉନିକ୍ କୁଇକ୍ ଷ୍ଟେପ୍)ଦ୍ୱିତୀୟ ସ୍ଥାନରେ ରହିଥିଲେ। ଇଟାଲୀର ଏଡୋଆର୍ଡୋ ଆଫିନି (ଜୁମ୍ବୋ-ଭିସ୍ମା) ୧୩ ସେକେଣ୍ଡ ପଛରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ରେସ୍‌ରେ ଚତୁର୍ଥରୁ ୧୦ମ ସ୍ଥାନ ପର୍ଯ୍ୟନ୍ତ ଯଥାକ୍ରମେ ରହିଥିଲେ ଇଟାଲିର ମାଟେଓ ସବରେରୋ (ଅଷ୍ଟାନା ପ୍ରିମିୟର ଟେକ୍), ପର୍ତ୍ତୁଗାଲର ଜୋଆଓ ଆଲମିଦା (ଡେସିଉନିକ୍ କୁଇକ୍ ଷ୍ଟେପ୍), ଜର୍ମାନୀର ମ୍ୟାକ୍ସ ୱାଲସ୍କିଡ୍ (ଖୁବେକା ଆସୋସ, ଇଟାଲିର ଆବର୍ଗୋ ବେଟିଅଲ୍ (ଇଏଫ୍ ଏଜୁକେଶନ ନିପ୍ପୋ), ସ୍ଲୋଭେନିଆର ଜାନ୍ ଟ୍ରାଟ୍‌ନିକ୍ (ବାହାରିନ୍ ଭିକ୍ଟୋରିଅସ), ଇଟାଲିର ଜିଆନି ମୋସ୍କୋନ (ଇନୋସ ଗ୍ରେନାଡିଅର୍ସ ଓ ବେଲଜିୟମର ଇଲ୍‌ଜୋ କିସେ (ଡେସିଉନିକ୍ କୁଇକ୍ ଷ୍ଟେପ୍)। ଅନ୍ୟପକ୍ଷରେ ଫାଇନାଲ ଜେନେରାଲ କ୍ଲାସିଫିକେଶନରେ ବର୍ନାଲଙ୍କ ପଛକୁ ଇଟାଲିର ଡାମିଆନୋ କାରୁସୋ (ବାହାରିନ୍-ଭିକେଟାରିଅସ) ଦ୍ୱିତୀୟ ଏବଂ ଗ୍ରେଟ ବ୍ରିଟେନର ସିମନ ୟେଟ୍ସ (ବାଇକ୍ ଏକ୍ସଚେଞ୍ଜ) ତୃତୀୟ ସ୍ଥାନରେ ରହିଥିଲେ।

## ଫିଡେ ବିଶ୍ୱକପ୍ ପାଇଁ ଇନିୟାନଙ୍କୁ ଯୋଗ୍ୟତା

**ଚେନ୍ନାଇ, ୩୦।୫ (ପି.ଟି.):** ଏଆଇସିଏଫ୍ ୱାର୍ଲ୍ଡ କପ୍ କ୍ୱାଲିଫାୟର ଅନ୍‌ଲାଇନ୍ ଚେସ୍ ଟୁର୍ନାମେଣ୍ଟ ଜିତିବା ଦ୍ୱାରା ଭାରତୀୟ ଗ୍ରାଣ୍ଡମାଷ୍ଟର ପି. ଇନିୟାନ ଫିଡେ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ଇଭେଣ୍ଟ ଜୁଲାଇରେ ହେବ। ୧୭ ରାଉଣ୍ଡ ଖେଳ ପରେ ତାମିଲନାଡୁର ଇନିୟାନ ଓ ତାଙ୍କ ରାଜ୍ୟର ଅନ୍ୟ ଜଣେ ଗ୍ରାଣ୍ଡମାଷ୍ଟର ଡି. ଗୁକେଶ ଉଭୟେ ୧୨.୫ ପଏଣ୍ଟ ଲେଖାଏ ଅର୍ଜନ କରିଥିଲେ। ମାତ୍ର ଦୁଇ ଖେଳାଳିଙ୍କ ମଧ୍ୟରେ ୧୪ତମ ରାଉଣ୍ଡରେ ଖେଳାଯାଇଥିବା ଗେମ୍‌ରେ ବିଜୟ ଲାଭ କରିଥିବାରୁ ଇନିୟାନଙ୍କୁ ଚାମ୍ପିୟନ ଘୋଷଣା କରାଯାଇଥିଲା।

# ମାଞ୍ଚେଷ୍ଟର ସିଟିକୁ ହରାଇ ଚେଲ୍‌ସି ଚାମ୍ପିୟନ

**ପୋର୍ଟୋ (ପର୍ତ୍ତୁଗାଲ), ୩୦।୫(ଏପି)**

ହାଇପ୍ରୋଫାଇଲ ଫୁଟ୍‌ବଲ ପ୍ରତିଯୋଗିତା ଚାମ୍ପିୟନ୍ସ ଲିଗ୍‌ରେ ଦ୍ୱିତୀୟଥର ପାଇଁ ଚେଲ୍‌ସି ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ସ୍ଥାନୀୟ ଇଷ୍ଟାଡିଓ ଡୋ ଡ୍ରାଗାଓ ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ଲିଗ୍‌ର ଫାଇନାଲ ମ୍ୟାଚ୍‌ରେ ଚେଲ୍‌ସି ୧-୦ ଗୋଲରେ ମାଞ୍ଚେଷ୍ଟର ସିଟିକୁ ପରାସ୍ତ କରି ବାଜି ମାରିଛି। ପୂର୍ବରୁ ୯ ବର୍ଷ ତଳେ ଚେଲ୍‌ସି ଏହି ଟାଇଟଲ ହାସଲ କରିଥିଲା। କ୍ଲବରେ କୋଚ୍ ଥୋମାସ ଟୁଚେଲ ଯୋଗ ଦେବାର ଠିକ୍ ୧୨୩ ଦିନ ପରେ ଚେଲ୍‌ସିକୁ ଏହି ଐତିହାସିକ ସଫଳତା ମିଳିଛି। ୨୦୧୨ରେ ଚେଲ୍‌ସି ଏହି ଲିଗ୍‌ରେ ଚାମ୍ପିୟନ ହୋଇଥିଲା।

ପାଖାପାଖି ୧୪ ହଜାର ଦର୍ଶକଙ୍କ ସମ୍ମୁଖରେ ଅନୁଷ୍ଠିତ କଡ଼ା ସଂଘର୍ଷପୂର୍ଣ୍ଣ ଉକ୍ତ ମ୍ୟାଚ୍‌ରେ ଇଂଲଣ୍ଡର ଏହି ଦୁଇ କ୍ଲବ ମଧ୍ୟରେ ଜବରଦସ୍ତ

## ଚାମ୍ପିୟନ୍ସ ଲିଗ୍ ଫୁଟ୍‌ବଲ

ରୋମାଞ୍ଚ ଦେଖିବାକୁ ମିଳିଥିଲା। ଫାଇନାଲରେ ଚେଲ୍‌ସିର ୬ ହଜାର ଦର୍ଶକ ମଧ୍ୟ ଉପସ୍ଥିତ ଥିଲେ। ଜର୍ମାନୀ ଫରୱାର୍ଡ କାଇ ହାଭେର୍ଜ ୪୨ତମ ମିନିଟ୍‌ରେ ଏହି ନିର୍ଣ୍ଣାୟକ ଗୋଲ ସ୍କୋର କରିଥିଲେ। ଏଥିସହିତ ମାଞ୍ଚେଷ୍ଟର ସିଟିର ଟାଇଟଲ ଆଶା ଧୂଳିସାତ୍ ହୋଇଛି। ମାଞ୍ଚେଷ୍ଟର ସିଟି ଟାଇଟଲ ଫେଭରାଇଟ ବିବେଚିତ ହେଉଥିଲେ ମଧ୍ୟ ଶେଷରେ ନିରାଶ ହୋଇଛି। ପ୍ରଥମେ ଏହି ଫାଇନାଲ ମ୍ୟାଚ୍ ତୁର୍କୀ ଇସ୍ତାନବୁଲ୍‌ରେ ଖେଳାଯିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ କୋଭିଡ୍-୧୯ ପାଇଁ ସେଠାରେ ଯାତ୍ରାଜନିତ କଟକଣା ଜାରି କରାଯାଇଥିବାରୁ ଶେଷରେ ଏହି ମ୍ୟାଚ ପୋର୍ଟୋରେ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

ଏହାପୂର୍ବରୁ ସେମିଫାଇନାଲରେ ଚେଲ୍‌ସି ୧୩ଥର ଚାମ୍ପିୟନ୍ସ ଲିଗ୍ ସେମିଫାଇନାଲରେ ପ୍ରବେଶ କରିଥିବା ରିୟଲ ମାଡ୍ରିଡ୍‌କୁ ହରାଇ ଫାଇନାଲକୁ ଉଠିଥିଲା।

## ମେରୀକମ୍‌ଙ୍କୁ ରୌପ୍ୟ

**ଦୁବାଇ, ୩୦।୫ (ପି.ଟି.):** ଏସିଆନ ବକ୍ସିଂ ଚାମ୍ପିୟନଶିପ୍‌ରେ ୬ଥର ବିଶ୍ୱ ଚାମ୍ପିୟନ ତଥା ଭାରତର ଏମ୍‌ସି ମେରୀକମ୍ (୫୧କେଜି) ରୌପ୍ୟ ପଦକ ହାସଲ କରିଛନ୍ତି। ରବିବାର ଏଠାରେ ଏକ ସଂଘର୍ଷପୂର୍ଣ୍ଣ ଫାଇନାଲରେ କାଜାଖସ୍ତାନର ନାଜିମ କିଜାଇବେ ଜଜ୍‌ଙ୍କ ବିଭାଜିତ ୩-୨ ରାୟରେ ତାଙ୍କୁ ହରାଇ ଦେଇଥିଲେ। ଟୁର୍ନାମେଣ୍ଟରେ ଏହାଥିଲା ତାଙ୍କର ୭ମ ପଦକ। ୨୦୦୩ ସଂସ୍କରଣରେ ସେ ପ୍ରଥମେ ଏହି ପ୍ରତିଯୋଗିତାରେ ଭାଗ ନେଇ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ମେରୀକମ୍‌ଙ୍କୁ ଏବେ ୩୮ ବର୍ଷ ବୟସ ହୋଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ତାଙ୍କଠାରୁ ୧୧ବର୍ଷ ସାନ ଥିଲେ। ମଣିପୁରର କିମ୍ବଦନ୍ତୀ ମହିଳା ବକ୍ସର ମେରୀକମ୍ ପୁରସ୍କାର ବାବଦରେ ୫,୦୦୦ ଆମେରିକୀୟ ଡଲାର ପାଇଥିବା ବେଳେ କିଜାଇବେଙ୍କୁ ୧୦,୦୦୦ ଡଲାର ମିଳିଛି।

# ୯୦ ଦଶକର ଜର୍ସି ପିନ୍ଧିବେ ଭାରତୀୟ ଖେଳାଳି

**ନୂଆଦିଲ୍ଲୀ,୩୦।୫**



୯୦ ଦଶକ ଅନୁରୂପ ଜର୍ସି ପରିହିତ ରବୀନ୍ଦ୍ର ଜାଡେଜା (ବାମ)।

ପୁରୁଣା ଜର୍ସି ପିନ୍ଧିବା ନେଇ ଭାରତୀୟ ଦଳର ଉତ୍ସାହ ଦିନକୁ ଦିନ ବଢିବାରେ ଲାଗିଛି। ଗତବର୍ଷ ଅଷ୍ଟ୍ରେଲିଆରେ ଭାରତୀୟ କ୍ରିକେଟରମାନେ ସୀମିତ ଓଭର ସିରିଜରେ ୧୯୯୨ ବିଶ୍ୱକପ୍‌ର ଜର୍ସି ପିନ୍ଧିଥିଲେ। ଏବେ ଏହା ଟେଷ୍ଟ କ୍ରିକେଟରେ ମଧ୍ୟ ଏହି ପ୍ରକ୍ରିୟା ଦେଖିବାକୁ ମିଳିବ।

ସାଉଥାମ୍ପଟନରେ ଜୁନ୍ ୧୮ ତାରିଖରୁ ଆରମ୍ଭ ହେବାକୁଥିବା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲ ମ୍ୟାଚ୍‌ରେ ଭାରତୀୟ ଖେଳାଳିମାନେ ପୁରୁଣା ଜର୍ସି ପିନ୍ଧିବେ। ଖେଳାଳିମାନେ ୯୦ ଦଶକର ଜର୍ସି ପିନ୍ଧି ପଡିଆକୁ ଓହ୍ଲାଇବେ। ଭାରତୀୟ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ଏହି ଜର୍ସିର ଝଲକ ସୋସିଆଲ ମିଡିଆରେ ଦେଖାଇଛନ୍ତି। ଜାଡେଜା ଯେଉଁ ସ୍ୱେଟର ପିନ୍ଧିଛନ୍ତି ତାହାର ବେକ ବା ଗଳା ନୀଳ ରଙ୍ଗର ଭି ଶେପରେ ରହିଛି। ୯୦ ଦଶକରେ ଭାରତୀୟ ଖେଳାଳିମାନେ ଏହି ଜର୍ସି ପିନ୍ଧି ଟେଷ୍ଟ ଖେଳୁଥିଲେ। ଡବ୍ଲ୍ୟୁଟିସି ଫାଇନାଲ ମ୍ୟାଚ୍ ସାଉଥାମ୍ପଟନରେ ଜୁନ୍ ୧୮ରୁ ଆରମ୍ଭ ହୋଇ ୨୨ ତାରିଖରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ଜାଡେଜା ଏହି ଜର୍ସି ପିନ୍ଧି ଫଟୋ ଟୁଇଟରରେ ଶେୟାର କରିଛନ୍ତି। ଅଷ୍ଟ୍ରେଲିଆ ଓ ଇଂଲଣ୍ଡକୁ ଯଥାକ୍ରମେ ୨-୧ ଓ ୩-୧ ବ୍ୟବଧାନରେ ଟେଷ୍ଟ ସିରିଜରେ ପରାସ୍ତ କରି ଭାରତ ଡବ୍ଲ୍ୟୁଟିସି ଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲା। ଫାଇନାଲ ଖେଳିବାକୁ ଭାରତ ଜୁନ୍ ୨ରେ ୟୁକେ ଯାତ୍ରା କରିବ।

# ସିପିଏଲ୍ ଆଗୁଆ ଆୟୋଜନ ପାଇଁ ଅନୁରୋଧ କରାଯିବ

**ନୂଆଦିଲ୍ଲୀ, ୩୦।୫(ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସେପ୍ଟେମ୍ବର ମଧ୍ୟଭାଗରେ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଆୟୋଜନ ପାଇଁ ପ୍ରସ୍ତୁତ ହେଉଛି। ଏହାକୁ ଦୃଷ୍ଟିରେ ରଖି କାରିବିୟନ ପ୍ରିମିୟର ଲିଗ୍ (ସିପିଏଲ୍)କୁ ଏକ ସପ୍ତାହ କିମ୍ବା ୧୦ ଦିନ ପୂର୍ବରୁ ଆରମ୍ଭ କରିବାକୁ ୱେଷ୍ଟଇଣ୍ଡିଜ କ୍ରିକେଟ ବୋର୍ଡକୁ ବୁଝାଇବ ବିସିସିଆଇ। ଫଳରେ ଖେଳାଳିମାନେ ଗୋଟିଏ ବାୟୋ-ବବ୍‌ଲରୁ ଆଉ ଏକ ବାୟୋ-ବବ୍‌ଲକୁ ଆସିପାରିବେ। କୋଭିଡ୍-୧୯ ମହାମାରୀ ପାଇଁ ଅଧାରୁ ସ୍ଥଗିତ ଥିବା ଆଇପିଏଲ୍‌ର ୧୪ତମ ସଂସ୍କରଣକୁ ୟୁଏଇରେ ଆୟୋଜନ ପାଇଁ ବିସିସିଆଇ ସ୍ୱତନ୍ତ୍ର ବୈଠକରେ ନିଷ୍ପତ୍ତି ହୋଇଛି।

ସିପିଏଲ୍ ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୧୯ ପର୍ଯ୍ୟନ୍ତ ଆୟୋଜନ ହେବାର କାର୍ଯ୍ୟସୂଚୀ ରହିଛି। ଅନ୍ୟପକ୍ଷରେ ବିସିସିଆଇ ସେପ୍ଟେମ୍ବର ୧୮ରୁ ଅକ୍ଟୋବର ୧୦ ମଧ୍ୟରେ ଆଇପିଏଲ୍‌ର ଅବଶିଷ୍ଟାଂଶ ଆୟୋଜନ ଯୋଜନା ରଖିଛି। "ଆମେ କ୍ରିକେଟ ୱେଷ୍ଟଇଣ୍ଡିଜ ସହିତ ଆଲୋଚନା କରିବୁ। ସିପିଏଲ୍ ଧାର୍ଯ୍ୟ ତାରିଖରୁ କିଛିଦିନ ପୂର୍ବରୁ ଶେଷ ହେବ ବୋଲି ଆଶା ରଖିଛୁ। ଫଳରେ ଖେଳାଳିମାନେ ଗୋଟିଏ ବବ୍‌ଲରୁ ଆଉ ଗୋଟିଏ ବବ୍‌ଲକୁ ଆସି ଦୁବାଇରେ ବାଧ୍ୟତାମୂଳକ ୩ ଦିନିଆ କ୍ୱାରାଣ୍ଟାଇନରେ ରହିପାରିବେ" ବୋଲି ବିସିସିଆଇର ଜଣେ କର୍ମକର୍ତ୍ତା ନିଜ ନାମ ଗୋପନରଖି ପ୍ରକାଶ କରିଛନ୍ତି। ଯଦି ବିସିସିଆଇ ଓ କ୍ରିକେଟ ୱେଷ୍ଟଇଣ୍ଡିଜ ମଧ୍ୟରେ ଚୁକ୍ତି ହୋଇ ନ ପାରିବ ତେବେ କେତେକ ନାମୀ ଖେଳାଳି ଆଇପିଏଲ୍‌ର ପ୍ରାରମ୍ଭିକ କେତେକ ମ୍ୟାଚ କିମ୍ବା ପ୍ରଥମାର୍ଦ୍ଧ ମିସ୍ କରିପାରନ୍ତି। ଆଇପିଏଲ୍‌ର ବିଭିନ୍ନ ଫ୍ରାଞ୍ଚାଇଜ୍‌ରେ ଥିବା ନାମୀ ୱେଷ୍ଟଇଣ୍ଡିଜ ଖେଳାଳିମାନେ ହେଲେ ଅଲରାଉଣ୍ଡର କିରନ ପୋଲାର୍ଡ, କ୍ରିସ୍ ଗେଲ୍, ଡ୍ୱେନ ବ୍ରାଭୋ, ଶିମରନ ହେଟମେର, ଜାସନ ହୋଲ୍ଡର, ନିକୋଲାସ ପୁରନ, ଫାବିଆନ ଆଲେନ, କିମୋ ପଲ୍ ଓ ସୁନୀଲ ନାରିନ। ତ୍ରିନିଦାଦ୍ ଆଣ୍ଡ ଟବାଗୋ କୋଚ୍ ବ୍ରେଣ୍ଡନ ମ୍ୟାକ୍‌କୁଲମ ଆଇପିଏଲ୍‌ରେ କୋଲକାତା ନାଇଟ ରାଇଡର୍ସ ପ୍ରଶିକ୍ଷଣ ଦାୟିତ୍ୱରେ ମଧ୍ୟ ଅଛନ୍ତି। ତେଣୁ ଠିକ୍ ସମୟରେ ତାଙ୍କ ଯୋଗଦାନକୁ ନେଇ ମଧ୍ୟ ସମସ୍ୟା ସୃଷ୍ଟି ହେବ।

## ୱେଷ୍ଟଇଣ୍ଡିଜ କ୍ରିକେଟ ବୋର୍ଡ ସହିତ ଆଲୋଚନା କରିବ ବିସିସିଆଇ


## ୟୁଏଇରେ ଆଇପିଏଲ୍: ଓହରିଲେ କମିନ୍ସ

**ସିଡ୍‌ନୀ, ୩୦।୫ (ପି.ଟି.):** ଆଇପିଏଲ୍‌ର ଅବଶିଷ୍ଟାଂଶରେ ନ ଖେଳିବା ଲାଗି କରିଛନ୍ତି କୋଲକାତା ନାଇଟ ରାଇଡର୍ସ (କେକେଆର୍) ପେସ୍ ବୋଲର ପ୍ୟାଟ କମିନ୍ସ ବ୍ୟକ୍ତିଗତ ସ୍ଥିର କରିଛନ୍ତି। ସ୍ଥାନୀୟ ଏକ ଖବର କାଗଜ ରିପୋର୍ଟରେ ଏହା ପ୍ରକାଶ ପାଇଛି। ଏହି ଟି୨୦ ଲିଗ୍ ସହ ସମ୍ପୃକ୍ତ ଅନ୍ୟ ଖେଳାଳିମାନଙ୍କ ସମ୍ପର୍କରେ ଦେଶର କ୍ରିକେଟ ବୋର୍ଡ କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ନିଷ୍ପତ୍ତି ନେବ। ବାରମ୍ବାର ବାୟୋବବଲରେ ରହିବା ଦ୍ୱାରା ଅଷ୍ଟ୍ରେଲିଆ କ୍ରିକେଟରଙ୍କ ନିକଟରେ ମାନସିକ ବିଷାଦ ପରିଲକ୍ଷିତ ହେଉଛି। ଅକ୍ଟୋବର-ନଭେମ୍ବରରେ ଭାରତରେ ଟି୨୦ ବିଶ୍ୱକପ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ କ୍ରିକେଟ ଅଷ୍ଟ୍ରେଲିଆ ଏହାର ଖେଳାଳିମାନଙ୍କୁ ଉଭୟ ଶାରିରୀକ ଓ ମାନସିକ ସ୍ଥରରେ ଫିଟ୍ ରଖିବାକୁ ଚାହୁଁଛି। କୋଭିଡ୍ ଯୋଗୁ ଆଇପିଏଲ୍ ଅଧାରୁ

### ଖେଳାଳିଙ୍କ ସମ୍ପର୍କରେ ନିଷ୍ପତ୍ତି ନେବ କ୍ରିକେଟ ଅଷ୍ଟ୍ରେଲିଆ



ସସ୍‌ପେଣ୍ଡ କରାଯାଇଥିଲା। ଗସ୍ତ କଟକଣା ଯୋଗୁ ଅଷ୍ଟ୍ରେଲିଆ ଖେଳାଳିମାନେ ମାଳଦ୍ୱୀପ ବାଟ ଦେଇ ନିଜ ଦେଶକୁ ଫେରିବା ବେଳେ କ୍ୱାରାଣ୍ଟାଇନରେ ରହିବାକୁ ପଡ଼ିଥିଲା। ଅନ୍ୟପକ୍ଷରେ କୋଭିଡ୍ କାରଣରୁ ଭାରତରେ ହେବାକୁଥିବା ଟି୨୦ ବିଶ୍ୱକପ୍ ୟୁଏଇକୁ ସ୍ଥାନାନ୍ତର ହେବାର ସମ୍ଭାବନା ରହିଛି। ତେଣୁ ଅଷ୍ଟ୍ରେଲିଆଖେଳାଳିମାନେ ଯଦି ଆଇପିଏଲ୍‌ରେ ଭାଗ ନିଅନ୍ତି ତେବେ ବିଶ୍ୱ କପ୍ ପାଇଁ ସେମାନେ ପରିବେଶ ସହ ଆଗୁଆ ନିଜକୁ ଅଭ୍ୟସ୍ତ କରିପାରିବେ। ତେଣୁ କୌଣସି ନିଷ୍ପତ୍ତି ନେବାପୂର୍ବରୁ ସବୁଦିଗରୁ ବିଚାର କରି ଦେଖିବାକୁ ହେବ। ଅପରପକ୍ଷରେ ଇଂଲଣ୍ଡ କ୍ରିକେଟ ବୋର୍ଡ (ଇସିବି)ର କ୍ରିକେଟ ନିର୍ଦ୍ଦେଶକ ପୂର୍ବରୁ କହି ସାରିଛନ୍ତି ଯେ, ଜୁନ୍‌ରୁ ଆଗକୁ ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ଯୋଗୁ ଇଂଲଣ୍ଡ ଖେଳାଳିମାନେ ଆଇପିଏଲ୍‌ର ଅବଶିଷ୍ଟ ପାଇଁ ଉପଲବ୍ଧ ହେବେ ନାହିଁ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ